# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୧/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 21/2026 Page 14 ₹ 7.00 | BALASORE

୫୨ଶ ଭାଗ ୧୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 115 ମୂଲ୍ୟ₹୭/-




## ୨୦୨୭ ଇଦ୍ ପାଇଁ ପ୍ରସ୍ତୁତି ଚଳାଇଲେଣି ସଲମାନ

ଚଳିତ ବର୍ଷ ଇଦ୍‌ରେ ସଲମାନ ଖାନ୍‌ଙ୍କ କୌଣସି ଫିଲ୍ମ ରିଲିଜ ହୋଇ ନ ଥିବାବେଳେ ୨୦୨୭ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

୧୨

୧୪

## ରାହୁଲଙ୍କ ଡବଲ ଗୋଲ୍

ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷ ଆଇଏସ୍ଏଲ୍ ମ୍ୟାଚରେ ଡବଲ ଗୋଲ୍ ସ୍କୋର କରିଛନ୍ତି ଓଡ଼ିଶା ଏଫ୍‌ସିର ରାହୁଲ କେପି।





କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଟି-୬୩ ବର୍ଗର ପୁରୁଷ ଲଙ୍ଗ୍‌ଜମ୍ପ୍ ଇଭେଣ୍ଟ ଅବସରରେ ପଞ୍ଜାବର ଆକାଶ ମେହେରା ଲମ୍ଫ ପ୍ରଦାନ କରୁଛନ୍ତି। **(ଫଟୋ: ବିକାଶ ନାୟକ)**

# ପ୍ରିମିୟମ ପେଟ୍ରୋଲ ୨.୦୯ ଟଙ୍କା ମହଙ୍ଗା

**ଇଣ୍ଡଷ୍ଟ୍ରିଆଲ ଡିଜେଲ ଲିଟର ପିଛା ୨୨.୦୩ ଟଙ୍କା ବଢ଼ିଲା**

ନୂଆଦିଲ୍ଲୀ,୨୦।୩(ପି.ଟି.)

ମଧ୍ୟପ୍ରାଚ୍ୟର ଯୁଦ୍ଧ ଥମିବାର ନାଁ ନେଉ ନ ଥିବାରୁ ବୈଶ୍ୱିକ ତୈଳ ବଜାରରେ ନିଆଁ ଲାଗିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତୀୟ ଅଏଲ୍ ମାର୍କେଟରେ ପଡ଼ିଛି। ତୈଳ ବିପଣନ କମ୍ପାନୀଗୁଡ଼ିକ ଶୁକ୍ରବାର ହାଇୟର ଗ୍ରେଡ୍ ବା ପ୍ରିମିୟମ ପେଟ୍ରୋଲ ମୂଲ୍ୟରେ ୨.୦୯ ଟଙ୍କା ବୃଦ୍ଧି କରିଛନ୍ତି। ସେହିପରି ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ହାଇସ୍ପିଡ୍ ଇଣ୍ଡଷ୍ଟ୍ରିଆଲ ଡିଜେଲ ମଧ୍ୟ ଲିଟର ପ୍ରତି ୨୨ ଟଙ୍କା ୦୩ ପଇସା ମହଙ୍ଗା ହୋଇଛି। ଯଦିଓ ସାଧାରଣ ଯାନବାହନରେ ଭର୍ତ୍ତି କରାଯାଉଥିବା ପେଟ୍ରୋଲ ଦରକୁ ଅପରିବର୍ତ୍ତିତ ରଖାଯାଇଛି, ପ୍ରିମିୟମ୍ ପେଟ୍ରୋଲ ଓ ଇଣ୍ଡଷ୍ଟ୍ରିଆଲ ଡିଜେଲ ମୂଲ୍ୟ ବୃଦ୍ଧିକୁ ଦେଖିଲେ ତାହା ମଧ୍ୟ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଦିଲ୍ଲୀରେ ପ୍ରିମିୟମ୍ ୯୫-ଅକ୍ଟେନ୍ ପେଟ୍ରୋଲ ପୂର୍ବରୁ ଲିଟର ପିଛା ୯୯.୮୯ ଟଙ୍କା ଥିବାବେଳେ ସଦ୍ୟ ମୂଲ୍ୟ ବୃଦ୍ଧି ସହ ଏହା ୧୦୧.୮୯ ଟଙ୍କାକୁ ଛୁଇଁଛି। ପୂର୍ବରୁ ଜାତୀୟ ରାଜଧାନୀରେ ୧ ଲିଟର ଇଣ୍ଡଷ୍ଟ୍ରିଆଲ ଡିଜେଲ ୮୭.୬୭ ଟଙ୍କାରେ ମିଳୁଥିବାବେଳେ ଏବେ ଏହା ୧୦୯.୫୯କୁ ଚଢ଼ିଛି। ଅନ୍ତର୍ଜାତୀୟ ବଜାରରେ ଗୁରୁବାର ଅଶୋଧିତ ତୈଳ ବ୍ୟାରେଲ ପିଛା ୧୧୯ ଆମେରିକୀୟ ଡଲାରକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପ୍ରସ୍ତାବ ପ୍ରତ୍ୟାହାର

# ନିୟମିତ ହେଲେ ଚୁକ୍ତିଭିତ୍ତିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର,୨୦।୩
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷକମାନଙ୍କ କ୍ଷେତ୍ରରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଦୀର୍ଘଦିନ ଧରି ନିୟମିତ ଅପେକ୍ଷାରେ ଥିବା ୧୩ ହଜାରରୁ ଊର୍ଦ୍ଧ୍ୱ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟମିତ କରିଛନ୍ତି। ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୩-୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବାପାଇଁ ପ୍ରଦାନ କରାଯାଇଥିବା ପ୍ରସ୍ତାବକୁ ସୁବିଚାରପୂର୍ବକ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଏହି ଶିକ୍ଷକମାନେ ସେମାନଙ୍କ ଚାକିରିରେ ଯୋଗଦାନ ସମୟଠାରୁ ନିୟମିତ ହୋଇଛନ୍ତି। ତେଣୁ ସେମାନେ ଚାକିରିରେ ଯୋଗଦାନ ସମୟଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ପିଛିଲା ଭାବେ ସମସ୍ତ ପ୍ରାପ୍ୟ ପାଇବେ। ୨୦୨୬ ଜାନୁଆରୀ ପହିଲାଠାରୁ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ। ସୂଚନାଯୋଗ୍ୟ, ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ଶିକ୍ଷକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ବର୍ଗର ଶିକ୍ଷକମାନଙ୍କ ନ୍ୟାୟୋଚିତ ଦାବି ପୂରଣ ଦିଗରେ ସରକାର ଯତ୍ନବାନ ଅଛନ୍ତି। ପର୍ଯ୍ୟାୟକ୍ରମେ ବିଭିନ୍ନ ବର୍ଗର ଶିକ୍ଷକଙ୍କ ଦାବି ପୂରଣ କରାଯିବ।

# ୧ ଡଲାର=୯୩.୭୧ ଟଙ୍କା

## ୨୦୨୬ରେ ୪% ଖସିଲାଣି ଭାରତୀୟ ମୁଦ୍ରା

ମୁମ୍ବାଇ,୨୦।୩(ରଏଟର୍ସ/ପି.ଟି.)


ଟଙ୍କା ଦିନକୁ ଦିନ ଅଧିକ ତଳମୁହାଁ ହୋଇ ଦୁର୍ବଳତାର ରେକର୍ଡ ଭାଙ୍ଗି ଚାଲିଥିବାବେଳେ ପଶ୍ଚିମ ଏସିଆର ଇରାନ୍ ଯୁଦ୍ଧ ଏହାକୁ ଆହୁରି କ୍ଷତାକ୍ତ କରିଦେଇଛି। ମଧ୍ୟପ୍ରାଚ୍ୟର ଯୁଦ୍ଧ ଘନଘଟା ଭିତରେ କିନ୍ତୁ ଡଲାର ଶକ୍ତିଶାଳୀ ହୋଇଛି। ଚରମ ଭୂରାଜନୈତିକ ଉତ୍ତେଜନା ଭିତରେ ହର୍ମୁଜ ପ୍ରଣାଳୀ ଦେଇ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନରେ ପ୍ରତିବନ୍ଧକ କ୍ରୁଡ୍ ମୂଲ୍ୟରେ ନିଆଁ ଲଗାଇଦେଇଛି। ଭାରତ ଡଲାର ପଇଠ କରି ଏସବୁ ଆମଦାନୀ କରିଥାଏ। ତେଣୁ ଭାରତୀୟ ମୁଦ୍ରା ଉପରେ ଯୁଦ୍ଧର ସିଧାସଳଖ ପ୍ରଭାବ ପଡ଼ିଛି। ଶୁକ୍ରବାର ଟଙ୍କାରେ ୧%ରୁ ଅଧିକ ଅବମୂଲ୍ୟାୟନ ଘଟିଛି। ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୩.୭୧ ଟଙ୍କା ରହିଛି। ୪ ବର୍ଷ ମଧ୍ୟରେ ଟଙ୍କା କୌଣସି ଦିନରେ ଏତେ ଦୁର୍ବଳ ହୋଇ ନ ଥିଲା। ଯୁଦ୍ଧ ଚିନ୍ତା ଜାରି ରହିଥିବାରୁ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। କାରଣ ସ୍ଥିତିରେ ସୁଧାର ଆଣିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କର ହସ୍ତକ୍ଷେପ ଆଉ ଫଳପ୍ରଦ ହେଉନାହିଁ।

ଡଲାର ଶକ୍ତିଶାଳୀ ହେବାରେ ଲାଗିଥିବାବେଳେ ଟଙ୍କାର ବିନିମୟ ମୂଲ୍ୟ କ୍ରମଶଃ ଖସିଚାଲିବା ଭାରତୀୟ ଅର୍ଥନୀତି ପାଇଁ ଚିନ୍ତାର କାରଣ ହୋଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଗୁରୁବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୯୨.୬୩ ଟଙ୍କା ରହିଥିଲା। ଶୁକ୍ରବାର ସେସନ୍‌ରେ ଦେଶର କରେନ୍ସି ଆହୁରି ୧ ଟଙ୍କା ୮ ପଇସା ଦୁର୍ବଳ ହୋଇ ୯୩.୭୧କୁ ଖସିପଡ଼ିଛି। ୨୦୨୨ ପରେ ଏହା ହେଉଛି ଟଙ୍କାର ସବୁଠୁ ବଡ଼ ତଳମୁହାଁ। ଏହାକୁ ମିଶାଇ ସାମଗ୍ରିକ ଭାବେ ଦେଖିଲେ ୨୦୨୬ରେ ଟଙ୍କା ୪ ପ୍ରତିଶତ ପର୍ଯ୍ୟନ୍ତ ଅସ୍ତିତ୍ୱ ହରାଇଲାଣି, ଯାହାକି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ପାଲଟିବା ଦୌଡ଼ରେ ନିଜକୁ ସାମିଲ କରିଥିବା ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି କୁହାଯାଉଛି। ଯୁଦ୍ଧାବସାନର ସଙ୍କେତ ମିଳୁ ନ ଥିବାରୁ ଆଗାମୀ ଗୋଟିଏ କିମ୍ବା ଦୁଇଟି ସେସନ୍‌ରେ ୧ ଡଲାର = ୯୫ ଟଙ୍କା ହେବା ଆଶଙ୍କା କରାଯାଉଛି। ଏନର୍ଜି ପ୍ରାଇସ୍‌ରେ ବୃଦ୍ଧି ଭାରତୀୟ ଟଙ୍କା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିବା ଜେବି ଡ୍ରାକ୍ସ ହୋନୋର ଏସିଆ ମାର୍କୋ ଷ୍ଟ୍ରାଟେଜିଷ୍ଟ ବିବେକ ରାଜପାଲ ମତ ଦେଇଛନ୍ତି।

ଯୁଦ୍ଧଜନିତ ତୈଳ ମୂଲ୍ୟ ବୃଦ୍ଧିର ଚାପ ଯେ କେବଳ ଟଙ୍କାକୁ ଦୁର୍ବଳ କରିଦେଇଛି ତାହା ନୁହେଁ, ଘରୋଇ ବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ପଳାୟନ ସାଙ୍ଗକୁ ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ମଧ୍ୟ ଅସ୍ଥିରତା ସୃଷ୍ଟି କରିଛି। ମାର୍ଚ୍ଚ ୧୩ରେ ଶେଷ ହୋଇଥିବା ସପ୍ତାହରେ ଦେଶର ଫରେକ୍ସ ରିଜର୍ଭରେ ୭.୦୫୨ ବିଲିୟନ୍ ଡଲାର ହ୍ରାସ ଘଟିବାରୁ ଏହା ୭୦୯.୭୫୯ ବିଲିୟନ୍ ଡଲାରକୁ ଖସିଯାଇଥିଲା। ଏହି ଧାରା ଅଦ୍ୟାବଧି ଜାରି ରହିଥିବାରୁ ସଦ୍ୟ ସ୍ଥିତି ସମ୍ପର୍କିତ ବିବରଣୀ ଆସନ୍ତା ସପ୍ତାହରେ ସ୍ପଷ୍ଟ ହେବ।


ଶୁକ୍ରବାର ଆର୍‌ବିଆଇ ପକ୍ଷରୁ ଜାରି ତଥ୍ୟାନୁସାରେ ☞ପୃଷ୍ଠା-୪


### ୭୦୯.୭୬ ବିଲିୟନ୍ ଡଲାରକୁ ଖସିଲା ଫରେକ୍ସ ରିଜର୍ଭ











ଇଦ୍-ଉଲ୍-ଫିତର ପାଳନ ଅବସରରେ ଶୁକ୍ରବାର କେରଳର କୋଝିକୋଡ୍ ବେଳାଭୂମିସ୍ଥିତ ଏକ ଇଦ୍‌ଗାଠାରେ ମହିଳାମାନେ ପରସ୍ପରକୁ ଅଭିନନ୍ଦନ ଜଣାଉଛନ୍ତି।

# ୩୦୦ ବେଆଇନ ୱେବ୍‌ସାଇଟ୍, ଆପ୍ ବନ୍ଦ

## ଗାମ୍ବଲିଂ, ବେଟିଂ ୱେବ୍‌ସାଇଟ୍ ଉପରେ କେନ୍ଦ୍ରର ଛାଟ





**ନୂଆଦିଲ୍ଲୀ,୨୦।୩(ପି.ଟି.)**

ଭାରତରେ ବେଆଇନ ଗାମ୍ବଲିଂ ଓ ବ୍ୟାଟି ୱେବ୍‌ସାଇଟ୍‌ଗୁଡ଼ିକର ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଯୁବପିଢ଼ି ଏହାର ଜାଲରେ ଛନ୍ଦିହୋଇ ବିପୁଳ ଅର୍ଥ ହରାଇବା ସହ ସର୍ବସ୍ୱାନ୍ତ ହେଉଛନ୍ତି। କେନ୍ଦ୍ର ସରକାର ଏହାକୁ ଦୃଷ୍ଟିରେ ରଖି ଜୁଆ ଖେଳାଉଥିବା ୩୦୦ ୱେବ୍‌ସାଇଟ୍ ଓ ଆପ୍‌କୁ ବ୍ଲକ୍ କରିଦେଇଛନ୍ତି।


ସରକାରୀ ସୂତ୍ରରୁ ଶୁକ୍ରବାର ଜଣାପଡ଼ିଛି, ଯୁବପିଢ଼ି ଅଧିକ ଲୋଭର ବଶବର୍ତ୍ତୀ ହୋଇ ଅନ୍‌ଲାଇନ କ୍ୟାସିନୋ, ରୋଉଇଲେଟ୍, ଲାଇଭ୍ ଡିଲର ଟେବୁଲ,ଭଳି ଅନ୍‌ଲାଇନ୍ ସ୍ପୋର୍ଟ୍ସ ବେଟିଂ ଆପ୍‌ରେ ଟଙ୍କା ଲଗାଇଥାନ୍ତି। ସେହିପରି ସଟ୍ଟା/ମଟ୍‌କା ଗାମ୍ବଲିଂ ନେଟ୍‌ୱର୍କ ଓ ରିଅଲ-ମନି କାର୍ଡ ଏବଂ କ୍ୟାସିନୋ ଗେମ୍‌ରେ ମଧ୍ୟ ଅର୍ଥ ଲଗାନ୍ତି। ଏଭଳି ୩୦୦ ୱେବ୍‌ସାଇଟ୍ ଓ ଆପ୍ଲିକେଶନ୍‌କୁ ସରକାର ବେଆଇନ ଘୋଷଣା କରିବା ସହ ସେଗୁଡ଼ିକ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଏହାକୁ ମିଶାଇ ଅଦ୍ୟାବଧି ୮,୪୦୦ ୱେବ୍‌ସାଇଟ୍‌କୁ ବନ୍ଦ କରାଗଲାଣି। ସେଥିରୁ ୪,୯୦୦ଟିକୁ ଅନ୍‌ଲାଇନ ଗାମ୍ବଲିଂ ଆକ୍ଟ ବଳରେ ବ୍ୟାନ୍ କରାଯାଇଥିବା ଜଣାପଡ଼ିଛି। ଦେଶରେ ଅନ୍‌ଲାଇନ୍ ଗାମ୍ବଲିଂ ବ୍ୟବସ୍ଥାକୁ ନିରାପଦ ଓ ଉତ୍ତରଦାୟୀ କରିବା ପାଇଁ କେନ୍ଦ୍ର ପ୍ରତିଶ୍ରୁତିବଦ୍ଧ ହୋଇଥିବାରୁ ପ୍ରମୋଶନ୍ ଆଣ୍ଡ୍ ରେଗୁଲେଶନ୍ ଅଫ୍ ଅନ୍‌ଲାଇନ୍ ଗାମ୍ବଲିଂ ଆକ୍ଟ, ୨୦୨୫ ବଳରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏପରି କି ଏଭଳି ୱେବ୍‌ସାଇଟ୍ ଓ ଆପ୍‌ଗୁଡ଼ିକର ବିଜ୍ଞାପନ, ପ୍ରୋତ୍ସାହନରେ ଲିପ୍ତ ସଂସ୍ଥା ଏବଂ ଦେୟ ବ୍ୟବସ୍ଥା କରାଉଥିବା ବ୍ୟାଙ୍କଗୁଡ଼ିକ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହାକୁ ଉଲ୍ଲଂଘନ କଲେ ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ ବଳରେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ରହିଛି। ପ୍ରୋତ୍ସାହନଦାତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରେ। ଦ୍ୱିତୀୟ ଥର ଦୋଷୀ ସାବ୍ୟସ୍ତ ହେଲେ ୫ ବର୍ଷ ଜେଲ କିମ୍ବା ୨ କୋଟି ଟଙ୍କାର ଜରିମାନା ଅଥବା ଉଭୟ ଦଣ୍ଡ ମିଳିପାରେ। ଯେଉଁମାନେ ସୋସିଆଲ ମିଡିଆ ଭଳି ଅନ୍‌ଲାଇନ ମାଧ୍ୟମରେ ଏହାର ପ୍ରଚାରପ୍ରସାର କରୁଛନ୍ତି, ସେମାନଙ୍କୁ ୨ ବର୍ଷ ଜେଲ କିମ୍ବା ୫୦ ଲକ୍ଷ ଟଙ୍କାର ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବା ନେଇ ଉକ୍ତ ଆଇନ କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ କରିଛି।

# କୁଏଟ୍ ତୈଳ ବିଶୋଧନାଗାର ଉପରେ ଆକ୍ରମଣ

## ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍: ଇରାନ ସେନା ମୁଖପାତ୍ର ନିହତ

**ଦୁବାଇ,୨୦।୩**

କୁଏଟ୍‌ର ଏକ ତୈଳ ବିଶୋଧନାଗାର ଉପରେ ଶୁକ୍ରବାର ଭୋର ସମୟରେ ଇରାନ ଡ୍ରୋନ୍ ଆକ୍ରମଣ କରିଛି। ଇସ୍ରାଏଲ୍‌ରେ ଆକ୍ରମଣ ସତର୍କ ସୂଚନା ସ୍ୱରୂପ ସାଇରନ୍‌ଗୁଡ଼ିକ ବାଜିଥିଲା। ଅନ୍ୟପକ୍ଷରେ ତେହରାନ୍‌ରେ ଇସ୍ରାଏଲ୍ ସେନା ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଛି। ଉକ୍ତ ଏୟାରଷ୍ଟ୍ରାଇକ୍‌ର ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡସ କର୍ (ଆଇଆର୍‌ଜିସି) ମୁଖପାତ୍ର ଜେନେରାଲ ଅଲି ମହମ୍ମଦ ନୈନି ନିହତ ହୋଇଥିବା ଇରାନୀୟ ସରକାରୀ ଟିଭି ସ୍ପଷ୍ଟ କରିଛି। ଏଥିସହିତ ଆଇଆର୍‌ଜିସିର ବାସିଜ୍ ଫୋର୍ସର ଗୋଇନ୍ଦା ମୁଖ୍ୟ ଜେନେରାଲ ଏସ୍‌ମାଇଲ୍ ଅହମଦି ମଧ୍ୟ ଆକ୍ରମଣରେ ନିହତ ହୋଇଛନ୍ତି। ନୈନି ଆମେରିକା ଓ ଇସ୍ରାଏଲ୍‌କୁ ଚେତାବନୀ ଦେବାର କିଛି ସମୟ ପରେ ଏୟାର ଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଛନ୍ତି। ତେହରାନ୍ ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ କରିପାରିବ ନାହିଁ ଏବଂ ବାଲିଷ୍ଟିକ୍ ମିଶାଇଲ୍ ନିର୍ମାଣ କରିପାରିବ ନାହିଁ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ



ଅଲି ମହମ୍ମଦ ନୈନି

କହିଥିବାବେଳେ ନୈନି ଏହାକୁ ଖଣ୍ଡନ କରିଥିଲେ। ତେହରାନ୍ ଏବେ ବି ମିଶାଇଲ୍ ନିର୍ମାଣ ଜାରି ରଖିଛି ଏବଂ ଯୁଦ୍ଧ ଜାରି ରହିବ ବୋଲି ସେନା ମୁଖପାତ୍ର କହିଥିଲେ।

୩ ସପ୍ତାହ ହେଲା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବଂ ଉପସାଗୀୟ ଅଞ୍ଚଳର ଶକ୍ତି ଭିତ୍ତିଭୂମିଗୁଡ଼ିକ ଉପରେ ଆକ୍ରମଣ ଯୋଗୁ ବିଶ୍ୱ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଛି। କୁଏଟ୍‌ର ମିନା ଅଲ୍-ଅହମଦି ତୈଳ ବିଶୋଧନାଗାର ଉପରେ ୨ ପର୍ଯ୍ୟାୟରେ ଡ୍ରୋନ୍ ମାଡ଼ ଯୋଗୁ ନିଆଁ ଲାଗିଯାଇଛି। ଦିନକୁ ୭୩୦,୦୦୦ ବ୍ୟାରେଲ୍ ତୈଳ ପ୍ରୋସେସିଂ ହେଉଥିବା ଅନ୍ୟ ଏକ ରିଫାଇନେରି ଗୁରୁବାର ଇରାନ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିଲା। ବୁଧବାର ଇସ୍ରାଏଲ୍ ପାରସ୍ୟ ଉପସାଗରରେ ଥିବା ଇରାନର ବୃହତ୍ ସାଉଥ୍ ପାର୍ସ ପ୍ରାକୃତିକ ଗ୍ୟାସ୍ ଫିଲ୍ଡରେ ଇସ୍ରାଏଲ୍ ବୋମାମାଡ଼ କରିଥିଲା, ଯାହାର ଶବ୍ଦ ଜେରୁଜେଲମ୍ ପର୍ଯ୍ୟନ୍ତ ଶୁଣାଯାଇଥିଲା।

ଶୁକ୍ରବାର ଲୋକେ ଇଦ୍-ଉଲ୍-ଫିତର ପାଳନ କରୁଥିବାବେଳେ ଦୁବାଇ ସମେତ ସାଉଦି ଆରବର ବିଭିନ୍ନ ଭାଗରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଛି। ବାହରିନ୍‌ର ଏକ ୱେରହାଉସ୍ ଉପରେ ଶୁକ୍ରବାର ସକାଳେ ଶ୍ରାପନେଲ୍ ପଡ଼ିଥିଲା। ଇରାନର କେତେକ ଡ୍ରୋନ୍‌କୁ ସାଉଦି ଆରବ ଖସାଇଦେଇଛି। ଉପସାଗରୀୟ ଅଞ୍ଚଳରେ କ୍ରମାଗତ ଆକ୍ରମଣ ଯୋଗୁ ଭୟଭୀତ ଅନେକ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ଆଶ୍ରୟ ସ୍ଥଳୀକୁ ପଳାଇଥବାବେଳେ ବିଶ୍ୱ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି।

# ଇସିଆଇ ବିରୋଧରେ ହାଇକୋର୍ଟ ଗଲା ଟିଏମ୍‌ସି

## ନିର୍ବାଚନ ପୂର୍ବରୁ ଅଫିସରଙ୍କ ବଦଳି

**କୋଲକାତା,୨୦।୩**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ରାଜ୍ୟର ଅନେକ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରଙ୍କୁ ବଦଳି କରିଥିବାରୁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହାକୁ କୋଲକାତା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି। ବିଧାନସଭା ନିର୍ବାଚନ ପାଇଁ ଇସିଆଇ ତାରିଖ ଘୋଷଣା କରିବା ପରେ ରାଜ୍ୟର ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ (ଡିଜିପି), କୋଲକାତା ପୋଲିସ କମିଶନର ଆଦି ପ୍ରଶାସନିକ ଅଧିକାରୀମାନଙ୍କୁ ବଦଳି କରାଯିବାକୁ ନେଇ ଟିଏମ୍‌ସି ଏମ୍‌ପି ତଥା ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ ପ୍ରଶ୍ନ ଉଠାଇବା ସହ ହାଇକୋର୍ଟରେ ପିଟିଶନ ଦାଏର କରିଛନ୍ତି। ମୁଖ୍ୟ ବିଚାରପତି ସୁଜୟ ପଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ପିଟିଶନ୍‌ର ତ୍ୱରିତ ଶୁଣାଣି ପାଇଁ ଆଇନଜୀବୀ ନିବେଦନ କରିଛନ୍ତି।

# ରେସ୍‌ଲର ସାଲେହ ମହମ୍ମଦିଙ୍କୁ ଫାଶୀଦେଲା ଇରାନ

**ତେହରାନ,୨୦।୩**

ଇରାନ ସରକାର ୧୯ ବର୍ଷୀୟ ରେସ୍‌ଲର ଚାମ୍ପିୟନ୍ ସାଲେହ ମହମ୍ମଦି ଏବଂ ଅନ୍ୟ ୨ ବିକ୍ଷୋଭକାରୀଙ୍କୁ କୋମ୍‌ଠାରେ ସର୍ବସାଧାରଣରେ ଫାଶୀ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ଉପରେ ସରକାରଙ୍କ ଦମନଲୀଳା ଉତ୍ତେଜନାକୁ ଆହୁରି ବଢ଼ାଇବ ବୋଲି ଆକ୍ଟିଭିଷ୍ଟମାନେ କହିଛନ୍ତି। ମହମ୍ମଦିଙ୍କ ସହ ସୟିଦ ଡାଭୋଡି ଏବଂ ମେହଦି ଘାସେମିଙ୍କୁ ଗୁରୁବାର ଏକାଠି ଫାଶୀ ଦିଆଯାଇଥିଲା। ଗତ ଜାନୁଆରୀ ୮ ବିକ୍ଷୋଭ ବେଳେ ୨ ପୋଲିସ ଅଧିକାରୀଙ୍କ ହତ୍ୟା ସହ ସେମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ସରକାର ବିରୋଧୀ ବିକ୍ଷୋଭରେ ପ୍ରଥମ ଥର ପାଇଁ ୩ ଜଣ ବିକ୍ଷୋଭକାରୀଙ୍କୁ ଫାଶୀ ଦିଆଯାଇଛି। ଭିନ୍ନ ମତବାଦୀଙ୍କ ସ୍ୱରକୁ ଚାପିଦେବା ପାଇଁ ଆତଙ୍କ ସୃଷ୍ଟିକରିବା ସରକାରଙ୍କ ଉଦ୍ଦେଶ୍ୟ ବୋଲି ମାନବାଧିକାର ସଂଗଠନ କହିଛି।

# ସାଉଦି ଆରବରେ ଆଉ ଜଣେ ଭାରତୀୟଙ୍କ ମୃତ୍ୟୁ

## ଆକ୍ରମଣରେ ଗଲାଣି ୬ ଭାରତୀୟଙ୍କ ଜୀବନ

**ନୂଆଦିଲ୍ଲୀ,୨୦।୩**

ସାଉଦି ଆରବର ରିୟାଧରେ ଗତ ବୁଧବାର ହୋଇଥିବା ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ସେଠାର ଭାରତୀୟ ଦୂତାବାସ ଶୁକ୍ରବାର ସ୍ପଷ୍ଟ କରିଛି। ଦୂତାବାସ ପକ୍ଷରୁ ମୃତକଙ୍କ ପରିବାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯିବା ସହ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଛି। ଭାରତୀୟଙ୍କ ମୃତ୍ୟୁ ଘଟଣାରେ ଦୂତାବାସ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଇରାନ ଉପରେ ଇସ୍ରାଏଲ୍ ଏବଂ ଆମେରିକାର ଆକ୍ରମଣ ପରେ ତେହରାନ ଉପସାଗରୀୟ ପଡ଼ୋଶୀ ଦେଶଗୁଡ଼ିକ ଉପରେ କ୍ରମାଗତ ଭାବେ ମିଶାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ ଜାରି ରଖିଥିବାରୁ ସେଠାରେ ରହୁଥିବା ଭାରତୀୟଙ୍କୁ ନେଇ ଚିନ୍ତା ବଢ଼ିଛି। ସାଉଦି ଆରବରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି।

ପଶ୍ଚିମ ଏସିଆ ଯୁଦ୍ଧ ଲାଗିରହିଥିବାବେଳେ ଇତିମଧ୍ୟରେ ଉପସାଗରୀୟ ଅଞ୍ଚଳରେ ୬ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିବା ସହ ଜଣେ ନିଖୋଜ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେଠାରେ ଥିବା ଭାରତୀୟମାନଙ୍କୁ ସହାୟତା ଓ ସ୍ୱଦେଶ ପଠାଇବା ପାଇଁ ଦୂତାବାସ କର୍ତ୍ତୃପକ୍ଷ ସ୍ଥାନୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରୁଛନ୍ତି।

# ଯୁଦ୍ଧବିମାନ ଅବତରଣ ପାଇଁ ଆମେରିକାର ନିବେଦନକୁ ଶ୍ରୀଲଙ୍କାର ପ୍ରତ୍ୟାଖ୍ୟାନ

**କଲମ୍ବୋ,୨୦।୩ (ପି.ଟି.)**

ମାର୍ଚ୍ଚ ଆରମ୍ଭରେ ଆମେରିକାର ୨ଟି ଯୁଦ୍ଧବିମାନକୁ ଶ୍ରୀଲଙ୍କାର ଦକ୍ଷିଣ-ପୂର୍ବ ଭାଗରେ ଥିବା ମାଟ୍ଟାଲା ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ ପାଇଁ ୱାଶିଂଟନ ପକ୍ଷରୁ କରାଯାଇଥିବା ନିବେଦନକୁ ଶ୍ରୀଲଙ୍କା ପ୍ରତ୍ୟାଖ୍ୟାନ କରିଥିଲା ବୋଲି ଏହାର ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଶୁକ୍ରବାର ପାର୍ଲାମେଣ୍ଟକୁ କହିଛନ୍ତି। ମାର୍ଚ୍ଚ ୪ ଓ ୮ରେ ଜିବୌଟିରୁ ୨ଟି ଆମେରିକୀୟ ଯୁଦ୍ଧବିମାନ ଶ୍ରୀଲଙ୍କାରେ ଅବତରଣ ପାଇଁ ଅନୁମତି ମଗାଯାଇଥିଲା। ତେବେ କଲମ୍ବୋ ଉଭୟ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା ବୋଲି ଦିସାନାୟକେ କହିଛନ୍ତି। ଅନେକ ଚାପ ସତ୍ତ୍ୱେ ଆମେ ନିରପେକ୍ଷତା ବଜାୟ ରଖିବାକୁ ଚାହୁଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲାବେଳେ ନିରପେକ୍ଷ ରହିବା ପାଇଁ ଆମେ ଯଥାସମ୍ଭବ ଉଦ୍ୟମ କରିବୁ ବୋଲି ଶ୍ରୀଲଙ୍କା ରାଷ୍ଟ୍ରପତି କହିଛନ୍ତି।

# ମଧ୍ୟପ୍ରାଚ୍ୟ ଅଭିମୁଖେ ୟୁଏସ୍‌ଏସ୍ ଟ୍ରିପୋଲି

**ୱାଶିଂଟନ,୨୦।୩**

ଆମେରିକା ନୌସେନା ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଟ୍ରିପୋଲି ମଧ୍ୟପ୍ରାଚ୍ୟ ଅଭିମୁଖେ ଅଗ୍ରସର ହେଉଛି। ଏଥିରେ ୨,୨୦୦ ସୈନ୍ୟ ରହିଥିବାରୁ ଉକ୍ତ ଅଞ୍ଚଳରେ ଆମେରିକା ଅଧିକ ସେନା ନିୟୋଜିତ କରିବା ସଙ୍କେତ ମିଳିଛି। ଇରାନରେ ଆମେରିକା ସ୍ଥଳଯୁଦ୍ଧ କରିପାରେ ବୋଲି ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସାଟେଲାଇଟ୍ ଚିତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୟୁଏସ୍‌ଏସ୍ ଟ୍ରିପୋଲି ସହ ୨ଟି ଏସ୍କର୍ଟ ଜାହାଜକୁ ମାର୍ଚ୍ଚ ୧୫ରେ ଦକ୍ଷିଣ ଚାଇନା ସାଗରର ଦକ୍ଷିଣପଶ୍ଚିମ ଭାଗରେ ଗତି କରୁଥିବା ଦେଖିବାକୁ ମିଳିଥିଲା। ପରଦିନ ଏହାକୁ ସିଙ୍ଗାପୁର ନିକଟରେ ଠାବ କରାଯାଇଥିଲା। ଏବେ ଏହା ଦକ୍ଷିଣ ଭାରତ ମହାସାଗରରେ ଯାତ୍ରା କରୁଛି। ଜାପାନର ଓକିନାୱାରେ ଥିବା ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ବାହିନୀ ୩୧ତମ ମେରାଇନ ଏକ୍ସପେଡିଶନାରି ୟୁନିଟ୍‌ରୁ ୩ ବାହିନୀର ସୈନ୍ୟ ଟ୍ରିପୋଲିରେ ଆସିଥିବାରୁ ଆକ୍ରମଣ ଜୋର୍‌ଦାର ହେବା ଆଶଙ୍କା କରାଯାଉଛି।



# ଥାଇଲାଣ୍ଡ: କ୍ଷମତା ବଜାୟ ରଖିଲେ ଅନୁଟିନ୍

**ବ୍ୟାଙ୍କକ୍,୨୦।୩**

ଥାଇଲାଣ୍ଡ ପାର୍ଲାମେଣ୍ଟରେ ଗୁରୁବାର ଅନୁଷ୍ଠିତ ଭୋଟରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ନଭିରାକୁଲ୍ କ୍ଷମତା ବଜାୟ ରଖିବାକୁ ଯାଉଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ୪୯୮ ସଦସ୍ୟ ଉପସ୍ଥିତ ଥିବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ୍‌ରେ ଭୁମଜାଇଥାଇ ପାର୍ଟି ନେତା ଅନୁଟିନ୍‌ଙ୍କୁ ୨୯୩ ଖଣ୍ଡ ଭୋଟ୍ ମିଳିଛି, ଯାହାକି ସଂଖ୍ୟାଗରିଷ୍ଠତାଠାରୁ ଅଧିକ। ରାଜା ମହା ଭଜିରାଲଙ୍ଗ୍‌କର୍ନଙ୍କ ଦ୍ୱାରା ଆନୁଷ୍ଠାନିକ ନିଯୁକ୍ତି ପରେ ଅନୁଟିନ୍ କାର୍ଯ୍ୟଭାର ଗ୍ରହଣ କରିବେ ଓ ନୂଆ କ୍ୟାବିନେଟ ଗଠନ କରିବେ। ଗତ ଫେବୃଆରୀରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଅନୁଟିନ୍‌ଙ୍କ ଭୁମଜାଇଥାଇ ପାର୍ଟି ୧୯୧ ଆସନ ଜିତିଥିଲାବେଳେ ଅନ୍ୟ ଦଳ ସହ ମିଶି ମେଣ୍ଟ ଗଠନ କରିଥିଲା। ଉକ୍ତ ସହଯୋଗୀ ଦଳ ମଧ୍ୟରେ ୭୪ ଆସନ ଜିତିଥିବା ଫେଉ ଥାଇ ପାର୍ଟି ରହିଛି। ୧୨୦ ଆସନ ଜିତି ଦ୍ୱିତୀୟ ସ୍ଥାନରେ ଥିବା ପିପୁଲ୍ସ ପାର୍ଟି ଭୁମଜାଇଥାଇ ନେତୃତ୍ୱାଧୀନ ସରକାରରେ ନ ମିଶି ବିରୋଧୀ ଦଳରେ ରହିବାକୁ ନିଷ୍ପତ୍ତି ନେଇଥିଲା।

# ଯୁଦ୍ଧ କ୍ଷତିଗ୍ରସ୍ତ ରପ୍ତାନିକାରୀଙ୍କୁ ୪୯୭ କୋଟି ସହାୟତା

**ନୂଆଦିଲ୍ଲୀ,୨୦।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ କ୍ଷତିଗ୍ରସ୍ତ ଭାରତୀୟ ରପ୍ତାନିକାରୀମାନଙ୍କୁ ସହାୟତା ପାଇଁ କେନ୍ଦ୍ର ସରକାର ଗୁରୁବାର ରିଲିଫ୍ (ରେସିଲିଏନ୍ସ ଆଣ୍ଡ୍ ଲଜିଷ୍ଟିକ୍ସ ଇଣ୍ଟରଭେନ୍‌ଶନ ଫର୍ ଏକ୍ସପୋର୍ଟ ଫାସିଲିଟେଶନ) ଯୋଜନା ଆରମ୍ଭ କରିଛନ୍ତି। ଯୁଦ୍ଧ ଯୋଗୁ ମାଲ୍ ପରିବହନ ଖର୍ଚ୍ଚ ବଢ଼ିବା, ବୀମା ପ୍ରିମିୟମ୍ ଏବଂ ପରିବହନ ବିଳମ୍ବଜନିତ ପ୍ରଭାବକୁ ଲାଘବ କରିବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏକ୍ସପୋର୍ଟ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେଶନ ଅଫ୍ ଇଣ୍ଡିଆ (ଇସିଜିସି) ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିବା ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି।

# ବିକ୍ରମ ଦୋରାଇସ୍ୱାମୀ ଚାଇନା ପାଇଁ ଭାରତର ନୂଆ ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ,୨୦।୩**

ବିକ୍ରମ ଦୋରାଇସ୍ୱାମୀଙ୍କୁ ଚାଇନା ପାଇଁ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ନିଯୁକ୍ତ କରାଯାଇଥିବା ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ୧୯୯୨ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଅଧିକାରୀ ଦୋରାଇସ୍ୱାମୀ ଏବେ ବ୍ରିଟେନ୍‌ରେ ଭାରତର ଉଚ୍ଚାୟୁକ୍ତ ରହିଛନ୍ତି। ସୀମା ଓ ବାଣିଜ୍ୟ ଆଦି ଦ୍ୱିପାକ୍ଷିକ ପ୍ରସଙ୍ଗରେ ଭାରତ ଓ ଚାଇନା କୂଟନୈତିକ ସ୍ତରରେ ଆଲୋଚନା ଜାରି ରଖିଥିବାବେଳେ ଦୋରାଇସ୍ୱାମୀଙ୍କୁ ରାଷ୍ଟ୍ରଦୂତ ନିଯୁକ୍ତି ଦିଆଯାଇଛି। ବିଦେଶ ସେବାରେ ସେ ଜଣେ ଅଭିଜ୍ଞ ଅଫିସର।

# ଇସି ନିଯୁକ୍ତି ଆଇନ ଶୁଣାଣିରୁ ଓହରିଲେ ସିଜେଆଇ

**ନୂଆଦିଲ୍ଲୀ,୨୦।୩(ପି.ଟି.)**

ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନର ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଚୟନ କମିଟିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ବାଦ୍ ଦେବା ନିମନ୍ତେ ୨୦୨୩ରେ ଅଣାଯାଇଥିବା ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଅନେକ ପିଟିଶନ ଦାଏର କରାଯାଇଥିଲା। ସିଜେଆଇ ସୂର୍ଯ୍ୟ କାନ୍ତ ଉକ୍ତ ପିଟିଶନଗୁଡ଼ିକର ଶୁଣାଣିରୁ ଓହରିଯାଇଛନ୍ତି। ସିଜେଆଇଙ୍କ ସମେତ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଉକ୍ତ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ହେବାକୁ ଥିଲା। ତେବେ ଉକ୍ତ ମାମଲାରେ ନିହିତ ସ୍ୱାର୍ଥ ଦ୍ୱନ୍ଦ୍ୱ ଥିବା ଦର୍ଶାଇ ସିଜେଆଇ ନିଜକୁ ଶୁଣାଣିଠାରୁ ଦୂରେଇ ରଖିଛନ୍ତି। ସେ କହିଛନ୍ତି, ନିକଟ ଭବିଷ୍ୟତରେ ସିଜେଆଇ ହେବାକୁ ନ ଥିବା ବିଚାରପତିଙ୍କ ଦ୍ୱାରା ଉକ୍ତ ମାମଲାର ଶୁଣାଣି



ସୂର୍ଯ୍ୟ କାନ୍ତ

କରାଯିବା ଠିକ୍ ହେବ। ଜଣେ ପିଟିଶନରଙ୍କ ତରଫରୁ ଅଦାଲତରେ ଉପସ୍ଥିତ ଥିବା ଆଇନଜୀବୀ ପ୍ରଶାନ୍ତ ଭୂଷଣ ସିଜେଆଇଙ୍କ ମତାମତକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି, ବ୍ୟକ୍ତିଗତ ଭାବେ ତାଙ୍କର କୌଣସି ସମସ୍ୟା ନାହିଁ। ତେବେ ସିଜେଆଇ ହେବାର ସମ୍ଭାବନା ନ ଥିବା ଖଣ୍ଡପୀଠରେ ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଇପାରିବ। ତାଙ୍କ ପ୍ରସ୍ତାବକୁ ସିଜେଆଇ ଗ୍ରହଣ କରି ଏପ୍ରିଲ ୭ରେ ଅନ୍ୟ ଏକ ଖଣ୍ଡପୀଠରେ ପିଆଇଏଲ୍‌ର ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ୯୯.୯୩% ଭୋଟ ପାଇ ପୁଣି କିମ୍ ଜଙ୍ଗ୍ ବିଜୟୀ

**ପୋଙ୍ଗୟାଙ୍ଗ୍ ,୨୦।୩**

ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍ ଜାତୀୟ ନିର୍ବାଚନରେ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ଏଠାକାର ୧୫ତମ ସୁପ୍ରିମ ପିପୁଲ୍ସ ଆସେମ୍ବ୍ଲି ପାଇଁ ଗତ ୧୫ରେ ନିର୍ବାଚନ କରାଯାଇଥିଲାବେଳେ କିମ୍‌ଙ୍କ ୱାର୍କର ପାର୍ଟି ଅଫ୍ କୋରିଆ ଏବଂ ସହଯୋଗୀ ଦଳଗୁଡ଼ିକୁ ୯୯.୯୩ % ଭୋଟ ମିଳିଛି। କିମ୍‌ଙ୍କ ନେତୃତ୍ୱରେ ୱାର୍କର ପାର୍ଟି ଅଫ୍ କୋରିଆ ଏବଂ ଏହାର ସହଯୋଗୀ ଦଳ ଶତ ପ୍ରତିଶତ ଭୋଟରେ ବିଜୟୀ ହେବା କେବଳ ଉତ୍ତର କୋରିଆ ରାଜନୀତି ନୁହେଁ , ବୈଶ୍ୱିକ ସ୍ତରରେ ମଧ୍ୟ ହଇଚଇ ସୃଷ୍ଟି କରିଛି। ଦ୍ୱିତୀୟ ଥର ପାଇଁ କିମ୍ ଏଭଳି ବିପୁଳ ଭୋଟ ପାଇଁ ବିଜୟୀ ହୋଇଛନ୍ତି। କୋରିଆନ୍ ସେଣ୍ଟ୍ରାଲ ନ୍ୟୁଜ୍ ଏଜେନ (କେସିଏନ୍‌ଏ) ଅନୁଯାୟୀ କିମ୍‌ଙ୍କ



କିମ୍ ଜଙ୍ଗ୍ ଉନ୍

ଦଳ ପକ୍ଷରୁ ଯେଉଁ ଆସନରେ ପ୍ରାର୍ଥୀ ଦିଆଯାଇଥିଲା ସମସ୍ତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଜଣେ ବି ପ୍ରାର୍ଥୀ କୌଣସି ଆସନରେ ପରାଜିତ ହେବାର ଦେଖାଯାଇ ନାହିଁ। ଏହି ନିର୍ବାଚନରେ ଶତ ପ୍ରତିଶତ ଭୋଟ (୯୯.୯୯) ପଡ଼ିଥିଲାବେଳେ କିମ୍‌ଙ୍କ ଦଳକୁ ୯୯.୯୭ % ଭୋଟ୍ ମିଳିଛି ବୋଲି କେସିଏନ୍‌ଏ କହିଛି। ତେବେ ସରକାରୀ ସ୍ତରରେ କିମ୍‌ଙ୍କୁ ୯୯.୯୩ ପ୍ରତିଶତ ଭୋଟ୍ ମିଳିଥିବା କୁହାଯାଇଛି। ଏହି ନିର୍ବାଚନରେ କେବଳ ୦.୦୦୩୭ ଭୋଟର ନିର୍ବାଚନ ସମୟରେ ବିଦେଶରେ ରହିଥିବା କିମ୍ବା ସମୁଦ୍ର ଭିତରେ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ମତଦାନ କରିପାରିନାହାନ୍ତି।

ସବୁଠାରୁ ବଡ଼ କଥା ହେଲା ଏହି ନିର୍ବାଚନରେ କିମ୍‌ଙ୍କ ବିରୋଧରେ କୌଣସି ଦଳ ନିର୍ବାଚନ ଲଢ଼ୁ ନ ଥିଲେ। ସବୁ ନିର୍ବାଚନମଣ୍ଡଳୀରେ କେବଳ କିମ୍‌ଙ୍କ ୱାର୍କର ପାର୍ଟି ଅଫ୍ କୋରିଆ ଏବଂ ଅନ୍ୟ ସହଯୋଗୀ ଦଳ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ପ୍ରତ୍ୟେକ ପ୍ରାର୍ଥୀଙ୍କ ପ୍ରତି ଭୋଟରଙ୍କ ସମର୍ଥନ କେତେ ରହିଛି ତାହା ହିଁ ଭୋଟ ପ୍ରତିଶତ ନିର୍ଦ୍ଧାରଣ କରିଥିଲା। ୦.୦୭ ପ୍ରତିଶତ ଭୋଟ ପାର୍ଥକ୍ୟ କେବଳ ପ୍ରାର୍ଥୀଙ୍କ ପ୍ରତି ଭୋଟରଙ୍କ ରୁଚିକୁ ନେଇ ରହିଛି। ଅର୍ଥାତ୍ ଏହି ପ୍ରତିଶତ ଭୋଟର କେତେଜଣ ପ୍ରାର୍ଥୀଙ୍କୁ ଉଚିତ ଭାବେ ଗ୍ରହଣ କରି ନ ଥିଲେ ମଧ୍ୟ ଦଳ ସପକ୍ଷରେ ଭୋଟ ଦେଇଛନ୍ତି। ଏଥିପାଇଁ ଗତ କିଛି ଦଶନ୍ଧିରେ ଉତ୍ତର କୋରିଆ ସଂସଦୀୟ ନିର୍ବାଚନରେ ପ୍ରଥମଥର ପାଇଁ 'ନୋ' ଭୋଟ୍ ପରମ୍ପରା ସୃଷ୍ଟି ହୋଇଛି ବୋଲି କୁହାଯାଇଛି। ଏଠାକାର ନିର୍ବାଚନୀ ଆଇନ ଅନୁସାରେ ଜାତୀୟ ସଂସଦକୁ ମୋଟ ୬୮୭ ପ୍ରାର୍ଥୀ ନିର୍ବାଚିତ ହୋଇଥାଆନ୍ତି। ସାଧାରଣ ଭାବେ କାମ କରୁଥିବା ଲୋକଙ୍କଠାରୁ ଆରମ୍ଭ କରି ଚାଷୀ, ବୁଦ୍ଧିଜୀବୀ, ମିଲିଟାରି କର୍ମଚାରୀ ଏବଂ ଅନ୍ୟ ସରକାରୀ ଅଧିକାରୀଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦିଆଯାଇଥାଏ।




# ଚତୁର୍ଥ ଦିନରେ ୩୮ ମିନିଟ୍

## ବାଚସ୍ପତିଙ୍କ ମାର୍ଶାଲ- ବିରୋଧୀ ମୁହାଁମୁହିଁ

### ଏସ୍‌ସିବିରେ ରୋଗୀ ମୃତ୍ୟୁ ପାଇଁ ପୂର୍ବ ସରକାର ଦାୟୀ: ଭାଜପା

ଭୁବନେଶ୍ୱର,୨୦।୩(ରବିନାରାୟଣ ଜେନା)

କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଶୁକ୍ରବାର ମଧ୍ୟ ବିଧାନସଭାକୁ ଏକପ୍ରକାର ଅଚଳ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ଦେବା ସହିତ ବାଚସ୍ପତିଙ୍କ ପୋଡିୟମକୁ ବାଡ଼ାଇଥିଲେ। ଏହାସହିତ ବାଚସ୍ପତିଙ୍କ ଚୌକି ନିକଟକୁ ଯିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଗୃହରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେବାରୁ ବାଚସ୍ପତି ସୁରମା ପାଢ଼ୀ ବିରୋଧୀ ସଦସ୍ୟଙ୍କୁ ନିଜ ଆସନକୁ ଯିବାକୁ ଅନୁରୋଧ କରିଥିଲେ। ମାତ୍ର ସେମାନେ କର୍ଣ୍ଣପାତ ନ କରି ପ୍ରବଳ ହଇଗୋଳ କରି ଚାଲିଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୩୮ ମିନିଟ୍ ଚାଲିଥିଲା। ପ୍ରଶ୍ନକାଳରେ ୨୨ ମିନିଟ୍ ଏବଂ ଶୂନ୍ୟକାଳରେ ୧୬ ମିନିଟ୍ ଗୃହ ଚାଲିଥିଲା। ପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକ ସଫଳ ନ ହେବାରୁ ଅପରାହ୍ନ ଗୋଟାଏରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ପ୍ରମୁଖ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଗୃହରେ ଏକପ୍ରକାର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲେ। ଏହି ସମୟରେ ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ହେଲେ ବିରୋଧୀ ବିଜେଡିର ବରିଷ୍ଠ ସଦସ୍ୟ ବଦ୍ରିନାରାୟଣ ପାତ୍ର, ସାରଦା ପ୍ରସନ୍ନ ଜେନା, ରମେଶ ବେହେରା, ପ୍ରଶାନ୍ତ ବେହେରା, ଅରୁଣ ସାହୁ, ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ଏବଂ କଂଗ୍ରେସ ସଦସ୍ୟ ନୀଳମାଧବ ହିକକା, ପବିତ୍ର ସାଉନ୍ତା, ଡା. ସିଏସ୍ ରାଜନ ଏକ୍କା, ସାଗର ଦାସ ପ୍ରମୁଖ ହଇଗୋଳ କରି ଚାଲିଥିଲେ। ପ୍ରବଳ ହଇଗୋଳ ଭିତରେ ମନ୍ତ୍ରୀ ଗଣ୍ଡ ୪୪ଲକ୍ଷ ୩୯ହଜାର ୬୦୨ ଛାତ୍ରୀଛାତ୍ରଙ୍କୁ ପୋଷାକ ବାବଦରେ ୧ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଛି ବୋଲି କହିଥିଲେ। କେଉଁ ଜିଲାରେ କେତେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଛି ତା'ର ବିବରଣୀ ପ୍ରଦାନ କରିଥିଲେ। ସେହିପରି ଭାଜପା ସଦସ୍ୟ ମାନସ କୁମାର ଦତ୍ତଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରିତା ସମ୍ପର୍କରେ କହିବା ସହିତ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ 'ନାକ୍ ଏ' ମାନ୍ୟତା ପାଇଁ ସରକାରୀ ପଦକ୍ଷେପ ସମ୍ପର୍କରେ କହିଥିଲେ। ଏହି ସମୟରେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଗୋଟିଏ ପଟେ କଂଗ୍ରେସ ଏବଂ ଅନ୍ୟପଟେ ବିଜେଡି ସଦସ୍ୟମାନେ ଉଠିବାକୁ ପ୍ରବଳ ଉଦ୍ୟମ କରିଥିଲେ। ବାଚସ୍ପତିଙ୍କ ମାର୍ଶାଲ ସେମାନଙ୍କୁ ଅଟକାଇବାରୁ ମୁହାଁମୁହିଁ ପର୍ଯ୍ୟନ୍ତ କଥା ଯାଇଥିଲା। ବିରୋଧୀଦଳ ସଦସ୍ୟମାନେ ସରକାର ବିରୋଧୀ ନାରା ଦେଇ ଗୃହରେ କମ୍ପମାନ କରିଥିଲେ। ☞ପୃଷ୍ଠା-୪



ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ 'ପଖାଳ ପରବ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରସ୍ତୁତ ପଖାଳ ସହ ବିଭିନ୍ନ ପ୍ରକାରର ଓଡ଼ିଆ ବ୍ୟଞ୍ଜନ ଦେଖୁଛନ୍ତି।

## ଏୟାର ଇଣ୍ଡିଆ ପଠାଇଲା ଭୁଲ୍ ବିମାନ

ନୂଆଦିଲ୍ଲୀ,୨୦।୩

ନୂଆଦିଲ୍ଲୀରୁ କାନାଡାର ଭାଙ୍କୋଭର ଉଡ଼ାଣ ପାଇଁ ଏୟାରଇଣ୍ଡିଆ କର୍ତ୍ତୃପକ୍ଷ ଗୁରୁବାର ଭୁଲ୍ ବିମାନ ପଠାଇଥିଲେ। ସେହି ରୁଟ୍‌ରେ ଉଡ଼ିବା ପାଇଁ ଉକ୍ତ ବିମାନକୁ ମଞ୍ଜୁରୀ ମିଳି ନ ଥିଲା। ୯ ଘଣ୍ଟାର ଉଡ଼ାଣ ପରେ ଏହା ଜଣାପଡ଼ିବାରୁ ବୋଇଂ ୭୭୭ ଚାଇନା ଆକାଶରୁ ୟୁଟର୍ନ କରି ନୂଆଦିଲ୍ଲୀ ଫେରିଆସିଥିଲା। ଆବଶ୍ୟକ ଦସ୍ତାବିଜ ଓ ଅନୁମତି ନ ଥାଇ ବିମାନ ଉଡ଼ାଇବା ଏୟାର ଇଣ୍ଡିଆ ପାଇଁ ଏହା ପ୍ରଥମ ଘଟଣା ନୁହେଁ। ଗତବର୍ଷ ନଭେମ୍ବରରେ ଏୟାରବସ୍ ୮ଟି ବ୍ୟବସାୟିକ ଉଡ଼ାଣ ପାଇଁ ଏୟାରବସ୍ ଏ୩୨୦ନିଓ ବିମାନ ବ୍ୟବହାର କରିଥିଲା, ଯାହାର ବୈଧ ଉଡ଼ାଣଯୋଗ୍ୟ ବୈଧତା ପ୍ରମାଣପତ୍ର (ଏଆର୍‌ସି) ନ ଥିଲା। ଏହି ତ୍ରୁଟି ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ☞ପୃଷ୍ଠା-୪

## ଛାତ୍ରସଂସଦ ନିର୍ବାଚନ ପାଇଁ ସରକାର ସକାରାତ୍ମକ ଅଛନ୍ତି

ଭୁବନେଶ୍ୱର,୨୦।୩(ସୁଚିସ୍ମିତା ସାହୁ)

ଦୀର୍ଘବର୍ଷ ଧରି ରାଜ୍ୟର ସରକାରୀ ଓ ଘରୋଇ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ବିଚାର ଚାଲିଛି। ବର୍ତ୍ତମାନର ସରକାର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିନାହାନ୍ତି। ସରକାର ନିର୍ବାଚନ କରିବା ପାଇଁ ସକାରାତ୍ମକ ଅଛନ୍ତି ବୋଲି ବିଧାନସଭାରେ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ୨୦୧୮ ମସିହାରୁ ଛାତ୍ରସଂସଦ ନିର୍ବାଚନ ବନ୍ଦ ରହିଛି। ନିର୍ବାଚନ ପାଇଁ ଶିକ୍ଷାନୁଷ୍ଠାନରେ ବିଶୃଙ୍ଖଳା ସୃଷ୍ଟି ହେବା ସହ ଶୈକ୍ଷିକ ବାତାବରଣ ନଷ୍ଟ ଓ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ☞ପୃଷ୍ଠା-୪

## ସଂରକ୍ଷିତ ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ନଷ୍ଟ ଅପରାଧ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦।୩(ପି.ଟି.)

ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପାଇଁ ରହିଛି ସଂରକ୍ଷିତ ଅଞ୍ଚଳ। ଏଠାରେ କୌଣସି ମାନବୀୟ କାର୍ଯ୍ୟକଳାପ ଯୋଗୁ ବନ୍ୟପ୍ରାଣୀଙ୍କ ବାସସ୍ଥଳ ନଷ୍ଟ ହେଲେ ତାହାକୁ ଅପରାଧ ଭାବେ ଗଣାଯିବ। ଏନେଇ ବିଭିନ୍ନ ଆଇନ ଅନୁଯାୟୀ ଦଣ୍ଡ ଓ ଜରିମାନା ବ୍ୟବସ୍ଥା କରାଯିବ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜାତୀୟ ଚମ୍ବଲ ଅଭୟାରଣ୍ୟରେ ବ୍ୟାପକ ବେଆଇନ ବାଲି ଖନନ ଓ ଏହାଦ୍ୱାରା ବିରଳ ଜଳଚର ପ୍ରାଣୀଙ୍କ ବାସସ୍ଥଳୀ ନଷ୍ଟ ହେବା ଘଟଣାକୁ ସୁପ୍ରିମକୋର୍ଟ ଅତି ଗମ୍ଭୀରତାର ସହ ଗ୍ରହଣ କରି ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ସଂରକ୍ଷିତ ଅଞ୍ଚଳରେ ପ୍ରାକୃତିକ ପରିବେଶକୁ କ୍ଷତି ପହଞ୍ଚାଇବା ଦଣ୍ଡନୀୟ ଅପରାଧ ଏବଂ ଏଥିପାଇଁ ବିଭିନ୍ନ କଠୋର ଆଇନ ଅନୁଯାୟୀ ☞ପୃଷ୍ଠା-୪






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୟଙ୍ଗ ନାଚୁରାଲିଷ୍ଟ ପ୍ରୋଗ୍ରାମ୍, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ସକାଳ ୭ଟା ୩୦।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ୨୬ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ବନ ଦିବସ, ସ୍ଥାନ: କନ୍‌ଭେନଶନ ସେଣ୍ଟର, ସମୟ: ଲୋକ ସେବା ଭବନ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଫାର୍ମ ବି ଫୁଡ୍ ବ୍ରାଣ୍ଡ ସଂକ୍ରାନ୍ତରେ ଖବରଦାତା ସମ୍ମିଳନୀ, ସ୍ଥାନ: ଚାଣକ୍ୟ ହଲ୍, ସ୍ୱସ୍ତି ପ୍ରିମିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱ କବିତା ଦିବସ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ଭାଗବତ ପାରାୟଣ, ସ୍ଥାନ: ଶ୍ରୀରାଧାମାଧବ ଜୀଉ ସେବାଶ୍ରମ, ବାହାର୍ଦ୍ଦା, ବସ୍ତା,ସମୟ: ସକାଳ ୮ଟା।
- ସାମୁହିକ ନମାଜ ପାଠ, ସ୍ଥାନ: ଦରଘା ମଇଦାନ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ପିଣ୍ଛାବଣିଆ ବୈଦିକ ଗୁରୁକୂଳ ଆଶ୍ରମର ବାର୍ଷିକ ମହୋତ୍ସବ, ସ୍ଥାନ: ରୂପ୍‌ସା, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଦୁଇ ଦିନ ବ୍ୟାପୀ କଳାକାର ସଂଘର ୯ମ ବାର୍ଷିକ ସମ୍ମିଳନୀ, ସ୍ଥାନ: ବନାବସାଣ (ମଟେଇବାର୍ଡ଼-ତେଘରୀ) ଦୁର୍ଗାମଣ୍ଡପ, ଭୋଗରାଇ, ସମୟ:ପୂର୍ବାହ୍ନ ୧୦ଟା।
- 'ଗୁରୁ ସ୍ମରଣ' କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଇଦ୍ ଉପଲକ୍ଷେ ସମୂହ ନମାଜ ପାଠ, ସ୍ଥାନ: ପୁରୁଣାବଜାରସ୍ଥିତ ଜାମା ମସ୍‌ଜିଦ୍, ଭଦ୍ରକ, ସମୟ: ସକାଳ ୯ଟା ୧୫।
- ଇଦ୍‌ରେ ସମୂହ ନମାଜପାଠ, ସ୍ଥାନ: କଦମବେଡ଼ାସ୍ଥିତ ଇଦ୍‌ଗା, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିସଭା, ସ୍ଥାନ: କୋରକଦା, ଦୋବଲ, ସମୟ: ପୂର୍ବାହ୍ନ ୧୦ଟା।
- ନିରଙ୍କାରୀ ସତ୍‌ସଙ୍ଗ, ସ୍ଥାନ: ବାଲିମେଦ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ କବିତା ଦିବସ ଉପଲକ୍ଷେ କବିତା ଆସର ଓ ସାରସ୍ୱତ ସମାରୋହ, ସ୍ଥାନ: କାଳୀବଜାର ଯଜ୍ଞ ମଣ୍ଡପ, ଦୋବଲ, ସମୟ: ଅପରାହ୍ନ ୪ଟା।
- ହାପି ପ୍ରୋଗ୍ରାମ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- କପିଳ ମୁନି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ବିଦେଇପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଇଦ୍-ଉଲ-ଫିତରରେ ନମାଜ ପାଠ, ସ୍ଥାନ: ଅଞ୍ଜୁମନ ଇସଲାମିଆ ମସଜିଦ, ବଡ଼ବିଲ, ସମୟ: ସକାଳ ୭ଟା।
- ବିଶ୍ୱ ଜଙ୍ଗଲ ଦିବସ ଉତ୍ସବ, ସ୍ଥାନ: କେନ୍ଦୁଝର ଅଡିଟରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଇଦୁଲ ଫିତର ପର୍ବ ଉତ୍ସବ, ସ୍ଥାନ : ସୋସୋ, ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।
- ରାମ ନବମୀ ଉପଲକ୍ଷେ ଭଜନ, ପୂଜା ଏବଂ ପ୍ରବଚନ, ସ୍ଥାନ : ଡ଼ଅଁର, ବଞ୍ଝୋ, ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା।
- ଶନିଙ୍କ ମନ୍ଦିରରେ ମେଳା, ଭଜନ, ସ୍ଥାନ: ଛେନାପଦି, ସମୋଟରାଗଡିଆ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ଷ୍ଟାଡିୟମ, ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା, କରଞ୍ଜିଆ ମିନି ଷ୍ଟାଡିୟମ, କଚେରୀ ପଡ଼ିଆ ରାଇରଙ୍ଗପୁର, ସମୟ: ସକାଳ ୭ଟା୩୦।
- ଜଳ ଅର୍ପଣ ଦିବସ ପାଳନ, ସ୍ଥାନ: ଧଡ଼ାସାହି,ମୋରଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱ ବନ ଦିବସ ପାଳନ, ସ୍ଥାନ: ବାଲିଡିହା ଜଳସେଚନ ଡାକବଙ୍ଗଳା, ଶାମାଖୁଣ୍ଟା,ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ଆଦିବାସୀ ଲଘୁ ଚଳଚ୍ଚିତ୍ର ମହୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଇଦ୍ ପାଳନ, ସ୍ଥାନ: ମୀନାବଜାର ମସଜିଦ, ସମୟ: ସକାଳ ୯ଟା।
- ଇଦ୍ ପାଳନ, ସ୍ଥାନ: ମୋତି ମସଜିଦ୍, କାଞ୍ଚନ ବଜାର, ସମୟ: ସକାଳ ୯ଟା ୧୫।
- କିଡନୀ ପରିକ୍ଷଣ ଓ ପରାମର୍ଶ ଶିବିର, ସ୍ଥାନ: ବିନୋଦ ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଯାଉଁଳି ପୋଖରୀ ମଠ, ଢେଙ୍କାନାଳ, ସମୟ: ଅହୋରାତ୍ର ।

## ଅନୁଗୋଳ

- ଇଦ୍-ଉଲ୍-ଫିତର ଉପଲକ୍ଷେ ସାମୂହିକ ନମାଜ ପାଠ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ମସଜିଦ୍, ସମୟ: ସକାଳ ୯ଟା।
- ଡେରଜାଙ୍ଗ ଜଳଭଣ୍ଡାର ନିକଟରେ 'ଇକୋ ଟୁରିଜମ୍' ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଡେରଜାଙ୍ଗ ଜଳଭଣ୍ଡାର, ସମୟ: ୧୦ଟା ୩୦।
- ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ତୃତୀୟ ଦିବସରେ ନବଦିନାତ୍ମକ ପୂଜା, ସ୍ଥାନ: ଆଠମଲ୍ଲିକସ୍ଥିତ ମାହେଶ୍ୱରୀ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ବ୍ଲକ୍ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ସମ୍ମୁଖ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୩ଟା।
- ବାଗଡ଼ିଆ ଅଲ୍‌ଇଣ୍ଡିଆ ଭଲବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବାଗଡ଼ିଆ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଜାମା ମସ୍‌ଜିଦ ପକ୍ଷରୁ ଇଦ୍ ଉଲ୍ ଫିତର ମହୋତ୍ସବ, ସ୍ଥାନ: ବଡ଼ପଡ଼ିଆ ଜାମା ମସ୍‌ଜିଦ୍, ପାରାଦୀପ, ସମୟ: ସକାଳ ୮ଟା।
- ୟୁଥ ସାନ୍ତାଳୀ ଟ୍ରଷ୍ଟ ପକ୍ଷରୁ ୨ ଦିନିଆ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଇଦ-ଉଲ-ଫିତର ପାଇଁ ସମୂହ ନମାଜ ପାଠ, ସ୍ଥାନ: କେନ୍ଦ୍ରାପଡ଼ା ସହରର ଅଲ ସଲଫିୟା ଇଦଗାହ, ସମୟ: ସକାଳ ୭ଟା ୩୦, ଫକୀରାବାଦ ମସଜିଦ, ସମୟ: ସକାଳ ୮ଟା, ରସୁଲାବାଦ ମସଜିଦ, ଗୌଡଗୋପ, ସମୟ: ସକାଳ ୮ଟା୧୫, ପୁରୁଣା ଇଦଗାହ, ସମୟ: ସକାଳ ୮ଟା ୩୦, ନୂଆ ଇଦଗାହ, ସମୟ: ସକାଳ ୯ଟା।
- କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେଶନ ଓ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ ପକ୍ଷରୁ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ, ସ୍ଥାନ: ହୋଟେଲ ବିଏସ୍ ପ୍ୟାଲେସ, ଦୁହୁରିଆ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଦିବ୍ୟ ଜୀବନ ସଂଘର ଗରାପୁର ଶିବାନନ୍ଦ ଆଶ୍ରମ ସହଯୋଗରେ ଶ୍ରୀଜଗନ୍ନାଥଙ୍କ ୩୨ବେଶ ପ୍ରଦର୍ଶନ, ସ୍ଥାନ: ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଜଗଡ଼, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ, ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଲୋକନାଥ ପାଲା ପରିଷଦ ପକ୍ଷରୁ ବାଦିପାଲା ମହୋତ୍ସବ, ସ୍ଥାନ: ବାଲିଆ ହାଟ, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ: ଶ୍ରୀବଳଦେବଜୀଉ ଗୌଡୀୟ ମଠ, ସାରଙ୍ଗ, ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- କମାଗଡ଼ ହିଙ୍ଗୁଳା ଯଜ୍ଞ ଉତ୍ସବର ୨ୟ ଦିନ, ସ୍ଥାନ: ଧର୍ମଶାଳା ବ୍ଲକର କମାଗଡ଼ ହେଙ୍ଗୁଳା ପଡ଼ିଆ, ସମୟ: ଦିବାରାତ୍ର।
- ଯଯାତି ମହୋତ୍ସବ ଅବସରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଯଯାତି ମହୋତ୍ସବ ଅବସରରେ ବି. ପ୍ରାକ ଓ ତାଙ୍କ ଦଳଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ପ୍ରଶାସନିକ ଭବନ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୧୮ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସରେ ଯଜ୍ଞ ଓ ପୌରାଣିକ ନାଟକ ରାବଣ ବଧ, ସ୍ଥାନ: ଓଡ଼ଗାଁ ବ୍ଲକ ଶରଣକୁଳର ଭିକାରୀପଡାସ୍ଥିତ ମା' ତାରିଣୀଙ୍କ ପୀଠ, ସମୟ: ସକାଳ ୮ଟାରୁ ରାତ୍ର ୧୦ ଟା।
- ଦଶଦୋଳ ଯାତ୍ରାର ନବମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ମେଡିକାଲ ପଡିଆ, ସମୟ: ସକାଳ ୮ଟା ୩୦।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ୪ର୍ଥ ଦିବସରେ ପୂଜାନୀତି, ସ୍ଥାନ: ୨ୟ ଅଯୋଧ୍ୟା ଫତେଗଡ ରାମ ମନ୍ଦିର, ସମୟ: ସକାଳ ୯ଟା।
- ଏକାଦଶ ରାଜ୍ୟ ତୈଳିକ ବୈଶ୍ୟ ମହାସଭା ଓଡିଶାର ୮୨ତମ ସାଧାରଣ ଅଧିବେଶନର ଉଦ୍‌ଘାଟନ ଦିବସ, ସ୍ଥାନ: ଭାପୁର ବ୍ଲକ ପଦ୍ମାବତୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଓକିଲମାନଙ୍କର କର୍ମଶାଳା ଉଦ୍‌ଘାଟନ ଦିବସ, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା।
- ବରୁଣେଇ ସମର ସ୍ମାସ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ ଦିବସ ପ୍ରଥମ ସେମିଫାଇନାଲ ମ୍ୟାଚରେ ଲକ୍ଷ୍ମୀ ପ୍ରସାଦ ବନାମ ଗୋଲା ବୋଦସା, ସ୍ଥାନ: ମିନି ଷ୍ଟାଡିୟମ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ବନ ଦିବସ, ସ୍ଥାନ: ଗଣିଆ ବ୍ଲକ ବଡସିଲିଙ୍ଗା ପଞ୍ଚାୟତ ଗୋଛାବାରୀ, ସମୟ: ପୂର୍ବାହ୍ନ ୧୧ଟା।
- ଦଶଦୋଳ ଯାତ୍ରାର ନବମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ବାଲୁଗାଁ ଦଶଦୋଳ ପଡିଆ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ୪ର୍ଥ ଦିବସରେ ପାରାୟଣରେ ଧନୁ ଭଗ୍ନ ଓ ସୀତା ବିବାହ, ସ୍ଥାନ: ୨ୟ ଅଯୋଧ୍ୟା ଫତେଗଡ ରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟଧାରା ପକ୍ଷରୁ ଷଷ୍ଠ ରାଜ୍ୟସ୍ତରୀୟ ନାଟ୍ୟମେଳାର ଅନ୍ତିମ ଦିବସର ନାଟକ ଡାଆଣୀ, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମ, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ଇଦୁଲ ଫିତରରେ ନମାଜ ପାଠ, ସ୍ଥାନ: ଇଦ୍‌ଗା ପଡ଼ିଆ, ନବରଙ୍ଗପୁର, ସମୟ: ସକାଳ ୯ଟା।

## କୋରାପୁଟ

- ବିଶ୍ୱ ଜଙ୍ଗଲ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ଜଗତଜନନୀ ଛକ, ଜୟପୁର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ବିଶ୍ୱବନ ଦିବସ ପାଳନ, ସ୍ଥାନ: କୋରାପୁଟ ବନଖଣ୍ଡ କାର୍ଯ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଚୟନ ପ୍ରକ୍ରିୟା, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ଅପରାହ୍ନ ୪ଟା ୩୦।

## ମାଲକାନଗିରି

- ବିଶ୍ୱବନ ଦିବସ ପାଳନ, ସ୍ଥାନ: ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ସତିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜଳକ୍ରୀଡ଼ା ବ୍ୟବସ୍ଥା ଉଦ୍‌ଘାଟନ, ସ୍ଥାନ: ସତିଗୁଡା ଜଳଭଣ୍ଡାର, ମାଲକାନଗିରି, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର

- ରମଜାନ୍ ମାସ ଅବସରରେ ସାମୂହିକ ନମାଜ ପାଠ, ସ୍ଥାନ: ସାକ୍ଷୀପଡା ଇଦ୍‌ଗାହ, ସମୟ: ସକାଳ ୭ଟା।
- ନିରମାଏଲ ପକ୍ଷରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ପରମାଣପୁର ନିରମାଏଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶ୍ରୀଚନ୍ଦ୍ର ଯୋଗୁ ଦୈହିକ ସୁସ୍ଥତା ପ୍ରଦାନ କରିବା ସହ ବିବାଦରେ ବିଜୟୀ ହେବେ। ଦୃଢ଼ ପଦକ୍ଷେପ ନେଇ ଅସଜଡା ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ସଭାସମିତିକୁ ନିମନ୍ତ୍ରଣ ପାଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ**
ମୁଖଭାବସ୍ଥ ବୃହସ୍ପତି ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ରକ୍ଷା ସହ ଅର୍ଥପ୍ରାପ୍ତିର ଯୋଜନା କରିପାରନ୍ତି। ବୌଦ୍ଧିକ ବିଚାରବିମର୍ଶରେ ବୁଦ୍ଧିଜୀବୀଙ୍କ ପ୍ରିୟଭାଜନ ହେବା ସହ ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପୂରଣ କରିପାରିବେ। ସକାଳୁ ଶୁଭ ଖବର ମନକୁ ଆହ୍ଲାଦିତ କରିବ। ସାମାଜିକ ସ୍ତରରେ ପଛକଥା ଚିନ୍ତା ନ କରି ପରିସ୍ଥିତିକୁ ସାମ୍ନା କରିବା ଭଲ ।

**ମିଥୁନ**
ବୁଧଙ୍କ ସହ ରାହୁ ମଙ୍ଗଳ ଯୋଗଜନିତ ପ୍ରିୟଜନଙ୍କ ସହ ମତାନ୍ତର ସୃଷ୍ଟି ହେବ। ସହକର୍ମୀଙ୍କ ସହାନୁଭୂତି ଓ ପ୍ରଗାଢ଼ ଚେଷ୍ଟା ଦ୍ୱାରା ଆଜି କୌଣସି କାମ ଅଟକି ରହିବନାହିଁ। ସନ୍ତାନଙ୍କ ବିବାହ ପାଇଁ ବନ୍ଧୁଙ୍କ ଜରିଆରେ ଆଲୋଚନା କଲେ ଉପକୃତ ହେବେ। ପାରିବାରିକ ଅଶାନ୍ତି କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ଶ୍ରେୟସ୍କର ମନେ କରିପାରନ୍ତି।

**କର୍କଟ**
ଦଶମ ଚନ୍ଦ୍ର ପ୍ରଭାବରେ କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ବହୁତ ଭଲ ରହିବା ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ ଓ ସମର୍ଥନରେ ଉଚ୍ଚପଦବୀ ପ୍ରାପ୍ତ ହୋଇପାରନ୍ତି। ଆଲୋଚନା ପରିସରରେ, ପ୍ରଶାସନିକ ସେବାରେ ଅଥବା ରାଜନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ସିଂହ**
ଆଜିର କଲ୍ୟାଣଚନ୍ଦ୍ର ପ୍ରତ୍ୟେକ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣରେ କାର୍ଯ୍ୟ ସମ୍ପନ୍ନ କରାଇବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ ବାସ୍ତବ ସମସ୍ୟାରୁ ମୁକ୍ତି ମିଳି ନ ପାରେ। ଚଳିତ ପରିସ୍ଥିତିର ସମ୍ମୁଖୀନ ହୋଇ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ଉଚ୍ଚବର୍ଗର ବ୍ୟକ୍ତିଙ୍କ ସହଯୋଗରୁ କାର୍ଯ୍ୟ ହାସଲ କରିବେ।

**କନ୍ୟା**
ଅଷ୍ଟମସ୍ଥ ଚନ୍ଦ୍ରଜନିତ ମାନସିକ ଅସ୍ଥିରତା ସାଙ୍ଗକୁ ପ୍ରାପ୍ୟ ଅର୍ଥ ସକାଶେ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ସାହାଯ୍ୟରେ ବିବାଦୀୟ ପରିସ୍ଥିତିରେ ସାମ୍ୟତା ଆଣିପାରିବେ। ଆର୍ଥିକ ଉନ୍ନତି, କର୍ମକ୍ଷେତ୍ରରେ ସମ୍ମାନ, ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ମଧ୍ୟରେ ଦିନଟି ପ୍ରୀତିପ୍ରଦ ରହିବ। ସକାଳୁ ଶୁଭଖବର ମନକୁ ଆହ୍ଲାଦିତ କରିବ।

**ତୁଳା**
ସପ୍ତମସ୍ଥ କର୍ମାଧିପ ଚନ୍ଦ୍ର ଆପଣଙ୍କୁ କର୍ମମୁଖର କରାଇବା ସହ ଦୂରଯାତ୍ରା ପାଇଁ ସୁଯୋଗ ସୃଷ୍ଟି କରିପାରନ୍ତି। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତପ୍ତ ହୋଇପାରନ୍ତି। ବୁଝାମଣା ମାଧ୍ୟମରେ ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବା ସାଙ୍ଗକୁ ପରିବାରରେ ଶାନ୍ତି ଫେରି ଆସିବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ।

**ବିଛା**
ରାଶି ପାଇଁ ଶୁକ୍ଳପକ୍ଷର କଲ୍ୟାଣକାରକ ଚନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ ଶୁଭଫଳ ପ୍ରଦାନ କରିବେ। ସନ୍ତାନଙ୍କ ପରୀକ୍ଷାରେ ସଫଳତା, ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା ଦ୍ୱାରା ଆତ୍ମତୃପ୍ତି ଲଭିବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ଅପଦସ୍ଥ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ର ମଧ୍ୟମଧରଣର ରହିବ।

**ଧନୁ**
ରାହୁ ସହ ବୁଧଙ୍କ ସଂଯୋଗ ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟାକୁ ବୃଦ୍ଧି କରିବେ। ଗଣତନ୍ତ୍ର, ଆଇନ, ଆଧ୍ୟାତ୍ମିକତା କ୍ଷେତ୍ରରେ ଗୁରୁକ୍ଷେତ୍ରସ୍ଥ ଶନି କାର୍ଯ୍ୟସିଦ୍ଧି କରାଇବେ। ଉତ୍ତମ ଲୋକସମ୍ପର୍କ ଜନିତ ସାମାଜିକ ସ୍ଥିତି ଭଲ ରହିବ। ଅର୍ଥ ଲାଭ, କାର୍ଯ୍ୟସିଦ୍ଧି, ବନ୍ଧୁମିଳନ ଓ ମୂଲ୍ୟବାନ୍ ଦ୍ରବ୍ୟଲାଭରୁ ମନ ଖୁସି ରହିବ।

**ମକର**
ଆଜିର ଯାତ୍ରା, ବାଣିଜ୍ୟ, ଅଭିଳଷିତ କାର୍ଯ୍ୟ ସମ୍ପନ୍ନ ଦିଗରେ ଗ୍ରହସ୍ଥିତି ଅନୁକୂଳ ରହିବ। ସପ୍ତମାଧିପ ଚନ୍ଦ୍ର କେନ୍ଦ୍ରସ୍ଥ ହୋଇ ବୈବାହିକ ସମ୍ପର୍କ ପାଇଁ ଅନୁକୂଳ ସ୍ଥିତି ଉତ୍ପନ୍ନ କରିବ। ଅସମ୍ପୂର୍ଣ୍ଣ କାର୍ଯ୍ୟ ସାଙ୍ଗକୁ ବନ୍ଧୁଙ୍କ ଅନାଦର ଯୋଗୁ ମନ ଦୁଃଖ ହୋଇପାରେ। ନିଜର ହିତୈଷୀମାନଙ୍କୁ ବୃଥା ସନ୍ଦେହ କରି ଭୁଲ୍‌ଠିକ୍‌ର ବିଚାର କରିପାରିବେ ନାହିଁ।

**କୁମ୍ଭ**
ରାଶିରେ ମଙ୍ଗଳ ସହ ରାହୁ ସମସ୍ୟା ସୁଧାରି ନେବାରେ ସାହାଯ୍ୟ କରିବ। ଖର୍ଚ୍ଚ ବୃଦ୍ଧି ସାଙ୍ଗକୁ ଶ୍ରମ ଓ ସମୟର ବିନିଯୋଗ କରି କାର୍ଯ୍ୟହାସଲ କରିବେ। ଋଣ ପରିଶୋଧ ସକାଶେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ଭଲମନ୍ଦର ମିଶ୍ରିତଫଳ ଭିତରେ ସାମୟିକ ଟେନ୍‌ସନ ଅବଶ୍ୟ ମାନସିକ ସ୍ଥିତିକୁ ବିଭ୍ରାନ୍ତ କରିପାରେ।

**ମୀନ**
ବୃହସ୍ପତିଙ୍କ ସୁଦୃଷ୍ଟି ଆପଣଙ୍କ ଚିନ୍ତାଧାରା, କାର୍ଯ୍ୟପଦ୍ଧତି ଓ ଯୋଜନା ସମୂହକୁ ସୁନିୟନ୍ତ୍ରିତ କରାଇବେ। କାମଟି ସହଜରେ ପୂର୍ଣ୍ଣାଙ୍ଗ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ନୂତନ ପ୍ରକଳ୍ପାଦି କାମ ବହୁତ ଭଲରେ ସମ୍ପନ୍ନ ହେବ। ଶୁକ୍ରଙ୍କ ପ୍ରଭାବରେ ଆନୁଷ୍ଠାନିକ କାମ, ମନୋରଞ୍ଜନ ଓ ବନ୍ଧୁମିଳନାଦିରୁ ସାମୟିକ ଖୁସିରେ ରହିପାରନ୍ତି।

ଆଜି ମାର୍ଚ୍ଚ ୨୧ ତାରିଖ, ବିଶ୍ୱ ଜଙ୍ଗଲ ଓ ବନୀକରଣ ଦିବସ, ବିଶ୍ୱ ବର୍ଣ୍ଣବୈଷମ୍ୟ ଉନ୍ମୂଳନ ଦିବସ, ବିଶ୍ୱ କାବ୍ୟ ଦିବସ, ଇଦ୍-ଉଲ୍-ଫିତର୍, ଚୈତ୍ର ଶୁକ୍ଳ ତୃତୀୟା, ଶନିବାର। ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୩ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୫୩ ଗତେ ଘ.୧୦।୨୩ ମଧ୍ୟେ ରାହୁ କାଳ।

# ଅବଶିଷ୍ଟାଂଶ

## ୧ ଡଲାର...

ପୂର୍ବ ସପ୍ତାହରେ ଭାରତୀୟ ଫରେକ୍ସ ରିଜର୍ଭରେ ମୋଟ ୧୧.୬୮୩ ବିଲିୟନ୍ ଡଲାର ହ୍ରାସ ପରିଲକ୍ଷିତ ହୋଇଥିଲା। ଫଳରେ ଏହା ୭୧୬.୮୧ ବିଲିୟନ୍ ଡଲାରକୁ ଖସିଯାଇଥିଲା। ସେହିପରି ସ୍ପେଶିଆଲ ଡ୍ରଇଂ ରାଇଟ୍ସ (ଏସ୍‌ଡିଆର୍)ରେ ୨୩ ନିୟୁତ ଡଲାର ହ୍ରାସ ଘଟିବାରୁ ଏହା ୧୮.୬୯୭ ବିଲିୟନ୍ ଡଲାରକୁ ଖସିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ରେ ଭାରତର ରିଜର୍ଭ ପୋଜିଶନ୍ ମଧ୍ୟ ୪.୮୧୪ ବିଲିୟନ୍ ଡଲାରକୁ ହ୍ରାସ ପାଇଥିବା କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଭାରତର ଗୋଲ୍ଡ ରିଜର୍ଭରେ ୬୬୪ ନିୟୁତ ଡଲାର ବୃଦ୍ଧି ସହ ସୁନା ଭଣ୍ଡାର ୧୩୦.୬୮୧ ବିଲିୟନ୍ ଡଲାର ଛୁଇଁବା ଭାରତୀୟ ଅର୍ଥନୀତି ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏକା ଗଛର ଧାନ**
**କେହି କାହାକୁ ନୁହନ୍ତି ଆନ ।**

ଗୋଟିଏ ଧାନଗଛରେ ଫଳିଥିବା ଧାନର ଆକାର, ଗୁଣ ତଥା ସ୍ୱାଦ ସବୁ ସମାନ ହିଁ ହୋଇଥାଏ। ଯେକୌଣସି ଗୋଟିଏ ବାଛିଲେ ବି ସେଥିରେ କୌଣସିଟି ଫରକ ରହି ନ ଥାଏ। ସେହିପରି କିଛି ବ୍ୟକ୍ତି ସମପ୍ରକୃତିର ହୋଇଥାନ୍ତି। ତାଙ୍କ ନୀତି ଓ ସ୍ୱଭାବରେ କିଛି ବି ପ୍ରଭେଦ ବାରି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକକୁ କହିଲେ ଦୁଇକି ବାଜେ**
**ଯେ ସେ ନାଗର, ସେ ଯେ ବୁଝେ ।**

ମନର କଥା ବା ଭାଷା କେବଳ ମନର ମଣିଷ ହିଁ ବୁଝିଥାଏ। ଯେଉଁଠି ଗୋଟିଏ କଥାର ଦୁଇଟି ଅର୍ଥ ବାହାରେ, ସେଠି ସମ୍ପୃକ୍ତ ଚତୁର ବ୍ୟକ୍ତି ଜଣକ ହିଁ ଅତି ସହଜରେ ତା' ଭିତର ଅର୍ଥକୁ ଧରି ନିଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଚତୁର୍ଥ ଦିନରେ...

ଏହାକୁ ନେଇ ବାଚସ୍ପତି ୧୦ଟା ୫୨ରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ସେହିପରି ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିରୋଧୀମାନେ ସମାନ ଢଙ୍ଗରେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ ଜାରି ରଖିଥିଲେ। ଏହି ସମୟରେ ଭାଜପା ସଦସ୍ୟ ଲକ୍ଷ୍ମଣ ବାଗ୍, ଗୌରୀଶଙ୍କର ମାଝୀ ଓ ରୁପୁ ଭତ୍ରା ପ୍ରମୁଖ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ସଦସ୍ୟ ଟଙ୍କଧର ତ୍ରିପାଠୀ ବିରୋଧୀଙ୍କୁ ଟାର୍ଗେଟ କରି ତୀବ୍ର ନିନ୍ଦା କରିଥିଲେ। ସେ କହିଥିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏସ୍‌ସିବି ପ୍ରସଙ୍ଗରେ ଦୁଇଟି ଅନୁସନ୍ଧାନକାରୀ କମିଟି ଗଠନ କରାଯିବା ସହିତ ୪ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏହାସହିତ ଡିଏମ୍‌ଇଟିଙ୍କୁ ବଦଳି କରାଯିବା ସହିତ ତଦନ୍ତ ଜାରି ରହିଛି। ଏହି ଘଟଣାରେ ଯିଏ ବି ଦୋଷୀ ସାବ୍ୟସ୍ତ ହେବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାତ୍ର ବିରୋଧୀ ଗୋଟିଏ ପ୍ରସଙ୍ଗକୁ ନେଇ ଗୃହରେ ଅଯଥାରେ ହଟ୍ଟଗୋଳ କରି ଗୃହ ଚଳାଇ ଦେଉନାହାନ୍ତି। ସେ କହିଥିଲେ, ପୂର୍ବ ସରକାର ବଡ଼ ମେଡିକାଲକୁ ବିଶ୍ୱସ୍ତରୀୟ ହସ୍ପିଟାଲ କରିବେ ବୋଲି କହି ଲୋକଙ୍କୁ ଅନ୍ଧକାର ଭିତରେ ରଖିଥିଲେ, ମାତ୍ର ଭାଜପା ସରକାର ଏଦିଗରେ ତ୍ୱରିତ ପଦକ୍ଷେପ ନେବା ସହିତ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ଏହି ମୃତ୍ୟୁ ପାଇଁ ଭାଜପା ସରକାର ନୁହେଁ, ପୂର୍ବର ବିଜେଡି ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ଟଙ୍କଧର କହିଥିଲେ। ଏହି ସମୟରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମକୁ ବାଡ଼େଇବା ସହିତ ଗୃହରେ ପ୍ରବଳ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଗୃହକୁ ସ୍ୱାଭାବିକ ସ୍ଥିତିକୁ ଆଣିବା ଲାଗି ବାଚସ୍ପତି ସର୍ବଦଳୀୟ ବୈଠକ ଡାକିବା ସହିତ ୧୧ଟା ୪୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ କୌଣସି ନିର୍ଯ୍ୟାସ ନ ବାହାରିବାରୁ ଅପରାହ୍ନ ଗୋଟାଏରେ ଉପ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଗୃହ ବାହାରେ ବିଜେଡି ସଦସ୍ୟ ଅରୁଣ ସାହୁ କହିଥିଲେ, ଏସ୍‌ସିବିରେ ରୋଗୀଙ୍କୁ ମାରିଥିବା ଅଧିକାରୀଙ୍କୁ ସରକାର କାହିଁକି ଘଣ୍ଟ ଘୋଡାଇବା ପାଇଁ ଚାହୁଁଛନ୍ତି, ତା'ର ସତ୍ୟ ଆମେ ଲୋକଲୋଚନକୁ ଆଣିବାକୁ ଚାହୁଁଛୁ। ଏସ୍‌ସିବିରେ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଅଧିକାରୀ ଗୌତମ ଶତପଥୀ ହେଉଛନ୍ତି ଜଣେ କନିଷ୍ଠ ପ୍ରଫେସର। ପୂର୍ବରୁ ସେ ପ୍ରାଇଭେଟ ପ୍ରାକ୍ଟିସ୍ ପାଇଁ ନିଲମ୍ବନ ହୋଇଥିଲେ। ସେ ୬୦ଜଣ ଡାକ୍ତରଙ୍କଠାରୁ କନିଷ୍ଠ ଥିବାବେଳେ ଏହି ପଦ ପାଇଁ ତାଙ୍କ ପାଖରେ ୫ବର୍ଷର ଅଭିଜ୍ଞତା ନାହିଁ। ସେହିପରି ପୂର୍ବ ସରକାର ସମୟରେ ସମ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣାରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଥିବାବେଳେ ସରକାରୀ ହସ୍ପିଟାଲରେ ଏତେବଡ଼ ଘଟଣାରେ ବିଭାଗୀୟ ମନ୍ତ୍ରୀ କାହିଁକି ଇସ୍ତଫା ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି କଂଗ୍ରେସ ସଦସ୍ୟ ମଙ୍ଗୁ ଖିଲ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରବଳ ବର୍ଷିଥିଲେ।

## ସଂରକ୍ଷିତ ଅଞ୍ଚଳରେ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜସ୍ଥାନ, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶର ବିଭାଗୀୟ ଅଧିକାରୀମାନେ ନିଜ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି। ବେଆଇନ ବାଲି ଖନନକୁ ରୋକିବାରେ ବିଫଳ ହୋଇଥିବାରୁ ବନ ବିଭାଗ, ଖଣି ବିଭାଗ, ଜଳସମ୍ପଦ ବିଭାଗ ଏବଂ ପୋଲିସ ପ୍ରଶାସନର ଅଧିକାରୀମାନଙ୍କୁ ଏହି ବିନାଶ ପାଇଁ 'ପରୋକ୍ଷ ଭାବେ ଦାୟୀ' କରାଯିବ।

ଚମ୍ବଲ ଅଭୟାରଣ୍ୟକୁ 'ଜାତୀୟ ଚମ୍ବଲ ଘଡ଼ିଆଳ ବନ୍ୟପ୍ରାଣୀ ଅଭୟାରଣ୍ୟ' ମଧ୍ୟ କୁହାଯାଏ। ଏହା ଭାରତର ଅନନ୍ୟ ଜୈବବିବିଧତା ସମ୍ପନ୍ନ କ୍ଷେତ୍ର। ପ୍ରାୟ ୫,୪୦୦ ବର୍ଗ କିଲୋମିଟର ପରିମିତ ଏହି ଅଭୟାରଣ୍ୟ ୩ ରାଜ୍ୟ ଯଥା ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଉତ୍ତର ପ୍ରଦେଶ ସୀମାରେ ରହିଛି। ୩ ରାଜ୍ୟ ଦ୍ୱାରା ସଂରକ୍ଷିତ ଓ ପରିଚାଳିତ ଏହି ଅଞ୍ଚଳ କେବଳ ପର୍ଯ୍ୟଟନସ୍ଥଳୀ ନୁହେଁ, ବରଂ ଅନେକ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ଶେଷ ଆଶ୍ରୟସ୍ଥଳ। ଲମ୍ବା ମୁହଁବିଶିଷ୍ଟ ସ୍ୱତନ୍ତ୍ର ଘଡ଼ିଆଳ କୁମ୍ଭୀର ପ୍ରଜାତି ପାଇଁ ଏହି ସ୍ଥାନ ବିଶ୍ୱପ୍ରସିଦ୍ଧ। ସେହିପରି ଅତ୍ୟନ୍ତ ବିରଳ ପ୍ରଜାତିର ନାଲି ମୁକୁଟବିଶିଷ୍ଟ କଇଁଛ ଏଠାରେ ଦେଖିବାକୁ ମିଳନ୍ତି। ଜଳଚର ପ୍ରାଣୀ ଗଙ୍ଗା ଡଲଫିନ ମଧ୍ୟ ଅଭୟାରଣ୍ୟ ଅଧୀନ ଚମ୍ବଲ ନଦୀର ସ୍ୱଚ୍ଛଜଳରେ ଦେଖାଯାଆନ୍ତି। ଏବେ ଏହି ୩ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ବାସସ୍ଥଳୀ ସଙ୍କଟରେ ରହିଛି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଗତବର୍ଷ ଯେଉଁ ଅଞ୍ଚଳରେ ୧୦ ଘଡ଼ିଆଳ ଛାଡ଼ିଥିଲେ, ସେହି ଅଞ୍ଚଳରେ ମାଫିଆମାନେ ନିର୍ଭୟରେ ବାଲି ଖନନ କରୁଛନ୍ତି। ଏଥିପାଇଁ ସର୍ବୋଚ୍ଚ ଅଦାଲତ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶ ସରକାରଙ୍କ ସମେତ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଗଣମାଧ୍ୟମ ରିପୋର୍ଟ ଏବଂ ପରିବେଶର ସଙ୍କଟଜନକ ସ୍ଥିତିକୁ ଦେଖି ସୁପ୍ରିମକୋର୍ଟ ନିଜଆଡୁ ଏହି ମାମଲା ରୁଜୁ କରିଛନ୍ତି। ବ୍ୟାପକ ବାଲି ଖନନ ଯୋଗୁ ନଦୀର ସୂକ୍ଷ୍ମ ପରିବେଶ ନଷ୍ଟ ହେଉଛି, ଯାହା ଘଡ଼ିଆଳ ଏବଂ ଡଲଫିନ ଭଳି ପ୍ରାଣୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ନଷ୍ଟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ପରିବେଶ (ସଂରକ୍ଷଣ) ଆଇନ ଏବଂ ଜୈବବିବିଧତା ଆଇନ ଅନୁଯାୟୀ ମାମଲା ଚାଲିବ ବୋଲି ଖଣ୍ଡପୀଠ କହିଛନ୍ତି।

ସେହିପରି ଅଭୟାରଣ୍ୟ ଜମିର ସୀମା ନିର୍ଦ୍ଧାରଣକୁ ନେଇ ଖଣ୍ଡପୀଠ ପ୍ରଶ୍ନ ଉଠାଇଛନ୍ତି। ରାଜସ୍ଥାନ ସରକାର ଅଭୟାରଣ୍ୟର ପ୍ରାୟ ୭୩୨ ହେକ୍ଟର ଜମିକୁ ସୀମା ପୁନଃ ନିର୍ଦ୍ଧାରଣ ନାଁରେ ବାଦ୍ ଦେଇଥିବାରୁ କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋର୍ଟଙ୍କ ଏହି ପଦକ୍ଷେପ ସ୍ପଷ୍ଟ କରୁଛି ଯେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ କୌଣସି ପ୍ରକାରର ଅବହେଳାକୁ ସହ୍ୟ କରାଯିବ ନାହିଁ। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨କୁ ଧାର୍ଯ୍ୟ କରିଛନ୍ତି। ଅଦାଲତଙ୍କୁ ସହାୟତା କରିବା ପାଇଁ ଦୁଇଜଣ ବରିଷ୍ଠ ଆଇନଜୀବୀଙ୍କୁ 'ଆମିକସ୍‌କ୍ୟୁରି' ଭାବେ ନିଯୁକ୍ତ କରାଯାଇଛି।

## ଛାତ୍ରସଂସଦ ନିର୍ବାଚନ...

ହେଉଥିବା ଦର୍ଶାଇ ତତ୍କାଳୀନ ସରକାର ଏହାକୁ ବନ୍ଦ କରିଦେଇଥିଲେ। ହେଲେ ସେବେଠାରୁ ପ୍ରତିବର୍ଷ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ନିର୍ବାଚନ କରିବାକୁ ଦାବି କରାଯାଇ ଆସୁଛି। ନୂଆ ସରକାର ଆସିବା ପରେ ଛାତ୍ର ସଂଗଠନ, ଛାତ୍ର ନେତା ଓ ଛାତ୍ରୀଛାତ୍ରମାନେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ଆଶା କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ପୂର୍ବରୁ ଏନେଇ ସବୁଜ ସଙ୍କେତ ଦେଇଥିଲେ। ଛାତ୍ର ସଂସଦ ନିର୍ବାଚନ ପାଇଁ ଦୁର୍ଗାପୂଜା ପୂର୍ବରୁ ପାଠ୍ୟକ୍ରମ ସାରିବାକୁ ପଡ଼ିବ ବୋଲି କହିଥିଲେ। ହେଲେ ୨୦୨୫ରେ ଛାତ୍ର ସଂସଦ ନିର୍ବାଚନ ହୋଇପାରି ନ ଥିଲା। ଏବେ ବିଧାନସଭାରେ ମନ୍ତ୍ରୀ ରଖିଥିବା ମତ ପୁଣି ନୂଆ ଆଶା ସଞ୍ଚାର କରିଛି।


## ଏୟାର ଇଣ୍ଡିଆ...

ଏୟାର ଇଣ୍ଡିଆ ଉପରେ ଗତ ମାସରେ ୧ କୋଟି ଟଙ୍କା ଜରିମାନା ଲଗାଇଥିଲେ। ସୂତ୍ର ଅନୁଯାୟୀ, ଗୁରୁବାର ଅପରାହ୍ନ ୧୨ଟା ୧୮ ମିନିଟ୍‌ରେ ଭାଙ୍କୋଭର ଯିବାକୁ କଲ୍ ସାଇନ୍ ଏଆଇ୧୮୫ ବିମାନ ଦିଲ୍ଲୀରୁ ଉଡ଼ାଣ ଭରିଥିଲା। ଏଥିପାଇଁ ବୋଇଂ ୭୭୭-୨୦୦ଏଲ୍‌ଆର୍ (ଲାର୍ଜ ରେଞ୍ଜ) ବିମାନକୁ ବ୍ୟବହାର କରାଯାଇଥିଲା, ଯାହାକୁ ଉକ୍ତ ରୁଟ୍‌ରେ ଯାତାୟାତ ଅନୁମତି ନ ଥିଲା। କାନାଡା କର୍ତ୍ତୃପକ୍ଷ ଏୟାର ଇଣ୍ଡିଆକୁ ଉକ୍ତ ରୁଟ୍ ପାଇଁ କେବଳ ବୋଇଂ ୭୭୭-୩୦୦ଇଆର୍ (ଏକ୍ସଟେଣ୍ଡେଡ୍ ରେଞ୍ଜ) ବିମାନକୁ ଅନୁମତି ଦେଇଥିଲେ।

## ପ୍ରିମିୟମ ପେଟ୍ରୋଲ ...

ବୃଦ୍ଧି ପାଇ କାରବାର ଶେଷରେ ସାମାନ୍ୟ ସୁଧାର ସହ ୧୦୮ରେ କ୍ଲୋଜ୍ ହୋଇଥିଲା। କିନ୍ତୁ ଶୁକ୍ରବାର କ୍ରୁଡ୍ ଅଏଲ୍ ପୁଣି ୧୧୦ ଡଲାରକୁ ବୃଦ୍ଧି ପାଇଥିଲା। ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧଜନିତ ପ୍ରତିବନ୍ଧକ ତୈଳ ଦରରେ ଏତେ ବଡ଼ ଉଠାପକାର କାରଣ ହୋଇଥିବାରୁ ଆଗକୁ ସଂଘର୍ଷ ବିରାମ ନ ହେଲେ ସାଧାରଣ ପେଟ୍ରୋଲ ମୂଲ୍ୟ ବଢ଼ିବାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଦିଲ୍ଲୀରେ ନର୍ମାଲ ପେଟ୍ରୋଲ ଲିଟର ପିଛା ୯୪.୭୭ ଟଙ୍କା ରହିଛି। ସେହିପରି ନର୍ମାଲ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କାରେ ବିକ୍ରି ହେଉଛି।

## ବଢ଼ିଲା ପ୍ରିମିୟମ୍ ପେଟ୍ରୋଲ ଦର




# ମହାନଦୀ ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ ହେବ ୨୧୦କୋଟି

ଭୁବନେଶ୍ୱର,୨୦।୩(ରବିନାରାୟଣ ଜେନା)

## ତୁରନ୍ତ କାର୍ଯ୍ୟ ଆରମ୍ଭ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ବିକଶିତ କରାଯିବ। ନାଶ୍ନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ୧୪୨ ଏକର ଅଞ୍ଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା ପାଇଁ ଉପଯୋଗୀ କରାଯିବ। ଏଥିପାଇଁ ୨୧୦କୋଟି ଟଙ୍କା ଖର୍ଚ୍ଚ ହେବ। ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ କଟକ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରି କହିଛନ୍ତି, ଏଥିରେ ଓଡ଼ିଶା ହାଟ, ହେରିଟେଜ ଭିଲେଜ, ପିକ୍‌ନିକ୍ ଏରିଆ, ଇଣ୍ଟରପ୍ରିଟେଶନ ସେଣ୍ଟର, ଫୁଡ୍ କୋର୍ଟ, ଲନ୍, ବଗିଚା, ମହାନଦୀ କୂଳ ସ୍ଥିତ ବିଭିନ୍ନ ୱାଟରବଡିର ସୌନ୍ଦର୍ଯ୍ୟକରଣ କରାଯିବ। ଏହି ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଜାତୀୟସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ଆବଶ୍ୟକ ରହିଛି। ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ମହାନଦୀ କୂଳ ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି, ସେହି ପ୍ରକଳ୍ପଗୁଡ଼ିକର ମଧ୍ୟ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଏହି ପ୍ରକଳ୍ପଗୁଡ଼ିକ ନଦୀତଟକୁ ସୁରକ୍ଷା ଦେବା ସହିତ ପର୍ଯ୍ୟଟକମାନଙ୍କ ପାଇଁ ମଧ୍ୟ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟ କାମ ବେଳେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟସ୍ଥ ପଠାକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧିକ ଆକର୍ଷଣୀୟ କରିବା ପାଇଁ ମହାନଦୀ ମଧ୍ୟରେ କ୍ରୁଜ ଚଳାଚଳ ବ୍ୟବସ୍ଥା କରିବା ଲାଗି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଏ ସବୁ ସୌନ୍ଦର୍ଯ୍ୟକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆ, କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ୍ କୌର ପ୍ରମୁଖ ଉପସ୍ଥିତ ଥିଲେ।

# ୪୮ ଘଣ୍ଟିଆ ବାମନଘାଟି ଉପଖଣ୍ଡ ବନ୍ଦ


ଆଦିବାସୀ ଏକତା ମଞ୍ଚ ପକ୍ଷରୁ ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାରିପଦା/ରାଇରଙ୍ଗପୁର,୨୦।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ମାନସ ମହାନ୍ତି)

## ଗିରଫ ୩୪ ଆଦିବାସୀଙ୍କୁ ଖଲାସ ଦାବି

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ଘଟଣାରେ ଗତ ୧୩ ତାରିଖରେ ବହଳଦାଠାରେ ଜାତୀୟ ରାଜପଥ ଅବରୋଧ ବେଳେ ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ ବହଳଦା ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ପୋଲିସକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୩୪ଜଣ ଆଦିବାସୀଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ତେବେ ଗିରଫ ସମସ୍ତ ଆଦିବାସୀଙ୍କୁ ନିର୍ଦ୍ଦୋଷରେ ଖଲାସକରିବା ଦାବିରେ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୪୮ ଘଣ୍ଟିଆ ବାମନଘାଟି ଉପଖଣ୍ଡ ବନ୍ଦ ପାଳନ କରାଯାଇଛି। ଶୁକ୍ରବାର ସକାଳ ୬ଟାରୁ ରବିବାର ସକାଳ ୬ଟା ପର୍ଯ୍ୟନ୍ତ ଦିଆଯାଇଥିବା ଏହି ବନ୍ଦ ଡାକରାର ପ୍ରଭାବ ପଡ଼ିଛି। ବନ୍ଦ ପାଳନକାରୀମାନେ ସକାଳୁ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ ସଫଳ କରାଇଥିଲେ। ରାଇରଙ୍ଗପୁର ଦେଇ ଯାଇଥିବା ରାଞ୍ଚି-ବିଜୟୱାଡା ୨୨୦ନଂ. ଜାତୀୟ ରାଜପଥ ଅବରୋଧ କରାଯିବା ଫଳରେ ଗାଡ଼ି ମଟର ଚଳାଚଳ ବନ୍ଦ ରହିଛି। ଅନ୍ୟପଟେ ରାଜପଥ ବନ୍ଦ ଯୋଗୁ ରାଇରଙ୍ଗପୁରରୁ ବାରିପଦାକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଟ୍ରକ୍, ବସ୍, ଚାରିଚକିଆ ଓ ତିନିଚକିଆ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବସ୍ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପଖଣ୍ଡର ସମସ୍ତ ଦୋକାନ, ବଜାର, ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ, ସ୍କୁଲ ଏବଂ କଲେଜ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆଦିବାସୀ ସଂଗଠନଗୁଡ଼ିକ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ କରାଉଛନ୍ତି। ଏହି ବନ୍ଦକୁ ବିଜେଡି, ଜେଏମ୍ଏମ୍, କଂଗ୍ରେସ, ଆସେକା, ମାସା ଆର୍ମି, ଭଞ୍ଜ ଖେରୱାଲ ଜୁମିଦ ସମେତ ଅନ୍ୟାନ୍ୟ ଆଦିବାସୀ ସଙ୍ଗଠନ ସମର୍ଥନ କରିବା ସହ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ରାଇରଙ୍ଗପୁର ବିଜେଡି ଯୁବନେତା ତଥା ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ଜେଏମ୍ଏମ୍ ଯୁବ ନେତା ସୁନୀଲ ମାଝୀ, ଆଦିବାସୀ ଆସେକା ସଂଗଠନର ସମ୍ପାଦକ ଜିତେନ୍ଦ୍ର ହାଁସଦା, ପୂର୍ବତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ ପ୍ରମୁଖ ବନ୍ଦ ପାଳନର ନେତୃତ୍ୱ ନେଉଛନ୍ତି।

# ମହୁମାଛି ଭୟ: ୮୦ ଫୁଟ ଉଚ୍ଚ ପାଣିଟାଙ୍କି ଉପରେ ୪ ଘଣ୍ଟା

## ଆକ୍ରମଣରେ ୩ ଯୁବକ ଗୁରୁତର

ଉଦଳା,୨୦।୩(ସନ୍ତୋଷ କୁମାର ବାଛିନୀ)

ଓଭରହେଡ୍ ପାଣିଟାଙ୍କି ସଫା କରିବାକୁ ଆସିଥିଲେ। ହେଲେ ଉପରକୁ ଚଢ଼ିବା ସମୟରେ ଅଚାନକ ଆକ୍ରମଣ କଲେ ମହୁମାଛି। ଜୀବନ ବଞ୍ଚାଇ ୩ ଯୁବକ ଟାଙ୍କି ଉପରୁ ତଳକୁ ଓହ୍ଲାଇ ଆସିଥିବା ବେଳେ ଅନ୍ୟ ଜଣେ ୮୦ ଫୁଟ ଉଚ୍ଚରେ ଥିବା ପାଣିଟାଙ୍କି ଭିତରେ ୪ ଘଣ୍ଟା କାଳ ଫସିରହିଲେ। ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ଅଧୀନ ୧ନଂ. ୱାର୍ଡରେ ଶୁକ୍ରବାର ଏଭଳି ଘଟଣା ଘଟିଛି। ମହୁମାଛି ଆକ୍ରମଣର ଶିକାର ହୋଇଥିବା ୩ ଯୁବକ ଗୁରୁତର ଅବସ୍ଥାରେ ଉଦଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି।



ସୂଚନା ଅନୁଯାୟୀ, ଉଦଳା ଏନ୍ଏସି ୧ନଂ. ୱାର୍ଡରେ ଥିବା ଏକ ଓଭରହେଡ୍ ପାଣିଟାଙ୍କି ସଫା କରିବା ନିମନ୍ତେ ବାଲେଶ୍ୱର ଜିଲା ମୋତିଗଞ୍ଜ ଅଞ୍ଚଳରୁ ହିମାଂଶୁ ଦାସ, ଜିତେନ୍ଦ୍ର ଜେନା, ସଞ୍ଜୟ କୁମାର ଜେନା ଏବଂ ବଳରାମ ଜେନା ଆସିଥିଲେ। ଏହି ୪ ଜଣ ଯୁବକ ପାଣିଟାଙ୍କି ଉପରକୁ ଚଢ଼ିବା ସମୟରେ ଅଚାନକ ପାଣିଟାଙ୍କି ଶିଡ଼ିରେ ହୋଇଥିବା ମହୁଫେଣାରୁ ବାଘୁଆ ମହୁମାଛି ଆକ୍ରମଣ କରିବା ଆରମ୍ଭ କରିଥିଲେ। ହିମାଂଶୁଙ୍କୁ ଛାଡ଼ି ଅନ୍ୟ ୩ଜଣ ଜୀବନ ବଞ୍ଚାଇ ତଳକୁ ଓହ୍ଲାଇ ଆସି ଗୁରୁତର ଅବସ୍ଥାରେ ପାଣିଟାଙ୍କି ତଳେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ହିମାଂଶୁ ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ଓଭରହେଡ୍ ପାଣିଟାଙ୍କି ଭିତରେ ପଶିଯାଇଥିଲେ। ୮୦ ଫୁଟ ଉଚ୍ଚରେ ଥିବା ପାଣିଟାଙ୍କି ଭିତରେ ପ୍ରାୟ ୪ ଘଣ୍ଟା କାଳ ଫସି ରହିଥିଲେ। ଖବରପାଇ ଉଦଳା ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ପୋଷାକ ପିନ୍ଧାଇ ହିମାଂଶୁଙ୍କୁ ଉଦ୍ଧାର କରି ତଳକୁ ଆଣିଥିଲେ।

# ରାଜପଥରେ ଧାନବସ୍ତା ରଖି ଚାଷୀଙ୍କ ପ୍ରତିବାଦ


ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଚାଷୀମାନେ ଧାନବସ୍ତା ରଖି ଆନ୍ଦୋଳନ କରୁଛନ୍ତି।

ତିହିଡ଼ି,୨୦।୩(ସଞ୍ଜିତ ବଳ)

- ତହସିଲଦାରଙ୍କ ଗାଡ଼ିକୁ ଛାଡ଼ିଲେନି
- ମଣ୍ଡିରେ ପଡ଼ିରହିଛି ୮ ହଜାର କୁଇଣ୍ଟାଲ
- ଧାନ ବିକି ପ୍ରାପ୍ୟ ପାଇନାହାନ୍ତି ଚାଷୀ

ମିଲରଙ୍କ ଅସହଯୋଗରୁ ମଣ୍ଡିରେ ୮ ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନବସ୍ତା ପଡ଼ିରହିଛି। ଅପରପକ୍ଷେ ଧାନ ବିକିଥିବା ଚାଷୀମାନେ ଏଯାଏ ପ୍ରାପ୍ୟ ପାଇପାରି ନାହାନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ଶୁକ୍ରବାର ସକାଳେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଚାରିତରଫ ସମବାୟ ସମିତି ମଣ୍ଡି ପାର୍ଶ୍ୱସ୍ଥ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଧାନବସ୍ତା ରଖି ଅବରୋଧ କରିଛନ୍ତି। ଏପରିକି ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ ଉକ୍ତ ରାସ୍ତାରେ ଯାଉଥିବା ବେଳେ ଚାଷୀମାନେ ତାଙ୍କ ଗାଡ଼ିକୁ ଛାଡ଼ି ନ ଥିଲେ। ଚାଷୀମାନେ ତହସିଲଦାରଙ୍କ ଗାଡ଼ି ଆଗରେ ଶୋଇରହି ପ୍ରତିବାଦ ଜଣାଇଥିଲେ।

ପ୍ରକାଶ ଯେ, ଚାରିତରଫ ସମିତି ଅଧୀନରେ ୭୨୦ଜଣ ପଞ୍ଜୀକୃତ ଚାଷୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୫୨ଜଣ ଏଯାଏ ମଣ୍ଡିରେ ଧାନ ବିକିପାରି ନାହାନ୍ତି। ମଣ୍ଡି ସହ ୨ଟି ରାଇସ୍ ମିଲ୍ ଟ୍ୟାଗ୍ ହୋଇଥିବା ବେଳେ ଗତ ୧୫ଦିନ ମଧ୍ୟରେ ସେମାନେ ଆଦୌ ଧାନ ଉଠାଇ ନାହାନ୍ତି। ଫଳରେ ମଣ୍ଡି ସାମ୍ନାରେ ଖରା, କାକରରେ ୮ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନବସ୍ତା ପଡ଼ିରହିଛି। ସମିତିକୁ ମିଳିଥିବା ଟାର୍ଗେଟ୍ ପୂରଣ ହୋଇସାରିଥିବା ବେଳେ ଅଧିକ ୮ ହଜାର କୁଇଣ୍ଟାଲ ଟାର୍ଗେଟର ଆବଶ୍ୟକତା ଥିଲେ ମଧ୍ୟ ତାହା ପୂରଣ କରାଯାଉ ନାହିଁ। ଏପରି ଅବ୍ୟବସ୍ଥା ଯୋଗୁ ମଣ୍ଡିକୁ ଧାନ ଦେଇ ଚାଷୀମାନେ ପ୍ରାପ୍ୟ ମଧ୍ୟ ପାଇପାରି ନାହାନ୍ତି। ତେବେ ସମିତି ସଭାପତି, କର୍ମକର୍ତ୍ତା ଓ ଚାଷୀମାନେ ଏହି ସମସ୍ୟା ସମ୍ପର୍କରେ ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେମାନଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଛି। ରାସ୍ତା ଅବରୋଧ ହେବାର ୩ ଘଣ୍ଟା ପରେ ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଓ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସମିତି ସଭାପତି ବସନ୍ତ କୁମାର ନାୟକ, ଚାଷୀନେତା ମୁକ୍ତିକାନ୍ତ ନାୟକ, ରାଜନଗର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ସୁଦର୍ଶନ ବିଶ୍ୱାଳ, ବିଚିତ୍ର ବଳ, ସନ୍ଥ ଚରଣ ବିଶ୍ୱାଳ ପ୍ରମୁଖ ମଣ୍ଡିରେ ଉପୁଜିଥିବା ସମସ୍ୟା ଉପସ୍ଥାପନ କରିଥିଲେ। ଶୁକ୍ରବାର ୨ଟି ଓ ଅନ୍ୟଦିନରେ ଗୋଟିଏ ଲେଖାଏ ବଡ଼ ଟ୍ରକ୍ ସହାୟତାରେ ଧାନବସ୍ତା ଉଠାଯିବ। ଅଧିକ ଟାର୍ଗେଟ୍ ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଆଚାର୍ଯ୍ୟ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆଲୋଚନା ବେଳେ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ସମିତି ସମ୍ପାଦକ ମନୋରଞ୍ଜନ ବଳ, ପୂର୍ବତନ ସମ୍ପାଦକ ସୁଦର୍ଶନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


# ଜେନ୍ ଜି ବନାମ ମିଲେନିଆଲ୍: ଲକ୍ଷ୍ୟ ଯଦି ଭିନ୍ନ, ନିବେଶର ଢଙ୍ଗ ସମାନ ହେବ କାହିଁକି?

ରିସ୍କ ଏବଂ ରିଟର୍ନ ମଧ୍ୟରେ ଏକ ଉପଯୁକ୍ତ ଭାରସାମ୍ୟ ବଜାୟ ରଖି ଆର୍ଥିକ ଲକ୍ଷ୍ୟ ପୂରଣ କରିବାରେ ମ୍ୟୁଚୁଆଲ୍ ଫଣ୍ଡ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏଏମ୍ଏଫ୍ଆଇ ଅନୁଯାୟୀ, ଗତ ଦୁଇ ବର୍ଷ ମଧ୍ୟରେ ଖୋଲାଯାଇଥିବା ନୂଆ ମ୍ୟୁଚୁଆଲ ଫଣ୍ଡ ଏସ୍ଆଇପି ଆକାଉଣ୍ଟଗୁଡ଼ିକ ମଧ୍ୟରୁ ୮୦% ରୁ ଅଧିକ ୩୫ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କର ଅଟେ । ସେମାନଙ୍କ ପାଇଁ ନିବେଶ କେବଳ ଏକ ହବି ହୋଇ ନ ଥାଏ; ସେମାନେ ଦ୍ରୁତ ଗତିରେ ଧନ ଗଠନ କରିଥାନ୍ତି, ଆର୍ଥିକ ସ୍ୱାଧୀନତା ଖୋଜନ୍ତି ଏବଂ ପାରମ୍ପରିକ ଏଫ୍‌ଡି ଏବଂ ସୁନାରୁ ବହୁତ ଆଗକୁ ଚିନ୍ତା କରିଥାନ୍ତି ।

କିନ୍ତୁ କଥା ହେଉଛି ଜେନ୍ ଜି ଏବଂ ମିଲେନିଆଲ୍ସ ସମାନ ଢଙ୍ଗରେ ନିବେଶ କରିବା ଉଚିତ୍ ନୁହେଁ । ବିଭିନ୍ନ ଜୀବନ ପର୍ଯ୍ୟାୟ, ଲକ୍ଷ୍ୟ ଏବଂ ରିସ୍କ ନେବାର ସାମର୍ଥ୍ୟ ଏହା ସୂଚାଇଥାଏ ଯେ, ଭାରତରେ ମ୍ୟୁଚୁଆଲ ଫଣ୍ଡ ଜେନ୍ ଜି ବ୍ୟକ୍ତିଙ୍କ ପାଇଁ ଉପଯୁକ୍ତ ହୋଇପାରେ କିନ୍ତୁ ମିଲେନିଆଲ୍ ବୃତ୍ତିଧାରୀଙ୍କ ପାଇଁ ହୁଏତ ତାହା ଏକ ଆଦର୍ଶ ପସନ୍ଦ ହୋଇ ନ ପାରେ ।

### ଜେନ୍ ଜି ବନାମ ମିଲେନିଆଲ୍: ସେମାନେ କେଉଁ ପ୍ରକାରର ନିବେଶକ?

| ମାନଦଣ୍ଡ | ଜେନ୍ ଜି | ମିଲେନିଆଲ୍ |
|---|---|---|
| ଜନ୍ମ ବର୍ଷ | ୧୯୯୭-୨୦୧୨ (୨୦୨୬ରେ ବୟସ ~୨୧-୨୯) | ୧୯୮୧-୧୯୯୬ (୨୦୨୬ରେ ବୟସ ~୩୦-୪୫) |
| ନିବେଶ ସମୟ | ଦୀର୍ଘମିଆଦୀ (୨୫-୩୫+ ବର୍ଷ) | ମଧ୍ୟମରୁ ଦୀର୍ଘମିଆଦୀ (୧୦-୨୫ ବର୍ଷ) |
| ରିସ୍କ ନେବାର ସାମର୍ଥ୍ୟ | ଉଚ୍ଚ-ଇକ୍ୱିଟି ଓ ଗ୍ଲୋବାଲ ଫଣ୍ଡକୁ ନେଇ ସ୍ୱଚ୍ଛନ୍ଦ | ମଧ୍ୟମରୁ ଉଚ୍ଚ- ଐତିହାସିକ ରିଟର୍ନଯୁକ୍ତ ପାଣ୍ଠି ପସନ୍ଦ କରନ୍ତି |
| ପ୍ରାଥମିକ ଲକ୍ଷ୍ୟ | ଧନ ନିର୍ମାଣ, ଏଫ୍ଆଇଆର୍‌ଇ, ପ୍ରଥମ କାର/ଘର | ଅବସର, ପିଲାଙ୍କ ପାଠପଢ଼ା, ଆର୍ଥିକ ସ୍ଥିରତା |
| ମାସିକ ଆୟ | ପ୍ରାରମ୍ଭିକ ଆୟ, ଫ୍ରିଲାନ୍ସର୍, ପାର୍ଶ୍ୱ ଆୟ | ବେତନଭୋଗୀ ବୃତ୍ତିଧାରୀ, ଦ୍ୱୈତ ଆୟଧାରୀ ପରିବାର |
| ପସନ୍ଦର ଶୈଳୀ | ମୋବାଇଲ-ପ୍ରଥମ, ସୋସିଆଲ-ଫାଇନାନ୍ସ (ୟୁଟ୍ୟୁବ୍, ଇନ୍‌ଷ୍ଟା) | ଆପ୍/ୱେବ୍ ଆଧାରିତ, ରୋବୋ ଆଡଭାଇଜରଙ୍କ ବ୍ୟବହାର |
| ଆଚରଣ | ପରୀକ୍ଷାମୂଳକ, ଟେକ୍ ଓ ଟ୍ରେଣ୍ଡ ଅଭିମୁଖୀ | ରଣନୈତିକ, ଟିକସ-ଅନୁକୂଳ, ଲକ୍ଷ୍ୟ ଅଭିମୁଖୀ |

### ଜେନ୍ ଜିଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡ ବର୍ଗ

» **ଇଣ୍ଡେକ୍ସ ଫଣ୍ଡ:** ଏସ୍ଆଇପି ପାଇଁ ସର୍ବୋପଯୁକ୍ତ । ଏହା ନିଫ୍ଟି ୫୦ କିମ୍ବା ନିଫ୍ଟି ନେକ୍ସଟ୍ ୫୦ ଭଳି ସୂଚକାଙ୍କ ସହ ତାଳ ଦେଇ ଚାଲିଥାଏ ଓ ସ୍ୱଳ୍ପ ବ୍ୟୟ ଅନୁପାତ ସହ ଆସିଥାଏ । » **ଫ୍ଲେକ୍ସି-କ୍ୟାପ୍ ଫଣ୍ଡ:** ଲାର୍ଜ, ମିଡ୍ ଓ ସ୍ମଲ୍-କ୍ୟାପ୍ ଷ୍ଟକ୍ସରେ ନିବେଶ, ରିସ୍କ ପ୍ରବନ୍ଧନ ସହ ସୁଯୋଗକୁ ସନ୍ଧାନ କରିବାର ସ୍ୱାଧୀନତା । » **ଇଏଲ୍ଏସ୍ଏସ୍:** ୩-ବର୍ଷର ଲକ୍-ଇନ୍ ସହିତ ସେକ୍ସନ୍ ୮୦ ସି ଅଧୀନରେ ଟିକସ ଅବ୍ୟାହତି । ଚାକିରିରେ ନବନିଯୁକ୍ତଙ୍କ ପାଇଁ ଆଦର୍ଶ । » **ଥିମାଟିକ୍ ଓ ସେକ୍ଟରାଲ ଫଣ୍ଡ:** ଜେନ୍ ଜି ଏଆଇ, ବୈଦ୍ୟୁତିକ ଯାନ ଓ ଫିନଟେକ୍ ଭଳି ଭବିଷ୍ୟଧର୍ମୀ ଧାରଣା ସହ ଜଡ଼ିତ ହୋଇଥାନ୍ତି । ଏହି ଫଣ୍ଡଗୁଡ଼ିକ ସେମାନଙ୍କୁ ଉକ୍ତ ସେକ୍ଟରଗୁଡ଼ିକରେ ସିଧାସଳଖ ନିବେଶ କରିବାକୁ ଅନୁମତି ଦେଇଥାଏ । » **ଓଭରସିଜ୍ ମ୍ୟୁଚୁଆଲ ଫଣ୍ଡ:** ଏହି ଫଣ୍ଡଗୁଡ଼ିକୁ ଆପଲ୍, ଏନଭିଡିଆ ଏବଂ ଟେସ୍‌ଲା ଭଳି ବିଶ୍ୱର ବଡ଼ ବଡ଼ କମ୍ପାନୀରେ ନିବେଶ କରିବାର ସୁଯୋଗ ଦେଇଥାଏ ।

### ମିଲେନିଆଲ୍ସଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡ ବର୍ଗ

» **ଲାର୍ଜ କ୍ୟାପ୍ ଫଣ୍ଡ:** ଭାରତର ଶ୍ରେଷ୍ଠ ୧୦୦ କମ୍ପାନୀରେ ନିବେଶ (ଯଥା- ରିଲାଏନ୍ସ, ଟିସିଏସ୍) । ଏଗୁଡ଼ିକ କମ୍ ଅସ୍ଥିରତା ସହ ସ୍ଥିର ରିଟର୍ନ ଦେଇଥାଏ । » **ମଲ୍ଟି-କ୍ୟାପ୍/ଫ୍ଲେକ୍ସି-କ୍ୟାପ୍ ଫଣ୍ଡ:** ଅତ୍ୟଧିକ ଆକ୍ରାମକ ନ ହୋଇ ଅଭିବୃଦ୍ଧି ଚାହୁଁଥିବା ମିଲେନିଆଲଙ୍କ ପାଇଁ ଆଦର୍ଶ । » **ହାଇବ୍ରିଡ୍ ଆଗ୍ରେସିଭ୍ ଫଣ୍ଡ:** ସାଧାରଣତଃ ଇକ୍ୱିଟିରେ ୬୫-୮୦% ଏବଂ ଡେବ୍ଟରେ ୨୦-୩୫%ରେ ନିବେଶ, ଯାହା ବଜାର ଅସ୍ଥିରତା ସମୟରେ ଆଶ୍ୱସ୍ତି ପ୍ରଦାନ କରିଥାଏ । » **ବାଲାନ୍ସଡ୍ ଆଡଭାଣ୍ଟେଜ୍ ଫଣ୍ଡ:** ଏଗୁଡ଼ିକ ବଜାର ପରିସ୍ଥିତି ଆଧାରରେ ଡାଇନାମିକ୍ ଭାବେ ଇକ୍ୱିଟି-ଡେବ୍ଟ ଆଲୋକେଶନକୁ ଆଡଜଷ୍ଟ କରିଥାଏ । » **ମିଡ୍ କ୍ୟାପ୍ ଫଣ୍ଡ:** ୭+ ବର୍ଷ ଦୂରରେ ଥିବା ଲକ୍ଷ୍ୟଗୁଡ଼ିକ ପାଇଁ ଉପଯୁକ୍ତ ।


ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

### ଜେନ୍ ଜି ସଅଳ ନିବେଶ ଆରମ୍ଭ କରିବା କାହିଁକି ଉଚିତ୍?

ଧରନ୍ତୁ ଆପଣ ୨୦ ବର୍ଷ ବୟସରେ ୧୨%ର ବାର୍ଷିକ ରିଟର୍ନ ସହ ମାସିକ ୫୦୦୦ ଟଙ୍କା ନିବେଶ ଆରମ୍ଭ କଲେ । ଆପଣଙ୍କର ନିବେଶ ନିମ୍ନ ଅନୁଯାୟୀ ଅଭିବୃଦ୍ଧି ଲାଭ କରିବ:

| ନିବେଶ ଅବଧି | ମୋଟ ନିବେଶ | ଭବିଷ୍ୟତର ମୂଲ୍ୟ (ଆନୁମାନିକ) |
|---|---|---|
| ୧୦ ବର୍ଷ | ₹୬,୦୦,୦୦୦ | ₹୧୧.୬ ଲକ୍ଷ |
| ୨୦ ବର୍ଷ | ₹୧୨,୦୦,୦୦୦ | ₹୪୯.୯ ଲକ୍ଷ |
| ୩୦ ବର୍ଷ | ₹୧୮,୦୦,୦୦୦ | ₹୧.୭୬ କୋଟି |

ଏହା ହେଉଛି ଚକ୍ରବୃଦ୍ଧିର ଶକ୍ତି: ଆପଣଙ୍କ ଟଙ୍କା ରିଟର୍ନ ଅର୍ଜନ କରିଥାଏ, ପୁଣି ଅର୍ଜିତ ରିଟର୍ନ ଉପରେ ମଧ୍ୟ ରିଟର୍ନ ଅର୍ଜିତ ହୁଏ ଯାହାଦ୍ୱାରା ରିଟର୍ନର ଚକ୍ରବୃଦ୍ଧି ଘଟିଥାଏ ।

### ଆପଣଙ୍କ ଏସ୍ଆଇପିକୁ ଅଧିକତମ କରିବା ପାଇଁ ଟିପ୍‌ସ

- ଯଥାସମ୍ଭବ ସଅଳ ନିବେଶ ଆରମ୍ଭ କରନ୍ତୁ: ଆପଣ ଯେତେ ଶୀଘ୍ର ଆରମ୍ଭ କରିବେ, ଚକ୍ରବୃଦ୍ଧିର ଲାଭ ସେତେ ବେଶି ହେବ ।
- ପ୍ରତିବର୍ଷ ଏସ୍ଆଇପିର ପରିମାଣ ବଢ଼ାନ୍ତୁ: ଆପଣଙ୍କ ନିବେଶରେ ମାତ୍ର ୧୦% ବାର୍ଷିକ ବୃଦ୍ଧି ଆପଣଙ୍କ ରିଟର୍ନକୁ ସୁପରଚାର୍ଜ କରିପାରିବ ।
- ନିବେଶକୁ ବଜାୟ ରଖନ୍ତୁ: ବଜାର ଅଧୋଗାମୀ ହେଲେ ଆତଙ୍କିତ ହୁଅନ୍ତୁ ନାହିଁ । ପ୍ରକୃତରେ ଏସ୍ଆଇପି ଅସ୍ଥିରତାରେ ସମୃଦ୍ଧ ହୋଇଥାଏ ।
- ବିବିଧକରଣ କରନ୍ତୁ: ନିଜର ରିସ୍କ ଗ୍ରହଣ ସାମର୍ଥ୍ୟ ଆଧାରରେ ଇକ୍ୱିଟି, ଡେବ୍ଟ ଏବଂ ହାଇବ୍ରିଡ୍ ଫଣ୍ଡର ମିଶ୍ରଣ ବଜାୟ ରଖନ୍ତୁ ।

**ଦାବିତ୍ୟାଗ:**
*ଏସ୍ଆଇପି: ଏସ୍ଆଇପି ଲାଭ କିମ୍ବା ନିମ୍ନମୁଖୀ ବଜାରରେ କ୍ଷତି ବିରୁଦ୍ଧରେ ସୁରକ୍ଷାର ଗ୍ୟାରେଣ୍ଟି ଦେଇ ନ ଥାଏ । ଦୃଷ୍ଟାନ୍ତ: ଅତୀତର ପ୍ରଦର୍ଶନ ଭବିଷ୍ୟତରେ ବଜାୟ ରହିପାରେ କିମ୍ବା ରହିନପାରେ । ଉପରେ ପ୍ରଦାନ କରାଯାଇଥିବା ଗଣନା ରିଟର୍ନର କଳ୍ପିତ ହାର ଉପରେ ଆଧାରିତ ଏବଂ ତାହା କେବଳ ଦୃଷ୍ଟାନ୍ତ ପାଇଁ ଉଦ୍ଦିଷ୍ଟ । ଉପରେ ଦର୍ଶାଯାଇଥିବା ଜାରିକର୍ତ୍ତାଗଣ / ଷ୍ଟକ୍ / ସେକ୍ଟରଗୁଡ଼ିକୁ ସୁପାରିସ ଭାବେ ବିବେଚନା କରାଯିବା ଉଚିତ ନୁହେଁ । ଫଣ୍ଡ ମ୍ୟାନେଜର(ମାନେ) ସମୟ ସମୟରେ ତାହାକୁ ଧାରଣ କରିବା କିମ୍ବା ନ କରିବା ପସନ୍ଦ କରିପାରନ୍ତି । ଦର୍ଶାଯାଇଥିବା ଯେକୌଣସି କମ୍ପାନୀ କିମ୍ବା ଗ୍ରୁପର ନାମ କେବଳ ଦୃଷ୍ଟାନ୍ତ ପାଇଁ ଉଦ୍ଦିଷ୍ଟ ଏବଂ ତାହା ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡ / ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଏଏମ୍‌ସି ଲିଃର କୌଣସି ସମର୍ଥନ କିମ୍ବା ଅଙ୍ଗୀକରଣକୁ ସୂଚାଇ ନ ଥାଏ । ନିବେଶ ନିଷ୍ପତ୍ତି ନେବା ପୂର୍ବରୁ ଜଣେ ଆର୍ଥିକ ଉପଦେଷ୍ଟାଙ୍କ ସହ ପରାମର୍ଶ କରିବା ପାଇଁ ନିବେଶକମାନଙ୍କୁ ଉପଦେଶ ଦିଆଯାଉଛି ।*
*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ ।*
*ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ । ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ । କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍‌ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal ।*
*ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ ।*

Aditya Birla Sun Life Mutual Fund
ADITYA BIRLA CAPITAL
MUTUAL FUNDS



ବୈଦ୍ୟନାଥ
GOODCARE
Authentic Ayurveda

## ସର୍ବୋତ୍ତମ ଗୁଣମାନର ଶୁଦ୍ଧ ତେଲ
ସଂରକ୍ଷଣକାରୀ ରହିତ • ସିନ୍ଥେଟିକ୍ ରଙ୍ଗ ମିସିନାହିଁ

**ଲାଭ:**
**ରୋଗାନ୍ ବାଦମ୍ ତେଲ:** ଚର୍ମ ଏବଂ କେଶକୁ ପୋଷଣ କରେ, ତୀକ୍ଷ୍ଣ ମନକୁ ସମର୍ଥନ କରେ.
**ତିଳ ତେଲ:** ଚର୍ମକୁ ପୋଷଣ କରେ, ରୁପି କମିଯାଏ.
**କୋଲ୍ଡ ପ୍ରେସ୍ଡ ନିମ୍ ତେଲ:** ସଂକ୍ରମଣର ଚିକିତ୍ସା କରେ, ଚର୍ମକୁ ସୁସ୍ଥ ରଖେ.
**କୋଲ୍ଡ ପ୍ରେସ୍ଡ କାଷ୍ଟର ତେଲ:** କୋଷ୍ଠ କାଠିନ୍ୟ ରୁ ରକ୍ଷା କରେ,ଚର୍ମ ଏବଂ କେଶ ପାଇଁ ହିତକାରୀ.
**ଲବଙ୍ଗ ତେଲ:** ଦାନ୍ତବେଦନା, ମଢ଼ିବେଦନା ଓ ମୁହଁର ଘାଁରେ ଉପକାରୀ.




www.baidyanath.com amazon Flipkart TATA 1mg 9051821345, 9853026006

> କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା- ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ।-ଶ୍ରୀଅରବିନ୍ଦ



# ପ୍ରସ୍ତାବ ପ୍ରତ୍ୟାହାର



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ବେଳେବେଳେ ସରକାରୀ ନୀତିର ରହସ୍ୟମୟ ତଥା ବାଧାସୃଷ୍ଟିକାରୀ ନିଷ୍ପତ୍ତି ସମ୍ପର୍କିତ ଖବର ଦେଖିବାକୁ ମିଳେ। ତିନି ମାସ ମଧ୍ୟରେ ଭାରତର ସଂଶୋଧିତ ଭୂମିକମ୍ପ ଅଞ୍ଚଳ ନିର୍ଦ୍ଧାରଣ ବ୍ୟବସ୍ଥା ବା ପଦ୍ଧତି ପ୍ରତ୍ୟାହାର କରାଯିବା ହେଉଛି ଏପରି ଏକ ନିଷ୍ପତ୍ତି । ଏହି ନୀତି କମ୍ପନର କେନ୍ଦ୍ରରେ ଅଛନ୍ତି ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟର। କିଛି ସମୟ ପାଇଁ, ଭାରତ ଭୂକମ୍ପ ବିପଦର ମୁକାବିଲା କ୍ଷେତ୍ରରେ ଏହାର ଆଭିମୁଖ୍ୟରେ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ଥିବା ପରି ମନେହେଉଥିଲା। ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଦେଶର ଭୂକମ୍ପ ବିପଦ ଅଞ୍ଚଳର ମାନଚିତ୍ର ଏବଂ ବିଲ୍ଡିଂ କୋଡ୍ ବା ଗୃହ ନିର୍ମାଣ ମାନକକୁ ସଂଶୋଧନ କରିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲା। ଏହାର ଧାରଣା ଥିଲା ଭୂକମ୍ପ ବିପଦ ମୂଲ୍ୟାଙ୍କନ ପାଇଁ ଅଧିକ ଉନ୍ନତ ବୈଜ୍ଞାନିକ ପଦ୍ଧତି ଗ୍ରହଣ କରିବା ଏବଂ ବିଶେଷକରି ହିମାଳୟ କ୍ଷେତ୍ରରେ ଦୃଢ଼ ଗୃହ ନିର୍ମାଣ ମାନଦଣ୍ଡ ପ୍ରଚଳନ କରିବା। ତେବେ ଏହାକୁ ନେଇ ସରକାରୀ ମହଲରେ ଭୂକମ୍ପ ଆରମ୍ଭ ହୋଇଥିଲା ଏବଂ ଅନେକ ମନ୍ତ୍ରଣାଳୟ ଓ ଭିତ୍ତିଭୂମି ସଂସ୍ଥା ଆର୍ଥିକ ପ୍ରଭାବକୁ ସୂଚିତ କରିଥିଲେ। ଖଟ୍ଟରଙ୍କ ନିର୍ଦ୍ଦେଶରେ ଗୃହ ନିର୍ମାଣ ମନ୍ତ୍ରଣାଳୟ ସମସ୍ୟାଗୁଡ଼ିକୁ ସାମ୍ନାକୁ ଆଣିବାରେ ଆଗରେ ଥିବା ଜଣାପଡ଼ିଛି। ସଂଶୋଧିତ ଭୂକମ୍ପ ଅଞ୍ଚଳ ନିର୍ଦ୍ଧାରଣ ପ୍ରସ୍ତାବକୁ ପ୍ରତ୍ୟାହାର କରାଯିବା ସହ ବର୍ତ୍ତମାନ ପାଇଁ ପୂର୍ବ ବ୍ୟବସ୍ଥା ଜାରି ରହିଛି। ଏହାକୁ ନେଇ ଡେଭଲପର୍‌ମାନେ ଆଶ୍ୱସ୍ତ। ବାବୁମାନେ ଅନୁଭବ କରିପାରନ୍ତି ଯେ ସେମାନେ ଏକ ନିୟାମକ ବାଧାକୁ ଏଡ଼ାଇ ଦେଇଛନ୍ତି। କିନ୍ତୁ ବିପର୍ଯ୍ୟୟ ବିଶେଷଜ୍ଞମାନେ ଏଥିରେ ଖୁସି ନାହାନ୍ତି। ଭବିଷ୍ୟତରେ ହିମାଳୟ ଅଞ୍ଚଳରେ ଏକ ବଡ଼ ଧରଣର ଭୂମିକମ୍ପ ବିଷୟରେ ବୈଜ୍ଞାନିକମାନେ ବାରମ୍ବାର ଚେତାବନୀ ଦେଇଛନ୍ତି; ଯାହା ପାଇଁ ଭୂକମ୍ପ କ୍ଷେତ୍ରର ସଂଶୋଧିତ ମ୍ୟାପ୍ ସହ ନିର୍ମାଣ ମାନଦଣ୍ଡ ସମାନ ଭାବେ ଆବଶ୍ୟକ ଥିଲା। ହେଲେ ଏହା ବଦଳରେ, ନୀତିଗତ ନିଷ୍ପତ୍ତି ତାହାକୁ ଅଟକାଇଦେଲା।

### ଏକ ବିଚିତ୍ର ଧାରା

ଭାରତରେ ବାବୁ ସାମ୍ରାଜ୍ୟ ଓ ଦାୟିତ୍ୱକୁ ନେଇ ନିୟମିତ ଭାବେ କିଛି ମାସ ଅନ୍ତରରେ ଏକ ମାମଲା ସାମ୍ନାକୁ ଆସେ, ଯାହା ଜଣଙ୍କୁ ଭାବିବାକୁ ବାଧ୍ୟ କରେ ଯେ ନିଲମ୍ବନ ପ୍ରକୃତରେ ଦଣ୍ଡ ନା କେବଳ ଏକ ଅସ୍ଥାୟୀ ବିରତି। ଏହାର ସଦ୍ୟତମ ଉଦାହରଣ ହେଉଛି ଉତ୍ତର ପ୍ରଦେଶରେ ଆଇଏଏସ୍ ଅଧିକାରୀ ଅଭିଷେକ ପ୍ରକାଶଙ୍କ ପୁନଃସ୍ଥାପନ । ଇନ୍‌ଭେଷ୍ଟ ୟୁପିର ସିଇଓ ଭାବରେ କାର୍ଯ୍ୟ କରିଥିବା ୨୦୦୬ ବ୍ୟାଚ୍‌ର ଏହି ଅଧିକାରୀଙ୍କ ବିରୋଧରେ ଗତବର୍ଷ ଏକ ସୌର ପ୍ରକଳ୍ପ ପାଇଁ ଲାଞ୍ଚ ମାଗୁଥିବା ଅଭିଯୋଗ ଆସିଥିଲା ଏବଂ ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଆଲ୍ଲାହାବାଦ ହାଇକୋର୍ଟ ତାଙ୍କ ବିରୋଧରେ କୌଣସି ପ୍ରାଥମିକ ପ୍ରମାଣ ନ ପାଇବା ପରେ ସେ ଏବେ ଚାକିରିକୁ ଫେରିଛନ୍ତି ଏବଂ ସରକାର କହିଛନ୍ତି, ବିଭାଗୀୟ ତଦନ୍ତ ଜାରି ରହିବ। ଝାଡ଼ଖଣ୍ଡ କ୍ୟାଡରର ଆଇଏଏସ୍ ଅଧିକାରୀ ପୂଜା ସିଂଘଲଙ୍କ ମାମଲା ଦେଖନ୍ତୁ। ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠିର ଆତ୍ମସାତ୍ ସହିତ ଜଡ଼ିତ ଏକ ମନି ଲଣ୍ଡରିଂ ତଦନ୍ତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇ ସିଂଘଲ ପ୍ରାୟ ତିନିବର୍ଷ ଜେଲରେ ରହିଥିଲେ। ୨୦୨୪ ଶେଷ ଭାଗରେ ସେ ଜାମିନ ପାଇବା ପରେ ଝାଡ଼ଖଣ୍ଡ ସରକାର ତାଙ୍କର ନିଲମ୍ବନ ପ୍ରତ୍ୟାହାର କରି ଚାକିରିରେ ପୁନଃସ୍ଥାପିତ କରିଥିଲେ। ତାଙ୍କ ବିରୋଧରେ ମଧ୍ୟ ବିଚାର ଚାଲିଛି। ଟେକ୍‌ନିକାଲ ଦୃଷ୍ଟିରୁ ଦେଖିଲେ ଏହା ମଧ୍ୟ ଠିକ୍। ଜାମିନ ମାନେ ଦୋଷୀ ସାବ୍ୟସ୍ତ ନୁହେଁ। ଉଭୟ କ୍ଷେତ୍ରରେ, ନିଲମ୍ବନ ଏକ ଗୁରୁତର ଶୃଙ୍ଖଳାଗତ ପଦକ୍ଷେପ ପରି ମନେହେଉନାହିଁ । ଯଦି ଗୁରୁତର ଅଭିଯୋଗ ସମ୍ବନ୍ଧୀୟ ମାମଲାରେ ପୁନଃସ୍ଥାପନ ନିୟମିତ ହୋଇଯାଏ, ତେବେ ସେହି ବିଶ୍ୱାସରେ କ୍ଷୟ ହେବାକୁ ଆରମ୍ଭ ହୋଇଯିବ।

### ଅଧିକାରୀଙ୍କୁ ସମାଲୋଚନା

ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ତାଙ୍କ ବାବୁମାନଙ୍କୁ ସର୍ବସମ୍ମୁଖରେ ଭର୍ତ୍ସନା କରିଛନ୍ତି। ଜିଲାପାଳ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକ ବୈଠକରେ ସେ ଚେତାବନୀ ଦେଇଥିଲେ ଯେ ଅହଂକାର, ପ୍ରଶାସନିକ କଠୋରତା ଏବଂ କ୍ଷେତ୍ରକାର୍ଯ୍ୟରେ ଦୁର୍ବଳତାକୁ ସହ୍ୟ କରାଯିବ ନାହିଁ। ଏହା ସୂଚିତ କରିଥିଲା ଯେ ଏୟାରକଣ୍ଡିଶନ ଚାମ୍ବରରୁ ବାହାରକୁ ବାହାରି ଲୋକଙ୍କ କଥା ଶୁଣିବାକୁ ହେବ। ଅହଂକାର ଏବଂ କଠୋରତା ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଏକ ଗଭୀର ସାଂଗଠନିକ ଉତ୍ତେଜନାକୁ ସୂଚିତ କରେ। ବାବୁମାନଙ୍କୁ ନିୟମ ପାଳନ କରିବା ଏବଂ ନିରନ୍ତରତା ବଜାୟ ରଖିବା ପାଇଁ ତାଲିମ ଦିଆଯାଇଛି। ଅନ୍ୟପକ୍ଷରେ, ନେତାମାନେ କେତେ ଶୀଘ୍ର ଫଳାଫଳ ପ୍ରଦାନ କରନ୍ତି ତାହା ମଧ୍ୟ ବିଚାର କରାଯାଏ। ଯେତେବେଳେ ଶାସନ ମନ୍ଥର ହୁଏ, ପ୍ରତ୍ୟେକ ପକ୍ଷ ଅନ୍ୟ ପକ୍ଷକୁ ଦୋଷ ଦେବାକୁ ବାହାରି ଆସନ୍ତି। ତଥାପି ନାଇଡୁଙ୍କ ସମାଲୋଚନା ଏକ ଚେତାବନୀ ସଦୃଶ ଏବଂ ଅନେକ ସରକାରୀ କର୍ମଚାରୀ ଭଲ କାମ କରିବା ଉପରେ ଧ୍ୟାନ ଦେବେ। ଭାରତୀୟ ପ୍ରଶାସନିକ ବ୍ୟବସ୍ଥା ଏବେ ବି ବ୍ୟାପକ କ୍ଷମତାର ଅଧିକାରୀ, କିନ୍ତୁ ସହାନୁଭୂତି ବିନା ଅଧିକାର ଫିକା ପଡ଼ିଯାଇପାରେ। ନାଇଡୁଙ୍କ ଭର୍ତ୍ସନା ପ୍ରକୃତରେ ଆଚରଣରେ ପରିବର୍ତ୍ତନ ଆଣିବ କି ନାହିଁ ତାହା ଆଉ ଏକ ପ୍ରଶ୍ନ। ଅମଲାତନ୍ତ୍ର ବିଶୃଙ୍ଖଳା ପାଇଁ ଯେତିକି ଜଣାଶୁଣା, ସଂସ୍କାର ପ୍ରତି ମଧ୍ୟ ସେତିକି ସମର୍ପିତ। ଯଦି ମୁଖ୍ୟମନ୍ତ୍ରୀଙ୍କ ଗାଳି ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟ ବାହାରକୁ ଯାଇ କ୍ଷେତ୍ରକାର୍ଯ୍ୟ କରିବାକୁ ପ୍ରେରଣା ଦିଏ, ତେବେ ତାହା ଏତେ ଖରାପ କଥା ହୋଇ ନ ପାରେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 2 | 5 | | | |
| 6 | | | 1 | | | 9 | | |
| 4 | | | | 6 | | | | |
| | | | | | | 8 | 2 | |
| | | | 4 | | | | | |
| 1 | 9 | | 7 | | 2 | | | |
| | 5 | | | | | 1 | | |
| | 7 | | | | 9 | | 5 | 6 |
| | | 1 | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 3 | 5 | 7 | 6 | 8 | 1 | 4 |
| 7 | 1 | 6 | 4 | 3 | 8 | 5 | 9 | 2 |
| 5 | 8 | 4 | 2 | 1 | 9 | 6 | 3 | 7 |
| 8 | 3 | 2 | 7 | 9 | 1 | 4 | 6 | 5 |
| 1 | 5 | 7 | 6 | 2 | 4 | 9 | 8 | 3 |
| 4 | 6 | 9 | 8 | 5 | 3 | 2 | 7 | 1 |
| 3 | 4 | 1 | 9 | 6 | 5 | 7 | 2 | 8 |
| 2 | 9 | 8 | 1 | 4 | 7 | 3 | 5 | 6 |
| 6 | 7 | 5 | 3 | 8 | 2 | 1 | 4 | 9 |

ଗତକାଲିର ଉତ୍ତର

# ଆକାଶ ଛାତ



**ଡ. ନିଖିଳାନନ୍ଦ ପାଣିଗ୍ରାହୀ**

ଘର ତିଆରି କରିବାବେଳେ ଆମେ ଖରା, ବର୍ଷା, ଶୀତ ଓ ଅନ୍ୟାନ୍ୟ ଆପଦ ବିପଦରୁ ରକ୍ଷା ପାଇବା ପାଇଁ ଛାତଟିଏ ନିର୍ମାଣ କରୁ। ଘର ପାଇଁ ଛାତ ଯାହା, ପୃଥିବୀ ପାଇଁ ଆକାଶ ତାହା। ଅବଶ୍ୟ ଆକାଶ ସଦୃଶ ଛାତ ପାଇଁ ଖମ୍ବ ବା କାନ୍ଥ ନ ଥାଏ। ଏହି ଅଭାବ ପ୍ରକୃତି ପୂରଣ କରିଥାଏ। ପ୍ରାଚୀନ କାଳରୁ ବହୁ ଶାସ୍ତ୍ରଜ୍ଞ ଆକାଶ ସମ୍ବନ୍ଧରେ ଏମିତି ଏକ ଧାରଣା ପୋଷଣ କରିଛନ୍ତି। ଉଦାହରଣଭାବେ ଆନୁମାନିକ ୧୩୦୦ ଖ୍ରୀଷ୍ଟାବ୍ଦରେ ସିରିଆରେ ଜନ୍ମିତ ଲୋକପ୍ରିୟ, ବିଶ୍ୱସନୀୟ ଆରବ ବିଦ୍ୱାନ ଓ ଐତିହାସିକ ଇବାନ କସୀରଙ୍କ କୋରାନ - ଆଧାରିତ ବ୍ୟାଖ୍ୟା ଉପସ୍ଥାପନ କରାଯାଇପାରେ, ଯେଉଁଥିରେ ଉଲ୍ଲେଖ କରାଯାଇଛି, ଆକାଶ ହେଉଛି ପୃଥିବୀ ସକାଶେ ଏକ ସୁରକ୍ଷିତ ଓ ସଂରକ୍ଷିତ ଛାତ। ତେବେ ଏହିପ୍ରକାର ଚିରାଚରିତ ଧାରଣା କେତେଦୂର ଠିକ ?

ଏହି ଉକ୍ତିର ତର୍ଜମା କରାଯାଇପାରେ। ବୈଜ୍ଞାନିକ ମତାନୁଯାୟୀ ଆକାଶ ହେଉଛି ପୃଥିବୀର ବାୟୁମଣ୍ଡଳ, ମେଘ ଉପରିସ୍ଥ ନୀଳଦୃଶ୍ୟ ଏବଂ ସୂର୍ଯ୍ୟ, ନକ୍ଷତ୍ର ପରି ଅଗଣିତ ଖଗୋଳୀୟ ପିଣ୍ଡ, ଯାହା କି ଭୂପୃଷ୍ଠରୁ ଊର୍ଦ୍ଧ୍ୱକୁ ଚାହିଁଲେ ଦେଖାଯାଏ। ମୋଟାମୋଟି ଭାବେ ବାୟୁମଣ୍ଡଳ ହେଉଛି ବିସ୍ତୃତ ଆକାଶର ଏକ ନିମ୍ନସ୍ଥ ଅଂଶ। ଉକ୍ତ ବାୟୁମଣ୍ଡଳ ବାସ୍ତବରେ ପୃଥିବୀରେ ଜୀବନ ରକ୍ଷା ପାଇଁ ଅତ୍ୟାବଶ୍ୟକ। ସୂର୍ଯ୍ୟରୁ ଆସୁଥିବା ହାନିକାରକ ଅତିବାଇଗଣୀ ରଶ୍ମି ଶୋଷଣ କରି ଆମକୁ ଚର୍ମ କର୍କଟ ରୋଗରୁ ବାଏ। ପୃଥିବୀକୁ ଜାକେଟ ପରି ଆବୃତ୍ତ ହୋଇଥିବାରୁ ଦିନବେଳର ଅତ୍ୟଧିକ ଗରମ ଓ ରାତିର ଥଣ୍ଡାକୁ ନିୟନ୍ତ୍ରଣାଧୀନ କରିଥାଏ। ପୁଣି ପୃଥିବୀରେ ଜଳର ସନ୍ତୁଳନ ପାଇଁ ବର୍ଷାପାତ ସକାଶେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସର୍ବୋପରି ଆମ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଖୋରାକ ଯୋଗାଏ।

ତଥାପି ସୁରକ୍ଷା କବଚ ଭାବେ ଏହା ସମ୍ପୂର୍ଣ୍ଣ ତ୍ରୁଟିହୀନ ନୁହେଁ। ଘର ପାଇଁ ଛାତଟିଏ ଗଢ଼ିଦେଲେ ମଧ୍ୟ ଏଥିରେ ଆମେ ଅଭାବ ଓ ଅସାମର୍ଥ୍ୟ ଦେଖୁ। କେତେକ କ୍ଷେତ୍ରରେ ଶତ୍ରୁପକ୍ଷର ଆକ୍ରମଣ ରୋକିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ଦରକାର। ଯଥା- ପ୍ରତିପକ୍ଷର ମୂଳ ଆଶଙ୍କା ଅହରହ ରହିଥିବାରୁ ଇସ୍ରାଏଲ ଏକ ଅତ୍ୟାଧୁନିକ ମୋବାଇଲ ଏୟାର ଡିଫେନ୍ସ ସିଷ୍ଟମ ପ୍ରତିଷ୍ଠା କରିଛି, ଯାହା ଲୌହ ଗମ୍ବୁଜ (ଆଇରନ ଡ୍ରୋନ) ଭାବେ ପରିଚିତ। ବର୍ତ୍ତୁଳାକାର ଏହି ଛାତଟି ପ୍ରତିଦିନ ଚବିଶ ଘଣ୍ଟା କାର୍ଯ୍ୟକ୍ଷମ ରହିଥାଏ। ଏହି ପ୍ରତିଷେଧକ ବ୍ୟବସ୍ଥା ଚାରିରୁ ସତୁରି କିଲୋମିଟର ଦୂରତା ମଧ୍ୟକୁ ଅନୁପ୍ରବେଶ କରୁଥିବା ଶତ୍ରୁପକ୍ଷର ରକେଟ, ମିସାଇଲ, ଡ୍ରୋନ, ତୋପ କମାଣକୁ ବାୟୁରେ ଧ୍ୱଂସ କରିଦିଏ। ତେଣୁ ଘରର ଛାତ ପାଇଁ ମଧ୍ୟ ଅତିରିକ୍ତ ଛାତର ଆବଶ୍ୟକତା ଦେଖାଦିଏ।



ବାୟୁମଣ୍ଡଳର ଉପସ୍ଥିତି ତଥା ପୃଥିବୀର ଚୁମ୍ବକତ୍ୱ ସତ୍ତ୍ୱେ ପୃଥିବୀ ପ୍ରତି ମହାକାଶଜନିତ ବସ୍ତୁ ଯୋଗୁ ବିପଦ ରହିଛି। ଉଦାହରଣ ଭାବେ କ୍ଷୁଦ୍ରଗ୍ରହ ବା ଗ୍ରହାଣୁ। ଏତଦ୍‌ବ୍ୟତୀତ ଉଲ୍‌କାଖଣ୍ଡ, ଯାହା ଏକ ଉତ୍ତପ୍ତ ପ୍ରସ୍ତର ବା ଧାତୁ। ଏହା ମହାକାଶରୁ ଭୂପତିତ ହୋଇଥାଏ। ଏହି ଦୁଇଟି ବସ୍ତୁ ମଧ୍ୟରେ ପ୍ରଭେଦ ରହିଛି। ଗ୍ରହାଣୁ ମୁଖ୍ୟତଃ ମଙ୍ଗଳ ଓ ବୃହସ୍ପତି ଗ୍ରହ ମଧ୍ୟରେ ସୂର୍ଯ୍ୟକୁ ପରିକ୍ରମା କରୁଥିବା ଗୋଟିଏ ବଡ଼ ବସ୍ତୁ। ଏହାର ଆକାର ଅଳ୍ପ କିଛି ମିଟରଠାରୁ ଆରମ୍ଭ କରି ଶହ ଶହ କିଲୋମିଟର ବିଶିଷ୍ଟ ହୋଇପାରେ।

ଉଭୟ ଜନ୍ମ ସ୍ଥାନ ଓ ଆକାର ଦୃଷ୍ଟିରୁ ଉଲ୍‌କାପିଣ୍ଡ ଓ ଗ୍ରହାଣୁ ମଧ୍ୟରେ ଫରକ ରହିଛି। ଉଲ୍‌କା ଅନ୍ତରୀକ୍ଷରୁ ପୃଥିବୀ ଆଡ଼କୁ ଆସେ। ଆମ ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଏହା ଘର୍ଷଣ ଯୋଗୁ ସାଧାରଣତଃ ଜଳି ନଷ୍ଟ ହୋଇଯାଏ। ତଥାପି ବେଳେବେଳେ ଏହାର କିଛି ଅଂଶ ଭୂପତିତ ହୁଏ। ଏହା ବସ୍ତୁତଃ ଉଲ୍‌କାପିଣ୍ଡ ବା ଖଣ୍ଡ ଭାବେ ନାମିତ। ଏଥିରୁ ସ୍ପଷ୍ଟ ହୁଏ ଯେ, ଉଲ୍‌କାର ଅବସ୍ଥିତି ହେଉଛି ବାୟୁ ମଣ୍ଡଳରେ ଏବଂ ସେଠାରେ ତାହା ବାଷ୍ପୀଭୂତ ହୋଇଯାଏ। କିନ୍ତୁ ଉତ୍ତପ୍ତ ଅବସ୍ଥାରେ ଏଥିରୁ ଖସି ଆସିଥିବା ଉଲ୍‌କାଖଣ୍ଡ ନିମ୍ନଗାମୀ ଭୂପୃଷ୍ଠରେ ଅବସ୍ଥାନ କରିଥାଏ। ଉଲ୍‌କାକୁ ବେଳେବେଳେ ମହାକାଶୀୟ ଜ୍ୱଳନ ଶିଳା (ବର୍ଣ୍ଣିଂ ସ୍ପେସ ରକ ବା ଶୁଟିଂ ଷ୍ଟାର) ବୋଲି ବିବେଚିତ କରାଯାଏ।

ଗ୍ରହାଣୁ କିପରି ଧ୍ୱଂସ ସାଧନ କରେ, ତା'ର ଉଦାହରଣ ୧୯୦୮ରେ ରୁଷିଆର ସାଇବେରିଆ ଅଞ୍ଚଳସ୍ଥିତ ଟୁଙ୍ଗୁସ୍କାର ଘଟଣାରୁ ପ୍ରାପ୍ତ ହୁଏ। ସେତେବେଳେ ବାୟୁମଣ୍ଡଳରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟି ସେଠାକାର ୨୦୦୦ ବର୍ଗ କିଲୋମିଟର ବନାଞ୍ଚଳ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା। ଏଥିପାଇଁ ପଚାଶରୁ ଷାଠିଏ ମିଟର ଚଉଡ଼ା ବିଶିଷ୍ଟ ଅନ୍ତରୀକ୍ଷ ଶିଳାକୁ ଦାୟୀ କରାଯାଇଛି। ଏହି ଭୟାନକ ବିସ୍ଫୋଟ ହିରୋସୀମାରେ ପଡ଼ିଥିବା ବୋମାଠାରୁ ହଜାରରୁ ଦୁଇହଜାର ଗୁଣ ଅଧିକ ଶକ୍ତିଶାଳୀ ବୋଲି ଆକଳନ କରାଯାଇଛି। ତତ୍‌ଜନିତ ଆଲୋକ ଓ ଧ୍ୱନି ହଜାରେ କିଲୋମିଟର ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥିଲା। ଅବଶ୍ୟ ଏହାର ପତନ ସ୍ଥଳ ଭୂପୃଷ୍ଠରେ ନ ଥିଲା। ବାୟୁମଣ୍ଡଳରେ ସଂଘଟିତ ଏହି ଘଟଣାର କାରଣ ଭାବେ କ୍ଷୁଦ୍ର ଗ୍ରହ ଅଥବା ବୃହତ୍ ମେଟିଓଏଡକୁ (ପଥୁରିଆ ଓ ଧାତବ ପିଣ୍ଡ) ଚିହ୍ନଟ କରାଯାଇଛି।

ଉଲ୍‌କାରୁ ଉଦ୍‌ଭବ ଉଲ୍‌କାଖଣ୍ଡ (ମେଟିଓରାଇଟ) ଜନିତ କ୍ଷୟକ୍ଷତି ୨୦୧୩ ଫେବୃୟାରୀ ୧୫ରେ ରୁଷିଆ ଚେଲ୍ୟାବିଂସ୍କ ସହରର ଘଟଣାରୁ ଜଣାପଡ଼େ। ଏହାର ଚଉଡ଼ା ପ୍ରାୟ ୨୦ ମିଟର ଓ ଓଜନ ୧୪,୦୦୦ ଟନ। ଉକ୍ତ ସହରର ୩୦ କିଲୋମିଟର ଉପରିସ୍ଥ ବାୟୁମଣ୍ଡଳରେ ବିସ୍ଫୋରଣ ଯୋଗୁ ସାତ ହଜାରରୁ ଅଧିକ ଘର କ୍ଷତିଗ୍ରସ୍ତ ଓ ପ୍ରାୟ ପନ୍ଦର ଶହ ଲୋକ ମୃତାହତ ହେଲେ।

ପୂର୍ବ ବର୍ଣ୍ଣିତ ୧୯୦୮ର ବିସ୍ଫୋରଣ ଅପେକ୍ଷା ୨୦୧୩ର ବିସ୍ଫୋରଣ ବିଶ୍ୱବାସୀଙ୍କୁ ଅଧିକ ଚିନ୍ତାଗ୍ରସ୍ତ କଲା। ୧୯୦୮ ଘଟଣାରେ ଅଧିକ ଓଜନିଆ ପିଣ୍ଡ ସଂପୃକ୍ତ ଥିଲା। ତେଣୁ ଏହାର ଭୟାବହତା ଅଧିକ ହେବା ସ୍ୱାଭାବିକ। କିନ୍ତୁ ପରବର୍ତ୍ତୀ ଘଟଣାଟିରେ ଗୋଟିଏ କ୍ଷୁଦ୍ର ଉଲ୍‌କାପିଣ୍ଡ ବିସ୍ଫୋରକ ଭାବେ କାର୍ଯ୍ୟ କଲା। ତେଣୁ ଲୋକେ ଭାବିଥିଲେ ଯେ, ଏଥିଯୋଗୁ କ୍ଷୟକ୍ଷତି ନଗଣ୍ୟ ହେବ। କିନ୍ତୁ ବାସ୍ତବରେ ଜଣାପଡ଼ିଲା, ସମ୍ଭାବନାଠାରୁ ଏହା ବହୁ ଗୁଣ ଅଧିକ ଭୟାନକ। ବିଶେଷ ଭାବେ ଜନବସତିରେ ଏହା ଭୂପତିତ ହେବାରୁ ଲୋକମାନଙ୍କୁ ସଚେତନ କରାଇଲା ଯେ, ଏହାକୁ ଅଣଦେଖା କରିବା ପ୍ରମାଦପୂର୍ଣ୍ଣ। ଏହା ଗୋଟିଏ ଚେତାବନୀ ପରି କାର୍ଯ୍ୟ କଲା। ବାସ୍ତବିକ ଛୋଟ ସାପର ବିଷ କମ୍ ଉତ୍କଟ ନୁହେଁ!

ଆଗରୁ ଚିନ୍ତା କରାଯାଉଥିଲା ଯେ, କୋଡ଼ିଏ ମିଟରର କମ୍ ଚଉଡା ଗ୍ରହାଣୁ ଛୋଟ ବୋଲି କମ୍ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହା ବସ୍ତୁତଃ ୫୦୦ କିଲୋଟନ ବିସ୍ଫୋରଣ ସହ ସମାନ, ଯାହା ହିରୋସୀମା ବୋମାଠାରୁ ତିରିଶ ଗୁଣ ଅଧିକ ଶକ୍ତିଶାଳୀ।

ତେଣୁ ବିଶ୍ୱସ୍ତରରେ ନାସା ପ୍ଲାନେଟର - ଡିଫେନ୍ସ ଏକସରସାଇଜ ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କଲା। ତତ୍‌ସହ ଏକସନ ଟିମ ଆନ ନିଏର ଆର୍ଥ ଅବଜେକ୍ଟସ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚିତ ହେଲା।

ଲୋକେ ହୃଦୟଙ୍ଗମ କଲେ ଯେ, ଅନ୍ତରୀକ୍ଷ ଏକ ଶାନ୍ତ ସ୍ଥାନ ନୁହେଁ। ଏହା ପ୍ରାକୃତିକ ଉପଦ୍ରବରୁ ମୁକ୍ତ ନୁହେଁ। ଘରର ଛାତକୁ ଶକ୍ତ ରଖିବାକୁ ଆମେ ଯେମିତି ଯତ୍ନଶୀଳ ହେବା, ସେମିତି ଆକାଶ ଛାତ ତଳେ ନିରାପଦରେ ରହିବାକୁ ଆନ୍ତର୍ଜାତିକ ସ୍ତରରେ ବିଜ୍ଞାନ ଓ ପ୍ରଯୁକ୍ତିର ଉପଯୋଗ ନିହାତି ଆବଶ୍ୟକ। ନଚେତ ହୁଗୁଳା ଭାବେ ଓହଳି ଥିବା ଫ୍ୟାନ ତଳେ ପବନ ଖାଇ ଘୁଙ୍ଗୁଡ଼ି ମାରି ଶୋଇଥିବା ବ୍ୟକ୍ତି ପରି ଆମେ ବିପର୍ଯ୍ୟୟକୁ ନିମନ୍ତ୍ରଣ କରିବା ସହ ଏହା ସମାନ ହେବ।

ମୋ: ୯୦୭୮୭୪୩୮୪୩

# ପରୀକ୍ଷା ଋତୁ ଓ କୁତୁକୁତୁ



**ଡ. କୁଳାଙ୍ଗାର**

ମଣିଷ ଜୀବନଟା ଗୋଟେ ପରୀକ୍ଷା। ସେ ପରୀକ୍ଷାରେ କିଏ ବହୁତ ପଢ଼ିଲା ପରେ ବାରମ୍ବାର ଫେଲ୍ ହେଉଥାଏ ତ ଆଉ କିଏ ଆଦୌ ନ ପଢ଼ି କପିକୁପା ନଚେତ ଧରାଧରି କରି ପାସ୍ ହୋଇଯାଉଛି। ତେବେ ପାଠପଢ଼ା ପରୀକ୍ଷାର ମଜା ଅଲଗା। ବର୍ଷସାରା ପଢ଼ିଥିବା ପାଠକୁ ଓଗାଳି ପକେଇବା ପାଇଁ ପରୀକ୍ଷା ହେଉଛି ମହାମଞ୍ଚ। ମାନେ ବର୍ଷସାରା ଯଦି ରିହର୍ସାଲ ମାନେ ଆଖଡା ହୋଇଛି, ତେବେ ପରୀକ୍ଷା ହେଉଛି ମଞ୍ଚ ଅଭିନୟ। ସେଇଟି ଜଣାପଡେ କିଏ କେତେ ପାରିବାର!

ପ୍ରତି କ୍ଲାସ୍‌ରେ ପରୀକ୍ଷା ହୁଏ। ତେବେ ପରୀକ୍ଷା ଭିତରେ ରଜା ହେଉଛି ଦଶମ ପରୀକ୍ଷା। ଯେଉଁ ପରୀକ୍ଷାରେ ଯେତେ ମାର୍କ ରଖିଥାଅ ପଛେ, ଦଶମ ବୋର୍ଡ ପରୀକ୍ଷାରେ କେତେ ମାର୍କ ରଖିପାରିଲ ସେଇଟା ହେଉଛି କାଳେ ବାହାଦୁରିର କଥା। ବହୁ ନାତିମାନଙ୍କର ଜେଜେମାନେ କହନ୍ତି - ମାଟ୍ରିକ ହେଉଛି ଘାଟି... ସେଇଟା ଡେଇଁପଡିଲେ ବାକି ଉଶ୍ୱାସ!!

ଆଗରୁ ବହୁଲୋକ ମାଟ୍ରିକ ଘାଟି ଡେଇଁବାରେ ବିଫଳ ହେବାରେ ହ୍ୟାଟ୍ରିକ କରିଛନ୍ତି। ଏବେ ସିନା ପରୀକ୍ଷକମାନେ ଆଉ ଜାକି ନ ହୋଇ ଏତେ ମାର୍କ ଦେଲେଣି। ଆଗରୁ କିନ୍ତୁ ପରୀକ୍ଷକମାନେ ନିକିତି ଧରି ଓଜନ କଲା ପରି ଉତ୍ତରକୁ ପ୍ରଶ୍ନ ସହିତ ତଉଲି କରି ମାର୍କ ଦେଉଥିଲେ। ସେଇ ଚାପ ଓ ଭୟ ଏତେ ଥିଲା ଯେ ତାହା ଏତେ କାଳଯାଏ ବିସ୍ତାରି ରହିଛି। ତେଣୁ ଦଶମ ପରୀକ୍ଷାରେ ପିଲାଏ ଯେତିକି ବ୍ୟସ୍ତ, ଅଭିଭାବକମାନେ ତା'ଠାରୁ ବହୁଗୁଣରେ ବ୍ୟସ୍ତ । କିଛି ପିଲା ପାଠ ପଢ଼ନ୍ତି ଆଉ କିଛି ପିଲା ଯୋଗାଡ଼ ଯନ୍ତ୍ରରେ ଲାଗିପଡନ୍ତି ପ୍ୟାଣ୍ଟ, ଶାର୍ଟ, ଅନ୍ତବସ୍ତ୍ର, ଜୋତା ମୋଜା ଭିତରେ କୋଉଠି କେମିତି କରି କପି ଦେବୀଙ୍କର କୃପାଲାଭ କରିହେବ। ଅଭିଭାବକ ଲାଗିପଡନ୍ତି କୋଉ ଶିକ୍ଷକ ନ ହେଲେ ପିଅନଙ୍କୁ ଟିକେ ପିଲାଟିକୁ ସାହାଯ୍ୟ କରିବାକୁ ସେଟିଂ କରିହେବ!

ବହୁ ପରୀକ୍ଷା କେନ୍ଦ୍ରକୁ ଯଦି ଆପଣ ଦେଖିବେ, ଲାଗିବ ଏଠି ପରୀକ୍ଷା ନୁହେଁ ତ ଗୋଟେ ଯୁଦ୍ଧ ଚାଲିଛି! ଭିତରେ ପରୀକ୍ଷା ହେଉଥିବ, ବାହାରେ ଅଭିଭାବକ ଗଦା ହୋଇଥିବେ, ପାଚେରି ଚାରିପଟେ ବୁଲୁଥିବେ, କୋଉପଟେ କେମିତି କରି ପ୍ରଶ୍ନଟାକୁ ପାଇଗଲେ ଉତ୍ତର ପଠେଇବା ବ୍ୟବସ୍ଥା କରିବାକୁ ଚେକି ରହିଥିବେ। ତେବେ ଏସବୁ ଯୋଗାଡ଼ିଆଙ୍କ ଭିତରୁ ଅଧାମୂର୍ଖ! ସେଇମାନେ ପରୀକ୍ଷାର୍ଥୀଙ୍କୁ ପଣ୍ଡିତ କରିବା ଉଦ୍ଦେଶ୍ୟରେ ଏଇ ଯେଉଁ କସରତ କରନ୍ତି ତାହାକୁ ପ୍ରତିହତ କରିବାକୁ ସରକାର ବାହାଦୁର ପୋଲିସ, ସିସିଟିଭି, ଏଆଇ ଜଗୁଆଳି ବ୍ୟବସ୍ଥା କରନ୍ତି । ମାନେ ପରୀକ୍ଷା ନୁହେ ତ ବ୍ୟବସ୍ଥା ଓ ଅଭିଭାବକଙ୍କ ମଧ୍ୟରେ ଯୁଦ୍ଧ!!

ପରିସ୍ଥିତି ଏମିତି ହେଲାଣି, ଯଦି କାହାର ପିଲା ଦଶମ ବୋର୍ଡ ପରୀକ୍ଷା ଦେଉଛି ତା ଘରକୁ ବନ୍ଧୁବାନ୍ଧବ ସାହାଯ୍ୟ କରିବାକୁ ଦୌଡୁଛନ୍ତି। ମାନେ ରାଜଦ୍ୱାରେ ଶ୍ମଶାନେ ଚ... ପରେ ପ୍ରକୃତ ବନ୍ଧୁ ସିଏ... ଆମ ଛୁଆର ପରୀକ୍ଷା କେନ୍ଦ୍ରର ପାଚେରି କଡରେ ଛିଡା ହୋଇଥାଏ ଯିଏ!

ବହୁତ ଅଭିଭାବକ ପିଲାର ପରିଶ୍ରମ, ପାଠପଢା ଓ ଶିକ୍ଷକଙ୍କ ଶିକ୍ଷାଦାନ ଉପରେ ଭରସା ନ କରି ଈଶ୍ୱରଙ୍କ ଉପରେ ନିର୍ଭର କରିଥାନ୍ତି। ମାନସିକ ନାମରେ ଈଶ୍ୱରଙ୍କୁ ଲାଞ୍ଚର ଲୋଭ ଦେଖାନ୍ତି। ମୋ ପୁଅ/ଝିଅ ପରୀକ୍ଷାରେ ଭଲକଲେ ତମକୁ ଏୟା ଦେବି, ସେୟା ଦେବି ବୋଲି କହନ୍ତି । ଈଶ୍ୱର ବିଚରା କ'ଣ କରନ୍ତେ, ସିଏ ତ ଭକତ ଭାବରେ ବନ୍ଧା, ତେଣୁ ସିଏ ପିଲାର ପାଠକୁ ଚାହିଁ ବ୍ୟବସ୍ଥା କରନ୍ତି! ସେପଟେ ପିଲା ପାଠ ନ ପଢିଥିବା କାରଣରୁ ଠିକ୍ ଉତ୍ତର ଲେଖି ନ ପାରି ଫେଲ ହେଲେ ମା'ବାପା ଈଶ୍ୱରଙ୍କୁ ଦୋଷ ଦେଇ କହନ୍ତି - ହେ ପ୍ରଭୁ ଏ କ'ଣ କଲ ?



ଈଶ୍ୱର ବିଶ୍ୱାସୀମାନେ କହନ୍ତି ଏ ଧରାରେ ଯାହା କିଛି ହେଉଛି ସବୁ ସେଇ ଈଶ୍ୱରଙ୍କ ଇଚ୍ଛାରେ! ଅତଏବ ଯେଉଁଠି ପିଲାଟି ପାଠଶାଠ ପଢି ନ ଥାଏ, ତା' ପାଇଁ କପିର ସୁବିଧା କରିଦିଅନ୍ତି! ପିଲାଏ ନାନା ଢଙ୍ଗରେ କପିଟିଏ ଯୋଗାଡ଼ କରି ଦେଲା ପରେ ବୁଝୁ ନ ବୁଝୁ ଟିପି ପକାନ୍ତି! ଏବେ ପୁଣି ବଡ଼ ଅଡୁଆ! ଏକାଧିକ ସେଟ୍ ପ୍ରଶ୍ନପତ୍ର ପ୍ରସ୍ତୁତ ହେଉଥିବା କାରଣରୁ ସାମ୍ନା ପିଲାଟି ଜାଗା ଲେଖିଛି ତା' ପଛ ପିଲାଟି ଯଦି ତାଠୁ ଦେଖି ଟିପି ଦେଲା କଥା ସରିଲା!

ଗୋଟିଏ ପିଲାର କ୍ରମିକ ସଂଖ୍ୟା ୧ର ପ୍ରଶ୍ନ ଥିଲା - ଯିଏ ଯୋଗ୍ୟ ନୁହେଁ ତାକୁ କ'ଣ କୁହନ୍ତି? ପିଲାଟି ତ ପାଠ ପଢିଥିଲା, ଲେଖିଲା - ଅଯୋଗ୍ୟ। ପଛରେ ବସିଥିବା ପିଲାଟି ସାମ୍ନା ପିଲାର ଖାତାକୁ କଣେଇକି ଚାହିଁଲା ଆଉ ସିଧା କ୍ରମିକ ସଂଖ୍ୟା ୧ର ଉତ୍ତରକୁ ଟିପି ଦେଲା - ଅଯୋଗ୍ୟ। ଅସଲରେ କିନ୍ତୁ ତା'ର ପ୍ରଶ୍ନସେଟ୍‌ଅଲଗା ଥିଲା ଏବଂ କ୍ରମିକ ସଂଖ୍ୟା ୧ର ପ୍ରଶ୍ନ ଥିଲା - ତୁମେ ବଡ଼ ହେଲେ କ'ଣ ହେବାକୁ ଚାହଁ?

ଉପରୋକ୍ତ ଘଟଣାରୁ ଏୟା ଅନୁମେୟ କି କପି କରିବା ମଧ୍ୟ ଏତେ ସହଜ ନୁହେଁ! ସେଥି ପାଇଁ ଦକ୍ଷତାର ଆବଶ୍ୟକତା ରହିଛି! ଖାଲି କପି କରିବାରେ ନୁହଁ, ଏବର ପିଲାଏ ମୁଣ୍ଡର ବୁଦ୍ଧିକୁ ଅଧିକ ଖଟେଇ ଉତ୍ତର ଲେଖିବାରେ ମଧ୍ୟ ଧୁରନ୍ଧର ଥାନ୍ତି। ଗୋଟିଏ ପିଲାର ଚିତ୍ରାଙ୍କନ ପରୀକ୍ଷାରେ ପ୍ରଶ୍ନ ଥିଲା - ବାଘ ଶିକାର କରିବାର ଦୃଶ୍ୟ ଅଙ୍କନ କର। ଏତେ କଷ୍ଟ ବିଷୟ ଦେଖି ପିଲାଟିର ମୁଣ୍ଡ ଘୂରିଗଲା, ସିଏ ବହୁ ଚେଷ୍ଟା ପରେ ବି ଚିତ୍ର ଆଙ୍କି ପାରିଲାନି। ଉପାୟ ପାଞ୍ଚି ଉତ୍ତର ଖାତାରେ ଚିତ୍ର ଆଙ୍କିବା ବଦଳରେ ଲେଖିଲା - ବାଘ ଆସିଥିଲା... ଶିକାର କଲା... ଆଉ ଡିଆଁ ମାରି ପଳେଇଲା....!!

ଆଉ ଜଣେ ପିଲାର ପରୀକ୍ଷାରେ ପ୍ରଶ୍ନ ଥିଲା - ଅଳସୁଆମି କାହାକୁ କହନ୍ତି? ଉଦାହରଣ ସହ ବୁଝାଇ ଲେଖନ୍ତୁ! ପିଲାଟି ଉତ୍ତର ଲେଖିଲା - ପ୍ରିୟ ପରୀକ୍ଷକ ମହାଶୟ.... ଜାଣି ଖୁସି ହେବେ କି ମୁଁ ନିଜେ ଅଳସୁଆମିର ପ୍ରକୃଷ୍ଟ ଉଦାହରଣ। ହେଇଟି ଦେଖନ୍ତୁ ଅଳସୁଆମି କରି ପାଠ ନ ପଢି ବର୍ଷସାରା କଟାଇ ଦେଇଥିବାରୁ ଏବେ ଉତ୍ତର ଖାତାରେ ଗୋଟିଏ ବି ପ୍ରଶ୍ନର ଉତ୍ତର ଲେଖିପାରୁନାହିଁ। ଆଶା ଆପଣ ମୋର ଦୁଃଖ ବୁଝି... ମାର୍କ ଦେବାରେ ଅଳସୁଆମି କରିବେ ନାହିଁ!!

ପରୀକ୍ଷାରେ ଲେଖି ଫେରିବା ପରେ ପ୍ରଶ୍ନ ଅଭିଭାବକଙ୍କ ହାତରେ... ପଚାରି ପକାନ୍ତି, ଏଥିରେ କ'ଣ ଲେଖିଲୁ, ସେଥିରେ କ'ଣ ଲେଖିଲୁ! ଟିକେ ଭୁଲ କହିଲେ ପିଲାକୁ ରାଗନ୍ତି, ମାରନ୍ତି। ଅଭିଭାବକମାନେ ପରୀକ୍ଷାକୁ ନେଇ ଏତେ ବ୍ୟସ୍ତ ଓ ବ୍ୟାକୁଳ ଯେ ଖବରକାଗଜ, ଟିଭି ପରୀକ୍ଷାର ସ୍ୱତନ୍ତ୍ର ପ୍ରକାଶନ ଓ ପ୍ରସାରଣ କରୁଛନ୍ତି। ପରୀକ୍ଷା ବେଳେ ଏୟା କରିବ, ସେୟା କରିବନି। ଏୟା ଖାଇବ ସେୟା ଖାଇବନି! ପିଲା ଯଦି ସେସବୁ ଦେଖିବ ପାଠଶାଠ ଭୁଲିଯିବ! ଏସବୁକୁ ସେଇ ଅଭିଭାବକ ହିଁ ଦେଖନ୍ତି ଆଉ ପିଲାକୁ ଟେନ୍ସନ ପକାନ୍ତି! ଶେଷକଥା ହେଲା, ସବୁ ଋତୁ ପରି ପରୀକ୍ଷା ଋତୁ ମଧ୍ୟ ଆସିବ ଓ ଯିବ, ମଣିଷ ଯେମିତି ଥିଲା ସେମିତି କୁତୁକୁତୁ ହେବ!!

ନରସିଂହପୁର, କଟକ
ମୋ: ୮୮୯୫୮୨୫୮୬୩

## ଏଇ ଭାରତରେ

ମହିଳା ସଶକ୍ତୀକରଣର ପ୍ରତୀକ ସାଜିଛନ୍ତି ବେଙ୍ଗାଲୁରୁର ଜାନ୍ସି ବି.ଭି.। ସେ ଏକାବେଳକେ ଜଣେ ମା', ଅଟୋଚାଳକ ଓ ପ୍ରଶିକ୍ଷକ ଭୂମିକା ନିର୍ବାହ କରୁଛନ୍ତି। ଜାନ୍ସିଙ୍କୁ ବୟସ ଏବେ ୩୩। ସେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରିବା ସହ ଅନ୍ୟ ମହିଳାଙ୍କୁ ମାଗଣାରେ ଡ୍ରାଇଭିଂ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି। ବେଙ୍ଗାଲୁରୁ ସହର ନିକଟରେ ବନେରଘାଟରେ ତାଙ୍କ ଜନ୍ମ। ୧୨ ବର୍ଷ ବୟସରେ ସେ ତାଙ୍କ ପିତାଙ୍କୁ ହରାଇ ପରେ ପରିବାର ଚଳାଇବା ଦାୟିତ୍ୱ ମା'ଙ୍କ ଉପରେ ରହିଥିଲା। ମା'ଙ୍କ ଦେହାନ୍ତ ପରେ ସେ ଖୁଡ଼ୀଙ୍କ ପାଖରେ ରହି ୧୦ ଶ୍ରେଣୀ ପାସ କରିଥିଲେ ଓ ଆର୍ଥିକ ଅଭାବ ତାଙ୍କୁ ଅଧିକ ପଢ଼ିବା ଲାଗି ସୁଯୋଗ ଦେଇ ନ ଥିଲା। ପରେ ୧୬ବର୍ଷ ବୟସରେ ଅନ୍ୟ ଘରେ କାମ କରି ମାସକୁ ୫,୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଥିଲେ। ୨୦୧୧ରେ ବିବାହ କରିଥିଲେ ଓ ତାଙ୍କ ସ୍ୱାମୀଙ୍କ ସହଯୋଗରେ ସେ ଅଟୋ ଡ୍ରାଇଭିଂ ପ୍ରଶିକ୍ଷଣ ନେଇଥିଲେ। ପରେ କମର୍ସିଆଲ ଡ୍ରାଇଭିଂ ଲାଇସେନ୍ସ ପାଇଥିଲେ। ଏବେ ସେ ଅଟୋ ଚଳାଇବା ଓ ପ୍ରଶିକ୍ଷଣ ଦେବାରେ ଦିନକୁ ୧୦-୧୨ ଘଣ୍ଟା ସମୟ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ମାର୍ଚ୍ଚ ୧୯୭୬**

- ଉଦୟପୁର ଅନ୍ତର୍ଗତ ଗୋବର୍ଦ୍ଧନ ବିକାଶ ବସ୍ତିରେ ବିସ୍ଫୋରଣ ଘଟି ୩ ମହିଳା ଓ ୪ ଶିଶୁଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ସାରଙ୍ଗୀ ବାଦକ ଓସ୍ତାଦ ଅବଦୁଲ ମଜିଦ ଖାଁଙ୍କ ୯୨ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଦେଖରେ ଦେଖ ବସନ୍ତ ବାଆ
ବିକଳେ କବି ଭ୍ରମଇ ଆହା
ତୁମରି ଚିର ଖେଳର ସାଥୀ
ନ ଲଭି କାହିଁ ଭରସା ସାହା ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପଦବୀ ପୂରଣ କରାଯାଉ

ମହାଶୟ,

ଓଡ଼ିଶା ରାଜ୍ୟର ପ୍ରଶାସନିକ ପ୍ରାଣକେନ୍ଦ୍ର ହେଉଛି ସଚିବାଳୟ ବା ବର୍ତ୍ତମାନର 'ଲୋକସେବା ଭବନ'। ରାଜ୍ୟ ସରକାରଙ୍କ ଫାଇଲ କାମ ଲାଗି ଲୋଡ଼ା ହୁଏ ଆବଶ୍ୟକ ସଂଖ୍ୟକ କର୍ମଚାରୀ। ଏଠାରେ ବହୁ ସଂଖ୍ୟାରେ ପଦବୀ ଖାଲିଥିବା ଜାଣିବା ପରେ ମର୍ମାହତ ହେଲି। ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନର ଉତ୍ତରରେ ସରକାର ସ୍ପଷ୍ଟ କରିଥିଲେ ଯେ, ଲୋକସେବା ଭବନରେ ଅଧିକାରୀଙ୍କ ଅଭାବ ଦେଖାଦେଇଛି। ସର୍ବମୋଟ ୮୨୭ ପଦବୀ ଖାଲିପଡ଼ିଛି। ଏକାବେଳକେ ଏତେ ସଂଖ୍ୟକ ପଦବୀ ଖାଲି ପଡ଼ିବା ଫଳରେ ସଚିବାଳୟରେ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହେଉଛି। ଏହା ସହିତ କାର୍ଯ୍ୟରତ ଅଧିକାରୀଙ୍କ ଉପରେ ମଧ୍ୟ ଅତ୍ୟଧିକ ଚାପ ପଡୁଛି। ରାଜ୍ୟରେ ବେକାରି ସମସ୍ୟା ଅତି ଉତ୍କଟ। ତେଣୁ ସରକାର ପ୍ରାଥମିକତା ଭିତ୍ତିରେ ଖାଲି ପଡ଼ିଥିବା ପଦବୀ ପୂରଣ କରନ୍ତୁ। ପଦବୀ ଶୀଘ୍ର ପୂରଣ ନ ହେଲେ ଲୋକସେବା ଭବନର ଗତିଶୀଳତା ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହାର ପ୍ରଭାବ ସିଧାସଳଖ ସାଧାରଣ ଲୋକଙ୍କ ଉପରେ ପଡ଼ିବ।

-ପ୍ରତାପ ନାୟକ, କଳିଙ୍ଗ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପର୍ଯ୍ୟଟକ ସୁବିଧା କେନ୍ଦ୍ର ହେବ ପାଠାଗାର

## ପ୍ରଶାସନର ନିଷ୍ପତ୍ତିକୁ ଗ୍ରାମବାସୀଙ୍କ ବିରୋଧ

**ଧାମନଗର, ୨୦।୩ (ଦେବେନ୍ଦ୍ର ଆଢ଼ିଆ)**

ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତର ଗୋହିରାଟିକିରି ପୀଠରେ ନିର୍ମିତ ପର୍ଯ୍ୟଟକ ସୁବିଧା କେନ୍ଦ୍ରକୁ ପ୍ରଶାସନ ପାଠାଗାର କରିବା ନିଷ୍ପତ୍ତିକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ଗୋହିରାଟିକିରିଠାରେ ପର୍ଯ୍ୟଟକ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଥିଲା। ତାହାକୁ ପାଠାଗାରରେ ରୂପାନ୍ତରିତ କରିବା ପାଇଁ ପ୍ରଶାସନ ପକ୍ଷରୁ କରାଯାଉଥିବା ପ୍ରୟାସକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ୨୦୧୬ ନଭେମ୍ବରରେ ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବା ପରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ୨୦୧୯ରେ ତତ୍କାଳୀନ ସରକାରଙ୍କ ସମୟରେ ଏକ ସୁବିଧା କେନ୍ଦ୍ର ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା। ୨୦୨୨ରେ ଏହାର ନିର୍ମାଣ ଶେଷ ହେବା ପରେ ଏହା କଲ୍ୟାଣ ମଣ୍ଡପ ଭାବେ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା। ବନ୍ୟା ପ୍ରଭାବିତ ଅନୁନ୍ନତ ଅଞ୍ଚଳରେ ସ୍ଥାନୀୟ ଲୋକେ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ପାଇଁ ଏହି ଗୃହ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିଥାନ୍ତି। ଭାଜପା ସରକାରକୁ ଆସିବା ପରେ ଗୋହିରାଟିକିରିର ବିକାଶ ପାଇଁ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଏଥିରେ ଅତ୍ୟାଧୁନିକ ପାଠାଗାର ମଧ୍ୟ ସାମିଲ ଅଛି। ଏଥିପାଇଁ ୨୦୨୫ ଜୁନ୍ ୨ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ହୋଇଥିଲା। ଗୁରୁବାର ଭଦ୍ରକ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ କାର୍ଯ୍ୟନିର୍ବାହୀ ସଂସ୍ଥା ଓ ଠିକାଦାରଙ୍କ ସହ ସେଠାରେ ପହଞ୍ଚି ପୁରୁଣା ପର୍ଯ୍ୟଟକ ସୁବିଧାକେନ୍ଦ୍ରକୁ ହିଁ ପାଠାଗାର କରିବାକୁ ଯୋଜନା କରିଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ଗ୍ରାମବାସୀ ଶରତ ରାଉତ, ପଦ୍ମନାଭ ରାଉତ, ମଣିଭଦ୍ର ବିଶ୍ୱାଳ, ସଞ୍ଜୟ ପ୍ରଧାନ, ପୀତାମ୍ବର ବିଶ୍ୱାଳ ପ୍ରମୁଖ ବିରୋଧ କରିଛନ୍ତି। ନୂଆ ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଅର୍ଥ ମଞ୍ଜୁର ହୋଇଥିବା ବେଳେ ପୁରୁଣା ପ୍ରକଳ୍ପକୁ କାହିଁକି ରୂପାନ୍ତରିତ କରାଯାଉଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଗୋହିରାଟିକିରିଠାରେ ବହୁ ଜାଗା ରହିଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ବ୍ୟବହୃତ ପୁରୁଣା କଲ୍ୟାଣ ମଣ୍ଡପକୁ କାହିଁକି ରୂପାନ୍ତରିତ କରିବାକୁ ଯୋଜନା ହେଉଛି ବୋଲି ପ୍ରଶ୍ନ ଉଠିଛି। ଏହି କଲ୍ୟାଣ ମଣ୍ଡପଟି ଗାଁର ଗରିବ ଲୋକଙ୍କ ପାଇଁ ବର୍ଷାଦିନେ ସାମାଜିକ କାର୍ଯ୍ୟର ଏକମାତ୍ର ମାଧ୍ୟମ। ଏହାକୁ ପାଠାଗାର କରାଗଲେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ବୀରଗାଥା ବହନ କରୁଥିବା ଏହି ପୀଠକୁ 'ଓଡ଼ିଶାର ହଳଦୀଘାଟ' କୁହାଯାଏ। ପୌରାଣିକ ମାନ୍ୟତା ଓ ମାଳିକା ବଚନର ଅର୍ଜୁନ ଗଛ ପାଇଁ ଏଠାକୁ ଦୈନିକ ଶତାଧିକ ପର୍ଯ୍ୟଟକ ଆସିଥାନ୍ତି। ଏଭଳି ଏକ ସ୍ଥାନରେ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ନ ରଖି କରାଯାଉଥିବା ପ୍ରଶାସନିକ ନିଷ୍ପତ୍ତିକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭଦ୍ରକ ଜିଲାପାଳ ଘଟଣାସ୍ଥଳ ପରିଦର୍ଶନ କରି ସାଧାରଣ ଲୋକଙ୍କ ମତ ନେଇ କାର୍ଯ୍ୟ କରିବାକୁ ଧାମନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତଥା ସ୍ଥାନୀୟ ବାସିନ୍ଦା ଜଗବନ୍ଧୁ ପ୍ରଧାନ ଅନୁରୋଧ କରିଛନ୍ତି।

# ୧୧ ବର୍ଷରୁ କମ୍ ରୋଲ୍‌ବଲ୍ ପ୍ରତିଯୋଗିତାରେ ସାରାଂଶ

**ଭଦ୍ରକ,୨୦।୩(ସନାତନ ରାଉତ)**


ସାରାଂଶ ପଣ୍ଡା।

ଭୁବନେଶ୍ୱରଠାରେ ଶନିବାର ଠାରୁ ଆରମ୍ଭ ହେବାକୁ ଥିବା ଜାତୀୟସ୍ତରୀୟ ପୂର୍ବାଞ୍ଚଳ(୧୧ ବର୍ଷରୁ କମ୍) ରୋଲ୍‌ବଲ୍ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଟିମ୍‌ର ୧୨ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଏହି ଦଳରେ ଭଦ୍ରକ ଜିଲାରୁ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ସାରାଂଶ ପଣ୍ଡା ସ୍ଥାନ ପାଇଛନ୍ତି। ସାରାଂଶ ଭଦ୍ରକ ପୌରପାଳିକା କୁଆଁସ ଗ୍ରାମର ଡା. ଭାଗ୍ୟଶ୍ରୀ ପଣ୍ଡା ଓ ଡା. ଧନଞ୍ଜୟ ପଣ୍ଡାଙ୍କ ପୁଅ। ଜିଲା ରୋଲ୍‌ବଲ୍ ସଂଘର ସମ୍ପାଦକ ମନୋଜ କୁମାର ସାହୁ, ସଭାପତି ଗୌରହରି ମଣ୍ଡଳ, ଉପସଭାପତି ଶିବାଶିଷ ଦୀକ୍ଷିତ, କୋଷାଧ୍ୟକ୍ଷ ପବିତ୍ର ମୋହନ ଖିଲାର, ସହସମ୍ପାଦକ ବି. ପୀତାମ୍ବର ରେଡ୍ଡୀ, ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା ଓ ଚେୟାରମ୍ୟାନ ଦେବାଶିଷ ଦିକ୍ଷୀତ ଏହି ସଫଳତା ପାଇଁ ସାରାଂଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଏହି ସଫଳତା ପଛରେ ମା' ବାପା, ଜେଜେ, ଅଜା ଓ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କ ପ୍ରେରଣା ରହିଛି ବୋଲି ସାରାଂଶ କହିଛନ୍ତି।

# ଗୋଷ୍ଠୀ କୃଷକ ପରାମର୍ଶଦାତା ମଣ୍ଡଳୀ ବୈଠକ

**ତିହିଡ଼ି,୨୦।୩(ସଞ୍ଜିତ ବଳ)**

ତିହିଡ଼ି ବ୍ଲକ କାର୍ଯ୍ୟାଳୟସ୍ଥିତ କୃଷି ସୂଚନା ପରାମର୍ଶ କେନ୍ଦ୍ରରେ ଗୁରୁବାର ଗୋଷ୍ଠୀ କୃଷକ ପରାମର୍ଶଦାତା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ କୃଷି ବୈଷୟିକ ଓ ପରିଚାଳନା ସଂସ୍ଥା (ଆତ୍ମା)ର ନୂତନ ଅଧ୍ୟକ୍ଷ ଭାବେ ମୁକୁନ୍ଦପୁର ପଞ୍ଚାୟତର ସମିତିସଭ୍ୟ ଶୁକଦେବ ମଲିକ ମନୋନୀତ ହୋଇଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ରଙ୍କ ପ୍ରସ୍ତାବ ଓ ଶିକ୍ଷାବିତ୍ ଡ. ଅମୂଲ୍ୟ କୁମାର ସେନାପତିଙ୍କ ସମ୍ମତି ପରେ ଏହା ଗୃହୀତ ହୋଇଥିଲା। ପରେ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ କରାଯାଇଥିଲା। ବିଭିନ୍ନ ସରକାରୀ ଯୋଜନାରେ ଚାଷୀମାନେ କିପରି ଉପକୃତ ହୋଇପାରିବେ, ସେ ଦିଗରେ ଉଦ୍ୟମ କରିବେ ବୋଲି ନୂତନ ଅଧ୍ୟକ୍ଷ ମଲିକ କହିଥିଲେ। ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଡିଓ ନିରଞ୍ଜନ ବାରିକ ଯୋଗଦେଇ ଆତ୍ମାକୁ ନେଇ ଗଠିତ କମିଟି ସୁଚାରୁରୂପେ କାର୍ଯ୍ୟ କରିବ ବୋଲି ଆଶାପୋଷଣ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଆତ୍ମାର ପୂର୍ବତନ ଅଧ୍ୟକ୍ଷ ଉତ୍ତମ ମହାପାତ୍ର, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା, ଉଦ୍ୟାନ ବିଭାଗ ବ୍ଲକ ଅଧିକାରିଣୀ ନୀହାରିକା ନାୟକ, ବ୍ଲକ ମତ୍ସ୍ୟ ଅଧିକାରୀ ହିମାଦ୍ରୀ ଭୂଷଣ ପଣ୍ଡା, ଜୀବିକା ମିଶନ ପ୍ରକଳ୍ପ ପରିଚାଳିକା ରଶ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଗୋଷ୍ଠୀ ବୈଷୟିକ ପରିଚାଳକ ରଞ୍ଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମତ୍ସ୍ୟ ବିଭାଗର ସଙ୍ଗୀତା ପତିଙ୍କ ସମେତ ରୀନାରାଣୀ ସ୍ୱାଇଁ, ରାଜଶ୍ରୀ ନାୟକ, ସୁମତୀଲତା ପଣ୍ଡା, ରାଜକିଶୋର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନୁରାଗ ନାୟକ, ବିଦ୍ୟୁତ କୁମାର ସାହୁ, ଗିରିଜା ଶଙ୍କର ରାୟ ଚୌଧୁରୀ ପ୍ରମୁଖ କୃଷି କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ତିହିଡ଼ି


ଶ୍ରୀରାମ ନବମୀ ସମିତି ପକ୍ଷରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

**ତିହିଡ଼ି,୨୦।୩(ସଞ୍ଜିତ ବଳ)**

ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ଶୁକ୍ରବାର ଅପରାହ୍ନ ୫ଟାରେ ତିହିଡ଼ିରେ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜୟ ଶ୍ରୀରାମ ଧ୍ୱନିରେ ତିହିଡ଼ି ବଜାର ପ୍ରକମ୍ପିତ ହୋଇଥିଲା। ତିହିଡ଼ି କଲେଜ ଛକ ନିକଟରୁ ଶୋଭାଯାତ୍ରା ଆରମ୍ଭ ହୋଇ ବଜାର ପରିକ୍ରମା କରିବା ପରେ ରାଣୀପୁରସ୍ଥିତ ତାରିଣୀ ମନ୍ଦିର ନିକଟରେ ଶେଷ ହୋଇଥିଲା। ସମିତି ସଭାପତି କିଶୋର ନାୟକ, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ର ନାରାୟଣ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ପି. ହୃଷୀକେଶ, ରଘୁନାଥ ପାତ୍ର, ବିଶ୍ୱଜିତ ବେହେରା, କେଶବ ବେହେରା, ଭରତ ଚନ୍ଦ୍ର ସାହୁ, ରଘୁନାଥ ମଲିକ, ଜୟପ୍ରକାଶ ବେହେରା, ରତିକାନ୍ତ ଦାସ, ତପୁନ ପାଣି, ଗଣେଶ କର, ରାଜକିଶୋର ନାୟକ, ମନୋଜ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା। ଶ୍ରୀରାମ ମନ୍ଦିର ନିକଟରେ ସକାଳେ ଗୁଆମଙ୍ଗୁଳା କାର୍ଯ୍ୟକ୍ରମ ହୋଇଥିଲା। ମା' ତାରିଣୀଙ୍କ ପୀଠରେ ଶୋଭାଯାତ୍ରା ପହଞ୍ଚିବା ପରେ ଶ୍ରୀରାମ ନବମୀ ସମିତି ପକ୍ଷରୁ ମା'ଙ୍କୁ ଗୁଆ ଦିଆଯାଇ ନିମନ୍ତ୍ରଣ କରାଯାଇଛି।

# ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ

**ଭଦ୍ରକ,୨୦।୩(ସନାତନ ରାଉତ)**

ଭଦ୍ରକ ନଗରରେ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ଗୁରୁବାର ଭଦ୍ରକ ବାଇପାସ୍‌ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପଡ଼ିଆରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ସନ୍ଧ୍ୟା ୭ଟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଲିପୁ ରଞ୍ଜନ ଦାସ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିକ୍ରମ କେଶରୀ ମହାପାତ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନଗର କାର୍ଯ୍ୟବାହ ରତିକାନ୍ତ ଆଚାର୍ଯ୍ୟ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୌଦ୍ଧିକ ପ୍ରମୁଖ ଶିବବ୍ରତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମଳୟ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସଂଘ ଚାଳକ ପବିତ୍ର ମୋହନ ପଟ୍ଟନାୟକ, ଜିଲା କାର୍ଯ୍ୟବାହ ରଶ୍ମିରଞ୍ଜନ ରାଉତ, ସଞ୍ଜୟ ବାରିକ, ସୁଦର୍ଶନ ଲାହା, ହିତେଶ ମହାନ୍ତି, ଧର୍ମେନ୍ଦ୍ର ଦାସ, ହିନ୍ଦୁ ଜାଗରଣ ମଞ୍ଚର ପ୍ରାନ୍ତ କାର୍ଯ୍ୟକର୍ତ୍ତା ପ୍ରେମାନନ୍ଦ ବେହେରା, ବିଭୁ ଚନ୍ଦନ ଜେନା, ଜିଲା କାର୍ଯ୍ୟକର୍ତ୍ତା ବିଜୟ ଜେନା, ସଞ୍ଜୟ ଦାସ, ମନୋରଞ୍ଜନ ନାୟକ, ପ୍ରଧାନଆଚାର୍ଯ୍ୟ ରାଜକିଶୋର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା ସଶକ୍ତୀକରଣ ସଚେତନତା



ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟରେ ସଚେତନତା ଶୋଭାଯାତ୍ରା।

**ବନ୍ତ,୨୦।୩(କିଶୋର କୁମାର ସେଠୀ)**

ସମାଜରେ ନାରୀଙ୍କ ଭୂମିକା ଓ ଅଧିକାରକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ମହିଳା ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଯୁକ୍ତ ୩ କଳା ଓ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ପରେ କଲେଜ ପରିସରରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ ରଘୁନାଥ ପୃଷ୍ଟି, ରତିକାନ୍ତ ଜେନା, କଲ୍ୟାଣ କୁମାର ରାଉତ, କୀର୍ତ୍ତନ ନାୟକ, ପ୍ରକାଶ ଦେବତା ଓ ଅଧ୍ୟାପିକା ଶୁଭଶ୍ରୀ ଖୁଣ୍ଟିଆ ମହିଳା ସଶକ୍ତୀକରଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ରାଜେଶ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ଅଧ୍ୟାପକ ହିମାଂଶୁ ମଲ୍ଲିକ, ଅଧ୍ୟାପିକା ସରିତା ଲେଙ୍କା ଓ ସଙ୍ଗୀତା ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। ଯୁକ୍ତ ୩ ପ୍ରଥମ ବର୍ଷର ବିଜ୍ଞାନ ଛାତ୍ରୀ ଶୁଭସ୍ମିତା ମହାକୁଡ଼ ପ୍ରଥମ, ତୃତୀୟ ବର୍ଷ ବିଜ୍ଞାନ ଛାତ୍ର ବିଭୂତି ମହାଲିକ ଦ୍ୱିତୀୟ ଓ ପ୍ରଥମ ବର୍ଷ କଳା ଛାତ୍ରୀ ବିଶ୍ୱବନ୍ଦିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# 'ଖବରଦାତା ନିର୍ଭୀକ ଖବର ପରିବେଷଣ କରନ୍ତୁ'

**ବାସୁଦେବପୁର,୨୦।୩(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ)**


ଆମ ସାମ୍ବାଦିକ ସଂଘର ବାର୍ଷିକୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାସୁଦେବପୁର ପୌରାଞ୍ଚଳ ନୀଳମଣି ଟାଉନ ହଲ୍‌ରେ ଗୁରୁବାର ସନ୍ଧ୍ୟାରେ ଆମ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ମୁଖ୍ୟବକ୍ତା ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ, ଅନ୍ୟତମ ଅତିଥି ଭାବେ ପୌରାଧ୍ୟକ୍ଷା ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ରାଜ୍ୟ ସାମ୍ବାଦିକ ସଂଘର ସଭାପତି କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ହେଉଛନ୍ତି ସମାଜର ଦର୍ପଣ ଓ ଜାଗ୍ରତ ପ୍ରହରୀ। ଖବରଦାତାମାନେ ନିର୍ଭୀକତ୍ୱର ସହ ଖବର ପ୍ରସାରଣ କରିବା ପାଇଁ ପୂର୍ବତନ ବିଧାୟକ ରାଉତରାୟ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ସଙ୍ଗୀତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବେତଡ଼ାର ବିଭିନ୍ନ ଲକ୍ଷ୍ମୀପୂଜା କମିଟି, ବାସୁଦେବପୁରର ସମସ୍ତ କାଳୀପୂଜା କମିଟି, ବାସୁଦେବପୁର ନବନିର୍ମାଣ ସେନାର କର୍ମକର୍ତ୍ତା, ଖବରକାଗଜ ବିକ୍ରେତା ସୁବାସ ଚନ୍ଦ୍ର ଦଳେଇ, ୨ ରାଜମିସ୍ତ୍ରୀ, ଖବରଦାତା ଅଭୟ କୁମାର ପତି, ଅଭୟ କୁମାର ପତ୍ରୀ ଓ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋର କୁମାର ମହାପାତ୍ର ସଭାରେ ସଭାପତିତ୍ୱ କରିଥିବା ବେଳେ ରମାକାନ୍ତ ଡାଙ୍ଗୁଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ଆଜି ପାଳନ ହେବ ଇଦ୍-ଉଲ୍-ଫିତର

**ଭଦ୍ରକ,୨୦।୩ (ସନାତନ ରାଉତ)**

ଇଦ୍-ଉଲ୍-ଫିତର ଶନିବାର ପାଳନ ହେବ ବୋଲି ଭଦ୍ରକ ମୁସ୍‌ଲିମ୍ ଜମାତ ହଲାଲ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଶୁକ୍ରବାର ପୁରୁଣାବଜାରସ୍ଥିତ ମଦିନା ମଇଦାନ ପ୍ରାଙ୍ଗଣରେ କମିଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର କୌଣସି ଜାଗାରେ ଚନ୍ଦ୍ର ଦୃଶ୍ୟମାନ ହୋଇ ନ ଥିବାରୁ ରମଜାନ ମାସର ୩୦ ରୋଜା (ଉପବାସ) ରଖିବେ। ୩୦ ତରାୱୀ ନମାଜ ପଢ଼ିବେ ଏବଂ ଇଦ୍-ଉଲ୍-ଫିତରର ନମାଜପାଠ ଶନିବାର ଭଦ୍ରକ ସହ ସମଗ୍ର ଭାରତ ବର୍ଷରେ ହେବ। ଭଦ୍ରକ ଜାମା ମସ୍‌ଜିଦ୍‌ରେ ସକାଳ ୯ଟା ୧୫ ଏବଂ ଇଦ୍‌ଗାରେ ସକାଳ ୯ଟା ୩୦ରେ ନମାଜ ପାଠ ହେବ ବୋଲି କମିଟି ଘୋଷଣା କରିଛି। ମୁସ୍‌ଲିମ୍ ଜମାତ ଉପସଭାପତି ଶେଖ୍ ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ, ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ୍, ହାଜୀ କୈୟୁମ ସାହା, ଇଂ. ହବିବୁଲ୍ଲା ଖାନ୍, ଅସରଫ୍ ଅଲି ଖାନ୍, ଅଖତର ଅଲି ଖାନ୍, ମିର୍ଜା ଏକ୍ରାମ ବେଗ, ମୁସ୍ତାକ ଗୌହର, ମିଡିଆ ସେଲ୍ ସଂଯୋଜକ ଶେଖ୍ ଅନୱର, ଶେଖ୍ ଇମତିଆଜଙ୍କ ସମେତ ସମସ୍ତ ମସ୍‌ଜିଦ୍‌ର ମୌଲାନା ବୈଠକରେ ଉପସ୍ଥିତ ଥିଲେ।

# ପୂର୍ବତନ ସୈନିକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଭଣ୍ଡାରିପୋଖରୀ,୨୦।୩ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ପଞ୍ଚାୟତ ଧୂଳିଗଡ଼ିଆ ଗ୍ରାମର ପୂର୍ବତନ ସୈନିକ ସ୍ୱର୍ଗତ ଧରଣୀଧର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଶୁକ୍ରବାର ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୟାଧର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାଜପା ନେତା ସୁଧାଂଶୁ ଶେଖର ନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ସମିତିସଭ୍ୟ ପ୍ରତାପ ଦ୍ୱିବେଦୀ, ସାମାଜିକ କର୍ମୀ ଶଶିକାନ୍ତ ଜେନା, ମଣ୍ଡଳ ସାଧାରଣ ସମ୍ପାଦକ ବୈଦ୍ୟନାଥ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସୈନିକଙ୍କ ସ୍ମୃତିଚାରଣ କରିଥିଲେ। ଦେଶରକ୍ଷା ପ୍ରତି ଧରଣୀଧରଙ୍କ ସମର୍ପଣ ଭାବ ସମ୍ପର୍କରେ ସେମାନେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଞ୍ଜୟ ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଦ୍ରକ ସାହିତ୍ୟ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ସମାରୋହର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥିମାନେ।

**ଭଦ୍ରକ,୨୦।୩(ରବିନାରାୟଣ ଖିଲାର)**

ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଯୋଜନାରେ ଭଦ୍ରକ ସାହିତ୍ୟ ପରିଷଦର ଦୁଇଦିନିଆ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଧାରାଣୀ ମହାପାତ୍ରଙ୍କ ପୌରୋହିତ୍ୟରେ ଶୁକ୍ରବାର ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନକୁ ଝରଣା ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଲୋଚକ ବୈଷ୍ଣବ ସାମଲ ଯୋଗଦେଇ ଓଡ଼ିଆ ସାହିତ୍ୟର ଦିଗ ଦିଗନ୍ତ ବିଷୟରେ ଆଲୋକପାତ କରିଥିବା ବେଳେ ଡ.ଶଶଧର ଦାସ ଉପନ୍ୟାସ ଜଗତକୁ ଭଦ୍ରକର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡ଼ଙ୍ଗୀ ସାହିତ୍ୟରେ ସଂଗଠନର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ କବୟିତ୍ରୀ ଡ. ଅର୍ଚ୍ଚନା ନାୟକଙ୍କୁ ଭଦ୍ରକ ସାହିତ୍ୟ ପରିଷଦ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କୁ ରାଖାଲ ଦାସ ସ୍ମୃତି ସମ୍ମାନ, ଡ. ମନୀନ୍ଦ୍ର ମହାନ୍ତିଙ୍କୁ ମୁକୁନ୍ଦ ପ୍ରସାଦ ମହାନ୍ତି ସ୍ମୃତି ସମ୍ମାନ, ବାସୁଦେବ ବାରିକଙ୍କୁ ନାରାୟଣ ପ୍ରସାଦ ସ୍ମୃତି ସମ୍ମାନ, ପ୍ରାକ୍ତନ ସମ୍ପାଦକ ଜନ୍ମେଜୟ ଦ୍ୱିବେଦୀଙ୍କୁ ଭଦ୍ରକ ସାହିତ୍ୟ ପରିଷଦ ସମ୍ପାଦକ ସମ୍ମାନ, ନାଟ୍ୟଶ୍ରୀ ନିର୍ମଳ ରାଉତ ଓ ଶ୍ରୀମତୀ ବସନ୍ତ ମିଶ୍ରଙ୍କୁ ସାହିତ୍ୟ ପରିଷଦକୁ ଅମୂଲ୍ୟ ଅବଦାନ ନିମିତ୍ତ ସମ୍ମାନିତ କରାଯାଇଛି। ଡ.ବ୍ରଜମୋହନ ମିଶ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଡ. ସୁକାନ୍ତି ମହାପାତ୍ର ଅତିଥି ପରିଚୟ ଦେଇଥିଲେ।

ଅପରାହ୍ନରେ ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କ ପୌରୋହିତ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ହୃଦାନନ୍ଦ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ କବିତା ପାଠ ଶୁଭାରମ୍ଭ କରିଥିଲେ। ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ମୁଖ୍ୟବକ୍ତା, ଉମାକାନ୍ତ ରାଉତ ଓ ଅଧ୍ୟକ୍ଷ ନୀହାର ରଞ୍ଜନ କର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସଂଯୁକ୍ତା ବଳ ନାୟକ, ମନୋରମା ରାୟ, ମମତା ସାହୁ ଓ ଉଷାରାଣୀ ଜେନା କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ଭଦ୍ରକ ଜିଲାର ପ୍ରତି ବ୍ଲକରୁ ଶତାଧିକ କବି ଏଥିରେ କବିତା ପାଠ କରି ସମ୍ବର୍ଦ୍ଧିତ ହୋଇଥିଲେ। କବି ବିଜୟ କୁମାର ବହଳି, କିଶୋର ପାଣିଗ୍ରାହୀ, ରତିକାନ୍ତ ବେହେରା, ଗୌତମ ମହାରଣା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବ

**ଆଗରପଡ଼ା,୨୦।୩(ସୁଶାନ୍ତ ଦାସ)**



ମହୋତ୍ସବର ପ୍ରଥମ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ନାମରେ ଦୀର୍ଘ ୧୩ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବନ୍ତ ବ୍ଲକ ଆଗରପଡ଼ାର ହେମପଦ୍ମ ଗାଲାକ୍ସିରେ ମହୋତ୍ସବ କମିଟିର ସଭାପତି ଆଇନଜୀବୀ ମନୋଜ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ ଯୋଗଦେଇ ମହୋତ୍ସବ ଖୁସି ବାଣ୍ଟିବା ସହ ଓଡ଼ିଶା ଇତିହାସ ବାବଦରେ ଆଲୋଚନାର ସୁଯୋଗ ଦେଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ବିଡିଓ ସୀତାକାନ୍ତ ରାଉତ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଶଶିକୁମାର ସାହୁ, ହସ୍ତଶିଳ୍ପ ସହ-ଅଧିକାରୀ ପ୍ରକାଶ ମିଶ୍ର, ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ସଭାପତି କୈଳାସ ଚନ୍ଦ୍ର ଧଳ, ସୁବୋଧ ସାହୁ, ନାରାୟଣ ଚନ୍ଦ୍ର ଲେଙ୍କା, ବୃନ୍ଦାବନ ମିଶ୍ର, ଉପସଭାପତି ଅବିନାଶ ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଆକର୍ଷଣ ଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ଜିନା ସାମଲଙ୍କ ସଂଳାପ, ସଙ୍ଗୀତ ସାଙ୍ଗକୁ ହାସ୍ୟ ଅଭିନେତା ସୁମନଙ୍କ କମେଡ଼ି ଦର୍ଶକଙ୍କ ମନୋରଞ୍ଜନ କରିଥିଲା। କମିଟିର ସମ୍ପାଦକ ହେମନ୍ତ ସିଂହ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେଇଥିଲେ। ସହସମ୍ପାଦକ ଗଦାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରତ୍ନାକର ନାୟକ, ଗୋଲକ ପୃଷ୍ଟି, ପଦ୍ମନାଭ ସେଠୀ, ମାମୁନି ସିଂହ, ଅଲେଖ ଚନ୍ଦ୍ର ବେହେରା, ରଞ୍ଜନ ଦାସ, ସନ୍ତୋଷ ମହାନ୍ତି, ନୀହାର ରଞ୍ଜନ ସାହୁ, ଶ୍ୟାମସୁନ୍ଦର ଦାସ, କରନ କୁମାର ଯେନା, ମାମାଲି ପତି, ନମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗାଡ଼ିଆରେ ପଡ଼ି ଯୁବକଙ୍କ ମୃତ୍ୟୁ

ବଡଳା,୨୦।୩(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଇଛୋଳ ଗ୍ରାମର ପ୍ରଶାନ୍ତ ପାତ୍ର(୪୨) ଗାଡ଼ିଆରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ପ୍ରଶାନ୍ତ ଗୁରୁବାର ରାତିରେ ଗାଁରେ ହେଉଥିବା ଯାତ୍ରା ଦେଖି ଶୁକ୍ରବାର ସକାଳୁ କେନାଲ ବନ୍ଧ ପାଖରେ ଥିବା ଗାଡ଼ିଆକୁ ଶୌଚ ହେବାକୁ ଯାଇଥିଲେ। ଅସାବଧାନତାବସତଃ ମୁହଁମାଡ଼ି ପଡ଼ିଯାଇଥିଲେ। ସାଙ୍ଗରେ ଯାଇଥିବା ସାନ ପୁଅ ଘରକୁ ଆସି କହିଥିଲେ। ପରିବାର ଓ ଗାଁ ଲୋକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ନନ୍ଦିପଦା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାକୁ ନେଇ ନନ୍ଦିପଦା ଥାନରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବିଧାୟକ ଅଭିମନ୍ୟୁ ସେଠୀ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଦେଶୀ ମଦ ଜବତ, ୩ ଗିରଫ

ଆନନ୍ଦପୁର,୨୦।୩(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ନନ୍ଦିପଦା ଥାନା ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ାଉ କରି ବିପୁଳ ପରିମାଣରୁ ଦେଶୀ ମଦ ଜବତ କରିଛି। ବେଆଇନ ନିଶା କାରବାର ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। କେନ୍ଦୁଝର ଅବକାରୀ ଅଧିକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ, ହାଟଡ଼ିହୀ ଅବକାରୀ ଥାନା ଷ୍ଟାଫ୍‌ଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ନନ୍ଦିପଦା ଥାନା ଅନ୍ତର୍ଗତ ଅଙ୍କରା, ପୁରୁଣା ପାଣି, ଅନ୍ଧାରୀ, ମରୈଗା ଅଞ୍ଚଳରେ ଚଢ଼ାଉ କରିଥିଲା। ୧୯୦ ଲିଟର ଦେଶୀ ରନ୍ଧା ମଦ ଓ ୨୭୦୦ ଲିଟର ମହୁଲ ପୋଚ ଜବତ କରିବା ସହ ଗ୍ରାମର ଗଣେଶ ହୋ, ଖଣ୍ଡା ହୋ ଓ ଦୀପକ କୁମାର ସାହୁଙ୍କୁ ଗିରଫ କରିଛି। ପୃଥକ ୪ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି।

### ଶ୍ରୀ ରାମନବମୀ ପୂଜା ପ୍ରସ୍ତୁତି

ବଞ୍ଚୋ,୨୦।୩(ପ୍ରଦୋଷ କୁମାର ବିଶ୍ୱାଳ): ଶ୍ରୀ ରାମନବମୀ ପୂଜା ଅବସରରେ ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ବଞ୍ଚୋ ଗ୍ରାମରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଆୟୋଜିତ ହୋଇଥିଲା। ଚଳିତ ବର୍ଷ ଆସନ୍ତା ୨୭ ତାରିଖରେ ଶ୍ରୀ ରାମନବମୀ ପୂଜା ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ପୂଜା ଅବସରରେ ଭଜନ ସନ୍ଧ୍ୟା, ଆନନ୍ଦ ବଜାର ଓ ଗ୍ରାମବାସୀଙ୍କ ସହଯୋଗରେ ଯାତ୍ରା ଅନୁଷ୍ଠାନ ଆୟୋଜନ କରାଯିବ। ବୈଠକରେ ମାର୍କଣ୍ଡ ଓଝା, ରତିକାନ୍ତ ରାଉତ, ବିମଳ କିଶୋର ଜେନା ଓ ରାଧାଗୋବିନ୍ଦ ଦାଶ ସହିତ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଚୋରାଚାଲାଣ ରୋକିବାକୁ ନିୟମିତ ଯାଞ୍ଚ ନିର୍ଦ୍ଦେଶ

## ଲଘୁ ଖଣିଜ ଦ୍ରବ୍ୟ ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ

କେନ୍ଦୁଝର,୨୦।୩
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଜିଲାପାଳଙ୍କ ମିନି କନ୍‌ଫରେନ୍ସ ହଲରେ ଲଘୁ ଖଣିଜ ଦ୍ରବ୍ୟ ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ରୋକିବାକୁ ନିୟମିତ ଯାଞ୍ଚ କରିବାକୁ ଜିଲାପାଳ ବିଶାଲ ସିଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଯେ, ବାଲି ଓ ପଥର ଚୋରା ଚାଲାଣ ଯୋଗୁ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ହେଉଛି। ବିଭିନ୍ନ ସୌରାତକୁ ବାଲି ଚୋରି ହେଉଥିବାରୁ ନିୟମିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଦ୍ୱାରା ଯାଞ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ସହାୟତାରେ ଲଘୁ ଖଣିଜ ବିଭାଗ ଜାତୀୟ ରାଜପଥ ଏବଂ ବିଭିନ୍ନ ରାସ୍ତାରେ ଯାଞ୍ଚ କରି



ବୈଠକରେ ଉପସ୍ଥିତ ଜିଲାପାଳ ଓ ବିଭିନ୍ନ ବିଭାଗର ଅଧିକାରୀମାନେ।

ଚୋରା ଚାଲାଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ କହିଛନ୍ତି। କେନ୍ଦୁଝରରେ ୧୬ ବାଲି ଏବଂ ୧୯ଟି ପଥର ଖାଦାନକୁ ଲିଜ୍ ଦିଆଯାଇଛି। କେତେକ ବାଲି ଓ ପଥର ଖାଦାନ ଅନୁମତିଠାରୁ ଅଧିକ ଉତ୍ତୋଳନ କରୁଛନ୍ତି କି ନାହିଁ ତାହାର ଯାଞ୍ଚ କରି ପଦକ୍ଷେପ ନେବା ସହ ଲିଜ୍ ବାହାରେ କେତେକ ବାଲି ଖାଦାନ ଚାଲିଛି। ବିଶେଷ କରି ରାତି ସମୟରେ ବାଲି ଖାଦାନରେ ବାଲି ଚୋରି ଚାଲିଛି। ଟିପି ନ ଥାଇ ବହୁ ବାଲି ଗାଡି ଚାଲାଣ ହେଉଛି। କେତେକ ବାଲି ଗାଡି ଓଭରଲୋଡ ହୋଇ ପରିବହନ ହେଉଛି। ଏସବୁ ଗାଡ଼ି ଯାଞ୍ଚ କରି ଜରିମାନା ଆଦାୟ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକରେ ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ(ରାଜସ୍ୱ) ରବିନ୍ଦ୍ର ପ୍ରଧାନ, ଖଣି ଉପ ନିର୍ଦ୍ଦେଶକ ଦିଲୀପ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋର୍ତିମୟ ଭୁକ୍ତା, ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ମାନସ ରଞ୍ଜନ ସାହୁ, କେନ୍ଦୁଝର ଓ ଆନନ୍ଦପୁର ଉପଖଣ୍ଡ ଲଘୁ ଖଣିଜ ଅଧିକାରୀ ତାରିଣୀ ସିଂ, ଚମ୍ପୁଆ ଉପଖଣ୍ଡ ଲଘୁ ଖଣିଜ ଅଧିକାରୀ ସୁପ୍ରଭା ନାୟକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ କେନ୍ଦୁଝରର ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ ପ୍ରଧାନଙ୍କ ସମେତ ଜଳସମ୍ପଦ ବିଭାଗର ୪ଟି ଡିଭିଜନର ଅଧିକ୍ଷଣ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଆଲୋକ ଭାଜପା ରାଜ୍ୟ ଏସ୍‌ସି ମୋର୍ଚ୍ଚା ସାଧାରଣ ସମ୍ପାଦକ

ହାଟଡ଼ିହୀ,୨୦।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ଭାଜପା ନେତା ଆଲୋକ ସେଠୀଙ୍କୁ ଦଳ ତରଫରୁ ରାଜ୍ୟ ଏସ୍‌ସି ମୋର୍ଚ୍ଚା ସାଧାରଣ ସମ୍ପାଦକଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ୧୯୯୪ରୁ ଆରଏସଏସ୍‌ରେ ସଦସ୍ୟତା ଗ୍ରହଣ କରିଥିବା ଆଲୋକ ୨୦୧୨ ରୁ ୨୦୧୬ ପର୍ଯ୍ୟନ୍ତ ଜିଲା ଭାଜପା ସମ୍ପାଦକ, ୨୦୧୬ ରୁ ୨୦୧୮ ଜିଲା ଏସସି ମୋର୍ଚ୍ଚା ସଭାପତି ଦାୟିତ୍ୱ ତୁଲାଇଥିଲେ। ୨୦୨୦ରୁ ଅଦ୍ୟାବଧି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏଥିସହ ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିଲେ। ନୂତନ ଦାୟିତ୍ୱ ମିଳିବା ପରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଏସ୍‌ସି ମୋର୍ଚ୍ଚା ସଭାପତି ବାଇଧର ମଲିକ, ଏମ୍‌ପି ଅନନ୍ତ ନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅପରପକ୍ଷେ ଏମ୍‌ପିଙ୍କ ପ୍ରତିନିଧି ହରମୋହନ ଶାସିନୀ, ଜ୍ଞାନ ରଞ୍ଜନ ସାମନ୍ତସିଂହାର, ସୁନୀଲ ନାୟକ, ବରିଷ୍ଠକର୍ମୀ ଯୁଧିଷ୍ଠିର ମଲିକଙ୍କ ସମେତ ଭାଜପା କର୍ମୀ ଆଲୋକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଙ୍ଗନୱାଡି ଗୃହ ନିର୍ମାଣରେ ବିଳମ୍ବକୁ ନେଇ ସ୍ମାରକପତ୍ର



୧୨ ନମ୍ବର ୱାର୍ଡର ବାସିନ୍ଦା ଉପ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ବଞ୍ଚୋ,୨୦।୩(ପ୍ରଦୋଷ କୁମାର ବିଶ୍ୱାଳ )

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଧୀନ ବଞ୍ଚୋ ପଞ୍ଚାୟତର ସିଙ୍ଗିଡୋଭ ୧୨ ନଂ. ୱାର୍ଡରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ବିଳମ୍ବ ହେଉଛି। ଏ ନେଇ ଶୁକ୍ରବାର ଗ୍ରାମବାସୀ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ୧୨ ଜାନୁଆରୀ ୨୦୨୬ରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ପାଇଁ ଅନୁରୋଧ କରାଯାଇଥିଲା। ପରେ ଟେଣ୍ଡର ପ୍ରକ୍ରିୟା ମଧ୍ୟ ସମାପ୍ତ ହୋଇଛି। କିନ୍ତୁ ପ୍ରାୟ ୩ ମାସ ବିତିଯାଇଥିଲେ ସୁଦ୍ଧା ନିର୍ମାଣ ଆରମ୍ଭ ହୋଇନାହିଁ। ଠିକାଦାରଙ୍କ ଅବହେଳାରୁ ବିଳମ୍ବ ହେଉଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଗ୍ରାମର ପ୍ରାୟ ୩୦ରୁ ୪୦ ଜଣ ଶିଶୁ ଏକ କମ୍ୟୁନିଟି ସେଣ୍ଟରରେ ଅସ୍ଥାୟୀ ଭାବେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ଯାହା ଶିଶୁଙ୍କ ପାଇଁ ଅନୁକୂଳ ପରିବେଶ ନୁହେଁ ବୋଲି ଅଭିଭାବକ କହିଛନ୍ତି। ଶ୍ରୀଧର ଖଟୁଆ, ରମାକାନ୍ତ ଖଟୁଆ, ନିରଞ୍ଜନ ବେହେରା, ବୁଧିଆ ବେହେରା ସହ ଅନେକ ଗ୍ରାମବାସୀ ସ୍ମାରକପତ୍ରରେ ସ୍ୱାକ୍ଷର କରିଛନ୍ତି। ଉପ ଜିଲାପାଳ ନୀଳମାଧବ ସୁନା ଅଭିଯୋଗକୁ ଗୁରୁତ୍ୱ ସହ ନେଇଛନ୍ତି। ଶୀଘ୍ର ତଦନ୍ତ କରି ଯଥାଯୋଗ୍ୟ ପଦକ୍ଷେପ ନେବେ ବୋଲି ଆଶ୍ୱାସନ ଦେଇଥିଲେ। ଶୀଘ୍ର ନିର୍ମାଣ ଆରମ୍ଭ ନ ହେଲେ ଆଗାମୀ ଦିନରେ ଧାରଣାରେ ବସିବେ ବୋଲି କହିଛନ୍ତି।

# ‘ସିଭିଲ ସର୍ଭିସ ପେନ୍‌ସନ ଆକ୍ଟ ପେନ୍‌ସନ ଅଧିକାରକୁ କ୍ଷୁଣ୍ଣ କରୁଛି’



ଅବସରପ୍ରାପ୍ତ ମାଧମିକ ଶିକ୍ଷକ ଓ କର୍ମଚାରୀମାନେ।

## ଅବସରପ୍ରାପ୍ତ ମାଧମିକ ଶିକ୍ଷକ, କର୍ମଚାରୀ ସଂଘର ବୈଠକ

କେନ୍ଦୁଝର,୨୦।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଅବସରପ୍ରାପ୍ତ ମାଧମିକ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ବୈଠକ ଗୁରୁବାର ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ରବିନ୍ଦ୍ର ପଣ୍ଡା ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ୨୫ ମାର୍ଚ୍ଚ ୨୦୨୫ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ସିଭିଲ ସର୍ଭିସ ପେନ୍‌ସନ୍ ଆକ୍ଟ ଦେଶର ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନ୍‌ସନ୍ ଅଧିକାରକୁ କ୍ଷୁଣ୍ଣ କରୁଥିବା ସଭ୍ୟମାନେ କହିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ୮ମ ବେତନ କମିଶନ ପେନ୍‌ସନ୍ ଅଭିବୃଦ୍ଧିର ସୁଯୋଗରୁ ୩୧ ଡିସେମ୍ବର ୨୦୨୫ ପୂର୍ବରୁ ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀ ବଞ୍ଚିତ ହେବେ। ବୟସ ବୃଦ୍ଧି ସହିତ ବିଭିନ୍ନ ପାରିବାରିକ ବୋଝ ବଢ଼ିଚାଲିଥିଲା ବେଳେ ଏହା ଗଭୀର ଭାବରେ ପେନ୍‌ସନ୍ ଭୋଗୀଙ୍କ ଜୀବନଶୈଳୀକୁ ପ୍ରଭାବିତ କରିବ। ପେନ୍‌ସନ୍ ସାମାଜିକ ସୁରକ୍ଷାର ଏକ ମାଧ୍ୟମ । ଏହାକୁ ସୁରକ୍ଷିତ ରଖିବା ପାଇଁ ସଂଗଠିତ ଆନ୍ଦୋଳନ ଏକାନ୍ତ ଆବଶ୍ୟକ। ମାର୍ଚ୍ଚ ୨୫ ଜିଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ସମସ୍ୟା ସମାଧାନ ନ ହେଲେ ପରବର୍ତ୍ତୀ ସମୟରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପ୍ରସ୍ତୁତ ରହିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଏଥିସହ ବ୍ଲକ୍ ସଂଯୋଜକ ବୃନ୍ଦ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଏକତ୍ରିତ କରି ବିଡିଓ, ଉପଜିଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ଜିଲା କାର୍ଯ୍ୟକାରୀ ସଭାପତି ଚିନ୍ତାମଣି ଜେନା, କ୍ଷୀରୋଦ ରାଉତ, ଭିକାରୀ ଚରଣ ସାହୁ, ନଳିନୀ ଚନ୍ଦ୍ର ଘଣା, ସୁଶୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସଡ଼କ ଦୁର୍ଘଟଣାରେ ଶିକ୍ଷକ ଗୁରୁତର

ଢେଙ୍କିକୋଟ,୨୦।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ମନୋହରପୁର ପଞ୍ଚାୟତ ଜାତୀୟ ରାଜପଥ ୨୦ ନଂ ଖୁଜରୀଜିଆଣୀ ଓଭରବ୍ରିଜ ଉପରେ ଗୁରୁବାର ଅଜଣା ଗାଡ଼ି ଧକ୍କାରେ ଜଣେ ଶିକ୍ଷକ ଗୁରୁତର ହୋଇଛନ୍ତି। ଶିକ୍ଷକ ବଡ଼ମସିଣାବିଲା ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ମୋହନ ଚରଣ ମହାନ୍ତ। ସେ ଡିଏନ ହାଇସ୍କୁଲରେ ମାଟ୍ରିକ ବୋର୍ଡ ପରୀକ୍ଷା ଖାତା ଦେଖି ଢେଙ୍କିକୋଟ୍ ନିଜ ଘରକୁ ଫେରୁଥିଲେ। ତାଙ୍କୁ କୌଣସି ଅଜଣା ବାଇକ୍ ପଛ ପଟରୁ ଧକ୍କା ଦେଇଥିଲା। ସେ ରାଜପଥ ଉପରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିଲେ। ଏନ୍‌ଏଚଆଇ ଆମ୍ବୁଲାନ୍ସ ପହଞ୍ଚି ଶିକ୍ଷକଙ୍କୁ କେନ୍ଦୁଝର ମେଡିକାଲରେ ଭର୍ତ୍ତି କରିଥିଲା।

### ଆଦର୍ଶ ଶିକ୍ଷକଙ୍କ ଅକାଳ ବିୟୋଗ

କେନ୍ଦୁଝର,୨୦।୩ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ନେଲୁଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସନ୍ତୋଷୀ ମା’ ଆଞ୍ଚଳିକ ବିଦ୍ୟାଳୟ, ଝାରବେଲଦାର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମହେନ୍ଦ୍ର ମହାନ୍ତଙ୍କ ଗୁରୁବାର ଅକାଳ ବିୟୋଗ ଘଟିଛି। ଅସୁସ୍ଥ ହୋଇ ଭୁବନେଶ୍ୱରଠାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଥିଲେ। ମରଶରୀର କର୍ମସ୍ଥଳ ସନ୍ତୋଷୀ ମା’ ଉଚ୍ଚ ବିଦ୍ୟାଳୟକୁ ନିଆଯାଇଥିଲା। ସହକର୍ମୀ, ପ୍ରାକ୍ତନ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଗୁରୁବାର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ କନିଷ୍ଠ ପୁତ୍ର ମୁଖାଗ୍ନି ଦେଇଥିଲେ। ଶୁକ୍ରବାର ନିଜସ୍ୱ ଗ୍ରାମରେ ମଧ୍ୟ ଏକ ଶୋକସଭା ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# ରଜ ମହୋତ୍ସବ ପ୍ରସ୍ତୁତି

ବଞ୍ଚୋ,୨୦।୩(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବାଇଲୋ ପଞ୍ଚାୟତ ଅଧୀନ ବାରିଗାଁରେ ଆମ ଗାଁ ରଜ ମଉଜ ଯୁବକ ସଂଘ ପକ୍ଷରୁ ରଜପର୍ବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଗାଁର ସଭ୍ୟମାନେ ଓ ଯୁବଗୋଷ୍ଠୀ ଯୋଗଦେଇ ରଜ ପାଳନକୁ ଆକର୍ଷଣୀୟ ଓ ସୁସଂଗଠିତ କରିବା ପାଇଁ ଆଲୋଚନା କରିଥିଲେ। ସଂଘର ଅଧ୍ୟକ୍ଷ ଭାବେ ବିକ୍ରମ ଜେନା, ବର୍ତ୍ତମାନ ଅଧ୍ୟକ୍ଷ ଭାବେ ଅଶୁତୋଷ ସେଠୀ, ସଚିବ ଭାବେ ମହାଦେବ ସାହୁ, ବର୍ତ୍ତମାନ ସଚିବ ଭାବେ ସିପୁନ ନାହାକ, କ୍ୟାଶିୟର ଭାବେ ପ୍ରଦୀପ କୁମାର ସାହୁ ଦାୟିତ୍ୱ ନିଭାଉଛନ୍ତି। ରଜ ପର୍ବ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳକୁଦ, ପାଲା-ଦାସକଥା ଓ ଆନନ୍ଦ ବଜାର ଆୟୋଜନ ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବୈଠକରେ ମାନସ ବାରିକ, ରମେଶ ସାହୁ, ରାଜକିଶୋର ଜେନା, କାର୍ତ୍ତିକ ସାହୁ, ଚିନ୍ମୟ ସାହୁ ସହ ଗ୍ରାମର ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।

# ଯୋଗାଭ୍ୟାସ କେନ୍ଦ୍ର ଭିତ୍ତିପ୍ରସ୍ତର

କେନ୍ଦୁଝର,୨୦।୩(ଦୀପକ ମିଶ୍ର)

କେନ୍ଦୁଝର ପୁରୁଣା ସହରର ହାଟପଡ଼ିଆଠାରେ ଶୁକ୍ରବାର ବରିଷ୍ଠ ନାଗରିକଙ୍କ ଯୋଗାଭ୍ୟାସ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁଙ୍କ କରକମଳରେ ଶୁଭ ଦିଆଯାଇଥିଲା। ବରିଷ୍ଠ ନାଗରିକ କମିଟିର ସଭାପତି ସରୋଜ ରଣା, ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ଦାଶ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ ନାଏକ, ଜିଲା ଠିକାଦାର ସଂଘର ସମ୍ପାଦକ ଅନୁପ ମହାନ୍ତି, କେନ୍ଦୁଝର ମ୍ୟୁନିସିପାଲିଟିର ପୂର୍ବତନ ପୌରାଧ୍ୟକ୍ଷ ପ୍ରଭଞ୍ଜନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝରଗଡ଼ ପୌରପାଳିକା ପ୍ରତିନିଧି ସତ୍ୟନାରାୟଣ ବାରିକ, କାଉନ୍‌ସିଲର ଶରତ ସାହୁ, ଘୁଙ୍ଗୁରୁ ଅନୁଷ୍ଠାନର ସଭାପତି ଜ୍ଞାନରଞ୍ଜନ ପତି, ବରିଷ୍ଠ ନାଗରିକ ମଧୁସୂଦନ ପାତ୍ର, ସତ୍ୟନାରାୟଣ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନାଗରିକ, ସ୍ଥାନୀୟ ବାସିନ୍ଦା ତଥା ମ୍ୟୁନିସିପାଲିଟିର ପଦାଧିକାରୀ ଉପସ୍ଥିତ ଥିଲେ। କାମକୁ ଉଚ୍ଚମାନର ଏବଂ ସୁନ୍ଦର କରିବା ପାଇଁ ଅଧ୍ୟକ୍ଷା ସମସ୍ତଙ୍କର ସହଯୋଗ କାମନା କରିଥିଲେ।

# ଓଡ଼ିଆଙ୍କ ସ୍ୱାଭିମାନ ପଖାଳ

ଚମ୍ପୁଆ ୨୦।୩ (ମହେଶର ଦାସ)



କେନ୍ଦୁଝର ଜିଲା ଚମ୍ପୁଆ ଉପ ଜିଲାପାଳଙ୍କ ବାସଭବନ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ସଂଗଠନ ପକ୍ଷରୁ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ପଖାଳ ଦିବସ ଆଡମ୍ବର ପାଳନ କରାଯାଇଛି। ଅତିରିକ୍ତ ଜିଲାପାଳ ମନ୍ଦିରଧର ମହାଲିଙ୍କ ସମେତ ସ୍ଥାନୀୟ ବହୁ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ଅଧିବାସୀ ସମେତ ବିଭିନ୍ନ ସଂଗଠନର ୩୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇ ଓଡ଼ିଆ ସ୍ୱାଭିମାନ ହେଉଛି ପଖାଳ ବୋଲି କହିଥିଲେ। ପଖାଳ ଦିବସ ଅବସରରେ ସମସ୍ତେ ମିଶି ପଖାଳ ଖାଇଥିଲେ। ସଂଗଠନ ପକ୍ଷରୁ ସ୍ୱାଦୀଷ୍ଟ ଦହି ପଖାଳ ସହ ସ୍ୱାସ୍ଥ୍ୟ ଉପଯୋଗୀ ବ୍ୟଞ୍ଜନ ପରସା ଯାଇଥିଲା।

**ବଡ଼ବିଲ,(ଜୟନ୍ତୀ ରଣା):** କେନ୍ଦୁଝର ଜିଲା ବଡ଼ବିଲରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନିଳାଦ୍ରୀ ପକ୍ଷରୁ ଶୁକ୍ରବାର ‘ବିଶ୍ୱ ପଖାଳ ଦିବସ’ ଅନୁଷ୍ଠିତ ହୋଇଛି। ନୀଳାଦ୍ରି କାର୍ଯ୍ୟାଳୟ ପରିସରରେ ଆୟୋଜିତ ବିଶ୍ୱ ପଖାଳ ଦିବସରେ ଅତିଥିଭାବେ ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ବଡବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଓଡିଶା ଖଣି ନିଗମ ଆଞ୍ଚଳିକ ଅଧିକାରୀ ପ୍ରଦ୍ୟମ୍ନ ଦାସ, ବଡ଼ବିଲ ପୌରନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଚନ୍ଦ୍ରଗୁପ୍ତ ପ୍ରସାଦ, ନୀଳମଣି ମହାନ୍ତ, ମୁଖ୍ୟ ବକ୍ତାଭାବେ ବଡ଼ବିଲ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଅସିତ ପ୍ରଧାନ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବଡ଼ବିଲ ଥାନା ଇନ୍ସପେକ୍ଟର ଅଶୋକ ନାୟକ, ବଡବିଲ ବନାଞ୍ଚଳ ଅଧିକାରୀ ସଞ୍ଜୀବ ରାଉତ, ବଡ଼ବିଲ କୋର୍ଟର ଆଇନଜୀବୀ ଓ ବିଭିନ୍ନ କମ୍ପାନୀର ଅଧିକାରୀ ଯୋଗଦେଇଥିଲେ। ଚଳିତ ବର୍ଷ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଅତିଥିଙ୍କ ଯୋଗଦାନ ପଖାଳର ଜନପ୍ରିୟତା ଓ ମହତ୍ୱକୁ ଦ୍ୱିଗୁଣିତ କରିଥିଲା। ଅନୁଷ୍ଠାନ ତରଫରୁ ଦହି ପଖାଳ ସହ ୨୧ ପ୍ରକାରର ବ୍ୟଞ୍ଜନ ଅତିଥିଙ୍କୁ ପରସା ଯାଇଥିଲା। ବିଶେଷ କରି ସ୍ଥାନୀୟ ବିହାରୀ, ଗୁଜୁରାଟୀ, ମାରୱାଡି, ପଞ୍ଜାବୀ ସମ୍ପ୍ରଦାୟରୁ ଅତିଥିମାନେ ଯୋଗଦେବା ସହ ପଖାଳ ଖାଇ ପ୍ରଶଂସା କରିଥିଲେ। ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ମିଶ୍ର, ରାଜ କିଶୋର ଦାଶ, ମହେଶ୍ୱର ରାଉତ, ରାଜେନ୍ଦ୍ର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

**ବଡଳା,(ଦୁର୍ଗା ପ୍ରସାଦ ଆୟଚ):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ମଞ୍ଚ ଓ ନୁଆଁଗାଁ ସ୍ୱର୍ଣ୍ଣ ଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ୧୫ରୁ ଉର୍ଦ୍ଧ୍ୱ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରି ବରିଷ୍ଠ ମଞ୍ଚର ସଦସ୍ୟଙ୍କୁ ପଖାଳ ବଣ୍ଟନ କରିଥିଲେ। ସଭାପତି ଇତିଶ୍ରୀ ମଲ୍ଲିକ, ସମ୍ପାଦକ ବନଜା ମହାନ୍ତି, ସତ୍ୟଭମା ମଲ୍ଲିକ, ଇତିଶ୍ରୀ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପର୍ଶୁରାମ ପେଡ଼ା, କାର୍ଯ୍ୟକାରୀ ସଭାପତି ନୃସିଂହ ଦେହୁରୀ, ସମ୍ପାଦକ ମୋହନ ମହାନ୍ତି, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଜିଲା ଧରଣୀଧର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ପଖାଳ ଦିବସ ଅବସରରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଶୁଭସ୍ମିତା ଦାସଙ୍କ ସଭାପତିତ୍ୱ କରିଥିଲେ। ବିଭାଗର ଅଧ୍ୟାପକ ଡ. ସୁମନ୍ତ୍ର ନାଏକ ଯୋଗଦେଇ ପଖାଳ ଓ ଆମ୍ ପରମ୍ପରା ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତାଭାବେ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗମୁଖ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇଥିଲେ। ବିଭାଗର ଅନ୍ୟତମ ଅଧ୍ୟାପିକା, ଅଧ୍ୟାପକ ତଥା ଆକାଲୁ ପୃଷ୍ଟି, ଡ. ଅଜୟ ସାହୁ, ଡ. ଜ୍ୟୋତି କିଶୋର ମହାନ୍ତ, ପ୍ରଜ୍ଞା ପରମିତା ସାହୁ ଏବଂ ବିଭାଗର ଛାତ୍ରୀ ସ୍ନେହାରାଣୀ କର ଓ ମାନସୀ ଦାସ ପ୍ରବନ୍ଧ ପାଠ କରିଥିଲେ।

**ଆନନ୍ଦପୁର,(ସୁଶାନ୍ତ କୁମାର ସାହୁ):** ଆନନ୍ଦପୁର ପ୍ରେସ୍ କ୍ଲବ୍‌ରେ ଶୁକ୍ରବାର ପଖାଳ ଦିବସ ପାଳନ ଅବସରରେ ଉପ ଜିଲାପାଳ ନୀଳମାଧବ ସୁନା, ଉପଖଣ୍ଡ ଆରକ୍ଷୀ ଅଧିକାରୀ କମଳ ପଣ୍ଡାଙ୍କ ସମେତ ଉପଖଣ୍ଡର ସମସ୍ତ ବିଭାଗର ଅଧିକାରୀ ପଖାଳ ଖାଇଥିଲେ। ଆନନ୍ଦପୁର ପ୍ରେସ୍‌ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଣ୍ଡିତ ଜିତୁ ଦାଶ ଯୋଗଦେଇଥିବା ବେଳେ ଓଏମସି‌ର ରିଜିଓନାଲ ମ୍ୟାନେଜର ଅବନୀକାନ୍ତ ପ୍ରଧାନ ମଧ୍ୟ ଯୋଗଦେଇଥିଲେ।

# ପଖାଳ ଖାଇଲେ ଜିଲାପାଳ, ଅଧିକାରୀ




ଜିଲାପାଳ ବିଶାଲ ସିଂହ ଓ ଅନ୍ୟ ଅଧିକାରୀମାନେ ପଖାଳ ଖାଉଛନ୍ତି।

## ଜିଲାସ୍ତରୀୟ ‘ପଖାଳ ଦିବସ’ ପାଳିତ

କେନ୍ଦୁଝର,୨୦।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱରୂପ ଶୁକ୍ରବାର କେନ୍ଦୁଝର ଜିଲାସ୍ତରୀୟ ‘ପଖାଳ ଦିବସ’ ପାଳିତ ହୋଇଯାଇଛି। ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ବିଶାଲ ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ପରେ ଜିଲାପାଳ ଓ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ସାମୁହିକ ଭାବେ ପଖାଳ ସହିତ ବିଭିନ୍ନ ପ୍ରକାରର ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ଯଥା ବଡ଼ି ଚୁରା, ଶାଗ ଭଜା, ଆଳୁ ଭର୍ତ୍ତା ଏବଂ ଚଟଣି ପରି ବିଭିନ୍ନ ପ୍ରକାରର ଖାଦ୍ୟ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପ ଜିଲାପାଳ ଉମାଶଙ୍କର ଦଳାଇ, ପିଏ ଆଇଟିଡିଏ ଶିବଶଙ୍କର ମିଶ୍ର, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ରମେଶ ଚନ୍ଦ୍ର ନାୟକ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ, ବିନତୀ ମାଝୀ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ରାଷ୍ଟ୍ରୀୟ ନବବର୍ଷ ପାଳିତ

ରସାଲପୁର, ୨୦।୩(ଶରତ ସାମଲ)

ବାଲେଶ୍ୱର ସଦର ବ୍ଲକ ଖାନନଗର ପଞ୍ଚାୟତ ହରିଡ଼ା ଖେଳ ପଡ଼ିଆରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ବାଲେଶ୍ୱର ଶାଖା ପକ୍ଷରୁ ଗୁରୁବାର ଅପରାହ୍ନରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ପ୍ରବଚକ ସୁଶାନ୍ତ କୁମାର ପଣ୍ଡା, ସମିତି ସଭାପତି ଗୋପାଳ ଖଣ୍ଡେଲୱାଲ, ତରୁଣ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ଆମ ସଂସ୍କୃତି ଓ ସନାତନ ଧର୍ମକୁ ପ୍ରଚାର ଏବଂ ପ୍ରସାର ନିମନ୍ତେ ଶ୍ରୀରାମ ସେନା ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ ହେଉଛି।

### ଯୁବକଙ୍କ ଆତ୍ମହତ୍ୟା

ଜଳେଶ୍ୱର,୨୦।୩(ନବୀନ ସାହୁ)

ଜଳେଶ୍ୱର ଥାନା ମହମ୍ମଦନଗର ପାଟଣା ପଞ୍ଚାୟତ ସେକସରାଇ ଗ୍ରାମର ଅଶୋକ ମାଇତି (୩୦) ଶୁକ୍ରବାର ନିଜ ଶୋଇବା ଘରେ ବେକରେ ଦୌଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇ ଆସିଥିଲେ। ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

### ମହୁମୁହାଣ ସମିତି ଆଗରେ ଧାରଣା

ସୋର, ୨୦।୩(ଜନ୍ମେଜୟ ମିଶ୍ର)

ବିଳମ୍ବରେ ଧାନ ବିକ୍ରିକୁ କେନ୍ଦ୍ର କରି ଚାଷୀ ହତାଶ ହେବା ପରେ ଶୁକ୍ରବାର ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ସେବା ସମବାୟ ସମିତିର ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ସମିତି ଆଗରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚାଷୀଙ୍କ କହିବା ଅନୁଯାୟୀ ଡିସେମ୍ବର ଶେଷ ସପ୍ତାହରୁ ଧାନ ଅମଳ କରିବା ପରେ ଜାନୁୟାରୀରେ ବିକ୍ରି ପାଇଁ ଟୋକନ ପାଇଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଧାନ ନେଉନାହାନ୍ତି । ବାରମ୍ବାର ସୋସାଇଟି ସମ୍ପାଦକ ସମୟ ଗଡ଼ାଇ ଚାଲିଛନ୍ତି। ଫଳରେ ଧାନ ବିକ୍ରୀ କରି ନ ପାରି ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବହୁ ଶୀଘ୍ର ଯଦି ସରକାର ଆମ ଧାନ ନ କିଣନ୍ତି ସମିତି ଆଗରେ ଆତ୍ମାହୂତି ଦେବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି।

### ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଔପଦା, ୨୦।୩(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ତଳକିଆ ପଞ୍ଚାୟତ ଅଧୀନ ଜଗନ୍ନାଥପୁରସ୍ଥିତ ମାଗୁଣୀ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ରତ୍ନାକର ଦାସ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ରାଉତ, ସମ୍ମାନିତ ଅତିଥି ଭାବେ ତଳକିଆ ସରପଞ୍ଚ ଦୀପ୍ତିରାଣୀ ନାୟକ, ସମିତିସଭ୍ୟା ଉଷାରାଣୀ ନାଏକ, ଏବିଇଓ ସୀତା ହାଁସଦା, ତଳକିଆ ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ଉମାଶଙ୍କର ନାୟକ ଏବଂ ରାଏରାମଚନ୍ଦ୍ରପୁର ନୋଡ଼ାଲ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲିପିକାରାଣୀ ସେଠୀ ଶିକ୍ଷକତାକୁ ମହାନ ସେବା ଭାବେ ଅଭିହିତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବେହେରା ନିଜ ଅନୁଭୂତି ବର୍ଣ୍ଣନା କରିବା ବେଳେ ଭାବପ୍ରବଣ ହୋଇପଡ଼ିଥିଲେ।

# ଖରା ଆରମ୍ଭରୁ ପାଣି ଚିନ୍ତା

## ବିଦ୍ୟୁତ୍ ବିଲ୍ ବାକି, ପାଣି ପାଇଁ ଲୋକେ ଉହଲବିକଳ



ପାଣି ପାଇଁ ମହିଳାଙ୍କ ଭିଡ଼।

ଜଳେଶ୍ୱର, ୨୦।୩(ନବୀନ ସାହୁ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଉଣୁ ଏବେଠାରୁ ଜଳକଷ୍ଟ ଦେଖିବାକୁ ମିଳିଲାଣି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଖୁଆଡ଼ ଗ୍ରାମରେ ବିଦ୍ୟୁତ୍ ବିଲ୍ ବାକି ଥିବା ଦର୍ଶାଇ ବିଭାଗ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପର ସଂଯୋଗ କାଟି ଦିଆଯାଇଛି। ଫଳରେ ପ୍ରାୟ ୧୬୫ ପରିବାର ଏବେ ଟୋପେ ପାଣି ପାଇଁ ଉହଲବିକଳ ହେଉଛନ୍ତି।

ସୂଚନା ଅନୁଯାୟୀ, ଗ୍ରାମର 'ଖୁଆଡ଼କ' ପାଣି ପଞ୍ଚାୟତ ଅଧୀନରେ ଥିବା ପାନୀୟ ଜଳ ପ୍ରକଳ୍ପରେ ଦୀର୍ଘ ଦିନ ହେଲା ବିଦ୍ୟୁତ ବିଲ୍ ପୈଠ କରାଯାଇନାହିଁ। ଗୌରାଙ୍ଗ ଚରଣ ବେହେରା ଏହାର ପରିଚାଳନା କରୁଥିଲେ। ବିଦ୍ୟୁତ ବିତରଣ କମ୍ପାନୀ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ବକେୟା ଅର୍ଥ ଜମା ନ ହେବାରୁ ଗୁରୁବାରଠାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଫଳରେ ଗ୍ରାମର ପାଣି ଟାଙ୍କି ଅଚଳ ହୋଇପଡ଼ିଛି ଏବଂ ଟ୍ୟାପ୍ ଯୋଗେ ଜଳଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। କିଛି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀ ବାଧ୍ୟ ହୋଇ ଦୂରଦୂରାନ୍ତକୁ ଯାଇ ନାଳ, ପୋଖରୀ ଓ ପୁରୁଣା ଚୁଆରୁ ପାଣି ସଂଗ୍ରହ କରୁଛନ୍ତି। ଅପରିଷ୍କାର ପାଣି ବ୍ୟବହାର ଯୋଗୁ ଗାଁରେ ଜ୍ୱର ଓ ଝାଡ଼ାବାନ୍ତି ଭଳି ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ଗୃହିଣୀମାନେ ପାଣି ପାଇଁ ଭୋର ସମୟରୁ ବ୍ୟକ୍ତିଗତ ନଳକୂପ ଆଗରେ ଲମ୍ବାଧାଡି ଲଗାଉଛନ୍ତି, ଯାହା ସେମାନଙ୍କ ଦୈନନ୍ଦିନ କାର୍ଯ୍ୟକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ନିୟମିତ ଭାବେ ଜଳକର ଦେଉଥିଲେ ମଧ୍ୟ କାହିଁକି ବିଲ୍ ପୈଠ ହୋଇନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଙ୍କର ସାହୁ କହିଛନ୍ତି ଯେ, ଏହି ପ୍ରକଳ୍ପ ସରକାରଙ୍କ ଅଧୀନରେ ନାହିଁ, ବରଂ ଗ୍ରାମ କମିଟି ଦ୍ୱାରା ପରିଚାଳିତ ହେଉଛି। ତେଣୁ ଗ୍ରାମବାସୀ ବିଲ୍ ପୈଠ କଲେ ହିଁ ବିଦ୍ୟୁତ ସଂଯୋଗ ସ୍ୱାଭାବିକ ହେବ। ଆମେ ନିୟମିତ ଜଳ କର ଦେଉଛୁ, ତଥାପି ଆମକୁ ପାଣି ମିଳୁନି। ସରକାର ତୁରନ୍ତ ଏହି ପ୍ରକଳ୍ପକୁ ନିଜ ଅଧୀନକୁ ନିଅନ୍ତୁ ଏବଂ ବିକଳ୍ପ ଭାବେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଅନ୍ତୁ। ସରକାରୀ ହସ୍ତକ୍ଷେପ ଦାବି କରି ଗ୍ରାମବାସୀ ସଦାନନ୍ଦ ପାତ୍ର, ହିମାଂଶୁ ପାତ୍ର, ଅମିର୍ ପାତ୍ର, ରାଜୀବ ପାତ୍ର, ସୁଦାମ ପାତ୍ର, ବସନ୍ତ ପାତ୍ରଙ୍କ ସମେତ ଅନ୍ୟମାନେ ଯଦି ତୁରନ୍ତ ପାଣି ସମସ୍ୟାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ସେମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## କେନାଲ ପାଣି ପିଉଛନ୍ତି ୬ ପରିବାର

ବାଲିଆପାଳ, ୨୦।୩(ରାଜଶ୍ରୀ ପାଣିଗ୍ରାହୀ)



ପାଣି ଟ୍ୟାପ୍‌ରୁ ପାଣି ବାହାରୁନି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଜାମକୁଣ୍ଡା ପଞ୍ଚାୟତ ଅଧିନରେ ଥିବା କାଳରୁହିରୁ କାଠପୋଲ ରାସ୍ତା ପାର୍ଶ୍ୱରେ ୬ ପରିବାରରେ ପ୍ରାୟ ୩୦ରୁ ୪୦ ଲୋକ ବସବାସ କରନ୍ତି। ପଞ୍ଚାୟତର ଥିବା ବସୁଧା ପାଣି ପାଇପରୁ ଆବଶ୍ୟକ ଅନୁସାରେ ପାଣି ପାଇଁ ପାରୁଥିଲେ। ମାତ୍ର ୨ ମାସ ତଳେ ବାଲିଆପାଳରେ ବ୍ଲୁ ଷ୍ଟାର ଠିକାଦାର ସଂସ୍ଥା ଦ୍ୱାରା ଚାଲୁ ରହିଥିବା ମେଗା ପ୍ରକଳ୍ପର ମୋଟା ପାଇପ ଲେବରମାନଙ୍କ ଦ୍ୱାରା ପକାଯାଇଥିଲା। ସେବେଠାରୁ ବସୁଧା ପାଣି ପାଇପ୍‌ରୁ ବୁନ୍ଦାଏ ମଧ୍ୟ ପାଣି ବାହାରୁନାହିଁ। ପାନୀୟ ଜଳ ପାଇଁ ୨ କି.ମି. ରାସ୍ତା ଯିବାକୁ ପଡୁଛି ନଚେତ୍ ପାଖରେ ବହିଯାଉଥିବା କୋଷ୍ଟ କେନାଲ ପାଣିରେ ଜୀବନ ବିତାଉଛନ୍ତି ଏହି ୬ ପରିବାର। ଏନେଇ ସଂସ୍ଥା ଏବଂ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରି ନୟାନ୍ତ ହେଲେଣି ଲୋକେ। ଗ୍ରୀଷ୍ମପ୍ରବାହ ପାଇଁ ଏବେ କୋଷ୍ଟ କେନାଲରେ ପାଣି କ୍ରମଶଃ କମୁଥିବାରୁ ନୀତି ବ୍ୟବହାର୍ଯ୍ୟ ପାଇଁ ଉପଯୁକ୍ତ ହୋଇପାରୁନାହିଁ। ଲୋକେ ଜାମକୁଣ୍ଡା ପଞ୍ଚାୟତ ସରପଞ୍ଚ କାଞ୍ଚନବାଳା ମାହାନାଙ୍କୁ ଅଭିଯୋଗ କରିବା ପରେ ତାଙ୍କର ଆଉ ୬ମାସ କାର୍ଯ୍ୟକାଳ ରହିଛି, ମୁଁ କିଛି ବୁଝିପାରିବି ନାହିଁ ବୋଲି କହିଥିବା ସୁରେନ୍ଦ୍ର କର, ଅସିତ ସାମଲ, ମନ୍ମଥ ସାହୁ, ଗୋପାଳ ଜେନା, ମନ୍ମଥ ଘଡି, ରଜନୀକାନ୍ତ ସାହୁ, ଜଗନ୍ନାଥ ଘଡାଇ ପ୍ରମୁଖ ଅଭିଯୋଗ କହିଛନ୍ତି। ଏନେଇ ବାଲିଆପାଳ ଆରଡବ୍ଲ୍ୟୁଏସ୍‌ଏସ୍‌ର ଅଧିକାରୀ ପଙ୍କଜ କୁମାର ତ୍ରିପାଠୀ କହିଛନ୍ତି ଆମକୁ କୌଣସି ଅଭିଯୋଗ ଆସିନାହିଁ। ସରପଞ୍ଚ ମାହାନା କହିଛନ୍ତି ଯେହେତୁ ଏହା ପଞ୍ଚାୟତର କାର୍ଯ୍ୟ ନୁହେଁ ତଥାପି ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି।

# ଜିଲା ପ୍ରଶାସନ ପାଳିଲା ପଖାଳ ଦିବସ



ଜିଲାପାଳ, ଉପଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀ।

ବାଲେଶ୍ୱର, ୨୦।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସହରର ଉପକଣ୍ଠରେ ଅବସ୍ଥିତ ପଦ୍ମାବତୀ ଆମ୍ୟୁଜମେଣ୍ଟ ପାର୍କରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଯାଇଛି। ଜିଲା ପର୍ଯ୍ୟଟନ ଅଧିକାରୀ ବିଶ୍ୱଜିତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲାପାଳ ସୁଧାକର ନାଏକ, ଉପଜିଲାପାଳ ଶିବ ମାଲବୀୟ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତଙ୍କ ସମେତ ବହୁ ଜିଲା ପ୍ରଶାସନିକ ଅଧିକାରୀ ଯୋଗଦେଇ ପଖାଳ ଖାଇବାର ମଜା ନେଇଥିଲେ। ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଆଭାସି ଜରିଆରେ ରାଜ୍ୟର ପ୍ରତ୍ୟେକ ଜିଲାରେ ଆୟୋଜିତ ହୋଇଥିବା ପଖାଳ ଦିବସରେ ଅଂଶଗ୍ରହଣ କରିଥିବା ଜିଲା ପ୍ରଶାସନ ଅଧିକାରୀଙ୍କ ସମେତ ଦେଶ ତଥା ବିଦେଶରେ ଥିବା ଓଡ଼ିଆ ଲୋକଙ୍କ ସହିତ ଯୋଡ଼ିଯାଇଥିଲେ। ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୁଖ୍ୟମନ୍ତ୍ରୀ ପଖାଳ ଦିବସ ପରିପ୍ରେକ୍ଷୀରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

## ଚୌମୁଖ ବାରୁଣୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ବାଲିଆପାଳ, ୨୦।୩(ଗୋପାଳ ଚନ୍ଦ୍ର ସାହୁ)

ଗଭୀର ସମୁଦ୍ରର ଜଳରାଶି, ନଦୀ ଓ ମହୋଦଧିର ସଙ୍ଗମ, ଏଠିକାର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାର ମନୋରମ ଦୃଶ୍ୟ ସଦା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ ବୋଲି ବାଲିଆପାଳ ବ୍ଲକ ଚୌମୁଖ ବାରୁଣୀ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅତିଥି ମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଖଗେନ୍ଦ୍ର ନାଥ ସିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଆପାଳ ଇତିହାସ ଲେଖକ ତଥା ଶିକ୍ଷାବିତ୍ ଡ. ସୁକାନ୍ତ କୁମାର ଗିରି, ମୁଖ୍ୟବକ୍ତା ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରବୀନ୍ଦ୍ର ପ୍ରଧାନ, ଭୂବନମୋହନ ବେହେରା ପ୍ରମୁଖ ଯୋଗଦେଇଥିଲେ। ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ବିନୋଦ ବିହାରୀ କର, ପ୍ରଧାପକ ରବୀନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ ବାରିକ, ଗୋବିନ୍ଦ ଦାସ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ବାଲେଶ୍ୱର,୨୦।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବିଶ୍ୱ ସାମାଜିକ ନ୍ୟାୟ ଦିବସ ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ଅଡିଟୋରିୟମ ହଲରେ ଶୁକ୍ରବାର ଜିଲାସ୍ତରୀୟ ବରିଷ୍ଠ ନାଗରିକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁଧାକର ନାଏକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ବେହେରା, ବାଲେଶ୍ୱର ସିନିୟର ସିଟିଜେନ ଫୋରମର ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସାଧାରଣ ସମ୍ପାଦକ ଦାମୋଦର ନାୟକ, ଉପଦେଷ୍ଟା ଗିରିଶଚନ୍ଦ୍ର ଦାଶ, ଅବସରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ବରିଷ୍ଠ ଆଇନଜୀବୀ ସସ୍ମିତା ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକମାନଙ୍କୁ ପୋଲିସ ବିଭାଗ ପକ୍ଷରୁ ଆଇକାର୍ଡ ପ୍ରଦାନ କରାଯିବା, ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଏବଂ ଆଇଆଇସି ସେଣ୍ଟର ତୁରନ୍ତ ପ୍ରତିଷ୍ଠା କରିବା ଆଦି ଦାବିଗୁଡିକ ଅତିଥିମାନଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ଗୌରାଙ୍ଗ ପାଣିଗ୍ରାହୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# 'ଅଧିକ ନମ୍ବର ହାସଲ ଦ୍ୱାରା ଜୀବନର ପରିସମାପ୍ତି ହୁଏ ନାହିଁ'

ଖଇରା,୨୦।୩(ଉତ୍କଳବନ୍ଧୁ ପଣ୍ଡା)

### ତୁଡ଼ିଗଡିଆ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକୋତ୍ସବ



ମଞ୍ଚସୀନ ଅତିଥି।

ଅନେକ ପିଲା ରାତିଦିନ ପଢି ପଢି ଅଧିକ ମାର୍କ ରଖିବା ବା ଭଲ ଚାକିରିଟିଏ ହାସଲ କରି ଜୀବନର ଲକ୍ଷ୍ୟ ପୂରଣ ହୋଇଗଲା ବୋଲି ଭାବନ୍ତି । କେବଳ ଏତିକି ହାସଲ କଲେ ଜୀବନର ପରିସମାପ୍ତି ହୁଏ ନାହିଁ । ବରଂ ପରର ସେବା, ଜ୍ଞାନ ବିତରଣ ମାଧ୍ୟମରେ ପ୍ରକୃତ ଜୀବନକୁ ଚରିତାର୍ଥ କରାଯାଇଥାଏ ବୋଲି ଖଇରା ବ୍ଲକ ଅଧୀନ ତୁଡ଼ିଗଡିଆ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ୭୭ତମ ବାର୍ଷିକୋତ୍ସବରେ ଯୋଗଦେଇଥିବା ବକ୍ତାମାନେ ଆଲୋକପାତ କରିଛନ୍ତି। ଶୁକ୍ରବାର ଆୟୋଜିତ ଉତ୍ସବରେ ଅନୁଷ୍ଠାନ ଅଧ୍ୟକ୍ଷ ରଘୁନାଥ ଦାସ ପୌରୋହିତ୍ୟ କରିଥିଲେ। ସୋର ୟୁଏନ କଲେଜର ଦର୍ଶନ ଶାସ୍ତ୍ର ବିଭାଗ ପ୍ରାଧ୍ୟାପକ ଦୟାନିଧି ସିଟ ମୁଖ୍ୟଅତିଥି, ଯାଜପୁର ନୂଆହାଟ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ହରିନାରାୟଣ ସାହୁ ମୁଖ୍ୟବକ୍ତା, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷା ଜୟଶ୍ରୀ ବୋଷ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାକାନ୍ତ ପଣ୍ଡା, ରଟିଣା ହାଇସ୍କୁଲ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପାତ୍ର, ଜଳଦା ଡାଲଙ୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗଗନ ଚନ୍ଦ୍ର ଧର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କୁନି ଛାତ୍ରୀ ଉଦିତି ଦାସ ନୃତ୍ୟ ପରିବେଷଣ, ପ୍ରଥମ, ଦ୍ୱିତୀୟ ବର୍ଷର ଗୁରୁ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ, ବବିତାରାଣୀ ସାହୁ ଧନ୍ୟବାଦ ଅର୍ପଣ, ବୁରୁଲି ସୋରେନ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ ଏମିତି କାହାଣି ଭୁଲି ହେବନି ମଞ୍ଚସ୍ଥ କରାଯିବା ସହ ନୃତ୍ୟଗୀତ ପରିବେଷଣ କରାଯାଇଥିଲା।

## ସେତପୁରାରୁ ଚୋରି ଟ୍ରାକ୍ଟର ଫୁଲାଡ଼ିରୁ ଉଦ୍ଧାର

ବାଲିଆପାଳ, ୨୦।୩
(ଗୋପାଳ ଚନ୍ଦ୍ର ସାହୁ/ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ଥାନା ଅନ୍ତର୍ଗତ ସେତପୁରା ଗ୍ରାମରୁ ଚୋରି ଟ୍ରାକ୍ଟର ବାଲିଆପାଳ ପୋଲିସ ଫୁଲାଡିରୁ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। ଏନେଇ ଶୁକ୍ରବାର ବାଲିଆପାଳ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବସ୍ତା ଏସ୍‌ଡିପିଓ ମାନସ ଦେଓ ସୂଚନା ଦେଇଛନ୍ତି। ସେତପୁରା ଗ୍ରାମର ଗୀତାଞ୍ଜଳି ଦାସଙ୍କର ଟ୍ରାକ୍ଟର ଗତ ଜାନୁଆରୀ ୧୪ ତାରିଖ ନିଜ ଘର ଆଗରୁ ଚୋରି ହୋଇଥିବା ନେଇ ବାଲିଆପାଳ ଥାନାରେ ଅଭିଯୋଗ ହୋଇଥିଲା। ଥାନାରେ ଏକ ମାମଲା (ନଂ. ୧୪୨/୨୬) ରୁଜୁ କରି ତଦନ୍ତ ଚାଲୁ ରହିଥିଲା। ଗୁରୁବାର ପୋଲିସ ବାଲେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରି ଫୁଲାଡ଼ି ଅଞ୍ଚଳରୁ ଟ୍ରାକ୍ଟର ସହିତ ୩ଜଣଙ୍କୁ ଗିରଫ କରି ବାଲିଆପାଳ ଥାନାକୁ ଆଣିଥିଲେ। ସମ୍ପୃକ୍ତ ୩ ଅଭିଯୁକ୍ତ ହେଲେ ବାଲେଶ୍ୱର ବାମପଦାର ଦୀପକ ପାତ୍ର, ସରସ୍ୱତୀପୁର ଗ୍ରାମର ଜୟଦେବ ମଣ୍ଡଳ ଓ ନହରପାଟଣା ଗ୍ରାମର ହିମାଂଶୁ ପାତ୍ର। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କାରାଯାଇଛି। ଖବରଦାତା ସମ୍ମିଳନୀରେ ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁ, ଏସ୍‌ଆଇ ଶୁଭସ୍ମିତା ପାଳ, ଏଏସ୍‌ଆଇ ପ୍ରେମ ପ୍ରତାପ ବାହିନୀପତି, ପ୍ରବୋଧ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ବାର୍ କାଉନସିଲର ହସ୍ତକ୍ଷେପ ଲୋଡ଼ିଲେ ଆଇନଜୀବୀ

ଭୋଗରାଇ, ୨୦।୩( ପ୍ରଦୀପ ଦାସ )



ଖବରଦାତା ସମ୍ମିଳନୀରେ ଭୋଗରାଇର ଆଇନଜୀବୀ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଆଇନଜୀବୀମାନେ ନିକଟରେ ହୋଇଥିବା ଆସୋସିଏଶନର କାର୍ଯ୍ୟକାରିଣୀ ସମିତି ନିର୍ବାଚନରେ ଅସନ୍ତୋଷ ପ୍ରକାଶ କରି ରାଜ୍ୟ ବାର୍ କାଉନସିଲର ହସ୍ତକ୍ଷେପ ଲୋଡିଛନ୍ତି। ଏଥିପାଇଁ ଗୁରବାର ଅପରାହ୍ନରେ ପୁରୁଣା ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ନବଗଠିତ ସଦସ୍ୟଙ୍କ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରି ବହୁ ଆଇନଜୀବୀ ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସହିତ ସର୍ବ ସହମତିଭିତ୍ତିରେ ନିର୍ବାଚନ କରାଯାଉ ବୋଲି ରାଜ୍ୟ ବାର୍ କାଉନସିଲଠାରେ ଲିଖିତ ଅଭିଯୋଗ କରି ନ୍ୟାୟ ନିମନ୍ତେ ଅଡ଼ି ବସିଛନ୍ତି । ଅବାଧ ଏବଂ ନିରପେକ୍ଷତା ଅନୁଯାୟୀ ନିର୍ବାଚନ୍ ପ୍ରକ୍ରିୟାକରଣ ନିମନ୍ତେ ରାଜ୍ୟ ବାର୍ କାଉନସିଲ ମଧ୍ୟ ଆଇନଜୀବୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ନିର୍ବାଚନ୍ ଅଧିକାରୀ ଭାବେ ମନୋନୀତ କରିଥିଲେ। ଏଥିସହ ସାଙ୍ଗଠନିକ ପଦବୀ ନିମନ୍ତେ ଜଣେ ଲେଖାଏଁ ମନୋନୟନପତ୍ର ଦାଖଲ କରିଥିବାରୁ ପ୍ରତିଦ୍ୱନ୍ଦ୍ୱୀ ନ ଥିବା ଦୃଷ୍ଟିରୁ ଯାଞ୍ଚ ପ୍ରକ୍ରିୟା ଅନୁଯାୟୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ମନୋନୟନକାରୀମାନେ ଅବାଧରେ ବିଜୟୀ ହେବା ନେଇ ନିର୍ବାଚନ୍ ଅଧିକାରୀ ଘୋଷଣା କରିଥିଲେ। ଯାହାକୁ ନେଇ ସଂଘର ଅନ୍ୟ ଆଇନଜୀବୀମାନେ ତାଙ୍କର ଦାବିକୁ ଅଣଦେଖା କରାଯାଇ ମନମୁଖୀ ପ୍ରକ୍ରିୟାକୁ ବିରୋଧ କରି ନୂତନ ନିର୍ବାଚନ କରାଯାଉ ବୋଲି ଦାବି ଉଠାଇଥିଲେ। ଅପରପକ୍ଷରେ ନିର୍ବାଚନ ଅଧିକାରୀ ଆଇନଜୀବୀ ମୃତ୍ୟୁଞ୍ଜୟ ପ୍ରଧାନ ଉକ୍ତ ନିର୍ବାଚନ ପ୍ରକ୍ରିୟା ଅବାଧ, ନିରପେକ୍ଷତା ଓ ସଂଖ୍ୟାଗରିଷ୍ଠ ଭିତ୍ତିରେ କରାଯାଇଥିବା ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା, ଅରୁଣ କୁମାର ମହାନ୍ତି, ହର ନାରାୟଣ ପ୍ରହରାଜ, ସଂଘର ପ୍ରାକ୍ତନ ଉପସଭାପତି ସପନ କୁମାର ପାତ୍ର, ଚନ୍ଦନ କୁମାର ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମଣ୍ଡିରେ ଧାନ କିଣିବା ଦାବିରେ ରାସ୍ତାରୋକୋ

### ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ନୀଳଗିରି,୨୦।୩(ପ୍ରଶାନ୍ତ ବିଶ୍ୱାଳ)



ଧାନ କିଣିବା ଦାବି ନେଇ ରାସ୍ତାରୋକୋ।

ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତ ଅଧୀନ ଅମ୍ବିକାପୁର ଧାନମଣ୍ଡିରେ ଧାନ କିଣିବା ଦାବି ନେଇ ଶୁକ୍ରବାର ସକାଳ ୮ଟାରୁ ରାସ୍ତାରୋକୋ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶାସନ ତରଫରୁ ଏଆର୍‌ସିଏସ୍, ଏସିଏସ୍‌ଓ, ଏମ୍‌ଆଇ ଓ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ଟୋକନଧାରୀଙ୍କଠାରୁ ଧାନ କିଣିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶ୍ରମିକ ନେତା ବିଜୟ କୁମାର ପାତ୍ର, କୃଷକ ନେତା ଉଗ୍ରସେନ ଦାସ, କୈଳାଶ ବାରିକ, ଭାଗବାନ ମହାନ୍ତି, ସରୋଜ କୁମାର ବେହେରା, ଚନ୍ଦନ ପୃଷ୍ଟି, ସନାତନ ବିଶ୍ୱାଳ, ଦାମୋଦର ପଣ୍ଡା, ସନାତନ ଜେନା, ଗୋବର୍ଦ୍ଧନ ଗିରିଧାରୀ ମହାପାତ୍ର, ମନୋରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସଫଳ କରାଇବାରେ ସହଯୋଗ କରିଥିଲେ। ଟୋକନଧାରୀ ଚାଷୀମାନେ ଦୀର୍ଘ ୫ଦିନ ଧରି ମଣ୍ଡିରେ ଧାନ ପକାଇଛନ୍ତି। ଦୁଇ ଦିନ ହେଲା ଅଦିନିଆ ବର୍ଷା ଫଳରେ ମଣ୍ଡିରେ ଧାନ ଗଜା ହେଲାଣି। ଯାହାକି ଚାଷୀମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି।

# ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ବିଜେଡିର ବିକ୍ଷୋଭ

ବାରିପଦା,୨୦।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ବିଜେଡି ନେତା ଓ ମୃତକଙ୍କ ସମ୍ପର୍କୀୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଘଟଣା

### କ୍ଷତିପୂରଣ ସହ ନବଜାତ ଶିଶୁର ଚିକିତ୍ସା ନେଇ ଦାବିପତ୍ର

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ଅବହେଳା ଯୋଗୁ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପ୍ରତିବାଦରେ ବିଜେଡି ପକ୍ଷରୁ ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଜିଲା ସଭାପତି ସୁଦାମ ମାର୍ଣ୍ଡି, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲା ପରିଷଦ ସଦସ୍ୟ ଦୁର୍ଗା ଚରଣ ମାର୍ଣ୍ଡି, ସଦସ୍ୟ ଆନନ୍ଦ ଚରଣ ଟୁଡୁଙ୍କ ଉପସ୍ଥିତିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ, ଚିକିତ୍ସିତ ନବଜାତ ଶିଶୁର ଆସନ୍ତା ୬ମାସ ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ବ୍ୟବସ୍ଥା ହସ୍ପିଟାଲ କର୍ତ୍ତୃପକ୍ଷ ବହନ କରିବା ଓ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ବିଜେଡି ପ୍ରତିନିଧି ଦଳ ସିଡିଏମଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ବାରିପଦା ଉପ ଜିଲାପାଳ ଦୟାସିନ୍ଧୁ ପରିଡା, ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ବାରିପଦା ତହସିଲଦାର ସପନ କୁମାର ସାହୁ, ପିଆରଏମ ମେଡିକାଲ କଲେଜ ଅଧୀକ୍ଷକ ଡା. ପ୍ରତିଭା ପଣ୍ଡା, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାସ, ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ରାଉତ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। ଦାବି ବାବଦରେ ଜିଲାପାଳଙ୍କ ସହ ଆଲୋଚନା ପରେ ପୂରଣ କରାଯିବା ନେଇ ପ୍ରତିଶ୍ରୁତି ମିଳିଥିଲା। ବର୍ତ୍ତମାନ ଜିଲା ପ୍ରଶାସନ ପକ୍ଷରୁ ୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବା ସହ ୬ମାସ ପର୍ଯ୍ୟନ୍ତ ଶିଶୁର ଚିକିତ୍ସା ଖର୍ଚ୍ଚ ବହନ ନେଇ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ବିଜେଡି ନେତାମାନେ କହିଛନ୍ତି।

ସୂଚନାଯୋଗ୍ୟ, କୁଳିଅଣା ଥାନା ଅଧୀନ ପୋଖରିଆ ଗ୍ରାମର ଦୁବାଇ ହାଁସଦାଙ୍କ ସ୍ତ୍ରୀ ବାଲ୍ମୀ ହାଁସଦାଙ୍କ ପ୍ରସବ ବେଦନା ହେବାରୁ ବୁଧବାର ବାରିପଦାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରସବ ନିମନ୍ତେ ଗୁରୁବାର ଅସ୍ତ୍ରୋପଚାର କରାଯିବାବେଳେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହାସହିତ ଜନ୍ମିତ ଶିଶୁ ପିଠିରେ କ୍ଷତ ଚିହ୍ନ ଥିବା ମଧ୍ୟ ଜଣାପଡ଼ିଥିଲା। ଭୁଲ ଅସ୍ତ୍ରୋପଚାର ଯୋଗୁ ନବଜାତ ଶିଶୁର ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ଷ୍ଟିଚ ପଡ଼ିଛି ଓ ମହିଳାଙ୍କ ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ତେଣୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। ୨୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି ବୋଲି ଜିଲାପାଳ ହେମକାନ୍ତ ସୟ କହିଛନ୍ତି। ତେବେ ଆଗାମୀ ସପ୍ତାହକ ମଧ୍ୟରେ କ୍ଷତିପୂରଣ ରାଶି ନ ମିଳିଲେ ବିଜେଡି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ରବୀନ୍ଦ୍ର କର, କରୁଣାକର କର, ପଞ୍ଚାୟତ ସମିତି ସଭ୍ୟ ରାଇସେନ ହେମ୍ବ୍ରମ, ସରପଞ୍ଚ ବାଇଧର କିସ୍କୁ, ସୁନାରାମ ମାର୍ଣ୍ଡି, ପରାଗ ରଞ୍ଜନ ମହାନ୍ତି, ମଣ୍ଟୁ ମହାନ୍ତ, ସୁଜିତ ନାୟକ, ମାଣିକ ହାଁସଦା, ରଜନୀ ମହାନ୍ତ, ଜହରଲାଲ ସିଂଙ୍କ ସମେତ ଗ୍ରାମବାସୀ ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ଚୋରି

ମୋରଡ଼ା,୨୦।୩ (ସ୍ମାରକ ମାଝୀ)

## ମୋରଡ଼ାରେ ବଢ଼ୁଛି ଚୋରଙ୍କ ଦୌରାତ୍ମ୍ୟ

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଥାନା ଅଧୀନ ଚିତ୍ରଡ଼ାସ୍ଥିତ ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ଏସି ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୧୨/୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବ୍ଲକ କାର୍ଯ୍ୟାଳୟ ପରିସରରୁ ୧୨ଟି ଏସିର ତମ୍ବା ପାଇପ ଚୋରି ହୋଇଥିବା ନେଇ ଗତ ୧୭ ତାରିଖରେ ରାତ୍ରୀ ଜଗୁଆଳି ସରୋଜ ମହାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ଅଣାକର ନାଏକଙ୍କୁ ପଚାରିବାରୁ ମାର୍ଚ୍ଚ ୧୬ ତାରିଖ ରାତିରେ ଝଡ଼ ବର୍ଷା ହେବାରୁ ରାତ୍ରୀ ଜଗୁଆଳି ସରୋଜ ଘରକୁ ଯାଇଥିଲେ ବୋଲି କହିଛନ୍ତି। ସେହିପରି ତଦନ୍ତକାରୀ ଅଧିକାରୀ ଭୀମସେନ ମଲ୍ଲିକଙ୍କୁ ପଚାରିବାରୁ ପୋଲିସ ଘଟଣାର ତଦନ୍ତ କରୁଛି ଏବଂ ସିସିଟିଭି ଫୁଟେଜ ମଗାଯାଇଛି ବୋଲି ସେ କହିଛନ୍ତି। ତେବେ ଅଞ୍ଚଳରେ ଚୋରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହେଉଛି।

# ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଭଞ୍ଜପୁରସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଯାଇଛି। ଅଧକ୍ଷ ଡା. ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧାପକ ସତ୍ୟବାନ ଗୋଛାୟତ ଯୋଗଦେଇ 'ଡାର୍କ ମ୍ୟାଟର ଆଣ୍ଡ ଡାର୍କ ଏନର୍ଜୀ' ବିଷୟରେ ବୁଝାଇ କହିଥିଲେ। ସେମିନାର ଯୁଗ୍ମ ସଚିବ ଆୟୁଷ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭାଗୀୟ ମୁଖ୍ୟ ପ୍ରଶାନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ଆୟୁଷ କୁମାର ପ୍ରତିହାରୀ, ସୌମ୍ୟ ରଞ୍ଜନ ବେହେରା ଏବଂ ନରେଶ କୁମାର ମହାନ୍ତ 'ଡାର୍କ ମ୍ୟାଟର ଆଣ୍ଡ ଡାର୍କ ଏନର୍ଜୀ' ଓ 'ଏଲିମେଣ୍ଟରୀ ପାର୍ଟିକଲ' ବିଷୟରେ କହିଥିଲେ। ଗବେଷଣାଗାର ପରିଚାଳକ କୌଶିକ ଘୋଷ ଏବଂ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଅଧାପିକା ଲିପ୍ସାରାଣୀ ଗିରି ଧନ୍ୟବାଦ ଦେଇଥିଲେ।

# ସାମ୍ବାଦିକ ସଂଘର ବନ୍ଧୁମିଳନ

ମୋରଡ଼ା,୨୦।୩ (ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ସାମ୍ବାଦିକ ସଙ୍ଘ, ଚିତ୍ରଡ଼ା ଏବଂ ମୋରଡ଼ା ପ୍ରେସ କ୍ଲବର ସଦସ୍ୟମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି।

ମୋରଡ଼ା ପ୍ରେସ୍ କ୍ଲବ ସଭାପତି ଘାସିରାମ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ସମସ୍ୟା, ଲୋକଙ୍କ ସମସ୍ୟା ତଥା କିପରି ସମାଧାନ ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ କିପରି ନିଜ ନିଜ ଭିତରେ ବନ୍ଧୁତ୍ୱପୂର୍ଣ୍ଣ ଭାବ ରଖି ପରସ୍ପରକୁ ସହଯୋଗ କରିବେ ସେ ନେଇ ଉପସ୍ଥିତ ସଦସ୍ୟଗଣ ନିଜ ନିଜର ମତବ୍ୟକ୍ତ ରଖିଥିଲେ। ବରିଷ୍ଠ ସାମ୍ବାଦିକ ତଥା ମୋରଡ଼ା ବ୍ଲକ ସାମ୍ବାଦିକ ସଂଘର ସଭାପତି ରଣଜିତ କୁମାର ସାହୁ, ରବୀନ୍ଦ୍ର ମହାନ୍ତ, ଅବିନାଶ ମହାନ୍ତି, ବିଶ୍ୱବନ୍ଦନ ବେହେରା, ସୁଧାଂଶୁ ରାଉତ, ସ୍ମାରକ ମାଝୀ, ଦୀପକ କୁମାର ବେହେରା, ତୁଷାର ବେହେରା, ଚିତ୍ତରଞ୍ଜନ ବେହେରା, ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାନ ବେହେରା ଓ ଦିଲୁ ଧଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏମ୍‌ପିସି କଲେଜରେ ପଖାଳ ଦିବସ


ଅଧାପିକା, ଅଧାପକଙ୍କ ଗହଣରେ ଛାତ୍ରୀଛାତ୍ରମାନେ ପଖାଳ ଦିବସ ପାଳନ କରୁଛନ୍ତି।

ବାରିପଦା,୨୦।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଯାଇଛି। ରୁଚିପୂର୍ଣ୍ଣ ଦହି ପଖାଳ ସହ ଶାଗ, ବଡ଼ିଚୁରା, କାକୁଡି ସାଲାଡ୍, ବାଇଗଣ ଭର୍ତ୍ତା, ମାଛ ଭଜା, ଲିମ୍ବ କଡ଼ି ଭଜା, ଛୁଇଁ ବେସର, କଦଳୀ ଭଜା ଓ ଆମ୍ବୁଲ ରାଇ ଭଳି ଓଡ଼ିଆ ପାରମ୍ପରିକ ସୁସ୍ୱାଦୁ ବ୍ୟଞ୍ଜନ ପରସା ଯାଇଥିଲା। ଏକାଠି ସମସ୍ତେ ପଖାଳ ଖାଇ ଓଡ଼ିଆ ଜାତିର ଏହି ମହାନ ଖାଦ୍ୟ ପରମ୍ପରାକୁ ଉଜ୍ଜୀବିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଜାତିର ପାରମ୍ପରିକ ଖାଦ୍ୟ ପଖାଳର ଲୋକପ୍ରିୟତା ଓ ସ୍ୱାସ୍ଥ୍ୟ ପ୍ରତି ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ଅଧାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀଚକ୍ର ଓଡ଼ିଶାର ଖାଦ୍ୟ ପରମ୍ପରା ଓ ଏହାର ବୈଜ୍ଞାନିକ ଦୃଷ୍ଟିକୋଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବିବରଣୀ ଉପସ୍ଥାପନା କରିଥିଲେ। ଅଧାପକ ଡ. ଧନଞ୍ଜୟ ସିଂ ପଖାଳ କିପରି ଗାଁରୁ ସହର ଏବେ ଅଧିକ ଜନପ୍ରିୟ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଡ. ଦୟାନିଧି ପରିଡ଼ା ସଞ୍ଚାଳନ କରିଥିଲେ। ବିଭାଗୀୟ ଅଧାପିକା ଛନ୍ଦିତା ବିଶାଳ ଛାତ୍ରୀଛାତ୍ରଙ୍କର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଭାଗର ଛାତ୍ର ଇନ୍ଦ୍ରଜିତ ନାୟକ, ଧନଞ୍ଜୟ ସି, ଗୀତାଞ୍ଜଳି ସେଠ, ପୂର୍ଣ୍ଣିମା ସି, ଅଜୟ, ଭବେଶ, ଲିପିକା, ପିଣ୍ଟୁ ଧଳ, ଲଚ୍ଛମନ ଧଳ, ସୁଜାତା, ପୂର୍ଣ୍ଣିମା, ଅଞ୍ଜନା, ଶୁଭସ୍ମିତା, ପ୍ରିୟଦର୍ଶିନୀ ଓ ଗବେଷକ ଭବାନୀ ଶଙ୍କର ମହାନ୍ତଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର କାର୍ଯ୍ୟକ୍ରମର ସଫଳ ରୂପାୟନରେ ସକ୍ରିୟ ସହଯୋଗ କରିଥିଲେ। ବିଭାଗ ମୁଖ୍ୟ ଡ.ରୀନା ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

ମୋରଡ଼ା,୨୦।୩(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଞ୍ଚଳରେ ଜଣେ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶୁକ୍ରବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ ବେତନଟୀ ଥାନା ଅଧୀନ ସଙ୍ଗାଡ଼ିହି ଗ୍ରାମର ଜଗତ ହାଁସଦା(୬୫)। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ସ୍ଥାନୀୟ ସମାଇଡ଼ିହି ପୁରାଣ ବନ୍ଧ ନିକଟରେ ଜଗତଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୭/୨୬)ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି।

# ସ୍ୱାସ୍ଥ୍ୟ ସଚେତନତା ଶିବିର


ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବାରିପଦା,୨୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରର ଅଗ୍ରଣୀ ଘରୋଇ ଚିକିତ୍ସାଳୟ ସାଇ ନର୍ସିଂ ହୋମ ପକ୍ଷରୁ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ପକ୍ଷରୁ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଦିନିକିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେଇ ଯାଇଛି। ଏହି ଶିବିରରେ ସାଇ ନର୍ସିଂ ହୋମର ଦୁଇଜଣ ଡାକ୍ତର ଦୀପିକା ଆଚାର୍ଯ୍ୟ ଓ ଡା. ଐଶ୍ୱର୍ଯ୍ୟରାଜ ପତି ୭ ଜଣିଆ ଡାକ୍ତରୀ ଟିମର ସହାୟତାରେ ସ୍ୱେଚ୍ଛାସେବୀ ତଥା ମହାବିଦ୍ୟାଳୟର ଅନ୍ୟାନ୍ୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା. ପତି ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ସକାରାତ୍ମକ ଏବଂ ନକାରାତ୍ମକ ଦିଗଗୁଡ଼ିକ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବାରିପଦାର ସାଇ ନର୍ସିଂହୋମ ପକ୍ଷରୁ ବର୍ଷ ବର୍ଷ ଧରି ଅନେକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଆଗାମୀ ଦିନରେ ଜିଲାର ପ୍ରତ୍ୟେକ କୋଣ ଅନୁକୋଣରେ ଏହି ଭଳି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କରାଯିବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଜନସାଧାରଣ କିଭଳି ସମ୍ପୂର୍ଣ୍ଣ ମାଗଣାରେ ସେବା ପାଇପାରିବେ ସେ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରୋଗ୍ରାମ ଅଫିସର ଅଧାପକ ଡା..ସୁବ୍ରତ କୁମାର ପାତ୍ର, ଡା. ସ୍ମିତା ଦାଶ, ଡା. ଅଞ୍ଜଳି ପଣ୍ଡା, ଡା. ସଂଯୁକ୍ତାରାଣୀ ସୁର ଏବଂ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଚୌକାଠ ବୋଝେଇ ୬ ବାଇକ୍ ଜବତ

ଠାକୁରମୁଣ୍ଡା,୨୦।୩ (ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅଞ୍ଚଳରୁ ଗୁରବାର ବିଳମ୍ବିତ ରାତିରେ ଚୋରାରେ ଶାଳ କାଠରେ କଟା ଯାଇଥିବା ଚୌ କାଠକୁ ୬ ଟି ବାଇକରେ ଆନନ୍ଦପୁର ଅଞ୍ଚଳକୁ ନେଇ ଯାଉଥିବା ବେଳେ ସାତକୋଶିଆ ରେଞ୍ଜ କର୍ମଚାରୀମାନେ ଚୌ କାଠ ସହ ବାଇକ୍‌ଗୁଡ଼ିକୁ ଜବତ କରିଛନ୍ତି। ଜବତ ଚୌ କାଠ ଗୁଡିକ ୨୨.୯୧ ସିଏଫଟି ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ବନ କର୍ମଚାରୀମାନଙ୍କୁ ଦେଖି ଚୋରାରେ କାଠ ନେଇ ଯାଉଥିବା ବାଇକ୍ ଚାଳକମାନେ ଘଟଣାସ୍ଥଳରୁ ଖସି ପଳାଇ ଯାଇଛନ୍ତି।

ସୂଚନା ଅନୁଯାୟୀ, ଚୋରାରେ କଟା ଯାଇଥିବା ଶାଳ ଗଛ ଚୌ କାଠଗୁଡ଼ିକୁ ବାଇକ୍ ଯୋଗେ ଚାଲାଣ ହେବା ନେଇ କୌଣସି ସୂତ୍ରରୁ ସୂଚନା ପାଇ ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ସାତକୋଶିଆ ଫରେଷ୍ଟର ଗୌତମ ମହାନ୍ତ, ନଦା ଫରେଷ୍ଟର ଚିତ୍ରମଣି ହୋ, ଫରେଷ୍ଟ ଗାର୍ଡ ସନତ ମହାନ୍ତ ଓ ଅନ୍ୟ ବନ କର୍ମଚାରୀମାନେ ଶାଳବୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଉଁଶପାଣି ଗ୍ରାମ ନିକଟ ରାସ୍ତାରେ କାଠ ଧରି ଆସୁଥିବା ବାଇକ୍‌ଗୁଡ଼ିକ ଅଟକାଇ ଥିଲେ। ଘଟଣାସ୍ଥଳରୁ ବାଇକ୍ ଚାଳକମାନେ ଦୌଡ଼ି ଖସି ପଳାଇ ଯାଇଥିବା ବେଳେ ବାଇକ୍ ସହିତ ବୋଝେଇ ହୋଇଥିବା ଚୌ କାଠକୁ ଜବତ କରିଥିଲେ।

# ଏପ୍ରିଲ ୩ରୁ ପଞ୍ଚରାତ୍ର ମହୋତ୍ସବ

ଖାରପୋଖରିଆ,୨୦।୩ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକର ଖାରପୋଖରିଆଠାରେ ଥିବା ସୀମାନ୍ତ ଯୁଥ ମିଶନ ଆନୁକୂଲ୍ୟରେ ହେବାକୁ ଯାଉଥିବା ପଞ୍ଚରାତ୍ର ମହୋତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖାରପୋଖରିଆ ପଞ୍ଚାୟତ ପଡାସିଆ, ବାଲିଆସାହିସ୍ଥିତ ପଞ୍ଚରାତ୍ର ମହୋତ୍ସବ ପ୍ରାଙ୍ଗଣରେ ମହୋତ୍ସବ ପରିଚାଳନା କମିଟିର ସଭାପତି କାହ୍ନୁ ଚରଣ ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିଆସାହି, ଗୋହଳାମୁଣ୍ଡା, ପଡାସିଆ, ପୁଆଣି,ଖାରପୋଖରିଆ ସହିତ ଅନ୍ୟାନ୍ୟ ୧୦ଟି ଗ୍ରାମର ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ମହୋତ୍ସବ ଆସନ୍ତା ଏପ୍ରିଲ ୩ରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଚାଲିବ। ମହୋତ୍ସବରେ ଆଞ୍ଚଳିକ ସଦଭାବନା ,ଶୃଙ୍ଖଳିତ ଜୀବନଯାପନ ଶୈଳୀ, ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଙ୍କ ଦ୍ୱାରା କୁଟୀର ଶିଳ୍ପ ପ୍ରଦର୍ଶନୀ,ପଲିଥିନ ମୁକ୍ତ ସମାଜ ଗଠନ, ଗୋ ପୂଜନ ଓ ସମର୍ପଣ, ଅଞ୍ଚଳର ଏକାନ୍ନବର୍ତ୍ତୀ ପରିବାରକୁ ସମ୍ବର୍ଦ୍ଧନା, ଅବସରପ୍ରାପ୍ତ ବୀର ଯବାନମାନଙ୍କୁ ସମ୍ବର୍ଦ୍ଧନା ଓ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ, ମାଗଣା ଚିକିତ୍ସା ଶିବିର ମାଧ୍ୟମରେ ଗରିବ,ଅସହାୟ ମାନଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟପରୀକ୍ଷା ଓ ଔଷଧ ବଣ୍ଟନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିନିମନ୍ତେ ଆୟବ୍ୟୟର ବଜେଟ ଯୁଥ ମିଶନର ସମ୍ପାଦକ ସୁବ୍ରତ କୁମାର ଦତ୍ତ ଉପସ୍ଥାପନା କରିଥିଲେ। ସଭ୍ୟ ଭଗିରଥ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଶାରୀରିକ ଶିକ୍ଷା ତାଲିମ ଶିବିର


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବୈଶିଙ୍ଗା,୨୦।୩ (ରତନ ଦାଶ)

## ରଘୁନାଥ ଉଚ୍ଚ ବିଦ୍ୟାଳୟ

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରାଇକମାସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଞ୍ଚ ଦିବସୀୟ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଅତୁଲ କୁମାର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରକୁ ଗୁରୁବାର ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ଉଦ୍‌ଘାଟନ କରିଥିଲେ। ଶାରୀରିକ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଉତ୍ତମ ଶିକ୍ଷା ପ୍ରଦାନ ଦ୍ୱାରା ଏକ ଶୃଙ୍ଖଳିତ ତଥା ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ଶିକ୍ଷକ ରାଜକିଶୋର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ଜିଲା କ୍ରୀଡ଼ା ଅଧିକାରୀ ତଥା ଜିଲା କ୍ରୀଡ଼ା ଛାତ୍ରାବାସ ଅଧୀକ୍ଷକ ଅବନୀ ମୋହନ ମହାନ୍ତି, ଫିଜିଓଥେରାପି ସାଧନ କର୍ମୀ ଶୁଭକାନ୍ତ ଦଳେଇ , ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଜିଲା ସାଧାରଣ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଯୋଗ ମାର୍ଗଦର୍ଶକ ଜ୍ୟୋତି ରଞ୍ଜନ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଜାତୀୟସ୍ତରୀୟ ଯୋଗାସନ ଛାତ୍ରୀ କ୍ରିଷ୍ଣା ଦାସ, କ୍ରିଷ୍ଣା ନାୟକ, ସଂଗୀତା ପାତ୍ରୀ ଓ ଶୁଭଲକ୍ଷ୍ମୀ ବେହେରା ଯୋଗାସନ ପ୍ରଦର୍ଶନ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମଗ୍ର ଜିଲାରୁ ମୋଟ ୧୨୬ ଜଣ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଶିକ୍ଷକ ଏହି ଶିବିରରେ ଯୋଗଦାନ କରି ପ୍ରଶିକ୍ଷଣ ଗ୍ରହଣ କରିବେ ଏବଂ ୨୩ ତାରିଖରେ ଏହା ଉଦ୍‌ଯାପିତ ହେବ ବୋଲି ପ୍ରଧାନଶିକ୍ଷକ ଅଜିତ କୁମାର ଜେନା ପ୍ରକାଶ କରିଛନ୍ତି।

# ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ

ବାରିପଦା,୨୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଶହୀଦ ସ୍ମୃତି ଭବନରେ ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେଶନ ଆନୁକୂଲ୍ୟରେ ତଥା ଏନ୍‌ଏଫ୍‌ଡିସିର ସହଯୋଗରେ ୭ମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାୱାର ଫାଇନାନ୍ସ କର୍ପୋରେଶନ ଲିମିଟେଡ୍‌ର ପୂର୍ବତନ ସିଜିଏମ୍ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ସାନ୍ତାଳୀ ସିନେମା ପ୍ରଯୋଜକ ପୂର୍ଣ୍ଣିମା ଟୁଡୁ, ସାମାଜିକ କର୍ମୀ ଫୁଲମଣୀ ହେମ୍ବ୍ରମ, ବିଶିଷ୍ଟ ବ୍ୟବସାୟୀ ଦିଘୀ ମୁର୍ମୁ ମାର୍ଣ୍ଡି, କାହ୍ନାଇ ଚରଣ ଟୁଡୁ, ଜୁରୀ ସଦସ୍ୟ ମାନସିଂ ମାଝୀ, ସ୍ନେହା ମୁଣ୍ଡାରୀ, କ୍ରିଷ୍ଣା ସୋରେନ ଓ ନିରଞ୍ଜନ କୁଜୁର ଯୋଗଦେଇ ଏହି ମହୋତ୍ସବର ଉଦ୍‌ଘାଟନ କରିବା ସହ ଏହାର ସଫଳତା କାମନା କରିଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଏହି ମହୋତ୍ସବ ଉପରେ ଆଲୋକପାତ କରିବା ସହ ଏହାକୁ ସଫଳ କରିବା ପାଇଁ ଆଗେଇ ଆସିଥିବା ସମସ୍ତ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ। ନିଚୁଆପଦା ଉତ୍ତରସାହି ଛଉନୃତ୍ୟ ଦଳ ସର୍ବ ପ୍ରଥମେ ଛଉ ନୃତ୍ୟ ପ୍ରଦର୍ଶନ କରିଥିଲେ। ପ୍ରଥମ ଦିନରେ ସାନ୍ତାଳୀ, ତିୱା, ହିନ୍ଦୀ, ଓଡ଼ିଆ, ଇଂରାଜୀ, ତାମିଲ, କର୍ବୀ, ଆସାମୀ ଓ ବେଙ୍ଗଲୀ ଭାଷାରେ ୯ଟି ପ୍ରାମାଣିକ ଚଳଚିତ୍ର ଓ ୩ଟି ଲଘୁ ସିନେମା ପ୍ରଦର୍ଶିତ ହୋଇଥିଲା। ପ୍ରତ୍ୟେକ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ଆୟୋଜକଙ୍କ ତରଫରୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ଆସନ୍ତା ୭ଟି ଲଘୁ ସିନେମା ଓ ୫ଟି ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ ହେବା ସହ ଶେଷରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଅଣ୍ଡା, ଛତୁଆ ଦେବେ କହି ୪୦ ହଜାର ଲୁଟିଲେ

## ଥାନାର ଦ୍ୱାରସ୍ଥ ହେଲେ ଗର୍ଭବତୀ


ଠକେଇର ଶିକାର ହୋଇଥିବା ମହିଳା।

ଉଦଳା,୨୦।୩(ସନ୍ତୋଷ କୁମାର ବାଛିନୀ)

ପାଇ ନ ଥିବା ଅଣ୍ଡା, ଛତୁଆ ବାବଦରେ ଟଙ୍କା ଦିଆଯିବ କହି ସାଇବର ଠକ ଜଣେ ଗର୍ଭବତୀଙ୍କଠାରୁ ୪୦ ହଜାର ଟଙ୍କା ଲୁଟିନେବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଧାନଘେରା ଗ୍ରାମରେ।

ସୂଚନା ଅନୁଯାୟୀ, ଧାନଘେରା ଗ୍ରାମର ଗର୍ଭବତୀ ଶକୁନ୍ତଳା ବେହେରାଙ୍କ ନିକଟକୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଜଣକ ନିଜକୁ ଶିଶୁ କଲ୍ୟାଣ ବିଭାଗର ଜଣେ ପଦସ୍ଥ ଅଫିସର ବୋଲି ପରିଚୟ ଦେଇଥିଲେ। ଏହା ସହିତ କେତେ ମାସ ହେବ ଅଣ୍ଡା ଏବଂ ଛତୁଆ ପାଇ ନାହାନ୍ତି ସେ ବାବଦରେ ପଚାରିଥିଲେ। ଅଙ୍ଗନୱାଡି ଖାଦ୍ୟ ଠିକ୍ ଭାବେ ପାଇ ନ ଥିବା ଶକୁନ୍ତଳା କହିବା ପରେ ସେହି ବ୍ୟକ୍ତି ଜଣକ ଧାନଘେରା ଅଙ୍ଗନୱାଡି କର୍ମୀଙ୍କୁ କନଫରେନ୍ସରେ ନେଇ କ'ଣ ପାଇଁ ଅଣ୍ଡା ଛତୁଆ ଦିଆଯାଇନାହିଁ ତାହା ପଚାରିଥିଲେ। ଏହା ପରେ ଅଙ୍ଗନୱାଡି କର୍ମୀଙ୍କୁ ଫୋନ ଲାଇନରୁ ବିଚ୍ଛିନ୍ନ କରି ଶକୁନ୍ତଳାଙ୍କୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମାଗିଥିଲେ। ଉକ୍ତ ବ୍ୟାଙ୍କ ଆକାଉଣ୍ଟରେ ଶକୁନ୍ତଳା ପାଇ ନ ଥିବା ଅଣ୍ଡା, ଛତୁଆ ବାବଦକୁ ସରକାରଙ୍କ ତରଫରୁ ୯ହଜାର ୨୬ ଟଙ୍କା ପ୍ରଦାନ କରାଯିବ ବୋଲି ଉକ୍ତ ସାଇବର ଠକ ଜଣକ କହିଥିଲେ। ଯାହାକୁ ବିଶ୍ୱାସ କରି ଶକୁନ୍ତଳା ନିଜର ବ୍ୟାଙ୍କ ଆକାଉଣ୍ଟ ନମ୍ବର ଠକଙ୍କୁ ପ୍ରଦାନ କରିଥିଲେ। ହେଲେ ଟଙ୍କା ଆସିବା ପରିବର୍ତ୍ତେ କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୨୦ ହଜାର ଟଙ୍କା କରି ଦୁଇ ଥର ଅର୍ଥାତ୍ ସମୁଦାୟ ୪୦ ହଜାର ଟଙ୍କା କଟି ଯାଇଥିବା ସେ ମେସେଜ ଦେଖି ଜାଣିବାକୁ ପାଇଥିଲେ। ଏନେଇ ଶକୁନ୍ତଳା ଉଦଳା ଥାନାରେ ଅଭିଯୋଗ କରିଛନ୍ତି।

## ଗାଡ୍‌ୱାଲ ତଳକୁ ଓଲଟିଲା ବୋଲେରୋ



କେନ୍ଦୁଝର,୨୦।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ମଇଦାନକେଲ ବାସୁଦେବପୁର ରାସ୍ତାର ଗାର୍ଡୱାଲ ତଳକୁ ଶୁକ୍ରବାର ଏକ ବୋଲେରୋ ଭାରସାମ୍ୟ ହରାଇ ତଳକୁ ଓଲଟି ପଡ଼ିଛି। ଫଳରେ ଗାଡି ଭାଙ୍ଗି ଚୁରମାର୍ ହୋଇ ଯାଇଛି। ଚାଳକ ସୌଭାଗ୍ୟ ବଶତଃ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ସନ୍ଧ୍ୟାରେ ଘଟଣା ଘଟିଥିବା ବେଳେ ଗାଡ଼ି ଚାଳକ ସୁରକ୍ଷିତ ଅଛନ୍ତି। ପ୍ରକାଶଯୋଗ୍ୟ, ରାସ୍ତା ନିର୍ମାଣ କରୁଥିବା ଠିକାଦାର ରାସ୍ତା ପାର୍ଶ୍ୱରେ ପଥର ବିଛାଇ ଦେଇଛି।ଫଳରେ ଗାଡି ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ବିନା ଦରଖାସ୍ତରେ ବିଦ୍ୟାଳୟରେ ଅନୁପସ୍ଥିତ ରହିଲେ ଶିକ୍ଷକ

ମୋରଡ଼ା,୨୦।୩(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ କାର୍ଯ୍ୟରତ ଜଣେ ଶିକ୍ଷକ ନିଜ ଦାୟିତ୍ୱରେ ଅବହେଳା କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଉକ୍ତ ନୁହାଖାଳିଆ ପଞ୍ଚାୟତର ଧୀରେଇଡ଼ିହି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ ସାମରୁଲ ହକ ଦରଖାସ୍ତ ନ ଦେଇ ଗୁରୁବାର ବିଦ୍ୟାଳୟକୁ ଆସି ନ ଥିବା ଦେଖିବାକୁ ମିଳିଛି। ଏନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ସେ ସିଆରସିସିଙ୍କୁ ଛୁଟି ବାବଦରେ ଜଣାଇଛନ୍ତି ବୋଲି କହିଥିଲେ। ତେବେ ସିଆରସିସି ମର୍କଟକେଶରୀ ସିଙ୍କୁ ପଚାରିବାରୁ ଶିକ୍ଷକ ଜଣକ ଛୁଟି ବାବଦରେ ତାଙ୍କୁ କେବଳ ଫୋନ ଯୋଗେ କହିଥିଲେ, କିନ୍ତୁ କୌଣସି ଲିଖିତ ଭାବେ ଦରଖାସ୍ତ ବିଇଓ କିମ୍ବା ଏବିଇଓଙ୍କୁ ଦେଇ ନାହାନ୍ତି ବୋଲି କହିଛନ୍ତି। ତେବେ ଶିକ୍ଷକ ବେଆଇନ ଭାବେ ଛୁଟି ରହିବା ଘଟଣା ବାବଦରେ ସିଆରସିସି ବିଇଓଙ୍କୁ ଜଣାଇ ନ ଥିଲେ, ଯାହାକୁ ନେଇ ତାଙ୍କର ଦାୟିତ୍ୱକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏନେଇ ବିଇଓ ବିଜୟ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ବୈଠକ

ବାରିପଦା,୨୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଭଞ୍ଜପୁରଞ୍ଚଠାରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ମୟୂରଭଞ୍ଜ ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୁକ୍ତେଶ୍ୱର ଜୀଉଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟତଃ ଦୁର୍ନୀତି ମୁକ୍ତ ସମାଜ ଗଠନ ସକାଶେ ଜନସଚେତନତା ସୃଷ୍ଟି କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାର ସିଦ୍ଧାନ୍ତ ନିଆଯାଇଥିଲା। । ଏହି ବୈଠକରେ ଉପ ସଭାପତି ଦିଲ୍ଲୀପ କୁମାର ଦାସ, ସମ୍ପାଦକ ସୁନୀଲ କୁମାର ହୋତା, ସହ ସମ୍ପାଦକ ସଞ୍ଜୟ କୁମାର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ରାଧାଗୋବିନ୍ଦ ବେହେରା, ମୁଖ୍ୟ ଉପଦେଷ୍ଟା ବିଭୁତି ଭୂଷଣ ସଦୁଆଳ, ଆଜୀବନ ସଦସ୍ୟ ଦିଲ୍ଲୀପ କୁମାର ପଣ୍ଡା, ଭାନୁପ୍ରତାପ ଭଞ୍ଜଦେଓ, ରାମଚନ୍ଦ୍ର ବିନ୍ଧାଣି, ଅରୁଣ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ସଦସ୍ୟ ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ରସାନନ୍ଦ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ ଓ ସାମାଜିକ କର୍ମୀ ପରେଶ ଚନ୍ଦ୍ର ଧଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ପଖାଳ ଦିବସ ପାଳିତ

ରାଇରଙ୍ଗପୁର,୨୦।୩ (ମାନସ ମହାନ୍ତି )

ମୟୁରଭଞ୍ଜ ଜିଲା ରାଇରଙ୍ଗପୁର ସ୍ଥିତ ବାମନଘାଟୀ ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ଥାନୀୟ ପି. ସି. ଏମ. କଲ୍ୟାଣୀ ମଣ୍ଡପ ପରିସରରେ ପଖାଳ ଦିବସ ସହ ଅନୁଷ୍ଠାନର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ରାଇରଙ୍ଗପୁର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପଖାଳ ଦିବସ ପାଳନ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।ଏହିଅବସରରେ ରାଇରଙ୍ଗପୁର ଅଞ୍ଚଳର କେତେକ ବିଶିଷ୍ଟ କଳାକାରଙ୍କ ସମେତ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।କାର୍ଯ୍ୟକ୍ରମରେ ବାମନଘାଟି ସାଂସ୍କୃତିକ ପରିଷଦର ଆବାହକ ସୌର ପଟ୍ଟନାୟକଙ୍କ ସମେତ ବିଭିନ୍ନ କର୍ମକର୍ତ୍ତା ଏବଂ ସଦସ୍ୟ ସଦସ୍ୟା ସାମିଲ ଥିଲେ।


କେନ୍ଦୁଝର ଓ ପାଟଣା ସଂଯୋଗୀ ରାସ୍ତାର ସଦର ବ୍ଲକ୍ ନେଲୁଙ୍ଗ ପଞ୍ଚାୟତ ଜଡିଖୁଣ୍ଟା ସର୍ଭିସ ରୋଡ୍ ଭୁଶୁଡ଼ି ଯାଇଛି।

## ଅଦିନିଆ ବର୍ଷାରେ ଭୁଶୁଡ଼ିଲା ସର୍ଭିସ ରାସ୍ତା

କେନ୍ଦୁଝର,୨୦।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଅପରାହ୍ଣରେ ଝଡ଼ତୋଫାନ ଓ ଅଦିନିଆ ବର୍ଷା ହୋଇଛି। ଏହାର ପ୍ରଭାବରେ କେନ୍ଦୁଝର ଓ ପାଟଣା ସଂଯୋଗୀ ରାସ୍ତାର ସଦର ବ୍ଲକ୍ ନେଲୁଙ୍ଗ ପଞ୍ଚାୟତ ଜଡିଖୁଣ୍ଟା ସର୍ଭିସ ରୋଡ୍ ଭୁଶୁଡ଼ି ଯାଇଛି। ଫଳରେ ଗାଡ଼ି ଯାତାୟାତ କିଛି ଘଣ୍ଟା ବନ୍ଦ ରହିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ହେଉଥିବାବେଳେ ଠିକାଦାର ଉପରେ ପୋଲ ନିର୍ମାଣ କରୁଛି। ତଳେ ସାଧାରଣ ଯାତାୟତ ପାଇଁ ସର୍ଭିସ ରୋଡ୍ ନିର୍ମାଣ ହୋଇଥିବାବେଳେ ଅଦିନିଆ ବର୍ଷାରେ ତାହା ଭୁଶୁଡ଼ି ଯାଇଛି। ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଚୋରା କାଠ ଜବତ, ଜଣେ ଗିରଫ

ପାଟଣା,୨୦।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ପାଟଣା ସେକ୍ସନର ପୋଇପାଣି ବିଟ୍ ଅନ୍ତର୍ଗତ ଗୋପପୁର ଗ୍ରାମର କମଳା କାନ୍ତ ନାୟକଙ୍କ ପୁଅ ରାହାସ ବିହାରୀ ନାଏକଙ୍କ ଘରୁ ଶୁକ୍ରବାର ବନ ବିଭାଗ ଲକ୍ଷାଧିକ ଟଙ୍କାର ଶାଗୁଆନ ପଟା, ଶାଳ ଚୌକାଠ, ଶାଳ ବତାକୁ ବିଭାଗ ଜବତ କରିଛି। ଜବତ କାଠ ମଧ୍ୟରେ ୧୯ପିସ ଶାଗୁଆନ ପଟା, ୪୧ପିସ ଶାଳ ଚୌକାଠ, ୩୪ପିସ ଶାଳ ବତା ଅନ୍ତର୍ଭୁକ୍ତ ରହିଛି। କାଠଗୁଡ଼ିକର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି। ରାହାସ ବିହାରୀ ନାୟକଙ୍କୁ ଶୁକ୍ରବାର ଗିରଫ କରାଯାଇଥିବା ବେଳେ ଶନିବାର କୋର୍ଟଚାଲାଣ କରାଯିବ ବୋଲି ପାଟଣା ବନପାଳ ନିରଞ୍ଜନ ସେଠୀ କହିଛନ୍ତି। ରାହାସପୋଇ ପାଣି ସଂରକ୍ଷିତ ଜଙ୍ଗଲରୁ ୩ ଦିନ ତଳେ ଗଛ କାଟି କେତେକ ଚାଲାଣ କରିଥିବା ବେଳେ କେତେକ ଘରେ ରଖିଥିବା କଥାକୁ ବନ ବନ ବିଭାଗ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଜବତ କାଠକୁ ପାଟଣା ରେଞ୍ଜ ଅଫିସକୁ ଅଣାଯାଇଛି। ଏ ନେଇ ପାଟଣା ରେଞ୍ଜରେ ମାମଲା(ନଂ.୧୧୫/୨୬) ରୁଜୁ ହୋଇଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଆସିଥିବା ଦିବ୍ୟାଙ୍ଗ।

ବଉଳା,୨୦।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ ପରିଡା, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାତୀଶ୍ରୀ ସିଂ, ଏସ୍ ପ୍ରତିକ୍ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୮୬ ଜଣ ଭିନ୍ନକ୍ଷମଙ୍କୁ ଡାକ୍ତର ପରୀକ୍ଷା କରିଥିଲେ। ଡ. କିସାନ ମଲ୍ଲିକ୍, ଡ. ଉଦୟ ଭାସ୍କର ପଣ୍ଡା, ଡ. ନିହାର ରଞ୍ଜନ ଦତ, ଡ. ସଞ୍ଜୟ ବେହେରା, ମାନସ ମହାନ୍ତି ପରୀକ୍ଷା କରିବା ସହିତ ଦିବ୍ୟାଙ୍ଗ ଶତକଡ଼ା ନିରୁପଣ କରିଥିଲେ। ଭତ୍ତା କର୍ମଚାରୀ ରାଜେଶ ସାହୁ, ସୁବ୍ରତ ନାୟକ, ଭୋଳାନାଥ ମହାନ୍ତ, ଶ୍ରୀକୃତି ତନ୍ମୟା ଆଚାର୍ଯ୍ୟ, ପ୍ରସନ୍ନ ବିଶ୍ୱାଳ, ଶୁଶ୍ରୀ ସଂଘମିତ୍ରା ଚକ୍ର, ଅମୀୟ ମାଝୀ, ଏଡିଓ ସୁଦର୍ଶନ ଘଡ଼େଇଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ହନୁମାନ ମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ



ହାଟଡ଼ିହୀ,୨୦।୩(ଶୁଭକାନ୍ତ ନାୟକ)

ରାଷ୍ଟ୍ରୀୟ ସେବିକା ସମିତି ପକ୍ଷରୁ କେନ୍ଦୁଝର ଜିଲା ହାଟଡ଼ିହୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ନବବର୍ଷ ଗୁରୁବାର ପାଳନ ହୋଇଯାଇଛି। ଉପସ୍ଥିତ ସେବିକାମାନେ ପତାକା ଉତ୍ତୋଳନ ସ୍ୱରୂପ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ହିନ୍ଦୁ ନବ ବର୍ଷର ମହତ୍ତ୍ୱ ଏବଂ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମମତା ପଣ୍ଡା, ପ୍ରଣୟନୀ ବ୍ରହ୍ମ, ତୃପ୍ତିମୟୀ ଜେନା, ବବିତା ସାହୁ, ଦିପ୍ତିମୟୀ ଖୁଣ୍ଟିଆ, ବିଜୟାଲକ୍ଷ୍ମୀ ଜେନାଙ୍କ ସମେତ ଅନେକ ମହିଳା ଯୋଗଦେଇ ଭାରତ ମାତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ଗୈରିକ ଧ୍ୱଜ ତଳେ ନିଜ ସଂସ୍କୃତି ପରମ୍ପରାକୁ ଆଗକୁ ନେବା ପାଇଁ ପ୍ରତିଜ୍ଞା କରିଥିଲେ।

## ଆୟକର ସମ୍ପର୍କିତ ସଚେତନତା ଶିବିର

କେନ୍ଦୁଝର,୨୦।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ରୋଟାରୀ କ୍ଲବ୍‌ଠାରେ ଆୟକର ସମ୍ବନ୍ଧୀୟ ଏକ ସଚେତେନା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆୟକର ଆୟୁକ୍ତ ସମ୍ବଲପୁର ସରୋଜ ମହାପାତ୍ର ଓ ଅତିରିକ୍ତ ଆୟକର ଆୟୁକ୍ତ ରାଉରକେଲା ରେଞ୍ଜ ରାଧେଶ୍ୟାମ ଜାଜୁଙ୍କ ନିର୍ଦ୍ଦେଶରେ ଶିବିରରେ କେନ୍ଦୁଝର ଆୟକର ଅଧିକାରୀ ସ୍ୱରଣେନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରି ଆୟକର ଅଧିନିୟମ ୧୯୬୧ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷକରି ସରକାରୀ ତଥା ବେସରକାରୀ ବେତନଭୋଗୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ନିୟମଗୁଡ଼ିକୁ ବୁଝାଇଥିଲେ। ବିଗତ ଦିନରେ ହୋଇଥିବା ବେନିୟମ ଆୟକର ଛାଡ଼ ତଥା ଆୟକର ଫାଙ୍କିବା ପାଇଁ ବିଭିନ୍ନ ଆୟକର ଦାତାଙ୍କ ଦ୍ୱାରା ଆପଣାଯାଉଥିବା ନିୟମ ବହିର୍ଭୁତ କାର୍ଯ୍ୟ ସମ୍ବନ୍ଧରେ ଆୟକର ଅଧିକାରୀ ଆଲୋକପାତ କରିଥିଲେ। ଏହା ବ୍ୟତୀତ ଆୟକର ଫାଙ୍କୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଆୟକର ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ସଚେତନ କରାଇଥିଲେ। କେନ୍ଦୁଝରରେ ପାଖାପାଖି ୪୦ ସରକାରୀ ତଥା ବେସରକାରୀ ଅଧିକାରୀ, ଚାର୍ଟର୍ଡ ଅକାଉଣ୍ଟାଣ୍ଟ, ଟାକ୍ସ ଆଡ଼ଭୋକେଟ ଯୋଗଦାନ କରିଥିଲେ। ସଭାରେ ଆୟକର ନିରୀକ୍ଷକ ଅମରଜିତ କୁମାର ଏବଂ ବାସନ୍ତୀ ହେମ୍ବ୍ରମ ସହଯୋଗ କରିଥିଲେ।

# ଅସହାୟଙ୍କ ଭରସା 'ଭରସା ପରିବାର'

## ୨୦୨୦୫ ୟୁନିଟ୍ ଜରୁରିକାଳୀନ ରକ୍ତଦାନ କଲେନି

କେନ୍ଦୁଝର,୨୦।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ରକ୍ତଦାନ କ୍ଷେତ୍ରରେ ଉଦାହରଣ ସାଜିଛି ଭରସା ପରିବାର ଟ୍ରଷ୍ଟ। କେନ୍ଦୁଝର ଜିଲା ଚମ୍ପୁଆ, ମୟୂରଭଞ୍ଜ ଜିଲା କରଞ୍ଜିଆ, କଟକ ଜିଲା ଓ ଭୁବନେଶ୍ୱରରେ ଦୀର୍ଘ ୫ ବର୍ଷ ଧରି ତତ୍କାଳ ରକ୍ତଦାନ କରି ଲୋକଙ୍କ ଭରସାର ପାତ୍ର ସାଜିଛି ଭରସା ପରିବାର ଟ୍ରଷ୍ଟ। ଗ୍ରୀଷ୍ମର ଆଗମନ ପରେ କେନ୍ଦୁଝର ରକ୍ତଭଣ୍ଡାରରେ ରକ୍ତର ଘୋର ସଙ୍କଟ ଦେଖାଯିବାରୁ ରୋଗୀଙ୍କ ସମ୍ପର୍କୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଟ୍ରଷ୍ଟ ସଭାପତି ଲମ୍ବୋଦର ମହାନ୍ତ, ରକ୍ତଦାତା ସଂଯୋଜକ ସେକ୍ ତହିଦ, ଛାତ୍ର ସଂଯୋଜକ ଶାଶ୍ୱତ ତ୍ରିପାଠୀ, କରଣ ରାୟ ଓ ଗୌତମ ଦାସଙ୍କୁ ଯୋଗାଯୋଗ କରୁଛନ୍ତି। ଅନୁରୋଧ ରକ୍ଷା କରି ସଂଗଠନର କର୍ମକର୍ତ୍ତା ସ୍ୱେଚ୍ଛାକୃତଭାବେ ଅଚିହ୍ନା ରୋଗୀଙ୍କୁ ରକ୍ତଦାନ କରି ସମାଜ ପାଇଁ ଉଦାହରଣ ସାଜୁଛନ୍ତି। ଏକ ସପ୍ତାହ ମଧ୍ୟରେ ୫୨ ୟୁନିଟ୍ ଜରୁରିକାଳୀନ ରକ୍ତଦାନ କରିଛନ୍ତି। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ପାଇଁ ଦିଲ୍ଲୀପ ମୁଣ୍ଡା, ରଶ୍ମିରେଖା ମହାକୁଡ଼, ଶରତ ଖିଲ୍ଲାର, ହେମନ୍ତ ମହାନ୍ତ ନିଜେ ରକ୍ତଦାନ କରିବା ସହିତ ରକ୍ତଦାତା ଯୋଗାଡ଼ କରି ଅସହାୟ ରୋଗୀଙ୍କ ପାଇଁ ଦେବଦୁତ ସାଜିଛନ୍ତି। କଟକ ବଡ଼ ମେଡିକାଲରେ ସ୍ମୃତି ସାହୁ, ଦେବାନନ୍ଦ ଦାଶ, ଯଶବନ୍ତ ମହାନ୍ତି ପ୍ରମୁଖ ରକ୍ତ ଯୋଗାଡ଼ କରି ଅସହାୟ ରୋଗୀଙ୍କୁ ପ୍ରଦାନ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରୁଛନ୍ତି। ଆଜି ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ୨୦, ୨୦୫ ୟୁନିଟ୍ ଜରୁରିକାଳୀନ ରକ୍ତଦାନ କରାଯାଇଥିବା ସଭାପତି ଲମ୍ବୋଦର ମହାନ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରକ୍ତର ଅଭାବକୁ ଦୂର କରିବା ପ୍ରଶାସନକୁ ଭରସା ପରିବାର ପକ୍ଷରୁ ନିବେଦନ କରିଛନ୍ତି।

# ଏସ୍‌ୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପ୍ରସ୍ତୁତି

ଆନନ୍ଦପୁର,୨୦।୩(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲାର ଆନନ୍ଦପୁରଠାରେ (ଏସ୍‌ୟୁଜେ) ଓଡ଼ିଶାର କାର୍ଯ୍ୟକାରିଣୀ ନିମନ୍ତେ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅପ୍ରେଲ ୫ ତାରିଖ ରବିବାର ଅନୁଷ୍ଠିତ ହେବାକୁ ସ୍ଥିତ ହୋଇଛି। କାର୍ଯ୍ୟକ୍ରମରେ ଏସ୍‌ୟୁଜେ ଓଡ଼ିଶାର ସମସ୍ତ କର୍ମକର୍ତ୍ତା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ, ବିଭିନ୍ନ କମିଟିର କର୍ମକର୍ତ୍ତା ଓ ସଦସ୍ୟ, ରାଜ୍ୟ ଉପଦେଷ୍ଟା ମଣ୍ଡଳୀ ସଭ୍ୟ, ଜିଲା ଶାଖା ସଭାପତି ଓ ସାଧାରଣ ସମ୍ପାଦକ, ଓଡ଼ିଶାର ଜାତୀୟ ସାମ୍ବାଦିକ ୟୁନିୟନକୁ ପ୍ରତିନିଧିତ୍ୱ କରୁଥିବା କର୍ମକର୍ତ୍ତା, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଓ ନିମନ୍ତ୍ରିତ ସଭ୍ୟମାନେ ଯୋଗଦେବେ। କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆଲୋଚନା ହୋଇଥିଲା। ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିଲୀପ କୁମାର ମିଶ୍ରଙ୍କ ଆବାହକତ୍ୱରେ ବୈଠକରେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶିଭୂଷଣ ଷଡ଼ଙ୍ଗୀ, ଏସ୍‌ୟୁଜେ ସାଂଗଠନିକ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ଜିଲା ସାଧାରଣ ସମ୍ପାଦକ ପାର୍ଥ ସାରଥୀ ମିଶ୍ର, ଜିଲା କାର୍ଯ୍ୟକାରୀ ସଭାପତି ଶ୍ରୀକୁମାର ମିଶ୍ର, ଉପସଭାପତି କିଶୋର ଆଚାର୍ଯ୍ୟ, ସଭ୍ୟ ନାରାୟଣ ସାହୁ, ସନ୍ତୋଷ କୁମାର ରାଉତ, ସ୍ମୃତିରଞ୍ଜନ ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।


# 'ବିଶ୍ୱସ୍ତରରେ ପରିଚିତ ହେବ କୁଳିଅଣା'

## ୮ ଦିନିଆ କର୍ମଶାଳା ଉଦ୍‌ଯାପିତ


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

ବାରିପଦା,୨୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ସହାୟତାରେ ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ ତରଫରୁ ଏକ ପ୍ରାଗୈତିହାସିକ ଯୁଗୀୟ ଆଠ ଦିନିଆ କର୍ମଶାଳା କୁଳିଅଣାଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜାତୀୟ ମନୁମେଣ୍ଟ ଅଥିରିଟିର ପୂର୍ବତନ ଚେୟାରମ୍ୟାନ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବସା, ବୀରବଲ ସାହାନୀ ପାଲିଓସାଇନ୍ସ ଅନୁଷ୍ଠାନର ବୈଜ୍ଞାନିକ ଡ.ଅଞ୍ଜଳି ତ୍ରିବେଦୀ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶକ ଡ. ଦେବଜାନୀ ଭୂୟାଁ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ବିଶ୍ୱବିଦ୍ୟାଳୟ ପିଏମ ଉଷା ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାଏକ, ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଏବଂ ଜନଜାତି ବିଭାଗର ଆସୋସିଏଟ ପ୍ରଫେସର ଡ. ବସନ୍ତ କୁମାର ମହାନ୍ତ ଏବଂ ଡ. ଭୁବନେଶ୍ୱର ଶବର ଯୋଗ ଦେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଏବଂ ଜନଜାତି ବିଭାଗ, ଇତିହାସ ବିଭାଗ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଗଙ୍ଗାଧର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଗବେଷକ, ଅଧ୍ୟାପକ ଏବଂ ଅଧ୍ୟାପିକାମାନେ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳା ମାଧ୍ୟମରେ ମୟୂରଭଞ୍ଜ ଜିଲା କୁଳିଅଣାଠାରେ ଲୁଚି ରହିଥିବା ପ୍ରାଗୈତିହାସିକ ଯୁଗର ସାମଗ୍ରୀର ପୁନଃଜୀବିତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସପ୍ତାହବ୍ୟାପୀ କର୍ମଶାଳାରେ ପ୍ରଫେସର ଶାନ୍ତି ପାପୁ ଯୋଗଦେଇ ତାମିଲନାଡୁର ପ୍ରାଗୈତିହାସିକ ସଂସ୍କୃତି ସହିତ କୁଳିଅଣାର ପ୍ରାଗୈତିହାସିକ ସଂସ୍କୃତିର ସମାନତା ଥିବାର ମତ ପ୍ରକାଶ କରିଥିଲେ। ପୁରାସଂସ୍କୃତିୟ ଉଦ୍ଭିଦ ବିଜ୍ଞାନୀ ଡ. ଅଞ୍ଜଳୀ ତ୍ରିବେଦୀଙ୍କ ମତାନୁସାରେ ପୁରାସଂସ୍କୃତିୟ ଉଦ୍ଭିଦର ପ୍ରମାଣ ମିଳିବା ଉଦ୍ଦେଶ୍ୟରେ କୁଳିଅଣା ଅଞ୍ଚଳରୁ ମାଟିର ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ଭୂତତ୍ତ୍ୱ ବିଜ୍ଞାନୀ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀଙ୍କ ଅନୁସାରେ କୁଳିଅଣା ଅଞ୍ଚଳରେ ଏକ ପ୍ରାଚୀନ ଲୁପ୍ତ ନଦୀ କିମ୍ବା ଜଳସ୍ରୋତର ପ୍ରମାଣ ଥିବାର ସମ୍ଭାବନା ରହିଛି। ଏହି ଅଞ୍ଚଳରୁ ପ୍ରାଚୀନ ଯୁଗୀୟ ସଂସ୍କୃତିର ସମୟକାଳ ତଥା ଗଛପତ୍ର, ପରିବେଶ ଓ ପାରିବେଶିକ ପରିସ୍ଥିତିର ବୈଜ୍ଞାନିକ ପ୍ରମାଣ ପାଇବା ଉଦ୍ଦେଶ୍ୟରେ କାମତାସ୍ଥିତ ଉତ୍‌ଖନନ ସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରାଯାଇଛି। ଯାହାକୁ ଭାରତର ବିଭିନ୍ନ ବୈଜ୍ଞାନିକ ସଂସ୍ଥାମାନଙ୍କ ପାଖକୁ ପଠାଇବା ପାଇଁ ଯୋଜନା କରାଯାଇଛି। ଏହି ଉତ୍‌ଖନନରୁ ମିଳିଥିବା ପ୍ରାଗୈତିହାସିକ ଯୁଗୀୟ ସଂସ୍କୃତିର ପ୍ରମାଣଗୁଡ଼ିକର ପରୀକ୍ଷା ଫଳାଫଳ ଆସିବା ପରେ ଏହି କୁଳିଅଣା ଅଞ୍ଚଳ କେବଳ ଭାରତରେ ନୁହେଁ, ବିଶ୍ୱସ୍ତରରେ ମଧ୍ୟ ଏକ ନୂତନ ଇତିହାସ ସୃଷ୍ଟି କରିପାରିବ ବୋଲି ପ୍ରଫେସର କିଶୋର କୁମାର ବାସା, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୁରାତତ୍ତ୍ୱବିଦ ଡ.ବସନ୍ତ କୁମାର ମହାନ୍ତ ତଥା କୁଳିଅଣା ଅଞ୍ଚଳର ପ୍ରାଗୈତିହାସିକ ଓ ଗବେଷକ ମନୁ ନାୟକ ମତବ୍ୟକ୍ତ କରିଛନ୍ତି।




**Office of the Project Administrator, ITDA, Th.Rampur at Bhawanipatna**

e-procurement notice

Letter No : 614 / Date : 18.03.2026

**No.19001/92/2526** : The Project Administrator, ITDA, Thuamul Rampur at Bhawanipatna invites percentage rate of BIDS through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website www.tendersodisha.gov.in. The bidder should have necessary portal enrolment with his / her own Digital Signature Certificate (DSC).

1. No. of works : **02.**
2. Nature of work : **Civil construction**
3. BID identification No. : **ITDA,THR-05/2025-26**
4. Date and Time of availability of Bid document in portal : **From 11.00 A.M. of 20.03.2026 to 31.03.2026 up to 5.00 PM for online biding.**
5. Last date & time for receipt of BIDS in portal : **31.03.2026 up-to 5.00 P.M.**
6. BIDs received online shall be opened on : **02.04.2026 at 11.00 A.M.**
7. Name and address of the officer : **Project Administrator, ITDA, Th.Rampur at Bhawanipatna**

Sd./- Project Administrator, ITDA, Th.Rampur, Bhawanipatna

OIPR-19001/19449/1/25-26/0006

# ନାବାଳିକାଙ୍କୁ ନ୍ୟାୟ, ଗିରଫ ଆଦିବାସୀଙ୍କୁ ଖଲାସ ଦାବି

## ଦାବିପତ୍ର ଦେଲା ମାଝୀ ପାରଗାନା ଆଦିବାସୀ ସଙ୍ଗଠନ

ବାଲେଶ୍ୱର, ୨୦।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ଚଳିତ ମାସ ଗତ ୧୩ ତାରିଖରେ ମୟୂରଭଞ୍ଜ ଜିଲା ବହଳଦା ବ୍ଲକ ତିରିଂ ଥାନା ବିଷ୍ଣୁଆ ଗ୍ରାମର ଜଣେ ଆଦିବାସୀ ନାବାଳିକାଙ୍କୁ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଅସଦାଚରଣ କରିଥିଲେ। ପୀଡ଼ିତାଙ୍କ ଗ୍ରାମର ଲୋକମାନେ ତିରିଂ ଥାନାରେ ଅଭିଯୋଗ କଲା ପରେ ବି ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ପ୍ରତିବାଦରେ ଆଦିବାସୀ ସମାଜ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ରାସ୍ତାରୋକୋ ସମୟରେ ତିରିଂ ଥାନା ପୋଲିସ ପହଞ୍ଚି ଆଦିବାସୀମାନଙ୍କ ଉପରେ ଲାଠି ମାଡ଼ କରିବା ପରେ ସେଠାରୁ ୨୭ ଜଣ ଆଦିବାସୀ ମହିଳା ଓ ୭ ଜଣ ପୁରୁଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏହାର ପ୍ରତିବାଦରେ ଶୁକ୍ରବାର ବାଲେଶ୍ୱର ମାଝୀ ପାରଗାନା ଆଦିବାସୀ ସଙ୍ଗଠନ ପକ୍ଷରୁ ଅସଦାଚରଣର ଶିକାର ହୋଇଥିବା ନାବାଳିକାଙ୍କୁ ନ୍ୟାୟ ପ୍ରଦାନ ଦେବା ଏବଂ ଜେଲରେ ଥିବା ଆଦିବାସୀ ମହିଳା ଓ ପୁରୁଷଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ଦାବିରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ଡିଜିପି, ଓଡ଼ିଶାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ମାଝୀ ପାରଗନା ସଙ୍ଗଠନର ମାଝି ବାବା ବୁଦ୍ଧିରାମ ସିଂଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ଅଫିସ ସମ୍ମୁଖରେ ସଂଗଠନର କର୍ମକର୍ତ୍ତା।

# ପିଲାଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଗୁରୁକୁଳ ଶିକ୍ଷା ଜରୁରୀ

## ବୈଦିକ ଗୁରୁକୁଳ ଆଶ୍ରମର ବାର୍ଷିକ ମହୋତ୍ସବ


ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର,୨୦।୩(ବାଞ୍ଛାନିଧି ଦେ)

ରୂପସା ଥାନା ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ୩୭ତମ ଓ ଶିକ୍ଷାଶ୍ରମର ପ୍ରଥମ ବାର୍ଷିକ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷାଶ୍ରମର ସଭାପତି ପୂର୍ବତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବକ୍ତା ଏସ୍‌ଡିପିଓ ମାନସ ଦେଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ ଦିଗରେ ଗୁରୁକୁଳ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ପରିବେଶବିତ୍ ସୁମନ୍ତ କୁମାର ଜେନା ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ସାମାଜିକ କର୍ମୀ ବିକାଶ କୁମାର ପାଢ଼ୀ, ସମୟର ଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା, ଜିଲାପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ ରାଷ୍ଟ୍ର ନିର୍ମାଣରେ ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ଭୂମିକା ଉପରେ କହିଥିଲେ। ଆଶ୍ରମ ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ, ପ୍ରାଣାୟମ, ବିଶ୍ୱ କଲ୍ୟାଣ ଯଜ୍ଞ, ଗୋ ମାତା ସେବା, ବୃକ୍ଷରୋପଣ ସମ୍ପାଦିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଗଣେଶ ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ଆର୍‌ଆଇଏଚ୍‌ଏସ ମହାବିଦ୍ୟାଳୟରେ ସେମିନାର



ଭୋଗରାଇ, ୨୦।୩( ପ୍ରଦୀପ ଦାସ)

ଭାରତୀୟ ସଂସ୍କୃତି ଓ ସଭ୍ୟତା ଭିତ୍ତିରେ ରାଜନୈତିକ ସଂଜ୍ଞା ନିରୂପଣ କରିବା ଓ ଉଚ୍ଚ ଆକାଂକ୍ଷା ଅର୍ଥନୀତି ବଜେଟ ପାର୍ଲାମେଣ୍ଟରେ ଗୃହୀତ କରି ସମୃଦ୍ଧ ଓ ବିକଶିତ ଓଡିଶା ଗଠନ କରିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେବା ଜରୁରୀ ଅଟେ ବୋଲି ବାଲେଶ୍ୱର ଜିଲା ଅଗ୍ରଣୀ ଉଚ୍ଚ ଶିକ୍ଷାନୁଷ୍ଠାନ ଭୋଗରାଇ ବ୍ଲକ ଆରଆଇଏଚଏସ୍ ମହାବିଦ୍ୟାଳୟର ଅଡିଟୋରିୟମ ହଲ୍‌ରେ ଶୁକ୍ରବାର ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଭାଗ ପକ୍ଷରୁ ଆୟୋଜିତ ସେମିନାରରେ ଅତିଥିମାନେ କହିଥିଲେ। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଗିରି ପୌରୋହିତ୍ୟ କରିଥିଲେ। ଅଧ୍ୟାପକ ଧୀରେନ୍ଦ୍ର କୁମାର ଜେନା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ନରୋତ୍ତମ ଗାଆଣ, ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ରବିନାରାୟଣ ପାତ୍ର, ଆରଆଇଏଚଏସ ମହାବିଦ୍ୟାଳୟ ଅଧ୍ୟାପକ ଶୈବାଳକାନ୍ତି ପ୍ରଧାନ, ସୁଶୀଳା ମିଶ୍ର ଓ ତରୁଣ କୁମାର ଗିରି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସ୍ୱଲିଖିତ ନିବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପକ ତପନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ରାମନବମୀ, ଇଦ୍ ପାଇଁ ଶାନ୍ତି କମିଟି ବୈଠକ

ବାଲିଆପାଳ, ୨୦।୩(ଗୋପାଳ ଚନ୍ଦ୍ର ସାହୁ)

ରାମ ନବମୀ ଓ ଇଦ ପର୍ବ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଗୁରୁବାର ସନ୍ଧ୍ୟାରେ ବାଲିଆପାଳ ଥାନା ପରିସରରେ ଉଭୟ ସମ୍ପ୍ରଦାୟଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ଥାନା ଆଇଆଇସି ସାଲଖାନ ମୁର୍ମୁ ୨୧ରେ ଇଦ୍ ଉଲ୍ ଫିତର୍, ୨୭ରେ ରାମନବମୀ ଏବଂ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ବାସନ୍ତୀ ପୂଜାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ ଉଭୟ ମୁସଲମାନ ଓ ହିନ୍ଦୁ ଭାଇମାନଙ୍କୁ ନିବେଦନ କରିଥିଲେ। ଥାନା ଏସ୍‌ଆଇ ଶୁଭସ୍ମିତା ପାଲ, ଏଏସ୍‌ଆଇ ପ୍ରେମ ପ୍ରତାପ ବାହିନୀପତି ଓ ପ୍ରବୋଧ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବାସନ୍ତୀ ପୂଜା କମିଟି ସଦସ୍ୟ, ବାଲିଆପାଳ ହନୁମାନ ମନ୍ଦିର ପରିଚାଳନା କମିଟି ସଦସ୍ୟ, ବଜରଙ୍ଗ ଦଳର କର୍ମକର୍ତ୍ତା ଏବଂ ବାଲିଆପାଳ, ଖଗଡାପାଳ, କଟୁଆପଡ଼ା, କୁହ୍ଲାଚଢ଼, କେନ୍ଦୁଆଡ଼ିଆ, ମେଣ୍ଢାପଡ଼ା, ଯମୁନାଶୁଳ, ବାସୁଦେବପୁର ଆଦି ମୁସଲମାନ ବସ୍ତିର ମୁସଲମାନ ଭାଇମାନେ ଯୋଗଦେଇ ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ପୋଲିସ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଇଆଇସି ମୁର୍ମୁ କହିଥିଲେ।


ଶାନ୍ତି କମିଟି ବୈଠକ।

# କର୍ମୀଙ୍କୁ ପଖାଳ ପରଷିଲେ ଜ୍ୟୋତିପ୍ରକାଶ

ଖଇରା/ସିମୁଳିଆ, ୨୦।୩
(ଉତ୍କଳବନ୍ଧୁ ପଣ୍ଡା/ସନ୍ତୋଷ ନାୟକ)

ବିଜେଡି ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଶ୍ୱ ପଖାଳ ଦିବସକୁ ନିଆରା ଢଙ୍ଗରେ ପାଳିଛନ୍ତି। ଘରକୁ ଆସିଥିବା ସମସ୍ତ ବିଜେଡି କର୍ମୀ ଓ ସମର୍ଥକଙ୍କୁ ନିଜ ହାତରେ ପଖାଳ ପରଶି ଓଡିଆ ସଂସ୍କୃତିକୁ ପୁନର୍ଜିବିତ କରିଛନ୍ତି। ଏଥିସହ ସହକର୍ମୀ ଭାବେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସଦର ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ସ୍ୱରୂପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କ ସହିତ ମିଶି ପଖାଳର ମଜା ନେଇଥିଲେ। ସେପଟେ ଏବେ ଜିଲା ତଥା ସିମୁଳିଆ ନିର୍ବାଚନ ମଣ୍ଡଳୀ ବିଜେଡିରେ ଜ୍ୟୋତିଙ୍କର ପ୍ରତିଦ୍ୱନ୍ଦ୍ୱୀମାନେ ଅପସରି ଯିବା ପରେ ପଖାଳ ଦିବସକୁ ଧୁମଧାମରେ ପାଳନ କରିଥିବା ଚର୍ଚ୍ଚା ହେଉଛି।


କର୍ମୀମାନଙ୍କ ସହ ପଖାଳ ଭୋଜନର ମଜା ନେଉଛନ୍ତି ଜ୍ୟୋତିପ୍ରକାଶ।

# ଷ୍ଟାର୍ଟଅପ୍ ପ୍ରତିଯୋଗିତା

ବାଲିଆପାଳ, ୨୦।୩(ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ କଲେଜସ୍ତରୀୟ ଇନୋଭେଶନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଶୁକ୍ରବାର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଗୌରାଙ୍ଗ ରାଉତ ସଭାପତିତ୍ୱ କରିବା ସହ ଛାତ୍ରୀଛାତ୍ରଙ୍କୁ ଇନୋଭେଶନ୍ ଓ ଷ୍ଟାର୍ଟଅପ୍‌ର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ରଞ୍ଜନ କୁମାର ପାଢ଼ି, ବାଣିଜ୍ୟ ବିଭାଗର ଅଧ୍ୟାପକ ଓ ପ୍ରୋଗ୍ରାମ୍ କୋର୍ଡ଼ିନେଟର ସତ୍ୟନାରାୟଣ ସାହୁ ଇନୋଭେଶନ୍‌ର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ।

# ଡକାୟତି ଉଦ୍ୟମ ପଣ୍ଡ, ୪ ଗିରଫ

ବାହାନଗା, ୨୦।୩
(ଅରୂପ କୁମାର ଦାସ )

ବାହାନଗା ବ୍ଲକ ଗୋପାଳପୁର ଥାନା ପୋଲିସ ଏକ ଡକାୟତି ଉଦ୍ୟମ ପଣ୍ଡ କରିଛି। ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ମାରଣାସ୍ତ୍ର, ଦୌଡ଼ି, ତେଲଙ୍ଗା କଟୁରୀ, ଲୁହାରଡ଼, ବୋମା ଆଦି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଗୋପାଳପୁର ଥାନା ଅଧିକାରୀ ମଧୁସ୍ମିତା ସିଂ ପାଟ୍ରୋଲିଂ କରୁଥିବା ବେଳେ ଜୁଣିଆଁ ବଜାର ନିକଟରେ ୪ଜଣ ଯୁବକ ବାଲେଶ୍ୱର ସୁନହଟର ସେକ ରାଜାକ (୨୫), ଏସ୍. କେ. ରୋହିତ (୨୨), ଏସ୍. କେ. କାଜ (୨୭), ଏସ୍. କେ. ସାହିଲ (୨୨) ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ଥାନା ଅଧିକାରୀ ସେମାନଙ୍କୁ ପାଖକୁ ଡାକିଥିଲେ। ପୋଲିସ ଡାକ ଶୁଣି ଅଭିଯୁକ୍ତମାନେ ଦୌଡିବା ଆରମ୍ଭ କରିଥିଲେ। ପୋଲିସ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଶ୍ରୀଜଙ୍ଗସ୍ଥିତ ଯୋଡି ପୋଲ ପାଖରୁ କାବୁ କରିବାରେ ସଫଳ ହୋଇଥିଲେ। ଏନେଇ ଗୋପାଳପୁର ଥାନାରେ ଏକ ମାମଲା(ନଂ.୬୫/୨୬ ) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

# ଚନ୍ଦନ ହେଲେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି

ଚାନ୍ଦବାଲି,୨୦।୩(କିଷାନ ପାତ୍ର)

ଭାଜପା ଯୁବମୋର୍ଚ୍ଚାର ଭଦ୍ରକ ଜିଲା ସଭାପତି ଭାବେ ଚନ୍ଦନ କୁମାର ରାଉତଙ୍କୁ ମନୋନୀତ କରାଯାଇଛି। ସେ ଏବେ ଚାନ୍ଦବାଲି ଏନ୍‌ଏସିର ୭ ନଂ. ୱାର୍ଡ ପାରିଷଦ ଅଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ଗୁରୁବାର ଚାନ୍ଦବାଲିରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବଡ଼ବଜାରରୁ କାଳୀମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ସ୍ଥାନୀୟ ଯୁବକ ଓ ସମର୍ଥକମାନେ ପାଛୋଟି ନେବା ସହ ଅଭିନନ୍ଦନ ଜଣାଇଥିଲେ। ଦଳ ପାଇଁ ଏକ ନୂତନ ଶକ୍ତି ଓ ଉତ୍ସାହର ସୂଚନା ବୋଲି ଦଳୀୟ କାର୍ଯ୍ୟକର୍ତ୍ତାମାନେ ମତପ୍ରକାଶ କରିଥିଲେ।


ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଚନ୍ଦନ କୁମାର ରାଉତଙ୍କୁ ସ୍ୱାଗତ କରାଯାଉଛି।

### କାଂଶବାଂଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଭାଇଚାରା ଅକ୍ଷୁଣ୍ଣ ପାଇଁ ଆହ୍ୱାନ

ସୋର, ୨୦।୩(ଜନ୍ମେଜୟ ମିଶ୍ର): ସୋର ଅନନ୍ତପୁରରେ ଚାଲିଥିବା କାଂଶବାଂଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ବିଭୀଷିକା, ସମଗ୍ର ଜୀବଜଗତ ପାଇଁ ଭୟାବହ ପରିସ୍ଥିତି ସୃଷ୍ଟି କରିବ ବୋଲି ଯୋଗ ଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କାଂଶବାଂଶ ନଦୀ ପ୍ରବାହ ଯୋଗୁ ତଟବର୍ତ୍ତୀ ଅଞ୍ଚଳମାନଙ୍କରେ ଗଢି ଉଠିଥିବା ଜନବସତି ତଥା କୃଷିକ୍ଷେତ୍ରରେ ସତୁରି ଦଶକ ପର୍ଯ୍ୟନ୍ତ ଶସ୍ୟ ଉତ୍ପାଦନରେ କୃଷି ବିପ୍ଳବ ସୃଷ୍ଟି ହୋଇପାରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ବନ୍ୟାଜଳ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଙ୍କ କୌଣସି ଯୋଜନା ନ ଥିବାରୁ ଚାଷୀମାନେ ବ୍ୟାପକ କ୍ଷତି ସହିବା ସହ ଚାଷ ପ୍ରତି ନିରୁତ୍ସାହିତ ହେଉଛନ୍ତି ଏବଂ ବେକାରୀ ସମସ୍ୟା ବଢି ଚାଲିଛି, ତେଣୁ ବନ୍ୟାଜଳ ନିୟନ୍ତ୍ରଣ ସହ ସମନ୍ୱିତ କୃଷି ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ମହୋତ୍ସବରେ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ଦ୍ୱିତୀୟ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ନିତ୍ୟାନନ୍ଦ କର ସଭା ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅନନ୍ତପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗିରଥି ମହାନ୍ତି, ମୁଖ୍ୟ ବକ୍ତା କବିବର ରାଧାନାଥ ସ୍ମୃତି ପରିଷଦର ସମ୍ପାଦକ ଅନିରୁଦ୍ଧ ରାଉତ, ବିଶିଷ୍ଟ ଅତିଥି ଭାବେ ସିନେ ତାରକା ସୋଫିଆ ଆଲମ, ସମ୍ମାନିତ ଅତିଥି ଭାବେ ସୋର ନାଗରିକ ମଞ୍ଚର ଉପସଭାପତି ମାୟାଧର ନାୟକ, ପ୍ରବାଚକ ତଥା ଖୁସି ମହୋତ୍ସବର ସଭାପତି ବଂଶୀଧର ପଣ୍ଡା ,ନାଟ୍ୟକାର ପୁରୁଷୋତ୍ତମ ବେହେରା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶହୀଦ ସ୍ମୃତିସଂସଦ ଇରମର ସମ୍ପାଦକ, ରତିକାନ୍ତ ପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ମହୋତ୍ସବ କମିଟି ଉପସଭାପତି ପ୍ରଦୀପ କୁମାର ଦାସ ସ୍ୱାଗତ ଭାଷଣ ଦେଇଥବା ବେଳେ ମାନସ କୁମାର ପଣ୍ଡା ମଞ୍ଚ ଆହ୍ୱାନ କରିଥିଲେ। ସହ ସମ୍ପାଦକ ଅନନ୍ତ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# କୃଷକ ସଚେତନତା ଶିବିର



ସଚେତନତା ଶିବିରରେ ଉପସ୍ଥିତ ଅତିଥି।

ବାସୁଦେବପୁର,୨୦।୩
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅରଣ୍ଡୁଆ ଗ୍ରାମରେ ଶୁକ୍ରବାର କୃଷି ବିଭାଗ ପକ୍ଷରୁ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିରୁପମା ନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି କହିଥିଲେ, କୃଷି ଓ କୃଷକ ସଶକ୍ତ ହେଲେ ରାଜ୍ୟ ଆଗକୁ ଯିବ। କୃଷି ବିଭାଗ ପକ୍ଷରୁ ଦିଆଯାଉଥିବା ସୂଚନା ଓ ପରାମର୍ଶକୁ ମାନି କୃଷି କାର୍ଯ୍ୟ କଲେ କୃଷକମାନେ ସଫଳ ହେବା ସହ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ତ୍ରିପାଠୀ, ପୂର୍ବତନ ସମିତିସଭ୍ୟ କରୁଣାକର ବିଶ୍ୱାଳ, ସରପଞ୍ଚଙ୍କ ପ୍ରତିନିଧି ତଥା ଅଗ୍ରଣୀ ଚାଷୀ ମୁକ୍ତିକାନ୍ତ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଅତିଥି ଭାବେ ସୋଆ ୟୁନିଭରସିଟିର ଆସିଷ୍ଟାଣ୍ଟ ପ୍ରଫେସର ଡ. ସ୍ୱୟମ୍ ସିଂ, କଟକ ସିଆର୍‌ଆର୍‌ଆଇ ବିଶେଷଜ୍ଞ ଡ. ରୂପକ ଜେନା ଓ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୂର୍ଯ୍ୟପ୍ରକାଶ ମିଶ୍ର ଯୋଗଦେଇ ଜୈବିକ ଖତସାର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଜୈବିକ ଖତସାର ବ୍ୟବହାର କଲେ ଜମିର ଉର୍ବରତା ବଢ଼ିବା ସହ ରୋଗପୋକ ନିୟନ୍ତ୍ରଣ ଓ ଅଧିକ ଅମଳ ହେବ ବୋଲି ଅତିଥିମାନେ କହିଥିଲେ। ବ୍ଲକ କୃଷି ଅଧିକାରୀ ପ୍ରୀତିପଲ୍ଲବୀ ସଭାପତିତ୍ୱ କରିଥିବା ଦିବ୍ୟାନିବେଦିତା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। କାହ୍ନୁଚରଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଲେଖିକା ନିରୁପମା ମିଶ୍ରଙ୍କ ସ୍ମୃତିସଭା

ଚାନ୍ଦବାଲି,୨୦।୩(ଅଶୋକ ପଣ୍ଡା): ଲେଖିକା ସ୍ୱର୍ଗତ ନିରୁପମା ମିଶ୍ରଙ୍କ ଦ୍ୱାଦଶାହ ଅବସରରେ ଶୁକ୍ରବାର ଚାନ୍ଦବାଲି ବ୍ଲକ ଖେରଙ୍ଗ ପଞ୍ଚାୟତର ପଳାସପୁରଠାରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ରଚିତ ପୁସ୍ତକ 'ପ୍ରତିଧ୍ୱନି'କୁ ମୁଖ୍ୟ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଉନ୍ମୋଚନ କରିଛନ୍ତି। ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଶିବ ପ୍ରସାଦ ଖାମୁରାଇ, ଶିକ୍ଷାବିତ୍ ଗୌରାଙ୍ଗ ଦାଶ, କବୟିତ୍ରୀ ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ଡା. ଅନିଲ ଦାଶ, ଜିଲା ପରିଷଦ ସଭ୍ୟ ରାକେଶ ନାୟକ, କଂଗ୍ରେସ ନେତା ସତ୍ୟାନନ୍ଦ ରାଉତ, ଜଗା ଚାକର ସଂଘ ସମ୍ପାଦକ ସନ୍ତୋଷ ମିଶ୍ର, ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ, ଆଇନଜୀବୀ ପ୍ରଭାସ ନାୟକ, କବି ମନୋଜ ଭୋଳ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଦୁର୍ଗାଚରଣ ନାୟକ ସଭାପତିତ୍ୱ କରିଥିବା ବେଳେ ଇଂ. ଅଭୟ ସୂତାର ସଂଯୋଜନା କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ବୋହୂ ସୁପ୍ରଭା ମିଶ୍ର ମଞ୍ଚ ଆମନ୍ତ୍ରଣ, ସାନବୋହୂ ସ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବଡ଼ପୁଅ ମନୋଜ ମିଶ୍ର ଓ ସାନ ପୁଅ ଡା. ସରୋଜ ମିଶ୍ର କୃତଜ୍ଞତା ଜଣାଇଥିଲେ।




## ସମବାୟ ସମିତି ସମ୍ପାଦକଙ୍କ ଅକାଳ ବିୟୋଗ

# କାର୍ଯ୍ୟରେ ଅତ୍ୟଧିକ ଚାପ ଯୋଗୁ ମୃତ୍ୟୁ ଅଭିଯୋଗ

ବାସୁଦେବପୁର,୨୦।୩
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ସେବା ସମବାୟ ସମିତିର ସମ୍ପାଦକ ରଶ୍ମିରଞ୍ଜନ କବାଟ(୩୮)ଙ୍କର ଶୁକ୍ରବାର ଅପରାହ୍ନରେ ଅକାଳ ବିୟୋଗ ଘଟିଛି। ତାଙ୍କ ଘର ବାସୁଦେବପୁର ଥାନା ଅଧୀନ ନୂଆଗାଁ ପଞ୍ଚାୟତର ଓହାଡ଼ ଗ୍ରାମରେ। ସୂଚନା ଅନୁଯାୟୀ, ସେ ଘରେ ଥିବା ସମୟରେ ଅପରାହ୍ନରେ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବାସୁଦେବପୁର ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାର୍ଯ୍ୟରେ ଅତ୍ୟଧିକ ଚାପ ଯୋଗୁ ରଶ୍ମିରଞ୍ଜନଙ୍କ ମୃତ୍ୟୁ ଘଟିଥିବା ତାଙ୍କ ବାପା ଘନଶ୍ୟାମ କବାଟ ଅଭିଯୋଗ ଆଣିଛନ୍ତି। ରଶ୍ମିରଞ୍ଜନ ସବୁବେଳେ ଚାପରେ ରହୁଥିଲେ ବୋଲି ସହକର୍ମୀ ଅମିତାଭ ପାଢ଼ୀ ମଧ୍ୟ କହିଛନ୍ତି।

ପ୍ରକାଶ ଯେ, କିଛିଦିନ ତଳେ ଇରମ ଅଞ୍ଚଳର କେତେଜଣ ଲୋକଙ୍କ ଅଭିଯୋଗକ୍ରମେ ରଶ୍ମିରଞ୍ଜନଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ନିଲମ୍ବନ ପରେ ସେ ଅଧିକ ଚାପରେ ଥିଲେ। ନିଲମ୍ବନ ପରେ ମଧ ସେ ସମବାୟ ସମିତି କାର୍ଯ୍ୟାଳୟକୁ ଯାଇ କାର୍ଯ୍ୟ ତୁଲାଉଥିଲେ। ସମସ୍ତ ସମିତିର ସମ୍ପାଦକ, ସଭାପତି, କର୍ମଚାରୀଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଡାକ୍ତରଖାନାରେ ପହଞ୍ଚି ଶେଷଦର୍ଶନ କରିଥିଲେ। କାର୍ଯ୍ୟରେ ଚାପ ଅଭିଯୋଗ ସମ୍ପର୍କରେ ସମିତିର ସଭାପତି ନିରଞ୍ଜନ ନାୟକ କହିଛନ୍ତି, ଗତ ସେପ୍ଟେମ୍ବର ୧୨ରୁ ସମିତି ଅଧୀନ କେତେଜଣ ଚାଷୀ ସାର ଯୋଗାଣକୁ କେନ୍ଦ୍ରକରି ସମ୍ପାଦକଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଇଥିଲେ। ଅଭିଯୋଗ ଆଧାରରେ ପ୍ରଶାସନ ପକ୍ଷରୁ ସମିତି ସମ୍ପାଦକଙ୍କୁ ନିଲମ୍ବନ କରାଯାଇଥିଲା। ଏହି ନିଲମ୍ବନ ପ୍ରତିବାଦରେ ସମ୍ପାଦକ କୋର୍ଟ ଓ ଟ୍ରିବ୍ୟୁନାଲ ଦ୍ୱାରସ୍ଥ ହୋଇ ନିଲମ୍ବନ ଆଦେଶ ହଟାଇଥିଲେ। ତେବେ ଏହି ଘଟଣାକୁ ନେଇ ସେ ଅତ୍ୟଧିକ ଚାପରେ ଥିଲେ। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯିବାକୁ ସମିତି ସଭାପତି ନାୟକ ଦାବି କରିଛନ୍ତି।

**Office of the Project Administrator, ITDA, Th.Rampur at Bhawanipatna**

e-procurement notice

Letter No : 614 / Date : 18.03.2026

**No.19001/92/2526** : The Project Administrator, ITDA, Thuamul Rampur at Bhawanipatna invites percentage rate of BIDS through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website www.tendersodisha.gov.in. The bidder should have necessary portal enrolment with his / her own Digital Signature Certificate (DSC).

1. No. of works : **02.**
2. Nature of work : **Civil construction**
3. BID identification No. : **ITDA,THR-05/2025-26**
4. Date and Time of availability of Bid document in portal : **From 11.00 A.M. of 20.03.2026 to 31.03.2026 up to 5.00 PM for online biding.**
5. Last date & time for receipt of BIDS in portal : **31.03.2026 up-to 5.00 P.M.**
6. BIDs received online shall be opened on : **02.04.2026 at 11.00 A.M.**
7. Name and address of the officer : **Project Administrator, ITDA, Th.Rampur at Bhawanipatna**

Sd./- Project Administrator,
ITDA, Th.Rampur, Bhawanipatna

OIPR-19001/19449/1/25-26/0006

# ବର୍ତ୍ତମାନ ସରକାରରେ ୧୧୧ ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ: ଶିଳ୍ପମନ୍ତ୍ରୀ

## ଓଏମ୍‌ସିଇ ୨୦୨୬ ଏକ୍ସପୋର ୨ୟ ଦିନ



ଭୁବନେଶ୍ୱର,୨୦।୩(ଅନୁରାଧା ମହାରଣା)

ବର୍ତ୍ତମାନର ସରକାରଙ୍କ ଅଧୀନରେ ୧୧୧ଟି ଶିଳ୍ପ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯାହା ମଧ୍ୟରୁ ଅନେକ ଶିଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଚାଲିଥିବା ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକଶନ ଇକ୍ୱିପମେଣ୍ଟ ଏକ୍ସପୋ (ଓଏମ୍‌ସିଇ) ୨୦୨୬ ୨ୟ ଦିନରେ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶା କେବଳ ଖଣିଜ ପଦାର୍ଥ ଉତ୍ତୋଳନ ଉପରେ ଗୁରୁତ୍ୱ ଦେଉନାହିଁ ବରଂ ଖଣି କ୍ଷେତ୍ରରେ ମୂଲ୍ୟ ଯୋଗ ଉପରେ ମଧ୍ୟ ଧ୍ୟାନ ଦେଉଛି। ଆମେ ମଧ୍ୟ ପୃଥିବୀର ବିରଳ କ୍ଷେତ୍ରଗୁଡ଼ିକରେ ସ୍ଥିର ପ୍ରଗତି ହାସଲ କରୁଛୁ, ଯାହା ଭବିଷ୍ୟତର ଶିଳ୍ପ ଅଭିବୃଦ୍ଧି ପାଇଁ ଅନେକ ସମ୍ଭାବନା ଧାରଣ କରିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମ ଶିଳ୍ପଜଗତର ବିଶିଷ୍ଟ ବ୍ୟକ୍ତି, ନୀତିନିର୍ମାତା, ଟେକ୍ନୋଲୋଜି ପ୍ରଦାତାଙ୍କୁ ଅଭିନବ ସମାଧାନଗୁଡ଼ିକୁ ଆଲୋକିତ କରିବା ଏବଂ ସହଭାଗିତା ପାଇଁ ସୁଯୋଗଗୁଡିକୁ ବିକଶିତ କରିବା ପାଇଁ ଏକତ୍ରିତ କରିଛି। ଓଡ଼ିଶାର ଶିଳ୍ପ ପ୍ରଗତି ଉପରେ ଆଲୋକପାତକରି ମନ୍ତ୍ରୀ ସ୍ୱାଇଁ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ଦ୍ରୁତ ଭିତ୍ତିଭୂମି ବିକାଶ ବୈଷୟିକ ଦୃଷ୍ଟିରୁ ଉନ୍ନତ ଖଣି ଓ ନିର୍ମାଣ ଉପକରଣ ପାଇଁ ଚାହିଦାକୁ ପ୍ରୋତ୍ସାହିତ କରୁଛି। ଦ୍ରୁତ ଶିଳ୍ପାୟନ ଓ ଭିତ୍ତିଭୂମି ସମ୍ପ୍ରସାରଣ ସହ ଅତ୍ୟାଧୁନିକ ଉପକରଣ ପାଇଁ ଆବଶ୍ୟକତା ବୃଦ୍ଧି ପାଉଛି। ସିଆଇଆଇ ଓଏମ୍‌ସିଇ ଭଳି ପ୍ଲାଟ୍‌ଫର୍ମଗୁଡିକ ସହଭାଗିତା କରିବା, ବିଚାରଧାରାର ଆଦାନପ୍ରଦାନ ଓ ନୂତନ ବ୍ୟବସାୟ ମାର୍ଗ ଅନ୍ୱେଷଣ କରିବା ପାଇଁ ହିତାଧିକାରୀଙ୍କ ଲାଗି ଏକ ଚମତ୍କାର ସୁଯୋଗ ପ୍ରଦାନ କରୁଛି ବୋଲି ସେ କହିଛନ୍ତି। ସିଆଇଆଇ ଓଏମ୍‌ସିଇ ୨୦୨୬, ୧୫୦ରୁ ଅଧିକ ପ୍ରଦର୍ଶକଙ୍କୁ ଆକର୍ଷିତ କରିଥିବା ବେଳେ ୨୦୦୦୦ ବର୍ଗମିଟର ଅଞ୍ଚଳରେ ୧୦୦୦୦ରୁ ଅଧିକ ବ୍ୟବସାୟିକ ପରିଦର୍ଶକ ପରିଦର୍ଶନ କରିଛନ୍ତି । ଏହି ଏକ୍ସପୋ ଖଣି, ନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରରେ ଏକ ବିସ୍ତୃତ ଶୃଙ୍ଖଳାର ଅତ୍ୟାଧୁନିକ ଟେକ୍ନୋଲୋଜି ଓ ସମାଧାନଗୁଡ଼ିକୁ ପ୍ରଦର୍ଶିତ କରିଛି।

# ପୁରୀକୁ ୨ ଏକ୍ସପ୍ରେସ୍ ଟ୍ରେନ୍ ସେବା ପୁନଃ ସ୍ଥାପନ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ପୁରୀକୁ ୨ ଏକ୍ସପ୍ରେସ୍ ଟ୍ରେନ୍ ସେବା ପୁନଃ ସ୍ଥାପନ ହୋଇଛି। ପୂର୍ବତଟ ରେଳପଥ ଘୋଷଣା କରିଛି ଯେ ପୁରୀ ଷ୍ଟେଶନରେ ହୋଇଥିବା ପ୍ଲାଟ୍‌ଫର୍ମ ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ହାଓଡା-ପୁରୀ-ହାଓଡା ଏକ୍ସପ୍ରେସ୍ ଟ୍ରେନ୍‌ର ପରିଚାଳନାରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ପୁରୀ ଷ୍ଟେଶନରେ ପ୍ଲାଟ୍‌ଫର୍ମ କାମ ଯୋଗୁ ଏହି ଟ୍ରେନ୍‌ଗୁଡ଼ିକ ମାଳତୀପାଟପୁରରେ ସ୍ୱଳ୍ପ ଅବସାନ ଓ ସ୍ୱଳ୍ପ ଉତ୍ପତ୍ତି ହେଉଥିବା ବେଳେ ଏବେ ସେବା ପୁରୀ ଷ୍ଟେଶନକୁ ପୁନଃ ସ୍ଥାପନ କରାଯାଇଛି। ୧୨୮୩୭ (ହାଓଡା-ପୁରୀ ଏକ୍ସପ୍ରେସ୍) ମାର୍ଚ୍ଚ ୨୧ଠାରୁ ମାଳତୀପାଟପୁର ବଦଳରେ ପୁରୀରେ ଅବସାନ କରିବ ଏବଂ ୧୨୮୩୮ (ପୁରୀ-ହାଓଡା ଏକ୍ସପ୍ରେସ୍) ମାର୍ଚ୍ଚ ୨୨ ଠାରୁ ପୁରୀରୁ ଯାତ୍ରା ଆରମ୍ଭ କରିବ। ଅସ୍ଥାୟୀ ଭାବେ ଟ୍ରେନ୍ ନମ୍ବର ୧୨୮୩୮ ମାର୍ଚ୍ଚ ୨୨ ରୁ ମେ ୧୫ ପର୍ଯ୍ୟନ୍ତ ପୁରୀରୁ ସନ୍ଧ୍ୟା ୮ଟା୧୫ ବଦଳରେ ରାତି ୯ଟା ୩୦ରେ ଛାଡ଼ିବ।

# କିଟ୍‌ରେ ଇଫ୍‌ତାର ପାଳିତ




ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଇଫ୍‌ତାର ପାଳିତ ହୋଇଯାଇଛି। କିଟ୍‌ରେ କାର୍ଯ୍ୟରତ ମୁସଲମାନ ସମ୍ପ୍ରଦାୟର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରୀଛାତ୍ରଙ୍କୁ ନେଇ ଇଫତ୍‌ର ପାର୍ଟିର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ସବୁ ଧର୍ମର ମୂଳ ଆଧାର ହେଉଛି ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ। କିଟ୍ ଓ କିସ୍ ଦୟା ଓ ମାନବିକତା ଉପରେ ପର୍ଯ୍ୟବସିତ ଦୁଇଟି ଶିକ୍ଷାନୁଷ୍ଠାନ। ଛାତ୍ରୀଛାତ୍ରମାନେ ଅନ୍ୟକୁ ଭଲ ପାଇବା, ଅନ୍ୟମାନଙ୍କଠାରୁ ଭଲ ପାଇବା ସହ ସ୍ନେହ ପାଇବା ପାଇଁ ଚେଷ୍ଟା କରିବାକୁ ସେ ପରାମର୍ଶ ଦେଇଥିଲେ। ପରସ୍ପରକୁ ଭଲ ପାଇବା ଦ୍ୱାରା ଅନେକ ମାନସିକ ଓ ସାମାଜିକ ସମସ୍ୟା ଦୂରହୋଇପାରିବ ବୋଲି ସାମନ୍ତ କହିଥିଲେ। ଏହାକୁ ସମସ୍ତେ ଆପଣାଇବା ସହ ଅଭ୍ୟାସ କରିବା ଉଚିତ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ଡା. ସି.ବି.କେ. ମହାନ୍ତି, ପ୍ରଫେସର କେ.ଡି. ରାଜୁ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

# ଶିଳ୍ପ ଅଭିବୃଦ୍ଧିରେ ମନ୍ଥରତା

## ୩ ମାସର ସର୍ବନିମ୍ନ ସ୍ତରକୁ ଖସିଲା ମୁଖ୍ୟ ୮ କ୍ଷେତ୍ରର ପ୍ରଦର୍ଶନ

ନୂଆଦିଲ୍ଲୀ, ୨୦।୩ (ପି.ଟି.)

ଦେଶର ୮ଟି ମୁଖ୍ୟ ଭିତ୍ତିଭୂମି କ୍ଷେତ୍ର (କୋର୍ ସେକ୍ଟର) ର ଅଭିବୃଦ୍ଧି ହାର ଫେବୃଆରୀରେ ୨.୩ ପ୍ରତିଶତକୁ ଖସି ଆସିଛି, ଯାହା ଗତ ୩ ମାସ ମଧ୍ୟରେ ସର୍ବନିମ୍ନ। ଏହି ମନ୍ଥରତା ପଛର ପ୍ରମୁଖ କାରଣ ହେଉଛି ଶକ୍ତି ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ ହ୍ରାସ। ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍ ଏବଂ ରିଫାଇନେରି ଉତ୍ପାଦନରେ ହ୍ରାସ ଯୋଗୁ ଏହି ସ୍ଥିତି ଉପୁଜିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଗତ ବର୍ଷ ଏହି ସମୟରେ ଅଭିବୃଦ୍ଧି ହାର ୩.୪% ଥିବାବେଳେ ଏବର୍ଷ ତାହା କମିଛି। ସରକାରୀ ତଥ୍ୟ ଅନୁଯାୟୀ, ଚଳିତବର୍ଷ ଫେବୃଆରୀରେ ଶିଳ୍ପ ଅଭିବୃଦ୍ଧି ୨.୩% ରହିଛି, ଏହା ଜାନୁଆରୀରେ ୪.୭% ଥିଲା। ଅନ୍ୟପକ୍ଷରେ ୨୦୨୫ ଫେବୃଆରୀରେ ଏହି ଅଭିବୃଦ୍ଧି ୩.୪% ରହିଥିଲା। 'ଆଇସିଆର୍‌ଏ'ର ମୁଖ୍ୟ ଅର୍ଥଶାସ୍ତ୍ରୀ ଅଦିତି ନାୟାରଙ୍କ କହିବାନୁଯାୟୀ ମୁଖ୍ୟ କ୍ଷେତ୍ରଗୁଡ଼ିକରେ ମନ୍ଥରତା ଯୋଗୁ 'ଶିଳ୍ପ ଉତ୍ପାଦନ ସୂଚକାଙ୍କ' (ଆଇଆଇପି) ମଧ୍ୟ ଫେବୃଆରୀରେ ୪% କୁ ଖସିବା ଆଶଙ୍କା ରହିଛି, ଯାହା ଜାନୁଆରୀରେ ୪.୮% ଥିଲା। ଯଦି ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଜାରି ରହେ, ତେବେ ଇନ୍ଧନ ଦର ବଢ଼ିବ ଏବଂ ଏହା ଆଗାମୀ ଆର୍ଥିକ ବର୍ଷ (୨୦୨୬-୨୭) ରେ ଭାରତର ଜିଡିପି ଅଭିବୃଦ୍ଧି ଉପରେ ଖରାପ ପ୍ରଭାବ ପକାଇପାରେ। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ସିମେଣ୍ଟ (୯.୩%) ଏବଂ ଇସ୍ପାତ (୭.୨%) କ୍ଷେତ୍ରରେ ଭଲ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ହେଲେ ଶକ୍ତି କ୍ଷେତ୍ରରେ ବଡ଼ଧରଣର ହ୍ରାସ ଦେଖିବାକୁ ମିଳିଛି। ଅଶୋଧିତ ତୈଳ ଉତ୍ପାଦନରେ ୫.୨% ଏବଂ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ ୫% ହ୍ରାସ ଘଟିଛି। ବିଦ୍ୟୁତ୍ ଉତ୍ପାଦନ ମାତ୍ର ୦.୫% ବଢ଼ିଛି, ଯାହା ଅର୍ଥନୀତି ପାଇଁ ଭଲ ସଙ୍କେତ ନୁହେଁ ବୋଲି କୁହାଯାଉଛି।

# ଦ୍ରୁତ ପରିବେଷଣ ଅପେକ୍ଷା ସଠିକତା ଜରୁରୀ



## ବିଜିୟୁରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଓ ଆଡ୍‌ଫ୍ୟାକ୍ଟର୍ସ ପିଆର୍ ମିଳିତ ସହଯୋଗରେ 'ରିଇମାଜିନିଂ କମ୍ୟୁନିକେଶନ ମ୍ୟାନେଜମେଣ୍ଟ ଇନ୍ ଏ ଡାଟା-ଡ୍ରିଭେନ୍, ପ୍ଲାଟ୍‌ଫର୍ମ ଇକୋନୋମି' ଶୀର୍ଷକକୁ ନେଇ ୨ ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଆଡ୍‌ଫ୍ୟାକ୍ଟର୍ସ ପିଆର୍‌ର ନିର୍ଦ୍ଦେଶକ ଡ. ସମୀର କପୁର ମୁଖ୍ୟ ଅତିଥି ଏବଂ ଆଇଆଇଏମ୍ କୋଝିକୋଡ୍‌ର ହ୍ୟୁମାନିଟିଜ୍ ଆଣ୍ଡ୍ ଲିବରାଲ୍ ଆର୍ଟସ ବିଭାଗର ସହଯୋଗୀ ପ୍ରଫେସର ଡ. ଅନୁପମ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବାଲୁନୀ କାର୍ଯ୍ୟକ୍ରମରେ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ଆବାହକ ତଥା ସହକାରୀ ପ୍ରଫେସର ସୁରେଶ କୁମାର ଗୋଚ୍ଛେ ଉଦ୍‌ଘାଟନୀ ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ। ଡିନ୍ ଡ. ଶିବଶଙ୍କର ଦାସ ତଥ୍ୟ ଅଧାରିତ ଯୋଗାଯୋଗର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତକରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଡ. ସମୀର କପୁର କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ ସଂଳାପଭିତ୍ତିକ ଯୋଗାଯୋଗର ଅଭ୍ୟୁଦୟ ଉପରେ ଗୁରୁତ୍ୱାରୋପକରି ସୂଚାଇଥିଲେ ଯେ, ବର୍ତ୍ତମାନ ଦ୍ରୁତ ପରିବେଷଣ ଅପେକ୍ଷା ସଠିକତା ଏବଂ ବିଶ୍ୱାସନୀୟତା ଅଧିକ ଜରୁରୀ। ଏହି ଅବସରରେ 'ଏମ୍‌ବିଏ ଇନ୍ କମ୍ୟୁନିକେଶନ ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସମାରୋହ ଶେଷରେ ଡ. ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଅଶୋକ ଲେଲାଣ୍ଡର ୩୫୩୨ ଟୌରସ ଟିପ୍ପର ଲଞ୍ଚ



ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ଅଶୋକ ଲେଲାଣ୍ଡର ଟୌରସ ମଡେଲର ଏକ ପ୍ରକାର, ଶକ୍ତିଶାଳୀ ହେଭି-ଡ୍ୟୁଟି ୩୫୩୨ ଟିପ୍ପର ଶୁକ୍ରବାର ସମ୍ବଲପୁର ସହରର ଗୋଟିଏ ହୋଟେଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଲଞ୍ଚ କରାଯାଇଛି। ଅଶୋକ ଲେଲାଣ୍ଡର ଅଧିକୃତ ଡିଲର ଜାଲାନ ଅଟୋମୋବାଇଲ ପକ୍ଷରୁ ଏହା ଲଞ୍ଚ ହୋଇଛି। ସୂଚନା ଥାଉକି, ଏହା ଭାରତର ପ୍ରଥମ ୮-ଲିଟର ଇଞ୍ଜିନଚାଳିତ ୩୫୩୨ ଟିପ୍ପର (ଟୌରସ) ଯାହାକୁ ପଶ୍ଚିମ ଓଡ଼ିଶାରେ ଲଞ୍ଚ କରାଯାଇଛି। ଏହି ହେଭିଡ୍ୟୁଟି ଟିପ୍ପର ସ୍ୱତନ୍ତ୍ର ଭାବରେ ଭାରିଯାନ ନିର୍ମାଣ ପ୍ରୟୋଗ ପାଇଁ ଡିଜାଇନ କରାଯାଇଛି, ଯାହା ଉତ୍କୃଷ୍ଟ ଶକ୍ତି ଏବଂ ଦକ୍ଷତା ପ୍ରଦାନ କରେ। ଜାଲାନ ଅଟୋମୋବାଇଲ୍ସର ଚେୟାରମ୍ୟାନ ଅଶୋକ ଜାଲାନ, ଏମ୍‌ଡି ଯୋଗେଶ ଜାଲାନ, ନିର୍ଦ୍ଦେଶକ ମନୀଷ ଚୌଧୁରୀ କହିଥିଲେ, ଏହା କେବଳ ସମ୍ବଲପୁର ନୁହେଁ ବରଂ ସମଗ୍ର ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହି ଭାରିଯାନ ଶିଳ୍ପକୁ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଶକ୍ତି ପ୍ରଦାନ କରେ। ସେ ଆହୁରି ମଧ୍ୟ କହିଛନ୍ତି, ଗୁରୁପାଦ ଅଟୋମୋବାଇଲ୍ସ ମଧ୍ୟ ସମ୍ବଲପୁରରେ ଏହାର ପ୍ରଥମ ଡେଲିଭରି କରିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାହକମାନଙ୍କୁ ଯାନର ବୈଶିଷ୍ଟ୍ୟ ଏବଂ ବୈଷୟିକ ନିର୍ଦ୍ଦିଷ୍ଟକରଣ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ଅବସରରେ କମ୍ପାନୀର ଜେଡ୍‌ଏମ୍ ଦୀପକ ରାଜଦାନ, ଆର୍‌ଏମ୍ ଅଭିନ୍ନ ପ୍ରତୀକ , ଏଏମ୍ ପ୍ରିୟରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


# ବଢ଼ିଲା ପିଇବା ପାଣିବୋତଲ ଦର

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ ଭାରତରେ ପଡ଼ିବାକୁ ଲାଗିଛି। ରଏଟର୍ସ ରିପୋର୍ଟ ଅନୁଯାୟୀ କ୍ରୁଡ୍ ଅଏଲ ଦର ବଢ଼ିବାରେ ପ୍ଲାଷ୍ଟିକ୍ ପ୍ୟାକେଜିଂ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି। ଭାରତରେ ବୋତଲ ବନ୍ଦ ପାଣିର ଦର ପ୍ରାୟ ୧୧% ବଢ଼ିଯାଇଛି। କିଛି ମାସ ପୂର୍ବେ ବୋତଲବନ୍ଦ ପାଣି ଉପରେ ଟ୍ୟାକ୍ସ ୧୮%ରୁ ୫%କୁ ହ୍ରାସକରି କେନ୍ଦ୍ର ସରକାର ଗ୍ରାହକଙ୍କୁ ଆଶ୍ୱସ୍ତି ଦେଇଥିଲେ। ମାତ୍ର ଏବେ ପାଣିବୋତଲ ଦର ବୃଦ୍ଧିପାଇଛି। ଗବେଷଣା ଅନୁଯାୟୀ ଦେଶର ପ୍ରାୟ ୭୦% ଭୂଗର୍ଭ ଜଳରେ ପ୍ରଦୂଷଣ ଥିବାରୁ ବୋତଲବନ୍ଦ ପାଣିର ଚାହିଦା ଲଗାତର ବଢୁଛି, ଯାହାର ବଜାର ମୂଲ୍ୟ ପ୍ରାୟ ୫ ବିଲିୟନ ଡଲାର ଏବଂ ବିସ୍‌ଲେରି, କୋକାକୋଲା(କିନ୍‌ଲେ), ପେପ୍‌ସିକୋ(ଆକ୍ୱାଫିନା), ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଓ ଟାଟା ଗ୍ରୁପ୍ ଭଳି ବଡ଼ କମ୍ପାନୀ ଏଥିରେ ପ୍ରତିଯୋଗିତା କରୁଛନ୍ତି। କ୍ରୁଡ୍ ଅଏଲ ଦର ବୃଦ୍ଧି ଯୋଗୁ ପ୍ଲାଷ୍ଟିକ୍ ବୋତଲ ତିଆରିରେ ବ୍ୟବହୃତ ପଲିମରର ଲଗାତର ୫୦% ବଢ଼ି ୧୭୦ ଟଙ୍କା ପ୍ରତି କିଲୋଗ୍ରାମ ହୋଇଛି। ବୋତଲ ଖୋଳ ଦର ୨ଗୁଣରୁ ଅଧିକ ବଢ଼ି ୦.୪୫ ଟଙ୍କା ପ୍ରତି ପିସ୍ ହୋଇଛି ଏବଂ ଲେବଲ ଓ ଟେପ ମଧ୍ୟ ମହଙ୍ଗା ହୋଇଛି। ବଜାରର ପ୍ରାୟ ଏକ-ତୃତୀୟାଂଶ ଧରିଥିବା ବିସ୍‌ଲେରି ୧୧% ଦର ବଢ଼ାଇଛି, ଯାହାଦ୍ୱାରା ୧ ଲିଟରର ୧୨ ବୋତଲର ଏକ ବକ୍ସ ଏବେ ୨୪୦ ଟଙ୍କାରେ ମିଳୁଛି ଯାହା ପୂର୍ବରୁ ୨୧୬ ଟଙ୍କାର ଥିଲା

# କୋଡ଼ିଙ୍ଗାମାଳି ବକ୍ସାଇଟ ଖଣିରେ ବେଦାନ୍ତର ଇଭି ନିୟୋଜିତ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)




ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର କୋଡ଼ିଙ୍ଗାମାଳି ବକ୍ସାଇଟ ଖଣିରେ ବୈଦ୍ୟୁତିକ ଯାନ(ଇଭି) ଲୋଡର ନିୟୋଜନକରି ଡି-କାର୍ବୋନାଇଜେଶନ ମାଇଲଖୁଣ୍ଟ ହାସଲ କରିଛି, ଯାହା ଏହାର ଲୋଡିଂ କାର୍ଯ୍ୟକଳାପରୁ ୫୦% ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିପାରିଛି। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୨୦୫୦ ସୁଦ୍ଧା ମୋଟ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଦିଗରେ କମ୍ପାନୀର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହି ପରିବର୍ତ୍ତନ ଦ୍ୱାରା ଅଧା ଲୋଡିଂ ବ୍ୟବସ୍ଥା ଡିଜେଲରୁ ବିଦ୍ୟୁତ୍‌କୁ ସ୍ଥାନାନ୍ତରିତ ହୋଇଛି। ସିଙ୍ଗାରାମ ସାଇଡିଂରେ ପୂର୍ବରୁ ୬ଟି ଡିଜେଲ ଲୋଡର ଉପରେ ନିର୍ଭର କରିବାକୁ ପଡୁଥିଲା। ନୂତନ ୩.୩ ଡିଜେଲରୁ ଇଭି ବ୍ୟବସ୍ଥା ସହ ଅଙ୍ଗାରକାମ୍ଳ ନିର୍ଗମନ ଘଣ୍ଟା ପ୍ରତି ୧୨୦ କିଲୋଗ୍ରାମ ହ୍ରାସ ପାଇଛି, ଯାହା ସ୍ୱଚ୍ଛ ଏବଂ ଅଧିକ ଦକ୍ଷ ଖନନରେ ଯଥେଷ୍ଟ ଯୋଗଦାନ ଦେଇଛି। ଏହି ପରିବର୍ତ୍ତନ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ହ୍ରାସ, ଉଚ୍ଚ ଶକ୍ତି ଦକ୍ଷତା ଏବଂ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତା ହ୍ରାସ ସହ ପରିବେଶଗତ ଲାଭ ମଧ୍ୟ ଆଣିଦେଇଛି । ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବୈଦ୍ୟୁତିକ ଯାନକୁ ଶକ୍ତିର ଏକ ସ୍ଥାୟୀ ଏବଂ ଅକ୍ଷୟଶକ୍ତି ଉତ୍ସ ଭାବରେ ଦେଖୁଛୁ ଯାହା ଆମର ପରିଚାଳନା ଏବଂ ଆମ ଧରିତ୍ରୀର ଭବିଷ୍ୟତକୁ ଶକ୍ତି ପ୍ରଦାନ କରେ। ଏହି ସଫଳତା ଆମର ନେଟ୍ ଜିରୋ ଯାତ୍ରାକୁ ସୁଦୃଢ଼ କରିବା ସହ ଏହା ପ୍ରମାଣିତ କରୁଛି ଯେ ବିନା ଆପୋସ ବୁଝାମଣାରେ ସ୍ଥାୟୀ ନବସୃଜନ ଖଣି କ୍ଷେତ୍ରର ଉତ୍କର୍ଷକୁ ଆଗେଇନେଉଛି ।

# ରପ୍ତାନି ଋଣ: ସୁଧ ସବ୍‌ସିଡି ନିୟମରେ ସଂଶୋଧନ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

କେନ୍ଦ୍ର ସରକାର ପ୍ରି ଏବଂ ପୋଷ୍ଟ ଶିପ୍‌ମେଣ୍ଟ ଏକ୍ସପୋର୍ଟ କ୍ରେଡିଟ୍ ପାଇଁ ସୁଧ ସବ୍‌ସିଡି ନିର୍ଦ୍ଦେଶିକାରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ଏହି ପରିବର୍ତ୍ତନ ୨୫,୦୬୦ କୋଟି ଟଙ୍କାର ରପ୍ତାନି ପ୍ରୋତ୍ସାହନ ମିଶନ ଅଧୀନରେ କରାଯାଇଛି। ନୂଆ ନିୟମ ଅନୁଯାୟୀ ଋଣଖାତା ଯେଉଁଦିନ ନନ୍-ପର୍ଫର୍ମିଂ ଆସେଟ୍(ଏନ୍‌ପିଏ) ଭାବେ ବର୍ଗୀକୃତ ହେବ, ସେହିଦିନଠାରୁ ସୁଧ ସବ୍‌ସିଡି ସୁବିଧା ପ୍ରଯୁଜ୍ୟ ହେବ ନାହିଁ। ଏହା ପରଠାରୁ କୌଣସି ସବ୍‌ସିଡି ଲାଭ ମିଳିବ ନାହିଁ। କେବଳ ଜାନୁଆରୀ ୨ ପରେ ବଣ୍ଟନ ଋଣରେ ଲାଗୁହେବ। ଯୋଜନା ବିଦେଶୀ ବାଣିଜ୍ୟ ନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ଜାରି କରିଥିବା ଏକ ବାଣିଜ୍ୟ ବିଜ୍ଞପ୍ତିରେ କୁହାଯାଇଛି, ଏହି ସୁଧ ସବ୍‌ସିଡି ଯୋଜନା କେବଳ ଜାନୁଆରୀ ୨ କିମ୍ବା ତାହାର ପରେ ବଣ୍ଟନ ହୋଇଥିବା ରପ୍ତାନି ଋଣ ଉପରେ ପ୍ରଯୁଜ୍ୟ ହେବ। ପୂର୍ବରୁ ବଣ୍ଟନ ହୋଇଥିବା ଋଣ ଏହି ସଂଶୋଧିତ ନିୟମ ଅଧୀନରେ ଆସିବ ନାହିଁ। ରପ୍ତାନିକାରୀଙ୍କ ପାଇଁ ଅଧିକ ସ୍ୱଚ୍ଛତା ଓ ସତର୍କତା ଏହି ସଂଶୋଧନ ରପ୍ତାନିକାରୀମାନଙ୍କୁ ଅଧିକ ସ୍ୱଚ୍ଛତା ଓ ନିୟମିତତା ପ୍ରଦାନ କରିବା ସହ ଏମ୍‌ଏସ୍‌ଏମ୍‌ଇ ରପ୍ତାନିକାରୀଙ୍କୁ ସହାୟତା ପ୍ରଦାନ କରିବାର ଉଦ୍ଦେଶ୍ୟରେ କରାଯାଇଛି। ଏହାଦ୍ୱାରା ଋଣ ପ୍ରଦାନକାରୀ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକୁ ମଧ୍ୟ ଋଣ ପରିଚାଳନାରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ।

# ନର୍ସିଂ ଅଫିସରଙ୍କ ସେବା ଔଷଧଠାରୁ ଅଧିକ କାମ କରିଥାଏ




ଭୁବନେଶ୍ୱର, ୨୦।୩ (ବନ୍ଦନା ସେଠୀ)

## କଳିଙ୍ଗ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ଉତ୍ସବ

କଳିଙ୍ଗ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର (ଇଭେଣ୍ଟ ସ୍କୋୟାରଠାରେ) ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟର କଷ୍ଟକୁ ନିଜ କାନ୍ଧରେ ବୋହି ନେଉଥିବା ପ୍ରକୃତ ସେବା ପ୍ରଦାନକାରୀ ହେଉଛନ୍ତି ନର୍ସିଂ ଅଫିସର। ରୋଗୀମାନଙ୍କ ପ୍ରତି ସେମାନଙ୍କର ସେବା, ସେମାନଙ୍କ କଥା ଔଷଧର ହଜାରେ ଗୁଣରୁ ଅଧିକ କାମ କରିଥାଏ। ସେମାନେ ରୋଗୀମାନଙ୍କ କଷ୍ଟକୁ ବାସ୍ତବରେ ଅନୁଭବ କରିବା ସହ ମନରୁ ସେମାନଙ୍କର ସେବା କରିଥାନ୍ତି ବୋଲି ବିଧାୟିକା କହିଥିଲେ। ନାଲ୍‌କୋର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ ଡ. ତପନ କୁମାର ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବାଠାରୁ ବଳି ମହତ୍ତ୍ୱପୂର୍ଣ୍ଣ ଆଉ କିଛି ନାହିଁ ବୋଲି କହିଥିଲେ। ଆପୋଲୋ ହସ୍ପିଟାଲର ଡେପୁଟି ଜେନେରାଲ ମ୍ୟାନେଜର (ନର୍ସିଂ) ସୁରଚିତା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ନର୍ସିଂ ଅଫିସରମାନଙ୍କ ସେବାକୁ ଭୂୟସୀ ପ୍ରଶଂସାକରିବା ସହ ନୂତନ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲଙ୍କ ପରି ନିଜର ଜୀବନକୁ ନିଷ୍ପାପର ସେବା ଯୋଗାଇବାରେ ବିନିଯୋଗ କରିବେ ବୋଲି ଉପଦେଶ ଦେଇଥିଲେ। କଳିଙ୍ଗ ହସ୍ପିଟାଲ ଫାଉଣ୍ଡେଶନର ଟ୍ରଷ୍ଟି ତଥା ପୂର୍ବତନ ଭାରତୀୟ ରାଜସ୍ୱ ସେବା ଅଧିକାରୀ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଲେଖକ ଓ ମାର୍ଗଦର୍ଶକ ବିରଜା ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ନିଜର ମତ ରଖିଥିଲେ। କଳିଙ୍ଗ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ସୁଜାତା ସ୍ୱାଇଁ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିବା ସହ ନୂତନ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଷ୍ଟୁଡେଣ୍ଟ ନର୍ସିଂ ଆସୋସିଏସନର ଉପଦେଷ୍ଟା ରଶ୍ମିରଞ୍ଜିତା ଅଧିକାରୀ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ସସ୍ମିତା ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପିକା କଳ୍ପନା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଯାତ୍ରୀ ସୁବିଧା ଓ ସୁରକ୍ଷାର ସମୀକ୍ଷାକଲେ ରେଳମନ୍ତ୍ରୀ

## ରେଳଯାତ୍ରୀଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ଦେବ ଏଆଇ କ୍ୟାମେରା


ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ରେଳ ଭବନରେ ବରିଷ୍ଠ ରେଳ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ବୈଠକରେ ଷ୍ଟେଶନରେ ପ୍ରବେଶ, ଯାତ୍ରୀ ସୁବିଧାର ଉନ୍ନତୀକରଣ ଏବଂ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ସହ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ସୁଦୃଢ଼ୀକରଣର ଅଗ୍ରଗତି ଆକଳନ କରିବ। ଏହି ବୈଠକରେ ପ୍ରବେଶ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ପ୍ରଯୁକ୍ତିବିଦ୍ୟା ପରିଚାଳିତ ତଦାରଖ ଏବଂ ଷ୍ଟେଶନ ପରିସର ମଧ୍ୟରେ ସହଜ ଯାତାୟାତ ଭଳି ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସଂସ୍କାରଗୁଡ଼ିକ ପ୍ରଥମେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଲାଗୁ କରାଯିବ ଏବଂ ଏହାଦ୍ୱାରା ମିଳିଥିବା ଅନୁଭୂତି ଆଧାରରେ ପରବର୍ତ୍ତୀ ସମୟରେ ଅନ୍ୟ ଷ୍ଟେଶନଗୁଡ଼ିକରେ ମଧ୍ୟ କାର୍ଯ୍ୟକାରୀ ହେବ । ଏଆଇ ଚାଳିତ କ୍ୟାମେରା ନେଟ୍‌ୱର୍କ ଦ୍ୱାରା ୨୪ଘଣ୍ଟିଆ ନଜର ସୁନିଶ୍ଚିତ କରାଯିବ । ପ୍ଲାଟ୍‌ଫର୍ମ, କନ୍‌କୋର୍ସ, ପ୍ରବେଶ-ପ୍ରସ୍ଥାନ ପଏଣ୍ଟ ଏବଂ ଅନଧିକୃତ ପ୍ରବେଶ ଆଶଙ୍କା ଥିବା ଅଞ୍ଚଳ ସମେତ ଷ୍ଟେଶନ ପରିସରର ସମସ୍ତ କୋଣ ଅନୁକୋଣକୁ ଆଚ୍ଛାଦନକରି କ୍ୟାମେରା ମାଧ୍ୟମରେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ବ୍ୟାପକ ଏଆଇଚାଳିତ ତଦାରଖ ନିୟୋଜିତ କରାଯିବ। ଏକ ଆବଶ୍ୟକ ମୁତାବକ ଇଭେଣ୍ଟ ଡିସ୍‌ପ୍ଲେ-ଆଧାରିତ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯିବ ଯେଉଁଠାରେ ସିଧାସଳଖ କ୍ୟାମେରା ଫିଡର ଏଆଇ ପ୍ରକ୍ରିୟାକରଣ ନିରୀକ୍ଷଣ କର୍ମଚାରୀଙ୍କୁ ଠିକଣା ସମୟରେ ଅସ୍ୱାଭାବିକ କିମ୍ବା ଅସୁରକ୍ଷିତ ଘଟଣା ବିଷୟରେ ସତର୍କ କରିବ। କେନ୍ଦ୍ରମନ୍ତ୍ରୀ କ୍ୟାମେରାଗୁଡ଼ିକୁ 'ଆଖି' ଏବଂ ଏଆଇକୁ ଏହି ବ୍ୟବସ୍ଥାର 'ମସ୍ତିଷ୍କ' ବୋଲି ବର୍ଣ୍ଣନାକରି ଗୁରୁତ୍ୱାରୋପ କରିଥିଲେ ଯେ ସର୍ବାଧିକ ତଦାରଖ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସମସ୍ତ କ୍ୟାମେରାର କଭରେଜ ଜୋନ୍‌କୁ ପର୍ଯ୍ୟାପ୍ତ ଆଲୋକିତ କରାଯିବା ଆବଶ୍ୟକ। କେବଳ ଟିକେଟ ଥିବା ଯାତ୍ରୀମାନେ ଷ୍ଟେଶନ ପରିସରରେ ପ୍ରବେଶ କରିବା ସୁନିଶ୍ଚିତ କରିବା ପାଇଁ ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍)କୁ ଅତିରିକ୍ତ ଭାବେ ନିୟୋଜିତ କରାଯିବ, ଯାହା ମାନବ ଆଧାରିତ ଯାଞ୍ଚରୁ ଇ-ଆଧାରିତ ଯାଞ୍ଚକୁ ପରିବର୍ତ୍ତିତ ହେବ। ଷ୍ଟେଶନରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କ ପାଇଁ ଏକ ରଙ୍ଗିନ କୋଡେଡ୍ ଚିହ୍ନଟ ପ୍ରଣାଳୀ ନିର୍ଦ୍ଦେଶ ଦିଆଯାଇଛି। ରେଳପଥ କର୍ମଚାରୀଙ୍କ ଦ୍ୱାରା ଫ୍ଲୁରୋସେଣ୍ଟ ଜ୍ୟାକେଟ ପିନ୍ଧାଯିବ, ଯେତେବେଳେ ବିକ୍ରେତା, ଷ୍ଟେଶନ ସହାୟକ, ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ଆଇଆର୍‌ସିଟିସି କର୍ମଚାରୀଙ୍କ ସମେତ ଅଣ-କର୍ମଚାରୀମାନେ ମଧ୍ୟ ଭିନ୍ନ ଭିନ୍ନ ରଙ୍ଗର ରଙ୍ଗିନ କୋଡେଡ୍ ଜ୍ୟାକେଟ ପିନ୍ଧିବେ। ଷ୍ଟେଶନ ପରିସରରେ ଉପସ୍ଥିତ ଯାତ୍ରୀ, କର୍ମଚାରୀ ଏବଂ ଅନ୍ୟ ଅଣ କର୍ମଚାରୀ ଯେପରିକି କୁଲି, ସାମଗ୍ରୀ ବିକ୍ରେତାଙ୍କ କର୍ମଚାରୀ, ଖାଦ୍ୟ, ସଫେଇ, ପାର୍ସଲ ଏବଂ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ତ୍ୱରାନ୍ୱିତ ଚିହ୍ନଟକୁ ସକ୍ଷମ କରିବା ପାଇଁ ଏହା କରାଯାଉଛି, ଯାହା ସହ ସୁରକ୍ଷା କର୍ତ୍ତୃପକ୍ଷ ଏବଂ ଟିକେଟ ଯାଞ୍ଚ କର୍ମଚାରୀ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ସମୟରେ ନିୟୋଜିତ ହୁଅନ୍ତି । ନୂଆଦିଲ୍ଲୀ ଷ୍ଟେଶନ ମଡେଲ ଭାବରେ କାର୍ଯ୍ୟ କରିବ ଏବଂ ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ଭାଗରେ ଏହା ଲାଗୁହେବ । ନୂଆଦିଲ୍ଲୀ ରେଳ ଷ୍ଟେଶନରେ କ୍ୟୁଆର୍ କୋଡ୍ ଆଧାରିତ ପ୍ରବେଶ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଦୀପାବଳି ଏବଂ ଛଟ୍ ସମୟରେ ଆଶା କରାଯାଉଥିବା ପାର୍ବଣ ଭିଡ଼ ପୂର୍ବରୁ ଏକ ପାଇଲଟ ପ୍ରକଳ୍ପ ଭାବରେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଏକ କ୍ୟୁଆର୍ କୋଡ୍ ଆଧାରିତ ପ୍ରବେଶ ପରିଚାଳନା ବ୍ୟବସ୍ଥା ଆରମ୍ଭ କରାଯିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜଙ୍ଗଲ ସୁରକ୍ଷା ପ୍ରତି ସଚେତନତା ଜରୁରୀ

**ଆଜି ବିଶ୍ୱ ବନ ଦିବସ**



ପ୍ରାଣିଜଗତ ଏବଂ ଜଙ୍ଗଲ ବା ବନର ସମ୍ପର୍କ ବେଶ୍ ପ୍ରାଚୀନ। ଦିନ ଥିଲା ଆଦିମ ମାନବ ବଣ ଜଙ୍ଗଲରେ ରହୁଥିଲା। ଧୀରେ ଧୀରେ ସମୟ ସହ ପାଦ ମିଶାଇ ଆଜି ଅତ୍ୟାଧୁନିକ ଯୁଗରେ ପହଞ୍ଚିଛି। ବର୍ତ୍ତମାନ ସମଗ୍ର ବିଶ୍ୱରେ ଜଙ୍ଗଲ ସୁରକ୍ଷା ଏକ ପ୍ରମୁଖ ସମସ୍ୟା ଭାବରେ ଉଭାହୋଇଛି। ଏ ନେଇ ଅଧିକ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୧କୁ 'ବିଶ୍ୱ ବନ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ଏହି ଦିବସ ଲାଗି ପ୍ରସଙ୍ଗ ରହିଛି-'ଜଙ୍ଗଲ ଏବଂ ଅର୍ଥନୀତି'। ଜଙ୍ଗଲରୁ ଆମେ ବିଭିନ୍ନ ଜିନିଷ ପାଇଥାଉ। ଫଳମୂଳ, ଫୁଲ ବ୍ୟତୀତ ଅନେକ ଔଷଧୀୟ ବୃକ୍ଷ ମଧ୍ୟ ଏହା ଭିତରେ ରହିଛି। ଜଙ୍ଗଲ ଆମର କେତେ ଉପକାରରେ ଲାଗେ ତାହା ପ୍ରାୟ ସମସ୍ତେ ଜାଣନ୍ତି। ହେଲେ କଳକାରଖାନା, ବାସଗୃହ ଆଦି ଲାଗି ଜଙ୍ଗଲ କାଟିବା ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲ ସୁରକ୍ଷିତ ରହିଲେ ତାହାର ସୁପ୍ରଭାବ ପରିବେଶ ଉପରେ ପଡ଼ିବା ସହ ଭଲ ବର୍ଷା ହୁଏ। ତେଣୁ ବର୍ତ୍ତମାନ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଉପଲବ୍ଧି କରିବା ସହ ଏହି ପ୍ରାକୃତିକ ସମ୍ପଦକୁ ଆମେ ସୁରକ୍ଷିତ କରି ରଖିବା ନିହାତି ଆବଶ୍ୟକ।

''ଜଙ୍ଗଲ ଏକ ଅମୂଲ୍ୟ ସମ୍ପଦ। ଏହା କେବଳ ମଣିଷଙ୍କ ବ୍ୟବହାର ପାଇଁ ନୁହେଁ ଏହା ବହୁ ଜୀବଜନ୍ତୁଙ୍କ ଘର। ତେଣୁ ମଣିଷମାନେ ଜଙ୍ଗଲ ଉପରେ ଏକଚାଟିଆ ଅଧିକାର ଜାହିରକରିବା ଠିକ୍ ନୁହେଁ। ଜଙ୍ଗଲ ଆମକୁ ବହୁ କିଛି ଦେଉଛି। ବିଶେଷକରି ଜଙ୍ଗଲଜାତ ଦ୍ରବ୍ୟ ଆମର ଅର୍ଥନୀତିକୁ ସୁଦୃଢ଼ କରୁଥିବାବେଳେ ତାହାର ସୁରକ୍ଷା ଦରକାର। ତେବେ ଅଧିକାଂଶ ସ୍ଥାନରେ ଜଙ୍ଗଲରୁ ମିଳୁଥିବା ସାମଗ୍ରୀରୁ ଏଠାକାର ଅଧିବାସୀମାନେ ଲାଭବାନ୍ ହେବା ବଦଳରେ ଏଥିରୁ ବାହାର ଲୋକେ ବା କର୍ପୋରେଟ ସେକ୍ଟର ଅଧିକ ଲାଭବାନ୍ ହେଉଛନ୍ତି। ସେହିପରି ଜଙ୍ଗଲ ଭିତରେ ବେଆଇନ କାରବାର ରୋକିବା ସହ ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦରକାର।''

**-ଆକାଶ ରଞ୍ଜନ ରଥ, ପ୍ରତିଷ୍ଠାତା ଜଙ୍ଗଲ ଲୋର୍ ଫାଉଣ୍ଡେଶନ ତଥା ପୂର୍ବତନ ଅବୈତନିକ ୱାଇଲ୍ଡଲାଇଫ୍ ୱାର୍ଡନ, ପୁରୀ**

# ଏକର ପିଛା ୫୦ କୋଟି ଦାବି



ଗ୍ରାମସଭାରେ ଜଣେ ବ୍ୟକ୍ତି ନିଜର ଦାବି ଉପସ୍ଥାପନ କରୁଛନ୍ତି।




ପ୍ଲାଣ୍ଟ ବିରୋଧୀ ମଞ୍ଚ ପକ୍ଷରୁ ଗ୍ରାମସଭା ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ପ୍ରସ୍ତାବିତ ମେଗା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଗ୍ରାମସଭା**

- ପ୍ଲାଣ୍ଟ ସପକ୍ଷ, ବିପକ୍ଷବାଦୀଙ୍କ ମଧ୍ୟରେ ଧସ୍ତାଧସ୍ତି
- ପୋଲିସର ଲାଠିଚାର୍ଜ, ୪ ଗିରଫ

**ପାଟଣା,୨୦।୩ (ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ୍‌ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଶୁକ୍ରବାର ଚେମଣା ପଞ୍ଚାୟତ ଧନୁର୍ଜୟପୁର ସ୍କୁଲ ପଡ଼ିଆରେ ୪ର୍ଥ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ କ୍ଷତିଗ୍ରସ୍ତ ଏକର ପିଛା ୫୦ କୋଟି ଟଙ୍କା ଦାବି କରିଥିଲେ। ସଭା ଆରମ୍ଭ ପୂର୍ବରୁ ପ୍ଲାଣ୍ଟ ସପକ୍ଷ ଓ ବିପକ୍ଷବାଦୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପୋଲିସକୁ ଲାଠିଚାଳନା କରିବାକୁ ପଡ଼ିଥିବା ଦେଖାଯାଇଛି। ପୋଲିସ ୪ଜଣ ବିରୋଧୀ ଗୋଷ୍ଠୀର ନେତାଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ସ୍ଥାନୀୟ ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ପ୍ରୋବେଶନ ଆଇଏଏସ୍ ଅଫିସର ପବନ କୁମାର, ସ୍ଥାନୀୟ ସମିତିସଭ୍ୟ ମନୋଜ ମହାନ୍ତ, ୱାର୍ଡ ମେମ୍ବର ଜାନକୀ ନାଏକ, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ପାଟଣା ବିଡିଓ ମାନସ ଦଣ୍ଡପାଟ, ଇଡ୍‌କୋ ଜମି ଅଧିଗ୍ରହଣ ଅଧିକାରୀ କୃଷ୍ଣ କିଶୋର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ମୌଜାର ୪୪ ପ୍ରଜାଙ୍କ ୧୬୬ଟି ପ୍ଲଟ୍‌ର ୫୭.୧୧୦ ଡିସିମିଲ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। ଏଥିରେ ୩ ଜଣ ଗ୍ରାମବାସୀ ପ୍ରଫୁଲ୍ଲ ମହାରଣା, ରାମଚନ୍ଦ୍ର ମହାନ୍ତ ଓ ସଇତ ମହାରଣା ଏକର ପିଛା ୫୦ କୋଟି ଟଙ୍କା ପ୍ରଦାନ ଓ ଅନ୍ୟାନ୍ୟ ପ୍ରମୁଖ ୩୬ଟି ଦାବି ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ଦାବିଗୁଡ଼ିକ ଗ୍ରହଣ କରାଯାଇଛି। ଏ ନେଇ ସରକାରଙ୍କୁ ଅବଗତ କରାଯିବା ନେଇ ସେ କହିଥିଲେ। ଅନ୍ୟପକ୍ଷରେ ଶୁକ୍ରବାର ଭୋରରୁ ବିରୋଧୀ ମଞ୍ଚର ଶତାଧିକ ମହିଳା ଓ ପୁରୁଷ ସଭାସ୍ଥଳୀ ନିକଟରେ ପୋଲିସ ପହଞ୍ଚିବା ପୂର୍ବରୁ ପହଞ୍ଚିଯାଇଥିଲେ। ସଭାସ୍ଥଳକୁ ପ୍ରବେଶ ଉଦ୍ୟମ ବେଳେ ସେମାନଙ୍କୁ ସପକ୍ଷବାଦୀ ଅଟକାଇଥିଲେ। ଫଳରେ ଉଭୟପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ପହଞ୍ଚି ଲାଠିଚାର୍ଜ କରିଥିଲା। ଘଟଣାରେ ଡୁରୁମୁଙ୍ଗା ପୋଲିସ ୪ ଜଣ ବିରୋଧୀ ମଞ୍ଚ ନେତା ତଥା ଯମୁନାପୋଷି ପଞ୍ଚାୟତ କୋଡ଼ଖମଣ ଗ୍ରାମର ନିର୍ମଳ ମହାନ୍ତ, ମନୋହର ମହାନ୍ତ, ଅମିୟ ନାଏକ ଓ ଧନେଶ୍ୱର ମହାନ୍ତଙ୍କୁ ଗିରଫ କରିଛି। ପୋଲିସ ମାଡ଼ରେ କେତେଜଣ ଆନ୍ଦୋଳନକାରୀ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପ୍ରତିରୋଧ ମଞ୍ଚ ପକ୍ଷରୁ ଘଟଣାକୁ ନିନ୍ଦା କରାଯିବା ସହ ତୁରନ୍ତ ୪ ନେତାଙ୍କୁ ବିନା ସର୍ତ୍ତରେ ଛାଡ଼ିବାକୁ ଦାବି କରାଯାଇଛି। ଡୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି, ପୁରୁଣା ମାମଲାରେ ୪ଜଣଙ୍କୁ ଗିରଫ କରାଯାଇଛି।

# ୨୦୨୭ ଇଦ୍ ପାଇଁ ପ୍ରସ୍ତୁତି ଚଳାଇଲେଣି ସଲମାନ



ମୁମ୍ବାଇ: ବଲିଉଡ୍‌ର 'ଭାଇଜାନ୍'ଭାବେ ପରିଚିତ ସଲମାନ ଖାନ୍ ନିଜର ଆଗାମୀ ଫିଲ୍ମ 'ମାତୃଭୂମି'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ପୂର୍ବରୁ ଏହି ଫିଲ୍ମର ନାମ 'ବ୍ୟାଟଲ ଅଫ୍ ଗଲୱାନ' ରଖାଯାଇଥିଲା। କିନ୍ତୁ ନିର୍ମାତା ଏବେ ଏହାର ନାମ ବଦଳାଇ 'ମାତୃଭୂମି' ରଖିଛନ୍ତି। ପ୍ରାୟତଃ ଇଦ୍‌ରେ ସଲମାନ ଅଭିନୀତ ଫିଲ୍ମ ରିଲିଜ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଏହି ଅବସରରେ ତାଙ୍କର କୌଣସି ଫିଲ୍ମ ରିଲିଜ ହୋଇନାହିଁ। ହେଲେ ଆସନ୍ତାବର୍ଷ ଇଦ୍ ପାଇଁ ଏବେଠୁ ସେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପ୍ରଯୋଜକ ଦିଲ୍ ରାଜୁ ଏବଂ ନିର୍ଦ୍ଦେଶକ ବାମଶୀ ପେଡିପଲ୍ଲୀଙ୍କ ସହ ଏକ ବଡ଼ ଆକ୍ସନ ଫିଲ୍ମ ଉପରେ ସଲମାନ ଆଲୋଚନା କରୁଛନ୍ତି। ଏହା ଏକ ମନୋରଞ୍ଜନଭିତ୍ତିକ କମର୍ସିଆଲ ଫିଲ୍ମ ହେବ, ଯେଉଁଥିରେ ଅଧିକ ଆକ୍ସନ ଏବଂ ହାଇ-ଲେଭଲ ଭିଏଫ୍‌ଏକ୍ସର ବ୍ୟବହାର କରାଯିବ। ଆସନ୍ତା ଏପ୍ରିଲରୁ ଏହି ଫିଲ୍ମର ଶୁଟିଂ ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହେବାକୁ ଯାଉଛି। ୨୦୨୫ ଇଦ୍‌ରେ ମୁକ୍ତିଲାଭ କରିଥିଲା ସଲମାନଙ୍କ ଫିଲ୍ମ 'ସିକନ୍ଦର'। ଏହା ବକ୍ସ ଅଫିସରେ ସେତେ ସଫଳ ହୋଇପାରି ନ ଥିଲା। ଏଣୁ ଏବେ ସମସ୍ତଙ୍କ ନଜର ତାଙ୍କର ଆଗାମୀ ବଡ଼ ପ୍ରୋଜେକ୍ଟ ଉପରେ ରହିଛି। ତେବେ ସଲମାନଙ୍କ ଫିଲ୍ମ 'ମାତୃଭୂମି: ମେ ୱାର୍ ରେଷ୍ଟ ଇନ୍ ପିସ୍' ଚଳିତ ବର୍ଷ ୧୪ ଅଗଷ୍ଟରେ ବଡ଼ ପରଦାକୁ ଆସିବାକୁ ଯାଉଛି। ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ବହୁ ଉତ୍ସାହ ଦେଖିବାକୁ ମିଳୁଛି। ସଲମାନ ପୁଣିଥରେ ନିଜର ପୁରୁଣା ଅନ୍ଦାଜରେ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି। ତେଣୁ ୨୦୨୭ ଇଦ୍‌ରେ ସେ ପ୍ରଶଂସକଙ୍କୁ ଏକ ବଡ଼ ଉପହାର ଦେଇପାରନ୍ତି ବୋଲି କୁହାଯାଉଛି।


# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶ୍ରୀକାନ୍ତ ଚରଣ ଦାସ**

Plot No. MB3, Badagada, Brit Colony, Bhubaneswar

ତିରୋଧାନ: ୩୧।୦୩।୨୦୨୫

ବାବା, ପ୍ରଥମ ବର୍ଷର ସମର୍ପଣ । ଆପଣଙ୍କ ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।

**ଦାସ ପରିବାର ଓ ବନ୍ଧୁବାନ୍ଧବ**

ଧ-୩୬୫୪

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରତ୍ନପ୍ରଭା ଦେବୀ**

(ଏମ୍.ଏ.ବି.ଏଡ୍) ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍-୪, ଭୁବନେଶ୍ୱର

ସି.ଆର.ପି.ଏଫ୍ ଛକ, ଭୁବନେଶ୍ୱର

ଆବିର୍ଭାବ: ୧୨।୦୮।୧୯୪୭ । ତିରୋଧାନ: ୦୭।୦୪।୨୦୧୯

(ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟା ତିଥି)

ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମ ଅସାଧାରଣ ବ୍ୟକ୍ତିତ୍ୱର ସ୍ମୃତିରେ ରତ୍ନପ୍ରଭା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସ୍ଥାପନା କରାଯାଇଛି। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୩୭୦୭

**ଏକାଦଶାହ ଉପଲକ୍ଷେ**



**୰ଗଣେଶ ଚନ୍ଦ୍ର ଦୀକ୍ଷିତ**

ଗ୍ରାମ: ୯୪/୪୨୯, ମହାବୀର ନଗର, ଭୁବନେଶ୍ୱର

ଆବିର୍ଭାବ: ୧୭।୧୦।୧୯୫୨
ତିରୋଧାନ: ୧୧।୦୩।୨୦୨୬

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଶୃଙ୍ଖଳିତ ଜୀବନ, ମାର୍ଗଦର୍ଶନ ଓ ଆଶୀର୍ବାଦ ଆମ ମାନଙ୍କ ପାଇଁ ଚିର ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଆପଣଙ୍କ ଆତ୍ମା ଶାନ୍ତି ଓ ସଦ୍‌ଗତି ପ୍ରାପ୍ତ ହେଉ।

-:ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ:-

ଉମେଶ ଚନ୍ଦ୍ର ଦୀକ୍ଷିତ, ରମେଶ ଚନ୍ଦ୍ର ଦୀକ୍ଷିତ, ରାଜକିଶୋର ଦୀକ୍ଷିତ ଓ ଏଥି ସହ ସମସ୍ତ ପରିବାରବର୍ଗ ଓ ବନ୍ଧୁପରିଜନ।

ଧ-୬୧୯୮୨

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୁହାସିନୀ ସାହୁ**

ତିରୋଧାନ- ୧୧।୦୩।୨୦୨୬

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ହତଭାଗ୍ୟ ପୁତ୍ର: ରାଜକିଶୋର ସାହୁ, ସନ୍ତୋଷ କୁମାର ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ଆଶୁତୋଷ ସାହୁ (ନାତି)

ଧ-୩୬୯୬


# Classified Everyday

**0674-2580101, 9692975378**




**REAL ESTATE**

**SALE**

**A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse.** D-3540

**ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834.** D-3649

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡ଼ି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

3BHK Sophisticated Flat at BJB Nagar/ 2100sqft. Gharabari Land at Uttara, Bhubaneswar. Call- 8917520527. D-3671

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




**Godown and Showrrom near Pathargadia, Sibamandira 200ft. Road. Mob. 9938060592.** D-3544



**BUSINESS**

**Urgently required Second hand Racks for supermarket in Bhubaneswar, Contact: 8240127783.** D-3703




All types of physiotherapy and massage contact 9556924059 / 7656969134. D-3668

## LOST

ମୁଁ, ଶ୍ରୀ ଲକ୍ଷ୍ମୀଧର ମହାନ୍ତି (୪୯) ବର୍ଷ, ପତ୍ନୀ- ମଞ୍ଜୁ ମହାନ୍ତି (୪୬) ବର୍ଷ, ସା- ବଳଭଦ୍ରପ୍ରସାଦ, ପୋ- ନୂଆପଡା, ଜିଲ୍ଲା- ନୟାଗଡ଼ ଜଣାଉଛି ମୋର ଘରବାରି ଦଲିଲ ନଂ. ୧୩୯୧୦୦୧୭୭୨, ତାରିଖ: ୦୬।୦୭।୧୦ଟି ବଳଭଦ୍ରପ୍ରସାଦଠାରେ ହଜିଯାଇଛି। ମୁଁ ମୋର ଦଲିଲ ବାଇକରେ ଏକ ବ୍ୟାଗରେ ରଖି ତହସିଲ କାର୍ଯ୍ୟାଳୟକୁ ଯାଉଥିବାବେଳେ ୧୫।୦୨।୨୦୨୨ ତାରିଖରେ ହଜିଯାଇଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ କମ୍ପ୍ଲେନ ନମ୍ବର- ୨୪୮୬୬୦୨୨୦୭୨ ୬୦୦୧୫ ରେ ମାମଲା ରୁଜୁ ହୋଇଛି। ଏଣୁ ନିବେଦନ କରେକି ଯଦି ଏହି ଦଲିଲ କେହି ପାଇଲେ ମୋର ନିମ୍ନୋକ୍ତ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ।

ଶ୍ରୀ ଲକ୍ଷ୍ମୀଧର ମହାନ୍ତି
ଶ୍ରୀ ମଞ୍ଜୁ ମହାନ୍ତି
ସା- ବଳଭଦ୍ରପ୍ରସାଦ, ଖଣ୍ଡପଡ଼ା, ନୟାଗଡ଼, ଫୋନ ନମ୍ବର- ୬୩୭୦୬୭୮୭୧୨

ଧ-୩୭୦୪

## AFFIDAVIT

By virtue of an affidavit sworn before Notary Public, Kantabanji, dated 20.03.2026, I, MAMATA SAGRIA, D/o.- Bhagabana Sagria, At/ P.O.- Salemudgaon, P.S.- Turekela, Dist.- Bolangir, Odisha, PIN-767040 declare that I have changed my name from NAMITA SAGRIA (Old name) to MAMATA SAGRIA (New name). Henceforth, I shall be known as MAMATA SAGRIA for all purposes.

MAMATA SAGRIA
(New name).

D-3699

By virtue of an affidavit sworn before Executive Magistrate, Thuamul Rampur, dated 04.10.2025, I, Dashmini Naik, R/o. At/P.O.- Gopalpur, P.S.-Thuamul Rampur, Dist.- Kalahandi, Odisha, PIN- 766037 declare that I have changed my name from Dasmita Naik to Dashmini Naik. Henceforth, I shall be known as Dashmini Naik for all purposes.

Dashmini Naik

D-3701

By virtue of an affidavit sworn before Executive Magistrate, Kashipur, Rayagada dated 16.10.2025, I, Ramsingh Majhi, R/o. At- Bhatipas, P.O.- Munusgaon, P.S.- Kashipur, Dist.- Rayagada, Odisha, PIN- 765015 declare that I have changed the name of my son from Matu Majhi to Mantu Majhi. Henceforth, he shall be known as Mantu Majhi for all purposes.

Ramsingh Majhi

D-3702

I, Puspanjali Behera, D/o. Radharani Behera, At- Indipur, P.O.- Indipur, P.S.- Sadar, Dist.- Dhenkanal, PIN- 759025 solemnly declare that I have changed my name from PUSPANJALI DAS to PUSPANJALI BEHERA, dtd. 18.03.2026 before Executive Magistrate, Dhenkanal.

Puspanjali Behera.

D-3697

I, Nishamani Panda, W/o.- Late Somanath Panda, At- Thailo, P.O.- Alikanta, P.S.- Balikuda, Dist.- Jagatsinghpur, 754108, Odisha declare by affidavit No.- 2306, dtd.- 06.12.2025 before Executive Magistrate, Balikuda that I have changed my name from Nirupama Panda to Nishamani Panda. Nishamani Panda and Nirupama Panda is one and same person. Henceforth, I shall be known as Nishamani Panda for all purposes.

D-3700

By virtue of an affidavit Sworn before Notary Public, Kantabanji Dated 20.3.2026 I, Sajara Hati, S/o.- Rakshya Hati of Village- Tentulikhunti, P.O.- Ganrei, P.S.- Muribahal, Dist.- Bolangir, Odisha, declare that I have changed the name of my daughter from Nirupa Hati to Nirupama Hati. Henceforth, she shall be known as Nirupama Hati (New Name) for all purposes.

Sajara Hati

D-3698

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱରଙ୍କ ଅଦାଲତ ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା

ଆର୍.ପି. କେସ୍ ନଂ.୧୬/୨୦୨୪

କପିଳ ରଣସିଂହ ଓ ଅନ୍ୟମାନେ ........ବାଦୀମାନେ

ବନାମ

ତହସିଲଦାର ଟାଙ୍ଗୀ ଓ ଓଗେର .......ପ୍ରତିବାଦୀମାନେ

ପ୍ରତିବାଦୀ ନଂ.୩: ଚନ୍ଦ୍ର ରାଉଳ, ପ୍ରତିବାଦୀ ନଂ.୪: ମଧୁ ରାଉଳ ଦୁଇଜଣଙ୍କର ପିତା: ଦୀନା ରାଉଳ, ପ୍ରତିବାଦୀ ନଂ.୫: ଚିନ୍ତାମଣି ସାହୁ, ପିତା: ଅର୍ଜୁନ ସାହୁ, ପ୍ରତିବାଦୀ ନଂ.୬: ପ୍ରାଣନାଥ ସାମନ୍ତରାୟ, ପିତା: ସତ୍ୟବାଦୀ ସାହୁ, ଏମାନଙ୍କ ଠିକଣା: ସା- ବୋଡଙ୍ଗରା ପାଟଣା, ଥାନା- ନିରାକାରପୁର, ଜିଲ୍ଲା- ଖୋର୍ଦ୍ଧା।

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ଉପରୋକ୍ତ ଆର୍.ପି. କେସ୍ ବାଦୀ କପିଳ ରଣସିଂହ ଓ ଅନ୍ୟମାନେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ୍ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ ଭୁବନେଶ୍ୱର, ଅଦାଲତଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୩, ୪, ୫ ଓ ୬ଙ୍କ ଠିକଣାରେ ଚିଠି ଯାଇ ପୋଷ୍ଟାଲ ଏଣ୍ଡୋର୍ସମେଣ୍ଟ ଜରିଆରେ, ସେମାନେ ମୃତ ବୋଲି ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି।

ଏଣୁ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱରଙ୍କ ଅଦାଲତ କାର୍ଯ୍ୟାଳୟଠାରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର ହୋଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଟାଙ୍ଗୀ, ଥାନା: ନିରାକାରପୁର, ମୌଜା: ବଡ଼ପୋଖରିଆ ସାବିକ ଖାତା ନଂ.୩୨୮, ପ୍ଲଟ୍ ନଂ.୯୭୮, ରକବା: ଏ୧.୨୦୩ ଡି., ପ୍ଲଟ୍ ନଂ.୯୮୧, ରକବା: ଏ୦.୨୩୫ ଡି., ପ୍ଲଟ୍ ନଂ.୯୮୪, ରକବା: ଏ୦.୧୩୨ ଡି., ପ୍ଲଟ୍ ନଂ.୯୯୧, ରକବା: ଏ୨.୦୯୫ ଡି., ମୋଟ ଚାରି ଗୋଟି ପ୍ଲଟ୍, ମୋଟ ରକବା: ଏ୩.୬୬୫ ଡି., ହାଲ୍ ଖାତା ନଂ.୩୨୦, ପ୍ଲଟ୍ ନଂ.୪୨୦୭, ରକବା ଏ୨.୦୨୦ ଡିସିମିଲ, ପ୍ଲଟ୍ ନଂ.୪୨୩୨, ରକବା: ଏ୦.୩୯୦ ଡି., ପ୍ଲଟ୍ ନଂ. ୪୨୩୫, ରକବା: ଏ୧.୦୮୫ ଡି., ପ୍ଲଟ୍ ନଂ.୪୨୩୭, ରକବା: ଏ୦.୧୮୯ ଡି., ମୋଟ ଚାରି ଗୋଟି ପ୍ଲଟ୍, ମୋଟ ରକବା: ଏ୩.୬୮୪ ଡି.

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୩, ୪, ୫ ଓ ୬ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସେମାନେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶଗ୍ରହଣ କରିପାରିବେ। ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।

ଭୁବନେଶର — କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତଙ୍କ ଆଦେଶକ୍ରମେ

ତା.୧୧।୦୩।୨୦୨୬ — ସ୍ୱା./- କୋର୍ଟ ଅଫିସର

ଚକବନ୍ଦୀ ଓ ବନ୍ଦୋବସ୍ତ କୋର୍ଟ ଭୁବନେଶର

ଧ-୩୭୦୫

# ଭୁଲାମନ

## ଗଳ୍ପ

### ପ୍ରତାପ ବିଶ୍ୱାଳ



ଏଇ ଭୁଲିଯିବାଟା ତା'ର ଗୋଟାଏ ରୋଗ ହୋଇଗଲାଣି। କୌଣସି କଥା ଠିକ୍ ସମୟରେ ମନେପଡୁନି। ଅଫିସ୍ ଆସିବାକୁ ଅଧା ବାଟ ଅତିକ୍ରମି ଆସିଛି ହଠାତ୍ ତା' ମନକୁ ଆସିଲା ସେ ଆସିଲାବେଳେ ଘରେ ତାଲା ବୋଧେ ପକେଇନି। ସ୍ତ୍ରୀ ବାପଘରକୁ ଯାଇଛି କାଲିଠାରୁ। ଘରେ ଏକୁଟିଆ ଏକୁଟିଆ ଫିଲ୍ କଲା ବୋଲି ଶୀଘ୍ର ଆଜି ଟିକେ ବାହାରିଆସିଛି ଘରୁ। ନ'ଟା ବାଜିଛି ଲାଗୁଛି ଯେମିତି ଖରାବେଳ। ହାତରେ ସମୟ ଥିଲେ ବି ଗାଡ଼ିର ଗତି ଦ୍ରୁତ। ସେ ତାଲା ପକେଇଛି କି ନାହିଁ ଚିନ୍ତା କଲାବେଳେ ଗାଡ଼ିର ଗତି କମିଗଲାଣି। ତାଲା ପକେଇବାକୁ ଭୁଲିଯାଇଛି ନା ପକେଇଛି ସଂଶୟରେ। ପୁଣି ମନକୁ ଆସିଲା ସେ ନିଶ୍ଚେ ତାଲା ପକେଇବାକୁ ଭୁଲିଯାଇଛି। ସେ ନିଜକୁ ଧିକ୍କାରି ମନେମନେ କହିଲା, ମିଛରେ ସେ ସିନା ତା' ସ୍ତ୍ରୀ ଉପରେ ବିରକ୍ତ ହୁଏ ସ୍ତ୍ରୀ କିନ୍ତୁ ଯାହା କୁହେ ସେଇଟା ଅପ୍ରିୟ ସତ। ତା'ର କାଳେ ଭୁଲାମନ।

ଅଗତ୍ୟା ଫେରିଲା ସେଇ ଅଧାବାଟରୁ ଭଡ଼ାଘରକୁ। ଯାହାଙ୍କ ଘରେ ସିଏ ଭଡ଼ାରେ ଅଛି, ତାଙ୍କ ଘରେ ବୁଢ଼ାବୁଢ଼ୀ ମାତ୍ର ଦୁଇଜଣ। ରୋଷେଇବାସ, ବୁଢ଼ାବୁଢ଼ୀଙ୍କୁ ଦେଖାଶୁଣା କରିବାକୁ ସ୍ତ୍ରୀଲୋକଟିଏ ଅଛି। ବାସନ୍ତୀ। ତା' ସ୍ତ୍ରୀ କୁହେ ବାସନ୍ତୀଟା ଭଲ ଲୋକ ନୁହେଁ। ତା'ର ହାତଉଠା ପଣ ଅଛି। ବୁଢ଼ାବୁଢ଼ୀଙ୍କ ସଉଦାପତ୍ରରୁ ଲୁଚେଇ କିଛି କାଳେ ତା' ଘରକୁ ପଠେଇଦିଏ। କିନ୍ତୁ ସେ ଜାଣେ ସେ ନଥିଲା ବେଳେ ବାସନ୍ତୀର ତାଙ୍କ ଘରକୁ ଅବାଧ ପ୍ରବେଶ। ଏକୁଟିଆ ସ୍ତ୍ରୀ ଲୋକଟା ବା କେତେ ଟିଭି, ମୋବାଇଲ ସାଙ୍ଗରେ ଦିନକାଟନ୍ତା! ବାସନ୍ତୀ ତାଙ୍କ ଘରକୁ ଆସେ, ଦୁହେଁ ବସି ଗପନ୍ତି। ସେ ଯଦି କବାଟରେ ତାଲା ନ ପଡ଼ିଥିବା ଦେଖି ଘରକୁ ଆସିଥିବ କଳାକନା ବୁଲାଇ ଦେଇଥିବ।

ଘର ଗେଟ୍ ପାଖରେ ପହଞ୍ଚି ଯେତେବେଳେ ସେ ଦ୍ୱାର ମୁହଁ ପାଖକୁ ଆସିଲା, ଗାଡ଼ି ଗେଟ୍ ପାଖରେ ରହିବା ଶବ୍ଦ ଶୁଣି ହେଉ କିମ୍ବା ବାହାରକୁ ସେ ଆସିଥିଲା, ତାକୁ ଦେଖି ବାସନ୍ତୀ ପଚାରିଲା– କ'ଣ କିଛି ଛାଡ଼ିଯାଇଥିଲେ କି ବାବୁ?

ସେ ବାସନ୍ତୀକୁ ଚାହିଁ ଟିକେ ହସିଦେଇ କହିଲା– ହଁ। ଯାଇ କୋଲପକୁ ଦୁଇଥର ଟାଣିଲା। ଦେଖିଲା ଠିକ୍ ଅଛି। ସେତେବେଳେ ସେ ଅନୁଭବ କଲା, ଭିତରେ ଗଞ୍ଜି ତା'ର ଝାଳରେ ଓଦା ହୋଇଯାଇଛି। ବୁଝିପାରିଲାନି ଭାରାକ୍ରାନ୍ତ ମନ ପାଇଁ ନା ଖରା ପାଇଁ ତା' ଦେହ ଏମିତି ଝାଳରେ ଜୁଡୁବୁଡୁ। ଚାବି ଖୋଲି ଭିତରକୁ ଯିବ ନା ଫେରିଯିବ, ଫେରିଗଲେ ବାସନ୍ତୀ ପୁଣି ଯଦି ପଚାରେ ବାବୁ କ'ଣ ଘର ନ ଖୋଲି ସେମିତି ପଳେଇଗଲେ? ସେ ଘର ମାଲିକଙ୍କ ଦ୍ୱାର ଆଡ଼କୁ ଚାହିଁଲା। ଦେଖିଲା ବାସନ୍ତୀର କାହିଁ ଦେଖାନାହିଁ। ବୋଧେ ଘର ଭିତରକୁ ଗଲାଣି। ଘର ଭିତରକୁ ନ ଯାଇ ସେ ପୁଣି ଆସି ଗାଡ଼ି ଷ୍ଟାର୍ଟ କଲା।

ଏମିତି ହୋଇଥିଲା, ତିନି ଦିନ ହୋଇନି। ସ୍ତ୍ରୀ ବାପଘରକୁ ଯିବ ବୋଲି ସନ୍ଧ୍ୟାରେ ଦୁହେଁ କିଛି କିଣାକିଣି କରିବାକୁ ଘରେ ତାଲା ପକାଇ ମାର୍କେଟ ଯାଇଥିଲେ। କିଣି ସାରିଲା ପରେ ସ୍ତ୍ରୀ କହିଥିଲେ– ମୁଁ ଏଇଠି ଅଛି, ତୁମେ ପରିବା ମାର୍କେଟରୁ କିଛି ପରିବା ନେଇଆସ। ଡେରି କରିବନି। ସେ ପରିବା ମାର୍କେଟ୍ ଯାଇ ପରିବା କିଣିଲାବେଳେ ଦେଖା ହୋଇଯାଇଥିଲା ଜଣେ ସାଙ୍ଗ। ତା' ସାଙ୍ଗରେ ଗପୁଗପୁ ଡେରି ହୋଇଗଲା ବୋଲି ପରିବା ବ୍ୟାଗ୍‌କୁ ଧରି ସିଧା ପଳାଇ ଆସିଥିଲା ଘରକୁ। ଘରେ ଆସି ଦୁଆର କବାଟରେ ତାଲା ପଡ଼ିଥିବା ଦେଖି ହଠାତ୍ ତା'ର ସ୍ତ୍ରୀ କଥା ମନେପଡ଼ିଯାଇଥିଲା। ପୁଣି ଦୌଡ଼ିଥିଲା ମାର୍କେଟ୍। ମାର୍କେଟ୍‌ରେ ଯେଉଁଠି ସ୍ତ୍ରୀକୁ ଛାଡ଼ି ପରିବା କିଣିବାକୁ ଯାଇଥିଲା ସେଠାକୁ ଯାଇ ଖୋଜିଲା। ଦେଖିଲା ସେଠି କେଉଁଠି ସେ ନାହାନ୍ତି। ଭାବିଲା ଫୋନ୍ କରିବ ସ୍ତ୍ରୀକୁ। ପକେଟ୍‌ରେ ହାତ ପୂରାଇ ଦେଖେ ତ ମୋବାଇଲ ନାହିଁ। ଭାବିଲା କି ଦୁର୍ଯୋଗ! ପରିବା କିଣିବା ଭିତରେ ବୋଧେ ମୋବାଇଲ୍‌ଟା କେଉଁଠି ପକେଟ୍‌ରୁ ଖସିପଡ଼ିଛି। ପୁଣି ପରିବା ମାର୍କେଟ୍ ଯାଇ ସବୁ ଗଳିକନ୍ଦି ଖୋଜିବାକୁ ଲାଗିଲା। ମୋବାଇଲ ନ ମିଳିବାରୁ ହତାଶ ହୋଇ ଆସି ପୁଣି ଥରେ ସ୍ତ୍ରୀକୁ ଖୋଜିଲା। ପାଇଲା ନାହିଁ। ଏହା ଭିତରେ ଦୁଇ ଘଣ୍ଟାରୁ ଅଧିକ ସମୟ ଅତିବାହିତ ହୋଇସାରିଥିଲା। ଭାବିଲା କ'ଣ ସେ କରିବ। ଶେଷକୁ ଠିକ୍ କଲା ଘରକୁ ଯାଇ ତାଲା ଭାଙ୍ଗିବ। ଆଉ ଜଣେ କାହାକୁ ସାଙ୍ଗରେ ନେଇ ସ୍ତ୍ରୀ ହଜିଯାଇଛି ବୋଲି ଥାନାରେ ଏତଲା ଦେବ।

ବ୍ୟସ୍ତ ହୋଇ ଘରକୁ ଫେରିଆସି ଦେଖେ ତ ଘରର ଦାଣ୍ଡକବାଟ ବନ୍ଦ ଥିଲେ ବି ବାହାରେ ଲାଇଟ୍ ଜଳୁଛି। ସେ ଆଶ୍ଚର୍ଯ୍ୟ ହୋଇ କବାଟପାଖକୁ ଯାଇ ଦେଖେ ତ କବାଟରେ ତାଲା ନାହିଁ। କବାଟ ଠେଲି ଭିତରକୁ ପଶିଲା। ଦେଖିଲା ସବୁଘରେ ଲାଇଟ ଜଳୁଛି। ଏହି ସମୟରେ ରୋଷେଇଘରୁ ସ୍ତ୍ରୀଙ୍କ ପାଟି ଶୁଭିଲା: ଭଲ ଲୋକ ତୁମେ! ପରିବା କିଣିବାକୁ ଯାଇଥିଲ ନା ପରିବା ମାର୍କେଟ୍‌କୁ କିଣିବାକୁ ଯାଇଥିଲ?

ସେ ସୋଫାରେ ବସିପଡ଼ି କହିଲା– ତୁମେ କେତେବେଳୁ ଆସିଲଣି। ମୁଁ ତୁମକୁ କେତେ ଖୋଜିଲିଣି?

ଖୋଜୁଥିଲ! କେତେ ସମୟ ତୁମକୁ ଆଉ ଅପେକ୍ଷା କରିଥା'ନ୍ତି? ଅପେକ୍ଷା କରି କରି ଶେଷକୁ ପରିବା ମାର୍କେଟ୍‌ର ଗଳିକନ୍ଦି ଖୋଜିଲି। ଫୋନ୍ ଆଠ ଦଶ ଥର କଲି। ଉଠେଇଲନି। କେଉଁଠି ଥିଲ ତୁମେ? କେମିତି କହିବ ସେ ସମୟରେ ହୁଏତ ସେ ଭୁଲିଯାଇ ବସାକୁ ଫେରିଆସିଛି। କହିଲା– ସାଙ୍ଗଟାଏ ଦେଖା ହୋଇଗଲା ତ ତା' ସାଙ୍ଗରେ କଥା ହେଉ ହେଉ ଟିକେ ଡେରି ହୋଇଗଲା।

ସାଙ୍ଗ ସହିତ କଥା ହେଉଥିଲ ବୋଲି କ'ଣ ଫୋନ୍‌ଟା ବାଜୁଥିବ ଶୁଭିଲାନି। ବାଧ ହୋଇ ଅଟୋଟାଏ କରି ଚାଲିଆସିଲି।

ସେ କହିଲା– ସେଇଆକୁ ତ ଖୋଜୁଖୋଜୁ ଏତେ ସମୟ ଗଲା। ପରିବା କିଣିଲାବେଳେ ଅସାବଧାନତାବଶତଃ ଫୋନ୍‌ଟା କୁଆଡ଼େ ପଡ଼ିଗଲା ଯେ ଖୋଜିଖୋଜି ଆଉ ପାଇଲି ନାହିଁ।

ସ୍ତ୍ରୀ ତା'ର ରୋଷେଇଘରୁ ବାହାରି ଆସି କହିଲା– ଫୋନ୍‌ଟିକୁ ହଜାଇ ଦେଇଆସିଛ! ବର୍ଷେ ହୋଇନି କିଣିଥିଲ। ପନ୍ଦର ହଜାରେ ଟଙ୍କା ପାଣିରେ ପକାଇ ଦେଇ ଆସିଲ? ଏମିତିକା ମଣିଷ ମୁଁ ମୋ' ଜୀବନରେ କେବେ ଦେଖିନାହିଁ।

ସେ ଆଉ କିଛି କହିବା ପୂର୍ବରୁ ଘର ଭିତରୁ ଫୋନ୍‌ଟା ରିଂ ହେଲା। ସେ ସୋଫାରୁ ଉଠିପଡ଼ିଲା। ତା'ରି ଫୋନ୍‌ର ରିଂ ଟୋନ୍ ତ! ତା'ହେଲେ ସେ କ'ଣ ମାର୍କେଟ ଗଲାବେଳେ ଫୋନ୍‌ଟାକୁ ନେଇ ନଥିଲା! ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ କହିଲା– ତୁମ ଫୋନ୍ ତ ଘର ଭିତରେ ରିଂ ହେଉଛି, ମାର୍କେଟ୍‌ରେ ପୁଣି ହଜିଲା କେଉଁଠି? କି ଭୁଲାମନର ମଣିଷ ତୁମେ। ପରିବା ବ୍ୟାଗ୍ କାହିଁ? ଆଣିଛ ନା କେଉଁଠି ଛାଡ଼ିଦେଇ ଆସିଛ?

ହଠାତ୍ ତା'ର ମନକୁ ଆସିଲା ଆରେ ସତେ ତ ପରିବା ବ୍ୟାଗ୍‌ଟାକୁ ତ ସେ ଗାଡ଼ି ଡିକି ପାଖରେ ଝୁଲାଇଲା ପରି ମନେପଡୁଛି ନା ଆଉ କେଉଁଠି ଛାଡ଼ିଦେଇ ଆସିଲା। ଫୋନ୍ ରିଂ ହେଉଥିଲା। ସେ ଆଉ ଫୋନ୍ ପାଖକୁ ନ ଯାଇ ସିଧା ଦୌଡ଼ିଲା ପରି ଆସିଲା ବାହାରେ ରଖିଥିବା ବାଇକ୍ ପାଖକୁ। ରକ୍ଷା, ବ୍ୟାଗ୍‌ଟା ଟଙ୍ଗାହୋଇଛି ଡିକି ପାଖରେ। ବ୍ୟାଗ୍‌ଟାକୁ ଖୋଲି ଘରକୁ ନେଇ ଥୋଇଦେଇ ସ୍ତ୍ରୀକୁ କହିଲା– ପାଣି ଗ୍ଲାସେ ଦିଅ ତ ଆଗ। ପାଣି ଗ୍ଲାସକ ପିଇ ନିଜକୁ ଟିକେ ହାଲୁକା ଅନୁଭବ କଲା।

ଭାବୁ ଭାବୁ ଆସି ପହଞ୍ଚି ଯାଇଥିଲା ସେ ଅଫିସ୍ ଗେଟ୍ ପାଖରେ। ପକେଟ୍‌ରୁ ମୋବାଇଲ ବାହାର କରି ଦେଖେ ତ ଅଧଘଣ୍ଟା ବିଳମ୍ବ ହୋଇଗଲାଣି। ଦ୍ରୁତ ବେଗରେ ନିଜ ସିଟ୍ ପାଖକୁ ଯାଇ କାମରେ ମନଦେଲା। କିଛି ସମୟ ଯାଇଛି ହଠାତ୍ ବଡ଼ବାବୁ ତା' ପାଖକୁ ଆସି ପଚାରିଲେ– ତୁମେ ଆସିଛଟି! ବାଇମେଟ୍ରିକ ସିଷ୍ଟମରେ ଉପସ୍ଥିତି କାହିଁ ଜାରି କରିନ? ସେକ୍ରେଟାରୀ ବର୍ତ୍ତମାନ ମୋତେ ପଚାରୁଥିଲେ ତୁମେ ଲିଭ୍ ଆପ୍ଲିକେଶନ ଦେଇନ, ତୁମକୁ ଛୁଟି କିଏ ଦେଇଛି ବୋଲି ମୋତେ ତାଗିଦା କରୁଥିଲେ।

ସେ ମନଦୁଃଖରେ ଉଠି ଛିଡ଼ା ହୋଇ କହିଲା– ମୁଁ ତ ଅନେକବେଳୁ ଆସି କାମ କରୁଛି। ଅବଶ୍ୟ ବାଇମେଟ୍ରିକ୍‌ରେ ଟିପ ଦେବା କଥାଟା ଭୁଲିଯାଇଛି। ଆପଣ ତ ଦେଖୁଛନ୍ତି ମୁଁ ମୋ ସିଟ୍‌ରେ ଅଛି। ବଡ଼ବାବୁ କହିଲେ– ସେ କଥା କିଏ ବୁଝିବ? ଯାଅ ସେକ୍ରେଟାରୀଙ୍କୁ କହିବ ନହେଲେ ସେ ଶୋ' କଜ୍ ନୋଟିସ୍ କରି ଦରମା ବନ୍ଦ କରିଦେବେ। ଅଫିସ୍‌ର ଏ ସାଧାରଣ ନିୟମଟାକୁ କେମିତି ଭୁଲିଯାଉଛ! ଅଫିସର ଗୋଟାଏ ଶୃଙ୍ଖଳା ଅଛି ନା ନାହିଁ?

ବଡ଼ବାବୁ କହି କହି ଚାଲିଗଲେଣି। ସେ ଦେଖିଲା ଅନ୍ୟମାନେ ତା' ବିକଳ ମୁହଁକୁ ଚାହିଁ ରହିଛନ୍ତି। କେମିତି, କାହାକୁ ସେ କହିବ ମୋ' ମୁହଁକୁ ଚାହିଁଛ କ'ଣ ଏବେ ମୋତେ ଗୋଟାଏ ନୂଆ ରୋଗ ଆଟାକ୍ କରିଛି 'ଭୁଲିଯିବା'। ସେ ପୁଣି ତା' ସିଟ୍‌ରେ ବସିଗଲା। ଭାବିଲା ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କୁ ଦେଖାଇବାକୁ ପଡ଼ିବ। ବରଂ ଆଜି ସେ ଛୁଟି ନେଇଯିବ। ଟେବୁଲ ଡ୍ରୟାରରୁ କାଗଜ ବାହାର କରି ଛୁଟି ଦରଖାସ୍ତ ଲେଖିବାକୁ ଲାଗିଲା।

ମୋ: ୯୪୩୭୭୪୫୯୮୩

## ପୁସ୍ତକ ପରିଚୟ

### ଓଡ଼ିଆ ପୁରାଣସାହିତ୍ୟର ଇତିହାସ: ସାରଳା ଖଣ୍ଡ




**ଲେଖକ:** ଡ. ସୁଧାକର ଦାସ
**ପ୍ରକାଶକ:** ପ୍ରଜ୍ଞା ଶିରୋମଣି ପ୍ରତିଷ୍ଠାନ, ମହାନଦୀ ବିହାର, କଟକ
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୪୦୦/–

ଆଲୋଚ୍ୟ ଗ୍ରନ୍ଥରେ ୪ଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦରେ ପୁରାଣର ପ୍ରାଚୀନତା, ସଂସ୍କୃତ ପୁରାଣମାନଙ୍କର ସଂଖ୍ୟା ଓ ପ୍ରକାରଭେଦ ତଥା ସଂସ୍କୃତ ଉପପୁରାଣଗୁଡ଼ିକର ପରିଚୟ ରହିଛି। ଦ୍ୱିତୀୟ ପରିଚ୍ଛେଦରେ ରହିଛି ଭାଷା-ସାହିତ୍ୟ ବିକାଶରେ ସଂସ୍କୃତ ପୁରାଣଗୁଡ଼ିକର ଦେଶୀୟ ସଂସ୍କରଣ, ଓଡ଼ିଆ ପୁରାଣ ରଚନାର ପୃଷ୍ଠଭୂମି, ସଂସ୍କୃତ ପୁରାଣ ଓ ଓଡ଼ିଆ ପୁରାଣ ମଧ୍ୟରେ ଥିବା ସାମ୍ୟ ଓ ବୈଷମ୍ୟ ଚର୍ଚ୍ଚା। ତୃତୀୟ ପରିଚ୍ଛେଦରେ ସ୍ଥାନିତ କଳିଙ୍ଗୋତ୍କଳ ସାମ୍ରାଜ୍ୟ, ଗଙ୍ଗକାଳୀନ ସମାଜ, ଶ୍ରୀଜଗନ୍ନାଥ ଓ ଉତ୍କଳର ଓଡ଼ିଆ ଭାଷା ସମ୍ପର୍କରେ ଆଲୋଚନା। ଚତୁର୍ଥ ପରିଚ୍ଛେଦରେ ସାରଳା ମହାଭାରତରେ ଥିବା ରାମାୟଣ ପ୍ରସଙ୍ଗର ବିଶ୍ଳେଷଣ କରାଯାଇଛି। ଆଦି ଓଡ଼ିଆ ପୁରାଣକାର ଭାବେ ସାରଳାଦାସଙ୍କୁ ବିବେଚନା କରି ପୁରାଣର ପଞ୍ଚ ଲକ୍ଷଣ କିପରି ସାରଳାଙ୍କ ରଚନାରେ ରହିଛି, ତା'ର ଅନୁସନ୍ଧାନ ଲେଖକ ପୁଙ୍ଖାନୁପୁଙ୍ଖ ଭାବେ ଏହି ଗବେଷଣା ଗ୍ରନ୍ଥଟିରେ କରିଛନ୍ତି। "ମୋ କଥା"ରେ ଲେଖକ କହିଛନ୍ତି: "ବିଚିତ୍ର ରାମାୟଣ, ମହାଭାରତ, ଚଣ୍ଡୀ ପୁରାଣ ଆଦି ଗ୍ରନ୍ଥ ଅଧ୍ୟୟନ କରି ଆଦି ପୁରାଣକାର ଭାବେ ସାରଳାଦାସଙ୍କୁ ବିଚାରକୁ ନେଇଛି।" ପୁଣି ମୁଖବନ୍ଧରେ କହିଛନ୍ତି: "ମୋ ଜାଣିବାରେ ସାରଳାଙ୍କୁ ଜଣେ ପୁରାଣକାରଭାବେ ଓଡ଼ିଶାର ଆଲୋଚକମାନେ ଆଲୋଚନାକୁ କେବେ ନେଇନାହାନ୍ତି। କାଁ ଭାଁ ତାଙ୍କ ସମ୍ପର୍କରେ ଯେଉଁଠି ବା ବର୍ଣ୍ଣନା କରାଯାଇଛି, ତାହା ଖଣ୍ଡିତ, ଦୁର୍ବଳ ଓ ରସଶୂନ୍ୟ। ଅତଏବ ଆମର ଏଇ ଗ୍ରନ୍ଥରେ x x ସାରଳାଙ୍କ ସମ୍ୟକ୍ ପରିଚୟ ପରେ ତାଙ୍କ ସୃଷ୍ଟି ସକଳକୁ ପୁରାଣ ରୂପେ ବିଚାର କରିଛୁ।" ପୁସ୍ତକଟି ତଥ୍ୟଗର୍ଭୀ ଓ ଆଶା କରାଯାଏ ଏହା ସାଧାରଣ ପାଠକ ଓ ଗବେଷକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

### ତୃତୀୟ ନୟନ




**କବି:** ଶମ୍ଭୁନାଥ ରାଉଳ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୬, **ମୂଲ୍ୟ:** ଟ.୨୫୦/–

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୫୪ଟି କବିତା ସ୍ଥାନିତ, ଯାହା କବିଙ୍କ ସମକାଳ ଓ ସମାଜର ନାନା ପରିଦୃଶ୍ୟ ଓ ଅନୁଭବକୁ ନେଇ ପରିକଳ୍ପିତ। ବିଶିଷ୍ଟ ନାଟ୍ୟକାର ଓ କବି ରମେଶ ଦାସ ଗ୍ରନ୍ଥାରମ୍ଭରେ କବି ଓ ତାଙ୍କ କବିତା ସମ୍ପର୍କରେ କହନ୍ତି: "କବି ଶମ୍ଭୁନାଥ x x କବିତା ଲେଖନ୍ତି ନାହିଁ, କବିତା ବଳେବଳେ ତାଙ୍କ ଭିତରୁ ସଞ୍ଚରିତ ହୋଇଯାଏ। x x ଆଚାର, ବିଚାର, ଆସ୍ପୃହା ତଥା ଆଲୋଡ଼ନ ତାଙ୍କ କବିତା ଭିତରକୁ ପଶିଆସନ୍ତି। x x ସାରା ବିଶ୍ୱର ବାର୍ତ୍ତା ଦେବାକୁ ଯେମିତି ତାଙ୍କ କବିତା ଉନ୍ମୁକ୍ତ।" 'ପ୍ରହସନ' ଶୀର୍ଷକ କବିତାରେ କବି ଆତ୍ମବ୍ୟଙ୍ଗ କରିଛନ୍ତି ନିଜକୁ, କହିଛନ୍ତି– 'ମୁଁ ପ୍ରହସନର ଏକ ମୂର୍ତ୍ତିମନ୍ତ ପ୍ରତୀକ' ଓ 'ମୁଁ ବଶବର୍ତ୍ତୀ କରିପାରେ ମୋର ସରଳ ଗ୍ରାହକଙ୍କୁ'। 'ଅନ୍ନଦାତା' ଶୀର୍ଷକ କବିତାରେ ତାଙ୍କର ସ୍ୱର ଭିନ୍ନ, ଭୂମିଲଗ୍ନ। ତାଙ୍କ ଭାଷାରେ "ଅନ୍ନଦାତାଙ୍କର ଯେତେ ବି ଜୟଗାନ କଲେ/ କମ୍ ଲାଗେ/ ଯେତେ ବି ଆଶୀର୍ବାଦର ହାତ ବଢ଼ାଇଲେ/ ଅସମ୍ପୂର୍ଣ୍ଣ ରହିଗଲା ଭଳି ଲାଗେ/ ଅନ୍ନଦାତାଙ୍କ ରତିଭରି ଅହଂକାର ନାହିଁ/ କରିଥିବା ପୁଣ୍ୟଫଳର/ ପ୍ରତ୍ୟାଶା ନାହିଁ/ ସେ ସବୁବେଳେ ଖାଣ୍ଟିସୁନା।" (ପୃ: ୧୯)। ଯୁଦ୍ଧ ଓ ଆତଙ୍କ ତାଙ୍କ କବିତାର ଭାଷା ହୋଇଉଠେ ବି କେବେକେବେ। ଯଥା: "ପୃଥିବୀର ଯେଉଁ ଦିଗକୁ ଚାହିଁଲେ/ କାନ ଡେରିଲେ ଯୁଦ୍ଧର ଭେରୀ ଶୁଣାଯାଏ/ ଏବେ ବିବାହ ଉତ୍ସବର ବାଣ ଫୁଟେଇଲେ/ ମନେହୁଏ ଆତଙ୍କର ପାଦଶବ୍ଦ।" ('ଯୁଦ୍ଧ ଓ ଆତଙ୍କ'–ପୃ: ୭୩)। ବହିର ନାମକରଣ ସମ୍ପର୍କରେ ବକ୍ତବ୍ୟ ରଖି କବି କହନ୍ତି: "ତୃତୀୟ ନୟନ ମହାପ୍ରଭୁ ମହାଦେବଙ୍କୁ ନଜରରେ ରଖି ଦେଇନାହିଁ। ସାରା ସମାଜକୁ ଧ୍ୟାନରେ ରଖି ମନକୁ ଆଣିଛି। ଏ ସଂସାରରେ ଓ ସମାଜରେ ଯାହାସବୁ ଘଟଣା ଘଟୁଛି, ଆମ ଗୋଚରରେ ହେଉ ବା ଅଗୋଚରରେ, କେହି ଜଣେ ନିଶ୍ଚୟ ଦେଖୁଛନ୍ତି।" କବିତାରେ ମନସ୍ଥ କରି କବି ଅଳଂକରଣ ଖଞ୍ଜନ୍ତି ନାହିଁ। ତାହା ସ୍ୱତଃ। ବିଷୟ ଓ ଅବତାରଣା– ଉଭୟ ଦୃଷ୍ଟିରୁ ବହିଟି ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା।

## କବିତା

### ପ୍ରଜାପତି

ଶ୍ରୀହରି ଧଳ

ସେ ଯୁଦ୍ଧ ବୁଝେନା
ଯୁଦ୍ଧର ବିଭୀଷିକା ଜାଣେନା।
ଗୋଟେ ଧ୍ୱଂସ ଗଦା ଉପରେ ଥାଏ
ସ୍ୱପ୍ନଭୂକ୍ କବି।

କବିତା ମନସ୍କତାରେ
ପୁନଶ୍ଚ ପୃଥିବୀର ଚିତ୍ର ଗଢ଼େ ଗୀତରେ।
ଡେଣାରେ ନିଆଁକୁ ବସାଏ, ମୃତ୍ୟୁକୁ ବସାଏ
ଗୋଟେ ଦୂରନ୍ତ ଶାନ୍ତିର ପରିଧିଯାଏ
ଉଡ଼ିଯିବାଯାଏ।

ସେ ଜୟ ବୁଝେନା
ପରାଜୟ ବୁଝେନା
ମୀମାଂସାହୀନ ଗଣିତ ବୁଝେନା।
ପ୍ରଜାପତିଟେ ହସୁଥାଏ
ଧୂଳି, ଧୂଆଁ, ବାରୁଦ ଭିଡ଼ରେ।

ମୃତ ସୈନିକ ଓଠ ଦାଢ଼ରେ
ଉଇଁ ଆସୁଥିବା ସୂର୍ଯ୍ୟ ଭିତରେ
ଜୀବନ ଖୋଜେ
ଯୁଦ୍ଧ ବିରତିର ସୂତ୍ର ଖୋଜେ।
ଡେଣାରେ ଟଙ୍ଗେଇଥାଏ ଗୋଟେ
ଯୁଦ୍ଧ ବିରତିର ସନ୍ଧିପତ୍ର।
ଆଖିରେ ନୂଆ ଜୀବନର ଅଧିବାସ।

– ତାଉଁତରା, କପାସି, ଚିତାଳୋ, ଯାଜପୁର
ମୋ: ୮୧୧୭୦୮୧୯୦୬

### ତନ୍ତ୍ର

ଗଜାନନ ମିଶ୍ର

ପ୍ରଚେଷ୍ଟା ସତ୍ତ୍ୱେ
ହେଉନି ରପ୍ତାନି।
ପଛେ ହେବ ବିଚାର
ସଫଳ କିଏ କେତେ।

କାର୍ଯ୍ୟବାହୀଙ୍କର ବେପରୁଆ
ଅଣଦେଖାରେ ଠପ୍ ବ୍ୟବସ୍ଥା।
ଭଲ ଖରାପ ଦେଖୁଦେଖୁ ବିଗିଡ଼େ
ମାଟି ଆକାଶ ଏକାଥରକେ।

ପ୍ରସ୍ତୁତିରେ ହଜେ ହିସାବ
ପାରମ୍ପରିକ ବିକ୍ରିବଟାରେ।
ଏକକାଳୀନ ପୈଠ ହେଲାବେଳେ
ଦିଶେ ଭିତର ବାହାର।

ଧୂପକାଠି ମସଲାର
ନ ଥାଏ ଆବଶ୍ୟକତା।
ବିନିଯୋଗ ହୁଏ ସମ୍ମାନ
ସୌନ୍ଦର୍ଯ୍ୟ ବାଟସାରା।

– ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ: ୯୪୩୭୩୬୬୬୪୪

### ଆଞ୍ଜୁଳାଏ ଜୀବନ

ମିନାକ୍ଷୀ ଦ୍ୱିବେଦୀ

ଆଞ୍ଜୁଳାଏ ପାଣି ଏ ଜୀବନ,
ଧରି ରଖିବାକୁ ଚେଷ୍ଟା କଲେ ବି
ଆଙ୍ଗୁଠି ସନ୍ଧି ଦେଇ
ଧୀରେ ଖସିଯାଏ ସମୟ।

ନିଜସ୍ୱ କିଛି ନାହିଁ ଏଠି, ସବୁ ଋଣକରା ସ୍ମୃତିର ସମ୍ପତ୍ତି
କିଛି ହସ, କିଛି ଲୁହ,
ଆଉ କିଛି ଅଧାଗଢ଼ା ସ୍ୱପ୍ନର ପାହାଚ
କେବେ ଏହା ଶାନ୍ତ ପୋଖରୀର ଜଳ
ତ କେବେ ଅଶାନ୍ତ ସମୁଦ୍ରର ଢେଉ।

ଖୋଜୁଖୋଜୁ ନିଜକୁ ଏ ଭିଡ଼ ଭିତରେ,
ପାଇଯାଏ କେବେ ଏକାକୀତ୍ୱର ସ୍ୱର,
ସାଉଣ୍ଟିବାକୁ ଗଲେ ଅତୀତର ଖଣ୍ଡିତ ଆଇନା
ରକ୍ତାକ୍ତ ହୁଏ ପାପୁଲି।

ଜୀବନ ତ ଏକ ସଞ୍ଜ ନଇଁବା ପୂର୍ବର ଖେଳ,
ଯେଉଁଠି ଜିତିବାର ମୋହ ନାହିଁ କି ନାହିଁ ହାରିବାର ଭୟ,
ସବୁ ସେହି ମାଟିର ମାୟା
ବଳକା କେବଳ କିଛି ଅକୁହା କଥା
ଆଉ, ପବନରେ ଭାସୁଥିବା ଆଞ୍ଜୁଳେ ଶୂନ୍ୟତା।

ତଥାପି...
ଏଇ ଆଞ୍ଜୁଳାଏ ଜୀବନକୁ ନେଇ ଗର୍ବ ଅନେକ,
ଯେ ପର୍ଯ୍ୟନ୍ତ ଶେଷ ବୁନ୍ଦାଟି ଖସିନାହିଁ
ସେ ପର୍ଯ୍ୟନ୍ତ ବଞ୍ଚିବାର ଜିଦ୍
ଆଉ ଅଳ୍ପ ଟିକେ ବାକିଥାଏ।

ମୋ: ୭୯୭୮୦୮୨୮୩୪

### ଗୀତି–କବିତା

### କିଏ ଜାଣିଥିଲା ଶେଷ ବସନ୍ତରେ

ହରିଶ୍ଚନ୍ଦ୍ର ବେହେରା

କିଏ ଜାଣିଥିଲା ଶେଷ ବସନ୍ତରେ
ଆସିବ ତା' ଶେଷ ଚିଠି
ଡାକବାଲା ଆଉ ଆସିବନି ଦିନେ
ତା' ପାଖକୁ ଚିଠି ବାଣ୍ଟି।

କାଲିରେ ନୁହେଁ ସେ ଆଖିର ଲୁହରେ
ଉଚ୍ଛୁଳା ଆବେଗ ଦେଇ
ଯେତେ ସ୍ନେହ ବାକିଥିଲା ତା' ଅନ୍ତରେ
ଦେଇଛି ଝିଅଟି ପାଇଁ
ଫି' ସାଲେ ପୁଣି ଆସିବ ବସନ୍ତ
ନ ଥିବ ସେନେହ ତା'ଠି।

ନିଷ୍ଠୁର ନିୟତି ସେ କାହୁଁ ବୁଝିବ
ସ୍ନେହ ମମତାର ମାନେ
ଝରିଗଲେ ଫୁଲ କେତେ ଯେ ବେଦନା
ଲତା ହିଁ କେବଳ ଜାଣେ
ନଈ ଜାଣେ ତା'ର ଅନ୍ତରର ଦୁଃଖ
ଆସିଲେ ଜୁଆର ଭାଟି।

ହୃଦୟ ଫରୁଆ ଭିତରେ ରଖିବ
ତା' ମାଆର ଶେଷ ଚିଠି
ହୁଏତ ବା ଦିନେ ଆସିବ କିଏ ସେ
ବଜେଇ ମରଣଘଣ୍ଟି
ମା' ପରା ତୋତେ ବସିଛି ଚାହିଁରେ
ସାଉଁଳି ଦେବ ତୋ' ପିଠି।

ମୋ: ୯୪୩୭୮୧୩୭୦୮

## କାଳକାଳକୁ



"ଘର ତାହା, ଯାହା ପାଦ ଦେବା ମାତ୍ରେ ଆଦରି ନିଏ।"
– ରବର୍ଟ ଫ୍ରଷ୍ଟ୍

**ରବର୍ଟ ଫ୍ରଷ୍ଟ୍‌ଙ୍କ** ଜନ୍ମ ୨୬ ମାର୍ଚ୍ଚ ୧୮୭୪ରେ ସାନ୍ ଫ୍ରାନ୍‌ସିସ୍କୋରେ ଓ ପରଲୋକ ୨୯ ଜାନୁଆରୀ ୧୯୬୩ରେ, ବୋଷ୍ଟନ୍‌ରେ। ବିଶ୍ୱବିଦିତ ଏହି ଆମେରିକୀୟ କବିଙ୍କ କବିତାରେ ଗ୍ରାମ୍ୟଜୀବନର ବାସ୍ତବତା ଧରାଦିଏ। ଆମେରିକୀୟ ଲୋକଭାଷା ହୋଇଉଠେ ତାଙ୍କ କବିତାର ଭାଷା। ଜଟିଳ ସମାଜ ଜୀବନ ଓ ଦର୍ଶନ ତାଙ୍କ କବିତାର ଅନ୍ୟତମ ଆଭିମୁଖ୍ୟ। ତାଙ୍କ ରଚିତ ପ୍ରସିଦ୍ଧ ପୁସ୍ତକଗୁଡ଼ିକ ଭିତରେ ଅନ୍ତର୍ଭୁକ୍ତ 'ଏ ବୟ'ଜ୍ ଉଇଲ୍', 'ନର୍ଥ ଅଫ୍ ବୋଷ୍ଟନ୍' ଓ 'ନିଉ ହାମ୍ପସାୟର୍'। ଇଂଲିଶ୍ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ଏହି କବି 'ପୁଲିଜର ପୁରସ୍କାର'ରେ ସମ୍ମାନିତ। ସେ କହନ୍ତି: ୧. "ଲେଖକର ଲୁହ କି ପାଠକର ଲୁହ; ଲେଖକର ବିସ୍ମୟ କି ପାଠକର ବିସ୍ମୟରେ ମୋ' କବିତା ନ ଥାଏ, ଥାଏ ଅନନୁଭୂତ ସ୍ମୃତି–ଆବିଷ୍କାରର ଆନନ୍ଦରେ।" ୨. "ଯୌବନରେ ବିପ୍ଳବୀ ହେବାକୁ ମୁଁ ସାହସ କରି ପାରେ ନାହିଁ ଏଇ ଡରେ ଯେ, ବାର୍ଦ୍ଧକ୍ୟରେ ଏହା ମୋତେ ରକ୍ଷଣଶୀଳ ସାବ୍ୟସ୍ତ କରିଦେଇପାରେ।"

# ଅମୃତଲଗ୍ନ

## ଲଘୁଗଳ୍ପ

### ରତ୍ନପ୍ରଭା ନାଥ

ବନ୍ଦନା ଚାତକ ପରି ଚାହିଁ ରହିଥାଏ ଆଶୁତୋଷଙ୍କୁ। କେତେ ସମୟ ହେବ ଗଲେଣି, ଏଯାଏ ଫେରିନାହାନ୍ତି। ଅପେକ୍ଷାର ସମୟ ବଡ଼ କଷ୍ଟକର। ଯେତିକି ଡେରି ହେଉଥାଏ, ବନ୍ଦନାର ବ୍ୟଗ୍ରତା ସେତିକି ବଢୁଥାଏ। ବେଳେବେଳେ ଉଦାସ ମଧ୍ୟ ହୋଇଯାଉଥାଏ। ବାହାଘର ଦଶବର୍ଷ ହୋଇଗଲା, ମାତ୍ର ମାତୃତ୍ୱ ସୁଖରୁ ସେ ବଞ୍ଚିତ। ତାଙ୍କର କେଉଁଥିରେ କିଛି ଅଭାବ ନ ଥିଲା। ଭଗବାନ ସବୁ ଦେଇଥିଲେ– ଭଲ ଘର, ଗାଡ଼ି, ଧନସମ୍ପତ୍ତି, ପ୍ରେମରେ ଓଦା କରିଦେଉଥିବା ସ୍ୱାମୀ। କେତେ ଡାକ୍ତର ବୈଦ୍ୟଙ୍କୁ ପରାମର୍ଶ କରି କେତେ ଔଷଧ ଖାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ଶେଷରେ ଆଇ.ଭି.ଏଫ୍. ମଧ୍ୟ କରିଥିଲେ। ସେଥିରେ ମଧ୍ୟ ବିଫଳ ହେଲେ। ତାଙ୍କ ଅକ୍ଷମତାକୁ ନେଇ ଧୀରେ ଧୀରେ ଲୋକଙ୍କର କଟୁ କଥା, ଲାଞ୍ଛନା ବଢ଼ିବାକୁ ଲାଗିଲା। ସେଥିପାଇଁ ସେ ଲୋକମାନଙ୍କ ସହ ଏବେ କମ୍ ମିଳାମିଶା କରୁଥିଲେ। ତାଙ୍କ ମାନସିକତାର ମଧ୍ୟ ପରିବର୍ତ୍ତନ ହେବାକୁ ଲାଗିଲା। ଦିନ ଥିଲା ଛୋଟ ପିଲାମାନଙ୍କୁ ଦେଖିଲେ ମନରେ ଆନନ୍ଦ ଖେଳିଯାଉଥିଲା। ଏବେ ଛୋଟ ପିଲାଙ୍କୁ ଦେଖିଲେ ଚିଡ଼ିଚିଡ଼ା ହୋଇଯାଉଛନ୍ତି। ଗର୍ଭବତୀ ମହିଳାଙ୍କୁ ସହ୍ୟକରି ପାରୁନଥିଲେ। ତାଙ୍କର ଇଚ୍ଛା ହେଉଥିଲା ସବୁ ନିଆଁ ଲାଗିଯାଆନ୍ତା କି? ଯେଉଁ ସୁଖରୁ ସେ ବଞ୍ଚିତ, ସେ ସୁଖ ପାଇବାର ଅଧିକାର କାହାର ବି ନାହିଁ। ଏହିପରି ଗୁଡ଼ାଏ ଦୁର୍ଭାବନା ତାଙ୍କୁ କବଳିତ କରିବାରେ ଲାଗିଥାଏ।

ରକ୍ଷଣଶୀଳତାର ଊର୍ଦ୍ଧ୍ୱରେ କେତେ ଜଣ ଶୁଭେଚ୍ଛୁ, ବନ୍ଧୁ ଅନାଥାଶ୍ରମରୁ ପିଲାଟିଏ ଆଣିବା ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ବନ୍ଦନା ଏହା ସହଜରେ ଗ୍ରହଣ କରିପାରି ନାହାନ୍ତି। ଭିନ୍ନ ରକ୍ତର ପିଲାକୁ ସେ କିପରି ନିଜର ସନ୍ତାନ ବୋଲି ଭାବିପାରିବେ! ବନ୍ଦନା ଆଶାବାଦୀ ଅଛନ୍ତି, ଏଥର ପ୍ରିଗ୍ନାନ୍ସି ରିପୋର୍ଟ ନିଶ୍ଚିତ ପଜିଟିଭ୍ ଆସିବ। ଆଶୁତୋଷ ଏଯାଏ ଫେରିନାହାନ୍ତି। ବନ୍ଦନାଙ୍କ ଉଦ୍‌ବେଗ ବଢ଼ିଚାଲିଥାଏ। ହଠାତ୍ ଝଡ଼ବେଗରେ ଆଶୁତୋଷ ଆସି କହିଲେ, 'ବନ୍ଦନା, ଶୀଘ୍ର ବାହାରିପଡ଼। ଡାକ୍ତର ତୁମକୁ ଦେଖାକରିବାକୁ ଚାହୁଁଛନ୍ତି।'

"ଆରେ ଆରେ! ରିପୋର୍ଟ କ'ଣ ଆସିଲା କୁହ। ଏ କରୋନା ସମୟରେ ମୁଁ ବାହାରକୁ ଯିବାକୁ ଚାହୁଁନାହିଁ" ବନ୍ଦନା ବ୍ୟସ୍ତହୋଇ କହିଲେ। ଆଶୁତୋଷ କିଛି ନ ଶୁଣିଲା ପରି କହିଲେ 'ତୁମେ ଶୀଘ୍ର ବାହାରିପଡ଼, ଆମକୁ ଡାକ୍ତର ଅପେକ୍ଷା କରିଛନ୍ତି ଯେ!'

ଆଶା, ଆକାଂକ୍ଷା ଓ ଦ୍ୱନ୍ଦ୍ୱ ଭିତରେ ବନ୍ଦନା ବାହାରି ଆଶୁତୋଷଙ୍କ ସହିତ ଡାକ୍ତରଙ୍କ କ୍ୟାବିନ୍‌କୁ ଗଲେ। ସେ ଏହି ଡାକ୍ତରଙ୍କ ପାଖରେ ପ୍ରାୟ ପାଞ୍ଚ ସାତବର୍ଷ ହେବ ଚିକିତ୍ସିତ ହେଉଛନ୍ତି। ଡାକ୍ତର ସେମାନଙ୍କୁ ଦେଖି କହିଲେ 'ମୋ ସହିତ ଆସ'। ଜଣେ ବୃଦ୍ଧା ମହିଳାଙ୍କ ୱାର୍ଡ଼କୁ ସେମାନଙ୍କୁ ନେଇ କହିଲେ 'ଏ ମହିଳା ଜଣକ ଏକ ଉଚ୍ଚପଦସ୍ଥ ସରକାରୀ ଚାକିରିରୁ ଅବସର ନେଇଛନ୍ତି। କ୍ୟାନ୍‌ସରରେ ଏଠାରେ ଚିକିତ୍ସିତ ହେଉଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କ ପୁଅବୋହୂ ତାଙ୍କୁ ଥରେମାତ୍ର ଦେଖାକରିବାକୁ ଆସିନାହାନ୍ତି। ବୃଦ୍ଧାଙ୍କ ଅପେକ୍ଷା ନିରାଶାରେ ପରିଣତ ହୋଇଛି। ତାଙ୍କ ରକ୍ତର ସନ୍ତାନ ଏପରି ହୋଇପାରେ ବୋଲି ସେ ବିଶ୍ୱାସ କରିପାରୁ ନାହାନ୍ତି। ବନ୍ଦନା ହତଚକିତ ହୋଇ ଚାହିଁ ରହିଥିଲେ।

ଡାକ୍ତର ସେମାନଙ୍କୁ ଶିଶୁ ବିଭାଗ ୱାର୍ଡ଼କୁ ନେଇଗଲେ। ନର୍ସ ଗୋଟିଏ ସଦ୍ୟ ଜନ୍ମିତ ଶିଶୁକୁ ବୋତଲରେ କ୍ଷୀର ପିଆଇବାକୁ ଚେଷ୍ଟା କରୁଥାନ୍ତି। ପିଲାଟି କାନ୍ଦୁଥାଏ। ଡାକ୍ତର ନର୍ସଙ୍କଠାରୁ ଛୁଆଟିକୁ ଆଣି ବନ୍ଦନାଙ୍କ ହାତରେ ଧରାଇଦେଲେ। କେମିତି ଏକ ଅପୂର୍ବ ଆନନ୍ଦ ଓ ପରିପୂର୍ଣ୍ଣତାରେ ତାଙ୍କ ଦୁଇହସ୍ତ ପୂରିଉଠୁଥାଏ। ଡାକ୍ତର କହିଲେ– 'ଶିଶୁଟିର ବାପା ପ୍ରଥମେ କରୋନାରେ ଚାଲିଗଲେ। ଏ ପିଲାଟିକୁ ଦୁଇଦିନ ତଳେ ଜନ୍ମଦେଇ ତା' ମାଆଟି ମଧ୍ୟ କରୋନାରେ ଚାଲିଗଲା। ତେବେ ସୁଖର କଥା, ଶିଶୁଟି କରୋନାମୁକ୍ତ।

ଡାକ୍ତର କହିଲେ– ତୁମେ ଦୁହେଁ ଶିଶୁଟିର ଉପଯୁକ୍ତ ଅଭିଭାବକ ହୋଇପାରିବ ବୋଲି ମୋର ବିଶ୍ୱାସ। ସେଦିନ ସେ ଅମୃତଲଗ୍ନ କ'ଣ ଥିଲା କେଜାଣି, ଦିହେଁଯାକ କନ୍ୟାରତ୍ନଟିକୁ ଘରକୁ ଧରି ଆସୁଥିଲେ। ବନ୍ଦନାଙ୍କ ଆଖିରେ ଆନନ୍ଦାଶ୍ରୁ। ଦୀର୍ଘ ଦଶବର୍ଷ ପରେ ଆଶୁତୋଷ ଓ ବନ୍ଦନାଙ୍କ ପ୍ରିଗ୍ନାନ୍ସି ରିପୋର୍ଟ ଏତେ ସୁନ୍ଦର ଓ ରକ୍ତମାଂସର ହୋଇପାରେ ବୋଲି ବନ୍ଦନାଙ୍କର ବିଶ୍ୱାସ ହେଉ ନ ଥିଲା।



– ଜାଗମରା, ଭୁବନେଶ୍ୱର
ମୋ: ୮୨୪୯୯୨୯୭୬୨




# ଓଡ଼ିଶା ପୁରୁଷ ଦଳକୁ ବ୍ରୋଞ୍ଜ ପଦକ





ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶା ମହିଳା (ଉପର) ଓ ପୁରୁଷ ଭଲିବଲ ଦଳ।

**ଜାତୀୟ ୟୁଥ୍ ଭଲିବଲ ଉଦ୍‌ଯାପିତ**

**ପୁରୁଷରେ ପଞ୍ଜାବ ଓ ମହିଳାରେ କେରଳ ଚାମ୍ପିୟନ**

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୨୬ତମ ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଜାତୀୟ ଭଲିବଲ ଇତିହାସରେ ଓଡ଼ିଶା ଏଥର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତିଥିବାବେଳେ ମହିଳା ଦଳ (ଚତୁର୍ଥ ସ୍ଥାନ) ଟପ୍-୪ରେ ରହିବାରେ ସକ୍ଷମ ହୋଇଛି। ୩-୪ ପୋଜିଶନ ମ୍ୟାଚରେ ଓଡ଼ିଶା ପୁରୁଷ ଦଳ ଦିଲ୍ଲୀକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ମହିଳା ଦଳ ପୋଜିଶନ ମ୍ୟାଚରେ ହରିୟାଣା ନିକଟରୁ ହାରି ଯାଇଛି। ମହିଳା ବର୍ଗର ଫାଇନାଲରେ କେରଳ ୩-୦ (୨୫-୧୬, ୨୫-୧୯, ୨୫-୧୪)ରେ ତାମିଲନାଡୁକୁ ହରାଇ ଟାଇଟଲ ହାସଲ କରିଛି। ଅନ୍ୟପକ୍ଷରେ ତୀବ୍ର ସଂଘର୍ଷପୂର୍ଣ୍ଣ ପୁରୁଷ ଫାଇନାଲରେ ପଞ୍ଜାବ ୩-୨ (୨୧-୨୫, ୨୧-୨୫, ୨୫-୧୫, ୨୫-୨୨, ୧୫-୧୩)ରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)କୁ ପରାସ୍ତ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ତଥା କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏମ୍‌ଜିଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଏବଂ ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରଣଜିତ ସିଂ ଓ ପୂର୍ବତନ କୁଳପତି ଏନ୍.ଏଲ୍.ମିତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ଦଳର ପ୍ରଦର୍ଶନରେ ଅଚ୍ୟୁତ ସନ୍ତୋଷ ପ୍ରକାଶ କରିବା ସହ ସଫଳ ଆୟୋଜନ ପାଇଁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ରାଜ୍ୟ ସଂଘର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦,୦୦୦, ରନରଅପ୍‌କୁ ୨୦,୦୦୦ ଓ ତୃତୀୟ ସ୍ଥାନ ପାଇଁ ୧୫,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସ୍ୱତନ୍ତ୍ର ପୁରସ୍କାର ଭାବେ ଓଡ଼ିଶା ପୁରୁଷ ଦଳକୁ ୭୫,୦୦୦ ଏବଂ ମହିଳା ଦଳକୁ ୫୦,୦୦୦ ଟଙ୍କା ଦିଆଯାଇଥିଲା। ଭାରତୀୟ ଭଲିବଲରେ ପ୍ରଥମଥର ପାଇଁ କିଟ୍ ଇନ୍‌ଡୋର ହଲ୍‌ର ୬ଟି କୋର୍ଟରେ ଏକସଙ୍ଗେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷରେ କିଟ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




# କେନ୍ଦୁଝର, ମୟୂରଭଞ୍ଜ ସାଜିଛି ଭାରତୀୟ ଧନୁର୍ବିଦ୍ୟାର ପେଣ୍ଠସ୍ଥଳ



ଅଭ୍ୟାସ ଅବସରରେ ତୀରନ୍ଦାଜ ପ୍ରତିଭା।

**ଭବିଷ୍ୟତର ତୀରନ୍ଦାଜ ସୃଷ୍ଟି କରୁଛି ଓଡ଼ିଶା ଟାଟା ଆର୍ଚେରୀ ହାଇ ପର୍‌ଫର୍ମାନ୍ସ ସେଣ୍ଟର**

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

ଓଡ଼ିଶାର ଜନଜାତି ବହୁଳ ଅଞ୍ଚଳରେ ଧନୁ ଓ ତୀର କେବଳ ଏକ ଅସ୍ତ୍ର ନୁହେଁ, ବରଂ ଏହା ସେମାନଙ୍କ ସଂସ୍କୃତି, ଜୀବିକା ଏବଂ ପରିଚୟ ସହ ଜଡ଼ିତ। ସେହି ପାରମ୍ପରିକ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କେନ୍ଦୁଝରଠାରେ ପ୍ରତିଷ୍ଠିତ 'ଓଡ଼ିଶା ଟାଟା ଆର୍ଚେରୀ ହାଇ ପର୍‌ଫର୍ମାନ୍ସ ସେଣ୍ଟର' (ଓଟିଏଏଚ୍‌ପିସି) ଏବେ ଦେଶର ଭବିଷ୍ୟତର ତୀରନ୍ଦାଜମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁଛି। କେନ୍ଦୁଝରର ଶଙ୍କରପୁରଠାରେ ଅବସ୍ଥିତ ଏହି କେନ୍ଦ୍ର ୨୦୨୪ ଏପ୍ରିଲରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ପ୍ରକାଶଯୋଗ୍ୟ ଯେ, ତିନି ଦଶନ୍ଧି ପୂର୍ବରୁ ଜାମସେଦପୁରଠାରେ ଟାଟା ଆର୍ଚେରୀ ଏକାଡେମୀ ପ୍ରତିଷ୍ଠା ହୋଇଥିଲା। ଯାହା ଭାରତର ପ୍ରଥମ ସଙ୍ଗଠିତ ଧନୁର୍ବିଦ୍ୟା ପ୍ରଶିକ୍ଷଣ କେନ୍ଦ୍ର ଭାବେ ବେଶ୍ ପରିଚିତ। ଓଡ଼ିଶାରେ ଧନୁର୍ବିଦ୍ୟାର ବିକାଶକୁ ଆହୁରି ସୁଦୃଢ଼ କରିବା ପାଇଁ ୨୦୨୩ ଡିସେମ୍ବରରେ ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏକ ସୁସଂଗଠିତ ପ୍ରତିଭା ଅନ୍ୱେଷଣ ପ୍ରକ୍ରିୟା ମାଧ୍ୟମରେ ତୃଣମୂଳସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଉଚ୍ଚକୋଟୀର ପ୍ରଶିକ୍ଷଣ ପ୍ରଦାନ କରାଯିବା ଏହି ସହଭାଗିତାର ମୁଖ୍ୟ ଲକ୍ଷ୍ୟ ଥିଲା।

ମୟୂରଭଞ୍ଜ ଜିଲାର ପାହାଡ଼ପୁରଠାରେ ଏସ୍‌ଏଲ୍‌ଏସ୍ ସ୍କୁଲ ସହଯୋଗରେ ୨୦୨୫ ମେ' ମାସରୁ ଏକ 'ଆର୍ଚେରୀ ଫିଡର୍ ସେଣ୍ଟର' ସ୍ଥାପନ କରାଯାଇଛି। ଏଠାରେ ୧୨ ବର୍ଷରୁ କମ୍ ବୟସର ୨୦ ଜଣ ଛାତ୍ରୀଛାତ୍ରଙ୍କୁ ଆଧୁନିକ କୌଶଳ ସହ ଶୃଙ୍ଖଳା, ଟିମ୍‌ୱର୍କ ଓ ଆତ୍ମବିଶ୍ୱାସ ବୃଦ୍ଧି ସମ୍ପର୍କରେ ଶିକ୍ଷା ଦିଆଯାଉଛି। ଟାଟା ଷ୍ଟିଲ୍‌ର କ୍ରୀଡ଼ା ବିଭାଗ ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀଙ୍କ କହିବା ଅନୁଯାୟୀ, ଏହି କେନ୍ଦ୍ରଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି ତୀରନ୍ଦାଜଙ୍କର ସର୍ବାଙ୍ଗୀନ ବିକାଶ କରିବା ଏବଂ ଦେଶ ପାଇଁ ଗୌରବ ଆଣିବା ଭଳି ଏକ ଶକ୍ତିଶାଳୀ ଯୋଜନା ପ୍ରସ୍ତୁତ କରିବା। କେନ୍ଦୁଝରର ହାଇ ପର୍‌ଫର୍ମାନ୍ସ ସେଣ୍ଟର ଏବଂ ମୟୂରଭଞ୍ଜର ତୃଣମୂଳ କେନ୍ଦ୍ର ମିଳିତ ଭାବେ ଓଡ଼ିଶାକୁ ବିଶ୍ୱ ଧନୁର୍ବିଦ୍ୟା ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦେବାକୁ ଲକ୍ଷ୍ୟ ରଖିଛନ୍ତି। କେନ୍ଦୁଝର ଜିଲାର ଶଙ୍କରପୁରସ୍ଥିତ ଏହି ହାଇ-ପର୍‌ଫର୍ମାନ୍ସ ସେଣ୍ଟରରେ ଦୁର୍ଗମ ଅଞ୍ଚଳରୁ ଚୟନ ହୋଇଥିବା ୨୪ ଜଣ କ୍ୟାଡେଟ୍ (୧୨ ବାଳକ ଓ ୧୨ ବାଳିକା) ଅଭ୍ୟାସ କରୁଛନ୍ତି। ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି କେନ୍ଦ୍ରର ତୀରନ୍ଦାଜମାନେ ରାଜ୍ୟ ଓ ଜାତୀୟସ୍ତରରେ ୨୦ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ଆସନ୍ତା ୨୫ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଛତିଶଗଡ଼ର ରାୟପୁରଠାରେ ହେବାକୁ ଥିବା ପ୍ରଥମ 'ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୨୦୨୬' ଏବଂ ମାର୍ଚ୍ଚ ୨୬ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ହେବାକୁ ଥିବା ୧୦, ୧୩ ଓ ୧୫ ବର୍ଷରୁ କମ୍ ଜାତୀୟ ଆର୍ଚେରୀ ଚାମ୍ପିଅନଶିପ୍'ରେ ଓଡ଼ିଶାର ଏହି ପ୍ରତିଭାମାନେ ଅଂଶଗ୍ରହଣ କରିବେ।

# ଦକ୍ଷିଣ ଆଫ୍ରିକାକୁ ହରାଇଲା ନ୍ୟୁଜିଲାଣ୍ଡ

**ତୃତୀୟ ଟି୨୦**

**ଅକ୍‌ଲାଣ୍ଡ (ନ୍ୟୁଜିଲାଣ୍ଡ), ୨୦।୩ (ଏପି)**

ଶୁକ୍ରବାର ଏଠାରେ ଖେଳାଯାଇଥିବା ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୮ ଉଇକେଟରେ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ଟମ୍ ଲଥାମ (୬୩)ଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ଏବଂ ପ୍ରଥମ ଉଇକେଟରେ ଡେଭନ କନୱେ (୩୯)ଙ୍କ ସହ ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ୯୬ରନ ଯୋଗଦାନ ଦଳକୁ ଜିତାଇବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ନ୍ୟୁଜିଲାଣ୍ଡ ୨୨ବଲ୍ ବାକିଥାଇ ମାତ୍ର ୨ ଉଇକେଟ ବିନିମୟରେ ଦକ୍ଷିଣ ଆଫ୍ରିକା ସ୍କୋର ୧୩୬/୯କୁ ଅତିକ୍ରମ କରିଯାଇଥିଲା। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜ ୨-୧ରେ ଅଗ୍ରଣୀ ଲାଭ କରିପାରିଛି। ସିରିଜର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡର ୯୧ରନକୁ ଚେଜ୍ କରି ଦକ୍ଷିଣ ଆଫ୍ରିକା ୭ ଉଇକେଟରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ବିପକ୍ଷ ଦଳକୁ ୧୦୭ ରନରେ ଅଲଆଉଟ କରି ନ୍ୟୁଜିଲାଣ୍ଡ ୬୮ରନରେ ମ୍ୟାଚ ଜିତି ନେଇଥିଲା।

**ସଂକ୍ଷିପ୍ତ ସ୍କୋର ବୋର୍ଡ**

ଦକ୍ଷିଣ ଆଫ୍ରିକା: ୨୦ଓଭରରେ ୧୩୬/୯ (ଜର୍ଜ ଲିଣ୍ଡେ-୨୩, ଏନ୍‌କୋବାନି ନୋକେନା-୨୬*; ମିଚେଲ ସାଣ୍ଟନର-୨/୨୧, ବେନ୍ ସିଅର୍ସ-୨/୨୭, କାଇଲ ଜେମିସନ-୨/୪୨)। ନ୍ୟୁଜିଲାଣ୍ଡ: ୧୬.୨ ଓଭରରେ ୧୩୭/୨ (କେଶବ ମହାରାଜ-୧/୩୦)।

# ହର୍ଷିତ ରାଣା ଆଇପିଏଲରୁ ବିଦା

**କୋଲକାତା, ୨୦।୩ (ପି.ଟି.):** ଇଞ୍ଜୁରୀ କାରଣରୁ ଆଇପିଏଲ୍ ୨୦୨୬ରୁ ବାଦ୍‌ପଡ଼ିଛନ୍ତି ପେସ୍ ବୋଲର ହର୍ଷିତ ରାଣା। ଶୁକ୍ରବାର ଏକଥା ସ୍ପଷ୍ଟ ହେବାପରେ କୋଲକାତା ନାଇଟ ରାଇଡର୍ସକୁ ଶକ୍ତ ଧକ୍କା ଲାଗିଛି। ଗତ ଟି୨୦ ବିଶ୍ୱକପ୍ ବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷ ଏକ ୱାର୍ମଅପ୍ ମ୍ୟାଚ ଖେଳୁଥିବା ସମୟରେ ହର୍ଷିତଙ୍କ ଡାହାଣ ଆଣ୍ଠୁରେ ଏକ ଲିଗାମେଣ୍ଟ ଇଞ୍ଜୁରୀ ହୋଇଥିଲା।

# ହରିୟାଣା ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଟାଏକୋଣ୍ଡୋ ଉଦ୍‌ଯାପିତ**

**ବାଲେଶ୍ୱର, ୨୦।୩ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଟାଏକୋଣ୍ଡୋ ପ୍ରତିଯୋଗିତା ୨୦୨୫-୨୬ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦେଶର ୨୫ ରାଜ୍ୟରୁ ୧୭୯ ବିଶ୍ୱବିଦ୍ୟାଳୟର ୧ ହଜାରରୁ ଊର୍ଦ୍ଧ୍ୱ ଖେଳାଳି ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଶେଷରେ ହରିୟାଣା ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଚାମ୍ପିୟନ୍ ହୋଇଥିଲା। ଗୁଜରାଟ ସୁରଟ୍‌ର ବୀର ନର୍ମଦ ଦକ୍ଷିଣ ଗୁଜରାଟ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଓ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ମହିଳାମାନଙ୍କର ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ଓ ସଫଳତାକୁ ଉଲ୍ଲେଖ କରି ଛାତ୍ରୀଛାତ୍ରଙ୍କୁ ସଶକ୍ତୀକରଣ ଓ ଶକ୍ତିଶାଳୀ ଭବିଷ୍ୟତ ଗଢ଼ିବା ପାଇଁ ଆହ୍ୱାନ ଦେଇଥିଲେ। ନାରୀନେତୃତ୍ୱ, ଶାରୀରିକ ସାମର୍ଥ୍ୟ ଓ ବିକଶିତ ଭାରତର ଦୃଷ୍ଟିକୋଣକୁ ଉପସ୍ଥାପନ କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରୁ ପ୍ରେରଣା ନେଇ ସେ ଖେଳାଳିମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, ଉତ୍କର୍ଷ ପାଇଁ ପ୍ରୟାସ କରିବା ଓ ସହଯୋଗୀ ମନୋଭାବ ସହ ଜୀବନର ମୂଲ୍ୟବୋଧକୁ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ।

ସ୍ନାତକୋତ୍ତର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ. ଦୀପକ ସିଏସ୍ (ବେଙ୍ଗାଲୁରୁ), କୁଳସଚିବ କୁକୁମୀନା ଦାସ ଓ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ପରିଷଦ ଉପନିର୍ଦ୍ଦେଶକ ଡ. ଅମିତ ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋଇଙ୍କ ତତ୍ତ୍ୱାବଧାନରେ ୫ଦିନ ବ୍ୟାପୀ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଜେତାମାନଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା।



ଚାମ୍ପିୟନ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଦଳକୁ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଟ୍ରଫି ପ୍ରଦାନ କରୁଛନ୍ତି।

# ଆଇପିଏଲ୍ ୨୦୨୬: ଚାମିରା, ନିସାଙ୍କା, କାମିନ୍ଦୁ ମେଣ୍ଡିସଙ୍କୁ ଏନ୍‌ଓସି

**କଲମ୍ବୋ, ୨୦।୩ (ପି.ଟି.)**

ଆଇପିଏଲ୍-୨୦୨୬ରେ ଅଂଶଗ୍ରହଣ କରିବା ପାଇଁ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ଶୁକ୍ରବାର ଦୁଷ୍ମନ୍ତ ଚାମିରା, ପାଥୁମ ନିସାଙ୍କା ଓ କାମିନ୍ଦୁ ମେଣ୍ଡିସଙ୍କୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପ୍ରଦାନ କରିଛି। ଏହି ୩ଜଣ ସଫଳତାର ସହିତ ଏସ୍‌ଏଲ୍‌ସିର ଫିଜିକାଲ ପର୍‌ଫର୍ମାନ୍ସ ଟେଷ୍ଟରେ ଉନ୍ନୀତ ହୋଇପାରିଛନ୍ତି। ଆସନ୍ତା ଆଇପିଏଲ୍ ପାଇଁ ପେସର ଚାମିରା ଏବଂ ଓପନର ନିସାଙ୍କା ଦିଲ୍ଲୀ କ୍ୟାପିଟାଲ୍ସର ସଦସ୍ୟ ରହିଥିବାବେଳେ ସନ୍‌ରାଇଜର୍ସ ହାଇଦ୍ରାବାଦ ଅଲରାଉଣ୍ଡର କାମିନ୍ଦୁ ମେଣ୍ଡିସଙ୍କୁ ରିଟେନ କରିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରେ ଅଂଶଗ୍ରହଣ ଲାଗି ଅନୁମତି ପାଇଁ ଆବେଦନ କରିଥିବା ଖେଳାଳିମାନଙ୍କୁ ଏସ୍‌ଏଲ୍‌ସିର ଫିଜିକାଲ ପର୍‌ଫର୍ମାନ୍ସ ଟେଷ୍ଟରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ।

# ଓଡ଼ିଶା ଏଫ୍‌ସିର ସହଜ ବିଜୟ

**ରାହୁଲ କେପିଙ୍କ ଡବଲ୍ ଗୋଲ**

**ଗୁଆହାଟୀ (ଆସାମ) ୨୦।୩**

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ୨୦୨୫-୨୬ର ଏକ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ସହଜ ବିଜୟହାସଲ କରିଛି। ଦଳ ରାହୁଲ କେପିଙ୍କ ଡବଲ୍ ଗୋଲ ସହାୟତାରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ୪-୧ ଗୋଲରେ ପରାସ୍ତ କରିଛି। ରାହୁଲ ୬ଷ୍ଠ ଓ ୬୫ତମ ମିନିଟ୍‌ରେ ଏବଂ ସୁଭମ ଭଟ୍ଟାଚାର୍ଯ୍ୟ ୨୪ତମ ମିନିଟରେ ଗୋଲ୍ ସ୍କୋର କରିଥିବା ବେଳେ ବେକି ଓରାମ ୬୮ତମ ମିନିଟ୍‌ରେ ଏକ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଚଳିତ ସିଜନରେ ଓଡ଼ିଶା ଏଫ୍‌ସିର ଏହା ହେଉଛି ପ୍ରଥମ ବିଜୟ। ଦଳ ବର୍ତ୍ତମାନ ୫ ପଏଣ୍ଟ ସହ ପଏଣ୍ଟ ଟେବୁଲର ୯ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ୬ପଏଣ୍ଟ ସହ ଏହାର ୭ମ ସ୍ଥାନ ବଜାୟ ରଖିଛି। ରାହୁଲ କେପି ତାଙ୍କ ଡବଲ୍ ଗୋଲ୍ ପାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଟି.ଜି. ପୁରୁଷୋଥମନ ଦୁଇ ପରିବର୍ତ୍ତନ କରିଥିଲେ। ସେ ୧୯ ବର୍ଷୀୟ ବାମହାତି ଶୁଭମ ଭଟ୍ଟାଚାର୍ଯ୍ୟଙ୍କୁ ପଦାର୍ପଣର ସୁଯୋଗ ଦେଇଥିବା ବେଳେ ମିଡ୍‌ଫିଲ୍ଡର ଲାଲ୍‌ରିନ୍‌ଫେଲା ଖିଆଙ୍ଗେଟ୍‌ଙ୍କୁ ସୁଯୋଗ ଦେଇଥିଲେ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଟି-୫୩ ବର୍ଗର ପୁରୁଷ ୪୦୦ ମିଟର ଇଭେଣ୍ଟ ଅବସରରେ ଓଡ଼ିଶାର କମଳାକାନ୍ତ ନାୟକ। (ଫଟୋ: ବିକାଶ ନାୟକ)

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ